

ପଣ୍ଡିତ କୁଳମଣି ମିଶ୍ର

ଲେଖକ/ପ୍ରକାଶକ :-

ଶ୍ରୀ ଉମାକାନ୍ତ ମିଶ୍ର
ହାବେଲୀ ଗଲୀ, ପୁରୀ

ମୁଦ୍ରାକର :-

ପଦ୍ମାଳୟା ପ୍ରିଣ୍ଟର୍ସ
ଡେଲ୍ଟା କଲୋନୀ, ଭୁବନେଶ୍ୱର

ପ୍ରଚ୍ଛଦ ପଟ :-

ଆବିଷ୍କାର
ବାପୁଜୀ ନଗର, ଭୁବନେଶ୍ୱର

ପ୍ରଥମ ପ୍ରକାଶ :-
ତା ୮-୨-୯୧
ଶୁକ୍ରବାର

ମୂଲ୍ୟ—ନାହିଁ

ମୁଖବନ୍ଧ

ଏହି ପୁସ୍ତକଟି ପଣ୍ଡିତ କୁଳମଣି ମିଶ୍ରଙ୍କର ପ୍ରଥମ ସାମ୍ବତ୍ସରିକ ଶ୍ରାଦ୍ଧ ଦିବସରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ । ଏହା ଜୀବନୀ ସଦୃଶ ହେଲେ ମଧ୍ୟ ଜୀବନୀ ନୁହେଁ, କାରଣ ପଣ୍ଡିତ କୁଳମଣି ମିଶ୍ରଙ୍କ ପରି ଜଣେ ମହାପୁରୁଷଙ୍କର ଚରିତ୍ର ଚିତ୍ରଣ କରିବାର ସାମର୍ଥ୍ୟ ମୋର ନାହିଁ । ଭାଗବତରେ ଅଛି—

"ଯେ ପକ୍ଷୀ ଉଡେ ଯେତେ ଦୂର
ସେ ଜାଣେ ତହିଁର ବେଭାର ॥"

ଏହା କେବଳ ତାଙ୍କର ଜୀବନ ସହ ସଂପୃକ୍ତ ବିଭିନ୍ନ ଘଟଣାବଳୀର କ୍ରମାନ୍ୱୟ ସଙ୍କଳନ । ଏହା ମୁଖ୍ୟତଃ ସୂଚନାମୂଳକ (informative) ଅଟେ, କିନ୍ତୁ ବ୍ୟାଖ୍ୟାନାତ୍ମକ (interpretative) ନୁହେଁ । ଏକ ବିସ୍ତୃତ ଜ୍ଞାନଦୀପ୍ତ ଓ କର୍ମମୟ ଜୀବନର ବିହଙ୍ଗାବଲୋକନ କରିବାହିଁ ଏହି କ୍ଷୁଦ୍ର ପୁସ୍ତକର ଲକ୍ଷ୍ୟ ।

ତା ୧୯-୬-୯୦ ଋଖରେ ପଣ୍ଡିତ ମିଶ୍ରଙ୍କର ଆକସ୍ମିକ ପରଲୋକ ତାଙ୍କ ସହିତ ସଂପୃକ୍ତ ସ୍ଥାନୀୟ ଓ ଦୂରଦୂରାନ୍ତର ଅନେକ ବ୍ୟକ୍ତିଙ୍କ ହୃଦୟକୁ ବ୍ୟଥିତ କରିଛି । ସେହି ଦୁଃସମୟରେ ଯେଉଁ ସଜ୍ଜନମାନେ ଲିଖିତ ବା ପ୍ରକାଶ୍ୟରେ ଦୁଃଖପ୍ରକାଶ କରି ସମବେଦନା ଜ୍ଞାପନ କରିଛନ୍ତି ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଲିଖିତ ଶୋକବାର୍ତ୍ତା ଗୁଡ଼ିକର ସଂକ୍ଷିପ୍ତ ଉଦ୍ଧୃତାଂଶମାନ ପୁସ୍ତକାରମ୍ଭରେ "ଶ୍ରଦ୍ଧାଞ୍ଜଳି"ରେ ସନ୍ନିବେଶିତ । ଯେଉଁ ଅନୁଷ୍ଠାନମାନେ ଶୋକସଭା, ନୀରବ ପ୍ରାର୍ଥନା ଇତ୍ୟାଦି କରି ବିଶେଷ ଅଧିବେଶନର ଆୟୋଜନ ପୂର୍ବକ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ସେମାନଙ୍କର ଶୋକପ୍ରସ୍ତାବ ଗୁଡ଼ିକ ପୁସ୍ତକ ର ଦ୍ୱିତୀୟ ଅଧ୍ୟାୟକୁ ଅଳଙ୍କୃତ କରିଛି ।

ପଣ୍ଡିତ ମହାଶୟଙ୍କର ବାଲ୍ୟଜୀବନର ଘଟଣାବଳୀ ସମ୍ବନ୍ଧରେ ତାଙ୍କର ସହଧର୍ମିଣୀ ଶ୍ରୀମତୀ କୁମୁଦିନୀ ଦେବୀ ଓ ଶ୍ୱଶୁର ଶ୍ରୀଯୁକ୍ତ ଦିବାକର ତ୍ରିପାଠୀ ଅନେକ ତଥ୍ୟ ଯୋଗାଇଛନ୍ତି । ଶ୍ରୀଯୁକ୍ତ ତ୍ରିପାଠୀଙ୍କର ପରିଣତ ବୟସରେ ତା ୬୯-୧-୯୧ରେ ପରଲୋକ ହୋଇଯିବାରୁ ଅଧିକ ତଥ୍ୟ ତାଙ୍କଠାରୁ ସଂଗ୍ରହ କରାଯାଇ ପାରିନାହିଁ ।

ଜଣେ ଶିକ୍ଷାବିତ୍ ଭାବରେ ପଣ୍ଡିତ ମିଶ୍ରଙ୍କର ସର୍ବାଧିକ ସମୟ ଅଧ୍ୟୟନ ଓ ଅଧ୍ୟାପନରେ ହିଁ ଅତିବାହିତ ହୋଇଥିଲା । ତାଙ୍କ ଗୁରୁମାନଙ୍କ ପ୍ରତି ସେ ଗଭୀର ଅନୁରକ୍ତ ଥିଲେ । ତାଙ୍କର ଗୁରୁମାନଙ୍କ ମଧ୍ୟରୁ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ର, ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ରାମଚନ୍ଦ୍ର ମହାପାତ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ବେଦାନ୍ତବାଗୀଶ ପଣ୍ଡିତ ଭଜକୃଷ୍ଣ ମିଶ୍ର, ପଣ୍ଡିତ କଣୋଗ୍ର ମୋହନ ଦ୍ୱିବେଦୀ ଓ ଡ଼ଃ. କରୁଣାକର କର, ଏହି ସାତଜଣ ତାଙ୍କୁ ଅନୁପ୍ରାଣିତ କରିଥିଲେ । ଆଦର୍ଶ ଗୁରୁମାନଙ୍କର ଆଦର୍ଶ ଶିଷ୍ୟ ଭାବରେ ସେ ସେମାନଙ୍କର ସୁଗୁଣାବଳୀକୁ ଅନୁସରଣ କରି ଥିଲେ । ପଣ୍ଡିତ ଆନନ୍ଦ ମିଶ୍ରଙ୍କ ବିଷୟରେ ତାଙ୍କ ଦ୍ୱାରା ଲିଖିତ ଶ୍ଳୋକ ଏହାର ପ୍ରମାଣ—

"ପୁତ୍ରେଷୁ ଶିଷ୍ୟେଷୁ ଜନାନ୍ତରେଷୁ
ଦୃଷ୍ଟିଃ ସମା ଯସ୍ୟ ନ ପକ୍ଷପାତଃ ।
ମହତ୍ସୁ କୃଚ୍ଛ୍ରେଷୁ ଚ ମଙ୍ଗଳେଷୁ
ବ୍ୟତିକ୍ରମୋ ଯସ୍ୟ ଧିୟୋ ନ ସ୍ୱଳ୍ପଃ ॥"

ପଣ୍ଡିତ ବାସୁଦେବ ମିଶ୍ରଙ୍କ ବିଷୟରେ ସେ ଲେଖିଥିଲେ—

"ଶତ୍ରୂଣାମପି ଦୃଷ୍ଟାନାଂ ଦୋଷବାଦାନୁକୀର୍ତ୍ତନମ୍ ।
କଦାଚିଦପି ନାକାରି ସାହିତ୍ୟାଧ୍ୟାପକେନ ମେ ॥"

ଅନ୍ୟ ଯେଉଁ କେତେକ ବ୍ୟକ୍ତି ପଣ୍ଡିତ ମହାଶୟଙ୍କର ଆଦର୍ଶସ୍ଥାନୀୟ ଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଗୋବର୍ଦ୍ଧନ ପୀଠର ପୂର୍ବତନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ଶ୍ରୀ ଭାରତୀକୃଷ୍ଣ ତୀର୍ଥ ଓ ଜଣେ ବଙ୍ଗୀୟ ସନ୍ନ୍ୟାସିନୀ ସାଧୁ ମା', ଯିଏ କି 'ବାଚସ୍ପତ୍ୟମ୍'ର ପ୍ରସିଦ୍ଧ ପ୍ରଣେତା ପଣ୍ଡିତ ତାରାନାଥ ତର୍କବାଚସ୍ପତିଙ୍କର ନାତୁଣୀ ଥିଲେ ଓ ପୁରୀରେ ରହୁଥିଲେ ।

ପଣ୍ଡିତ ମହାଶୟଙ୍କ ପାଖକୁ ଆସିଥିବା ଅନେକ ପୁରାତନ ଚିଠିପତ୍ର ଏ ପର୍ଯ୍ୟନ୍ତ ସୁରକ୍ଷିତ ରହିଛି । ଯେ ସବୁର ବିଶ୍ଳେଷଣ ଆବଶ୍ୟକ ଥିଲେ ମଧ୍ୟ ସମୟାଭାବରୁ କରାଯାଇ ପାରୁନାହିଁ । କେତେକ ପୁରାତନ ଖର୍ଚ୍ଚ ତାଲିକା ଏହି ପୁସ୍ତକରେ ଉଦ୍ଧାର କରାଯାଇଛି । ସମସ୍ତ ତଥ୍ୟକୁ ସୁରକ୍ଷିତ ରଖିବା ଓ ତାକୁ ବିଭିନ୍ନ ପରିବର୍ତ୍ତିତ ସମୟରେ ବିଶ୍ଳେଷଣ କରିବା ତାଙ୍କର ଏକ ଅନବଦ୍ୟ ଗୁଣ ଥିଲା । ଏଥିରୁ ସେସମୟର ଦରଦାମ୍ ଓ ସମାଜର ଆର୍ଥିକ ମାନଦଣ୍ଡ ବିଷୟରେ ଅନୁମାନ କରାଯାଇପାରେ ।

ପଣ୍ଡିତ ମିଶ୍ରଙ୍କର ଅଗାଧ ଜ୍ଞାନ, ଗଭୀର ଅନୁଭୂତି, ଅସୀମ ସୌଜନ୍ୟ, ଅତୁଳନୀୟ ହୃଦୟବତ୍ତା ଓ ଅବିଚଳନୀୟ ଧର୍ମନିଷ୍ଠାକୁ ମାପିବା ପାଇଁ ଏହି ପୁସ୍ତକରେ ପ୍ରୟାସ

କରାଯାଇନାହିଁ । ଯେଉଁମାନେ ତାଙ୍କର ସାମୀପ୍ୟ ଲଭକରିଛନ୍ତି ସେମାନେ ସେ ସବୁର ପ୍ରମାଣ ଦେଇ ପାରିବେ । ଉକ୍ତ କ୍ଷୁଦ୍ର ପୁସ୍ତକରେ ଏକ ସତତ କର୍ମତତ୍ପର ନିରଳସ ଜୀବନର କେତେକ ଘଟଣାବଳୀ ହିଁ ସନ୍ନିବେଶିତ ହୋଇଛି । ଏହିପରି ଏକ ଜୀବନକୁ ଅନୁଶୀଳନ କରିବାରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଯଦି କିଞ୍ଚିତ୍ ପରିମାଣରେ ଏହା ସାହାଯ୍ୟ କରିବ ତାହାହେଲେ ମୁଁ ଉପକୃତ ହେବି ।

ପଣ୍ଡିତ ମହାଶୟଙ୍କର କନିଷ୍ଠ ଜାମାତା ଡ଼ଃ. ହରମୋହନ ମିଶ୍ର ଏବଂ ତାଙ୍କର ଦୁଇ ପ୍ରିୟ ଶିଷ୍ୟ ଡ଼ଃ. ଜୟକୃଷ୍ଣ ମିଶ୍ର ଓ ଡ଼ଃ. ବ୍ରଜକିଶୋର ସ୍ୱାଇଁ ସେମାନଙ୍କର ବହୁମୂଲ୍ୟ ସମୟ ବ୍ୟୟ କରି ଏହି ପୁସ୍ତକର ପ୍ରଣୟନ କାର୍ଯ୍ୟରେ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ତା ୮ । ୨ । ୯୧
ପ୍ରଥମ ସାମ୍ବତ୍ସରିକ
ଶ୍ରାଦ୍ଧଦିବସ

ଉମାକାନ୍ତ ମିଶ୍ର

ପଣ୍ଡିତ କୁଳମଣି ମିଶ୍ର
ଆବିର୍ଭାବ - ୨୨-୧୨-୧୯୧୮
ତିରୋଧାନ ୧୯-୨-୧୯୯୦

ସୂଚୀପତ୍ର

କ୍ର. ନଂ	ବିଷୟ	ପୃଷ୍ଠା
୧-	ଶ୍ରଦ୍ଧାଞ୍ଜଳି	୧
୨-	ଶୋକ ପ୍ରସ୍ତାବ	୧୯
୩-	ଜନ୍ମ ଓ ବାଲ୍ୟଜୀବନ	୨୮
୪-	ଶିକ୍ଷା	୩୬
୫-	ପାରିବାରିକ ଜୀବନ	୪୬
୬-	ଅଧ୍ୟାପନା	୫୪
୭-	ଅଧ୍ୟାପନା ସମୟର ଘଟଣାବଳୀ	୭୧
୮-	ଅବସର ପ୍ରାପ୍ତ ଜୀବନ	୭୬
୯-	ସଭା ସମିତି	୯୨
୧୦-	ସଂସ୍କୃତ ସାଧନା	୧୦୧
୧୧-	ସମ୍ମାନ ଓ ସମ୍ବର୍ଦ୍ଧନା	୧୨୧
୧୨-	ମହାଯାତ୍ରା	୧୩୪
୧୩-	ସ୍ମରଣୀୟ ଘଟଣାବଳୀ	୧୪୫

—★—

ଶ୍ରଦ୍ଧାଞ୍ଜଳି

ଡଃ ସତ୍ୟବ୍ରତଶାସ୍ତ୍ରୀ, ଭୂତପୂର୍ବ କୁଳପତି,
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

"ତେତ ହି ନାମ ନ କେବଲଂ ବୈଦୁଷ୍ୟଶେବଧୟୋଽପି ତୁ ସୌଜନ୍ୟ-ନିଧୟୋଽପ୍ୟାସନ୍ । ଜନବରୀମାସ ଏବ ମୟା ତେ ସାକ୍ଷାତ୍କୃତାଃ । ନାହଂ ତଦା ଜ୍ଞାତବାନ୍ ଯଦୟଂ ମମ ତୈଃ ସାକ୍ଷାତ୍କାରୋଽନ୍ତିମଃ ସାକ୍ଷାତ୍କାରେ ଭବିଷ୍ୟତୀତି ।। ସମୁଦଃଖଭାକ୍ ସତ୍ୟବ୍ରତଶାସ୍ତ୍ରୀ ।"

ଦିଲ୍ଲୀ—୨୬-୪-୯୦

ଡଃ ଶ୍ରଦ୍ଧାକର ସୁପକାର, ଭୂତପୂର୍ବ କୁଳପତି,
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ।

"ପଣ୍ଡିତ କୁଳମଣି ମିଶ୍ରଙ୍କର ପରଲୋକ ଗମନ ଖବର ଶୁଣିଥିଲି ବୋଧହୁଏ ଆକାଶବାଣୀ ଆଞ୍ଚଳିକ ସଂବାଦରୁ । ଏହାଏକ ଅତ୍ୟନ୍ତ ଦୁଃଖର ବିଷୟ । ସଂସ୍କୃତରେ ପ୍ରଗାଢ଼ ପାଣ୍ଡିତ୍ୟ ଥିବା ବରିଷ୍ଠ ବିଦ୍ୱାନମାନେ କାଳକ୍ରମେ ଇହଲୋକରୁ ବିଦାୟ ନେଉଛନ୍ତି ସତେକି ସରସ୍ୱତୀ ନିରାଲମ୍ବା ହୋଇଯାଉଛନ୍ତି ।"

"ପଣ୍ଡିତ ମହାଶୟଙ୍କର ବିଦ୍ୱତ୍ତା, ସହୃଦୟତା ଓ ସରଳତା ଆଦି ଗୁଣରେ ମୁଁ ମୁଗ୍ଧ ହୋଇଥିଲି । ସେ ମୋର ପରମ ହିତୈଷୀ ଥିଲେ । ତାଙ୍କର ବିୟୋଗରେ ସଂସ୍କୃତ ଓ ଧର୍ମଶାସ୍ତ୍ର ଏକ ଅତି ବିଦ୍ୱାନ୍ ବ୍ୟକ୍ତିଙ୍କୁ ହରାଇଲା ।"

ସମ୍ବଲପୁର-୨୫-୬-୯୦

ଡଃ ଗୌରୀନାଥ ଶାସ୍ତ୍ରୀ, ଭୂତପୂର୍ବ କୁଳପତି
ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରଣାସୀ

"ତେଷାଂ ମଧୁର ଆକୃତିଃ, ସୌଜନ୍ୟପୂର୍ଣ୍ଣୋ ବ୍ୟବହାରଃସୁଗଭୀର-ଶାସ୍ତ୍ରଜ୍ଞାନଞ୍ଚ ପଣ୍ଡିତ ସମାଜେ ଆନନ୍ଦଂ ଜନୟାମାସ ।"

କଲିକତା ୧୧-୪-୯୦

ଡଃ ଗୌରାଙ୍ଗ ଚରଣ ନାୟକ, କୁଳପତି
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

"ଏକ ଆଦର୍ଶ ଶିକ୍ଷକ ଓ ମହାନ ବ୍ୟକ୍ତି ଏତେ ଶୀଘ୍ର ଆମକୁ ଛାଡ଼ି ଚାଲିଯିବେ ବୋଲି କଳ୍ପନା ମଧ୍ୟ କରି ନଥିଲି । ତାଙ୍କ ବିୟୋଗରେ ଶିକ୍ଷା ଜଗତର ଏକ ଅପୂରଣୀୟ କ୍ଷତି ହେଲା । ଏଥିରେ ଦ୍ୱିମତ ନାହିଁ, ତାଙ୍କର ଜୀବନ ଓ କ୍ରିୟାକଳାପ ତଥା ମହନୀୟ ଗୁଣ ସମୂହ ଆମ ସମସ୍ତଙ୍କର ଆଦର୍ଶ ହୋଇ ରହିବ ।"

୨୮-୨-୯୦

ଶ୍ରୀ ରଙ୍ଗନାଥ ମିଶ୍ର, ମୁଖ୍ୟ ବିଚାରପତି, ସୁପ୍ରିମ୍ କୋର୍ଟ, ନୂଆଦିଲ୍ଲୀ

"କାଲି ଆପଣମାନଙ୍କ ପୂଜ୍ୟପିତା ପଣ୍ଡିତ କୁଳମଣି ମିଶ୍ରଙ୍କ ଦେହାନ୍ତ ପ୍ରାପ୍ତି ଖବର ପାଇ ଆମେ ସମସ୍ତେ ଅତ୍ୟନ୍ତ ମର୍ମାହତ ।

ଗତ ଦୁଇ ମାସ ପୂର୍ବେ ପୁରୀ ସର୍କିଟ୍ ହାଉସ୍‌ଠାରେ ତାଙ୍କ ସହିତ ସାକ୍ଷାତ୍ ହୋଇଥିଲା ।

ମୃତ୍ୟୁ ଉପରେତ କାହାରହାତ ନାହିଁ । ତେଣୁ ପ୍ରକୃତିର ଅଧିକାରକୁ ମାନିନେବାକୁ ପଡ଼ିବ ।"

ନୂଆଦିଲ୍ଲୀ, ୨୮-୨-୯୦

ଡଃ ଜଗନ୍ନାଥ ପାଠକ, ଅଧ୍ୟକ୍ଷ,
ରଣବୀର କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ଜମ୍ମୁ ।

"ଭବତାଂ × × ପକ୍ଷାଦବଗତଂ ଯନ୍ମାନ୍ୟାଃ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ବର୍ଯ୍ୟା ଦିବଂଗତା ଇତି ସମାଚାରେଣାନେନ ବୟମିଦାନୀଂ ଦୁଃଖିତାଃ । ପୁର୍ଯ୍ୟାଂ ବିରାଜମାନଂ ଭଗବନ୍ତଂ ପ୍ରାର୍ଥୟାମହେ ଯତ୍ତେଷାଂ ଶାନ୍ତିଃ ସ୍ୟାଦିତି । ତେଷାମସ୍ମାସୁ ଅହୈତୁକାଃ ସ୍ନେହ ଆସୀତ୍ ।"

ଜମ୍ମୁ ୨-୩-୯୦

Prof. V. Kutumba Shastri, Tirupati

For a scholor of his eminence, Sri Mishraji was a different personality. x x Sri Kulamani Mishra pats loss is not a loss to your family members, but a loss to our nation Sankritists. A rare combination of **Panditya** and **Vinaya** is experienced by all of us very intimately." Tirupati, 15-3-90

ଡଃ କିଶୋର ନାଥ ଝା, ଗଙ୍ଗା ନାଥ ଝା,
କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ଆହ୍ଲାବାଦ

"ପୂଜ୍ୟ ଚରଣ ବିଦ୍ୱଦ୍‌ବରେଣ୍ୟ ଧର୍ମଶାସ୍ତ୍ର ମୂର୍ତ୍ତି ସ୍ୱନାମଧନ୍ୟ ଆପ୍‌କେ ପିତାଜୀ କା ଆକସ୍ମିକ ସ୍ୱର୍ଗବାସ କା ସମାଚାର ହମ୍‌ଲୋଗ୍‌କେ ଲିୟେ ହୃଦୟ ବିଦାରକ । ହମ ସବ୍‌ ଶୋକାକୁଲ ହୈଁ ।"

ଆହ୍ଲାବାଦ୍‌ ୪-୩-୯୦

ପ୍ରଫେସର ଡଃ ସଦାଶିବ ପ୍ରହରାଜ

"ପୂଜ୍ୟ ମିଶ୍ର ମହାଶୟଙ୍କର ସ୍ୱର୍ଗପ୍ରାପ୍ତି ବାର୍ତ୍ତା ସମାଜରେ ପଢି ମୁଁ ବିସ୍ମିତ ହୋଇଗଲି । ତାଙ୍କର ସ୍ୱର୍ଗପ୍ରାପ୍ତି ବିଷୟରେ ମନ ବୁଝୁନି । ଏତେ କର୍ମୀ ଏତେ ଉଦାର ଏତେ ବିନୟୀ ଏତେ ଜ୍ଞାନୀ - ପୂଜ୍ୟ

ପଣ୍ଡିତ ମହାଶୟ ସେ ତାଙ୍କର ସ୍ୱଁ ତୁଳନା । ସେ ଆମ ମାନଙ୍କର ଆଦର୍ଶ ଥିଲେ । ଓଡ଼ିଶାକୁ କାହିଁକି ସାରା ଭାରତରେ ତାଙ୍କ ସଦୃଶ ପଣ୍ଡିତ ପ୍ରବରଙ୍କର ତିରୋଧାନରେ ସ୍ଥାନ ଅପୂରଣୀୟ ରହିଲା ।

ତାଙ୍କର ନଶ୍ୱର ଶରୀର ବିନିଷ୍ଟ ହୋଇଥିଲେ ମଧ୍ୟ ସେ ତାଙ୍କର ସାରସ୍ୱତ ସାଧନା ଓ ଆମପ୍ରତି ସ୍ୱାଭାବିକ ଶ୍ରଦ୍ଧାବଳରେ ଆମମାନଙ୍କ ସ୍ମୃତିରେ ଚିର ଅମର ରହିବେ ।"

ସମ୍ବଲପୁର ୨୪-୨-୯୦

ଡ: ହରିହର ଝା, ପୁରୀ

"ତାଦୃଶାଃ ସତ୍ ପୁରୁଷାଃ ମହାନୁଭବାଃ ସୁହୃଦୋ ବିରଲା ଏବ ।
ତେଷାଂ ପୌନଃ ପୁନକୋପକାରେଣ ବୟମଧମର୍ଣ୍ଣାଃ ସଂଜାତାଃ ।
ତେଷାଂ ତିରୋଧାନେନ ସମଗ୍ରଜଦନଃ ଶୋକାକୁଳଃ ବାଷ୍ପଂ ବିମୁଞ୍ଚତି"

ନୀଳକନ୍ଦର ସୌଜନ୍ୟରୁ

ଡ: ଲିଙ୍ଗୁକେଶ୍ୱର ଶତପଥୀ, ପୁରୀ

"ରୁଦନ୍ତି ବୃକ୍ଷାଃ କୁସୁମୋଚ୍ଚୟଂ ବିନା
ରୁଦନ୍ତି ଭିକ୍ଷାମନବାପ୍ୟ ଭିକ୍ଷୁକାଃ
ରୁଦନ୍ତି ଶିଷ୍ୟା ଉପଦେଶବଞ୍ଚିତାଃ,
କମର୍ଥମାସାଦିତବାନ୍ ବିଧିଃ । "

ନୀଳକନ୍ଦର ସୌଜନ୍ୟରୁ

ପଣ୍ଡିତ ହୃଷୀକେଶ ମିଶ୍ର, ଅଧ୍ୟକ୍ଷ
ଶ୍ୟାମ ସୁନ୍ଦର ସଂସ୍କୃତ କଲେଜ, ଭେଗରାଇ

"ପୂଜ୍ୟପାଦାନାଂ ପଣ୍ଡିତାନାମାକସ୍ମିକସ୍ୱର୍ଗମନଂ ଅସ୍ମାନ୍ ନିତରାଂ ଶୋକାଭିଭୂତାନ୍ ବିଦଧାତି । ପ୍ରଭୁପଦାର ବିନ୍ଦଯୋଃ ତେଷାଂ ମହାତ୍ମନାଂ ସଦ୍‌ଗତିଂକାମୟେ ।"

ଭେଗରାଇ, ୨୮-୨-୯୦

ଡଃ କମଳନୟନ ଶର୍ମା, କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ଜୟପୁର ।

"ତେତୁ ମହାପୁରୁଷାଃ ଯୁଗପୁରୁଷାଃ ଆସନ୍ । ଜନ୍ମନା କର୍ମଣା ବୈଦୁଷ୍ୟେଣ ସୌଜନ୍ୟେନ ସାରଲ୍ୟେନଚ ତେ ପ୍ରଖ୍ୟାତାଃ । × × × ପରନ୍ତୁ ଯାଦୃଶୀ କ୍ଷତିରଭୂତ୍ ସା ନୈକସ୍ୟ ପରିବାରସ୍ୟ ଅପିତ୍ୱ୍ୟଂ କ୍ଷତି ରାଷ୍ଟ୍ରସ୍ୟ । ନ ସମ୍ପ୍ରତି ତାଦୃଶାଃ ଧର୍ମଶାସ୍ତ୍ରମୂର୍ତ୍ତୟଃ ଦୃଶ୍ୟନ୍ତେ ଅସ୍ମାଭିଃ ।"

ଜୟପୁର, ୨-୩-୯୦

ପଣ୍ଡିତ ଦିଗମ୍ବର ରଥ ଶର୍ମା, ରାଜା ବଗିଚା, କଟକ

"କି ଦାରୁଣ, କି ହୃଦୟ ବିଦାରକ ସଂବାଦ ସମାଜରୁ ଆଜ ଦେଖି ମୁଁ ବଜ୍ରାହତ ସମ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲି । କ'ଣ ହେଲା, ମୋର ଆବାଲ୍ୟ ବନ୍ଧୁ, ସହପାଠୀ, ମୋର ଏକାତ୍ମ ପ୍ରିୟ ସ୍ୱଜନ, ମୋର ଜଣେ ହୃଦୟଗ୍ରାହୀ ପ୍ରାଣର ସଖା ସହୋଦର ପଣ୍ଡିତ କୁଳମଣି ମିଶ୍ର ଶର୍ମା ଚାଲିଗଲେ । କି ଅମାୟିକ ସ୍ନେହ ମୋପ୍ରତି ତାଙ୍କର— ହାଣ୍ଡିଶାଳରେ ବସି, ଠାକୁରଘରେ ବସି ମୋତେ ଖୁଆଇବେ—କେତେ ମମତା ଭରି ରଖିଥିଲା ତାଙ୍କ ହୃଦୟରେ ମୋ ପାଇଁ—କାହୁଁ ପାଇବି ଆଜ ସେ ସବୁ ମୁଁ —"

କଟକ, ୧୧-୨-୯୦

ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକ, ଭୁବନେଶ୍ୱର

"ତାଙ୍କର ଅଭାବରେ ଓଡ଼ିଶା ଜଣେ ସରଳ, ଧନପ୍ରାଣ, ନୈଷ୍ଠିକ, ଭଦ୍ର, ନିପୁଣ ଲେଖକ ଓ ପଣ୍ଡିତଙ୍କୁ ହରାଇଲା । ଓଡ଼ିଶାରେ ପଣ୍ଡିତ ଆନନ୍ଦ ମିଶ୍ରଙ୍କ ପରେ ପଣ୍ଡିତ କୁଳମଣି ମିଶ୍ର ଥିଲେ ଧର୍ମଶାସ୍ତ୍ରରେ ଆଚାର୍ଯ୍ୟ ଏବଂ ସାହିତ୍ୟ ଧର୍ମଶାସ୍ତ୍ରୀୟ ଲେଖକ ପଣ୍ଡିତ ମଧୁସୂଦନ ତର୍କ ବାଚସ୍ପତିଙ୍କ ପରେ ପଣ୍ଡିତ କୁଳମଣି ମିଶ୍ର ଥିଲେ ସାହିତ୍ୟ ଓ ଧର୍ମଶାସ୍ତ୍ରରେ ଲେଖକ ପଣ୍ଡିତ । ସଂସ୍କୃତ ଓ ଓଡ଼ିଆ ସାହିତ୍ୟକୁ ପଣ୍ଡିତଜୀଙ୍କ ଅବଦାନ ନିତ୍ୟ ପରିଶୀଳିତ ହୋଇ ତାଙ୍କୁ ଅମର ରଖିବ ।"

ଭୁବନେଶ୍ୱର, ୧୪-୨-୯୦

ଶ୍ରୀ ଇନ୍ଦୁଭୂଷଣ ମିଶ୍ର

"ଆଜ ତାଙ୍କର ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ । ସେ କେବଳ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଲେ ନାହିଁ ମାତ୍ର ତାଙ୍କର ଅଗଣିତ ଗୁଣ, ବନ୍ଧୁ ଓ ହିତୈଷୀମାନଙ୍କୁ ତାଙ୍କ ବିୟୋଗରେ ଚିର ବ୍ୟଥିତ କରିଦେଲେ ।"

କର୍ଲାପଡ଼ା, ୨୪-୬-୯୦

ଶ୍ରୀ ଜାନକୀରାମ ଭଞ୍ଜ, ହଳଦିଆ

"କୁଳମଣି ଭାଇନାଙ୍କ ପରି ଜଣେ ବିଖ୍ୟାତ ଗୁଣୀ ଲୋକର ବିୟୋଗ ଆପଣଙ୍କ ପରିବାର ପାଇଁ ନୁହେଁ କି ଆମ ଗାଁ ପାଇଁ । ସାରା ଓଡ଼ିଶା ପାଇଁ ଏକ ବିଶେଷ କ୍ଷତି ।"

ହଳଦିଆ-୨୬-୨-୯୦

ଶ୍ରୀ ନାରାୟଣ ଚନ୍ଦ୍ର ଭଞ୍ଜ ବୀରବର ଜଗଦ୍ଦେବ, ହଳଦିଆ

"It was a great shock to get the sad news in the Anchalika on 20th Feb. 1990 . He was a great wellwisher of our family. He was a noble son of India Moreover Haladia was proud of him."

Haladia Rajbati, 25-2-90

ଶ୍ରୀ ଚନ୍ଦ୍ରଶେଖର ମହାନ୍ତି, ପୁରୀ

"ତାଙ୍କର ଅତୁଟ ସ୍ନେହ ମୁଁ ଜୀବନରେ କଦାପି ଭୁଲି ପାରିବି ନାହିଁ ।"

ମିଳନକନ୍ଦର ସୌଜନ୍ୟରୁ

ଡ: ଭଗବାନ ପଣ୍ଡା, ଭୁବନେଶ୍ୱର

"ପାଣ୍ଡିତ୍ୟ, ସର୍ବସ୍ପଷ୍ଟତା, ନମ୍ରତା, ସୌଜନ୍ୟାଦି ଦୃଷ୍ଟିରୁ ପଣ୍ଡିତ କୁଳମଣି ମିଶ୍ର ଓଡ଼ିଶାର ଅଦ୍ୱିତୀୟ ପଣ୍ଡିତ ଥିଲେ ବୋଲି ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରୁଛି ।"

ମିଳନକନ୍ଦର ସୌଜନ୍ୟରୁ

ଶ୍ରୀ ବଂଶୀଧର ରଥ, ନାରାୟଣ ପ୍ରେସ, ପୁରୀ

"ପଣ୍ଡିତଙ୍କ ପରି କେହିଆଉ ଜଣେ କାହିଁତ ଦିଶନ୍ତି ନାହିଁ ।
ସଂଶୟ ବିହୀନ ଉପଦେଶ ଆଉ କାହାଠାରୁ ପାଉ ନାହିଁ ।"

ନୀଳକନ୍ଦର ସୌଜନ୍ୟରୁ

ପଣ୍ଡିତ ଭଗବତ ପ୍ରସାଦ ତ୍ରିପାଠୀ, ସଂଯୋଜକ
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

"ବୁଧ କୁଳମଣିଃ ବୁଧଃ କୁଳମଣିରଦ୍ୟ ନାସ୍ତୀହ ଲୋକେ । ନକେବଳଂ ତେଷାଂ ଚତୁରସ୍ରଂ ପାଣ୍ଡିତ୍ୟମାସୀତ୍ ଅଧିକନ୍ତୁ 'ଯସ୍ତୁ କ୍ରିୟାବାନ୍ ପୁରୁଷଃ ସବିଦ୍ୱାନ୍' ଇତି ନୀତିସୂକ୍ତେଃ ତେ ସମ୍ପୂର୍ଣ୍ଣୋଦାହରଣଭୂତାଃ ଆସନ୍ । ତେଷାମପୂରଣୀୟେନଭାବେନ ଶରସନ୍ତପ୍ତାଃ ବୟଂ ବନ୍ଦେ ।"

ପୁରୀ—୨୮-୭-୯୦

ଶ୍ରୀମତୀ କୁନ୍ତଳା କୁମାରୀ ଆଚାର୍ଯ୍ୟ, ପୁରୀ

"ପଣ୍ଡିତ କୁଳମଣି ମିଶ୍ରଙ୍କର ଆକସ୍ମିକ ତିରୋଧାନ ମୋତେ ତଥା ମୋ ପରିବାରର ସମସ୍ତଙ୍କୁ ଘୋର ଶୋକ ସାଗରରେ ଭସାଇ ଦେଇଛି । ଏହି ମହାନ୍ ପଣ୍ଡିତଙ୍କର ଅତୁଳନ ସଂସ୍କୃତ ଜ୍ଞାନ, ଧର୍ମଶାସ୍ତ୍ର ତଥା କାବ୍ୟ ଶାସ୍ତ୍ରରେ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ କରି ତୋଳି ଥିଲା । ତାଙ୍କର ନିରଳସ ସ୍ନେହ ବତ୍ସଳତା ମହାନୁଭବତାର ଚିର-ପ୍ରକାଶ ଆଜି ଶହ ଶହ ସ୍ନେହୀଙ୍କର ଆକୁଳ କାନ୍ଦଣାରେହିଁ ପ୍ରତିଭାତ ହେଉଛି ।"

୨୮-୭-୯୦

ଡଃ ପ୍ରଫୁଲ୍ଲ କୁମାର ମିଶ୍ର, ବାଣୀବିହାର

"ପଣ୍ଡିତ ମହୋଦୟଙ୍କ ଆକସ୍ମିକ ପରଲୋକ ଗମନରେ ମୁଁ ମର୍ମାହତ । ସେ ଆମମାନଙ୍କ ପାଇଁ କେବଳ ସ୍ନେହାଶୀର୍ବାଦର ନିର୍ଝର ନଥିଲେ, ଥିଲେ ଜ୍ଞାନ ଗଙ୍ଗାର ପବିତ୍ର ଶୀତଳ ସ୍ରୋତ । ଯେତେବେଳେ ପିପାସା

ଜାଗ୍ରତ ହୁଏ, ସେତେବେଳେ ସେ ତାଙ୍କର ସ୍ୱଭାବ ସୁଲଭ ବଦାନ୍ୟତାରେ କୃତାର୍ଥ କରନ୍ତି । ସମସ୍ତ ସଂଶୟାକୁଳ ଜ୍ଞାନ ପିପାସୁଙ୍କ ପାଇଁ ଏହା ତୀର୍ଥସ୍ଥଳୀ ଥିଲା ।”

୨୮-୨-୯୦

ଶ୍ରୀ ଆନନ୍ଦ ଚନ୍ଦ୍ର ଦାଶ, କଟକ

“କେବଳ ମୁଁ ନୁହେଁ, ସମସ୍ତଙ୍କର ତାଙ୍କଠାରୁ ଅନେକ ଶିଖିବାର ଥିଲା, ତାଙ୍କର ସମସ୍ତଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧା ଥିଲା । ଦୟା ଓ କ୍ଷମା ଗୁଣରେ ସେ ପରିପୂର୍ଣ୍ଣ ଥିଲେ । ତାଙ୍କୁ କେହି କେବେ ଭୁଲିପାରିବ ନାହିଁ ।”

୨୮-୨-୯୦

ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ହଳଦିଆ

“ଆପଣଙ୍କ ନାମାନୁସାରେ ଆପଣଙ୍କର କାର୍ଯ୍ୟ କଳାପ ସମାନ । ଆପଣଙ୍କ ନିମନ୍ତେ ସାରପୃଥିବୀ ଶୋକାକୁଳ, ନିପୀଡ଼ିତ ହୋଇ ରହିଛନ୍ତି ।”

୨୮-୨-୯୦

ଶ୍ରୀ ସୀତାକାନ୍ତ ରାଜଗୁରୁ,
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

“ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କର ଗୁଣ ଗାନ କରିବା ଆମ ପକ୍ଷରେ ଅସମ୍ଭବ । ସେ ଜଣେ ପ୍ରକୃତ ଆଚାର୍ଯ୍ୟ । × × × ଧର୍ମଶାସ୍ତ୍ରରେ ତାଙ୍କର ଅଭିଜ୍ଞତା ଅତୁଳନୀୟ । ବର୍ତ୍ତମାନ ଓଡ଼ିଶା କାହିଁକି, ସମଗ୍ର ଭାରତ ବର୍ଷରେ ଜଣେ ଧର୍ମଶାସ୍ତ୍ରବିତ୍‌ଙ୍କର ଅଭାବ ପଡ଼ିଲା ।”

୨୮-୨-୯୦

ଶ୍ରୀ ରତନାଥ କର, ହଳଦିଆ

“ହେ ମହାତ୍ମା ! × × × ସରଳତାର ଶେଷପାବଚ୍ଛରେ ଆପଣ ଅଧିଷ୍ଠିତ । ଯିଏ ସମାଜ ପାଇଁ ହିତାଭିଳାଷୀ ତାଙ୍କୁ କପରି ଈଶ୍ୱର ଶୀଘ୍ର ନେଇଗଲେ ଏହା ଚିନ୍ତାକରି ଦୁଃଖ କରୁଛି ।”

୨୮-୨-୯୦

ଶ୍ରୀ ବ୍ରଜବନ୍ଧୁ ମିଶ୍ର, ହଳଦିଆ

"ଆପଣଙ୍କ ମୃତ୍ୟୁରେ ଆମ ଗ୍ରାମର ଅପୂରଣୀୟ କ୍ଷତିକୁ ଆମ୍ଭେ ଭୁଲି ପାରିବୁ ନାହିଁ । ଆପଣଙ୍କ ମହତ୍ତ୍ୱ ଉପଦେଶ ସର୍ବଦା ଆମ ମନରେ ଧୈର୍ଯ୍ୟ ଓ ସାହାସର ପ୍ରେରଣା ଦେବ ।"

୧୯-୩-୯୦

ଶ୍ରୀମତୀ ପ୍ରମିଳା ଦେବୀ, କଟକ

"ସେ ସ୍ନେହ ଶ୍ରଦ୍ଧା, ଯିଏ ତୁମ ପାଖରେ ଚଳିଛି, ସେ କେବେହେଲେ ମାନସ ପଟରୁ ଭୁଲିପାରିବ ନାହିଁ । ସବୁଦିନ ପାଇଁ ତୁମର ଡାକ ଶୁଭୁଥିବ । ୨୮-୨-୯୦

ଶ୍ରୀ ଲକ୍ଷ୍ମୀଧର ଶତପଥୀ, ଢେଙ୍କାନାଳ

"ଭାଇନା ଥିଲେ ମୋର ହିତାକାଂକ୍ଷୀ ଉପଦେଷ୍ଟା । ପରୋପକାର ଥିଲା ତାଙ୍କର ହୃଦୟର ସ୍ପନ୍ଦନ । ପରିବାର, ଆତ୍ମୀୟ ସ୍ୱଜନ ତଥା ପ୍ରତିବେଶୀ ମାନଙ୍କ ପ୍ରତି ତାଙ୍କର ଥିଲା ବହୁତ ତ୍ୟାଗ । ତ୍ୟାଗୀ ଯୋଗୀ ସେ ।

ସେ ସୁନାମଧନ୍ୟ ଶିକ୍ଷକ, ଲେଖକ, ପ୍ରଶାସକ ଓ ବାଗ୍ମୀ । ପାଣ୍ଡିତ୍ୟ ତାଙ୍କର ଅତୁଳନୀୟ । ଜାତୀୟ ପୁରସ୍କାର ପ୍ରାପ୍ତ ମହାନ୍ ବ୍ୟକ୍ତି ସେ । ସେ ଥିଲେ ପରିବାର, ଗ୍ରାମ, ରାଜ୍ୟ ଓ ଜାତିର ଗୌରବ ।"

୨୮-୨-୯୦

ନନ୍ଦମାଉସୀ, ଭୁବନେଶ୍ୱର

"ଜୀବନ ନଦୀର ତୀରେ

ମୁଁ ଯେଉଁ ରତନ ହରାଇ ବସିଲି

ତାହା ହୋଇ ଫୁଟେ ଧୀରେ ।

ଅକୁହା ରହିଲା ହୃଦେଯେ ବେଦନା ସବୁ
ନ ଭଙ୍ଗି ଲୁଚିଲା ଯେଉଁ ତାର ସଜ ନବୁ
ଜୀବନ ନାଉଟି ଆସନ୍ତୁ ବାହୁଡ଼ି, ଡାକ ଶୁଭେନାହିଁ କରେ ।"

ମାର୍ଚ୍ଚ-୯୦

ଶ୍ରୀ ବିନୟ ମିଶ୍ର, ଭୁବନେଶ୍ୱର

"ସତ୍‌କର୍ମୀ, ମହାନୁଭବ ହେ ଭକ୍ତ ଯା'ର ହୃଦୟ ନଃସରେ,
ପାଣ୍ଡିତ୍ୟ-ବାଗ୍ମିତା-ସୃଜନ ଶୀଳତା ପୂର୍ଣ୍ଣ ଯା'ର ଅମାପ ସଂସ୍କୃତରେ,
ଧର୍ମଶାସ୍ତ୍ରେ, ସ୍ମୃତିଶାସ୍ତ୍ରେ ଯାହାର ସେ ଅବଯୁବ ପୋତ,
ଥିର ଭାସମାନ ଥିଲା, ଦେଖୁଥିଲା ଜ୍ଞାନସୂର୍ଯ୍ୟ ଉଦୟ ପ୍ରଭାତ,
ନୀଳକନ୍ଦର-ନିବାସୀ ଜଗନ୍ନାଥ ଯା'ହୃଦୟେ ଭକ୍ତି ଡୋରେ ବନ୍ଧା,
ଗାର୍ହସ୍ଥ୍ୟ ଜୀବନ ବ୍ରତେ ସନ୍ନ୍ୟାସୀ ଯେ, ସେବା, ଦୀକ୍ଷା, ଧର୍ମଦାନେ ଛନ୍ଦା,
ଥିର ଅମ୍ଳାନ, କୋଟି ସୂର୍ଯ୍ୟ ସମପ୍ରଭ ଯା'ର କାନ୍ତି, ସୌମ୍ୟରମ୍ୟ ଆଭା,
ସିଏ ଆଜ ଜଗନ୍ନାଥ-ଦେହତଳେ ବିଲୀନ, କି ଲେଖିବ ତାହାଁର ପ୍ରତିଭା ।
ସିଏ ଏକ ଅନୁଷ୍ଠାନ, ସିଏ ଏକ ଋଷି, ସିଏ ଏକ ବୁଦ୍ଧି ଦାତା ଚିନ୍ତାନାୟକ,
ସିଏ ଏକ ମହାନ ପ୍ରତିଭା, ଯା ବିହୂନେ ବାହୁନଇ ଏସାର ମୂଳକ ।"

୧-୩-୯୦

ଡ: ପ୍ରମୋଦ ଚନ୍ଦ୍ର ମିଶ୍ର, ସଂପାଦକ, ସଂସ୍କୃତ ଏକାଡେମୀ

"ଏପରି ଏକ ପ୍ରତିଭାର ଅବସାନ ପରେ ଓଡ଼ିଶାରେ ସଂସ୍କୃତ ଜଗତରେ ଯେଉଁ ଅପୂରଣୀୟ କ୍ଷତି ହେଲା ତାହା ସହଜରେ ଅନୁମେୟ ।"

୪-୩-୯୦ ସମାଜରେ ପ୍ରକାଶିତ

ଶ୍ରୀ ନୀଳକଣ୍ଠ ରଥ, ବେଗୁନିଆ

"ଏତେ ବଡ଼ ଜ୍ଞାନୀ ହୋଇ ମଧ୍ୟ ତାଙ୍କ ହୃଦୟରେ ଲେଶ ମାତ୍ର ଗର୍ବ ନଥିଲା । ସେ ଯୁବକ ଅବସ୍ଥାରୁ ଯେପରି ସରଳ ଅମାୟିକ ଥିଲେ, ତାହା ଶେଷ ପର୍ଯ୍ୟନ୍ତ ଥିଲା । ତାଙ୍କର ସହୃଦୟତା ଓ ବାତ୍ସଲ୍ୟ କେବଳ

ଗୋଟିଏ ଜାଗାରେ ସୀମିତ ନଥିଲା । ତାଙ୍କ ପାଖକୁ ଯେତେ ଗ୍ରନ୍ଥ ଯାଇଛନ୍ତି କିଏ ଉପକୃତ ନ ହୋଇଛି ଏପରି କହିହେବ ନାହିଁ । × × × ଶେଷ ଦର୍ଶନ ସମ୍ଭବ ହେଲନାହିଁ । ତଥାପି ମୁଁ ଜୀବିତ ଥିବାଯାଏ ସେ ମୋର ଅବିସ୍ମରଣୀୟ ରହିବେ ।"

ବେଗୁନିଆ, ୨-୩-୯୦

ଶ୍ରୀ ଭଗବାନ ପ୍ରକାଶ, ନୂଆଦିଲ୍ଲୀ

"ଭାଇନାଙ୍କର ଦେହାନ୍ତ ଖବରକାଗଜରୁ ଦେଖି ଆମେ ସମସ୍ତେ ଅତ୍ୟନ୍ତ ମର୍ମାହତ । ନାନା ଏଠାରେ ଆମପାଖରେ ଅଛନ୍ତି । ଏଖବର ଶୁଣି ସେ କହିଲେ ଯେ ଆମ କୁଳଦୀପ ଲିଭିଗଲା ।"

ନୂଆଦିଲ୍ଲୀ ୨-୩-୯୦

ଶ୍ରୀ ଦୁଃଶାସନ ବଳବନ୍ତ ରାୟ, ଭୁବନେଶ୍ୱର

"କେବଳ ଉତ୍କଳ କାହିଁକି ସମଗ୍ର ଭାରତବର୍ଷ ଜଣେ ମହାପୁରୁଷଙ୍କୁ ସବୁଦିନ ପାଇଁ ହରାଇଲା । ସଂସ୍କୃତ ସାହିତ୍ୟାକାଶରେ ଦୀର୍ଘସାଧନା ବଳରେ ଯେ ଏକଦା ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ଜ୍ୟୋତି ବିକିରଣ କରୁଥିଲେ । ସେହି ମହାତ୍ମାଙ୍କର ମହାପ୍ରୟାଣ ଆଜି ସମସ୍ତ ବିଦ୍ୱାନଙ୍କୁ ଦୁଃଖାଭିଭୂତ କରିଦେଇଛି । × × ତାଙ୍କର ସମସ୍ତ ଶିଷ୍ୟ, ବିଦ୍ୱାନ ମଣ୍ଡଳୀ, ଉତ୍କଳ ତଥା ଭାରତବର୍ଷର ଅଗଣିତ ସଂସ୍କୃତ ପ୍ରେମୀଙ୍କ ହୃଦୟ ରାଜ୍ୟରେ ସେ ଚିର ପୂଜ୍ୟ ହୋଇ ରହିବେ ।"

କଳାହାଣ୍ଡି, ୧-୩-୯୦

ଶ୍ରୀ ଯୋଗେନ୍ଦ୍ର ଚନ୍ଦ୍ର ଦାସ, ବଙ୍ଗାଳୀ ସାହି, କଟକ

"ଏଇ କେତେଦିନ ତଳେ ହାତେବେଲଗଳିକୁ ଯାଇ ତାଙ୍କୁ ଦେଖାକରି ରାଷ୍ଟ୍ରୀୟ ପଞ୍ଜାଙ୍ଗ ନେଲାବେଳେ କଥା ପ୍ରସଙ୍ଗରେ ମୁଁ ତାଙ୍କ ଠାରୁ ବଡ ହୋଇଥିବା କଥା କହି ମୋର ଯିବା ଆଗହେବ ବୋଲି କହିଥିଲି । ଅଥଚ ସେ ଆଗଗଲେ । କଥାଟା ଓଲଟା ହେଲା ।

ସେଦିନ ସେ ମୋତେ ଘର ଛାତ ଉପରେ ଫୁଟିଥିବା କୁନ୍ଦଫୁଲ ଦେଖାଇ ପୂର୍ବେ ସେ ଫୁଲର ଫୁଟିବା ସମୟ ନେଇ ଯେଉଁ ଭ୍ରମାତ୍ମକ କଥାପଞ୍ଜିକା ଇତ୍ୟାଦିରେ ପ୍ରକାଶିତ ହୋଇଥିଲା ସେ ବିଷୟ ଘେନ କଥାବାର୍ତ୍ତା କଲେ ମୋର ଓ ତାଙ୍କର ଜ୍ୟୋତିଷ ସମ୍ବନ୍ଧିତ ବହୁ ସଭା ସମିତିରେ ଏକାଠି ହେବାର ସୁଯୋଗ ଘଟିଥିଲା ।"

୨୬-୨-୯୦

ଶ୍ରୀ କିଶୋର ଚନ୍ଦ୍ର ସାହୁ, ବୁଢ଼ାଲପାଳ, ଢେଙ୍କାନାଳ

"ତାଙ୍କର ଦର୍ଶନ ଯେ ପାଇଛି ସେ କଦାପି ଭୁଲିପାରିବ ନାହିଁ । ସେ ବିଷୟ ମନେ ପଡ଼ିଲେ ମୋର ଆଖି ଲୋତକାପ୍ଲୁତ ହୋଇଯାଉଛି । ଯେପରି ମୁଁ ଅନୁଭବ କରୁଛି ମୁଁ ଅମୂଲ୍ୟରତ୍ନକୁ ହରାଇଛି ।"

ବୁଢ଼ାଲପାଳ ୨୧-୩-୯୦

ଶ୍ରୀ ଦେବେନ୍ଦ୍ର ମିଶ୍ର, କେନ୍ଦ୍ରାପଡ଼ା

"ମଞ୍ଜୁଷାଙ୍କ ମୃତ୍ୟୁରେ ସାରଭାରତ ତାର ଏକ କୃତି ସନ୍ତାନଙ୍କୁ ହରାଇଲା । ସେ ସ୍ଥାନ ଅପୂରଣୀୟ ହୋଇ ରହିବ ।"

କେନ୍ଦ୍ରାପଡ଼ା ୨୪-୨-୯୦

ପଣ୍ଡିତ ନୀଳମଣି ମିଶ୍ର,
କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

"ପୂଜ୍ୟ ପଣ୍ଡିତ ମହାଶୟଙ୍କ ଅକାଳ ବିୟୋଗ ଖବର ଆଜ ସଂଧ୍ୟାରେ 'ସମାଜ'ରୁ ପଢ଼ି ମର୍ମାହତ ହେଲି । ଚିରଦିନ ସେ ମୋର ଶୁଭକାଂକ୍ଷୀ ଗୁରୁଦେବ ରୂପେ ମୋର ମାର୍ଗ ଦର୍ଶନ କରାଇଥିଲେ । ତାଙ୍କର ବିୟୋଗ ଫଳରେ ମୁଁ ମୋର ଉପଦେଷ୍ଟା, ଗୁରୁଦେବ ତଥା ପିତୃ ପ୍ରତିମ ବ୍ୟକ୍ତିକୁ ହରାଇ ବସିଲି ।

ଓଡ଼ିଶାରେ ତାଙ୍କପରି ଜଣେ ଜ୍ଞାନୀ ତଥା ନିରାଡ଼ମ୍ବର ବ୍ୟକ୍ତି ବିରଳ ।"

ଭୁବନେଶ୍ୱର ୨୧-୨-୯୦

ପଣ୍ଡିତ ବିନାୟକ ପାଇକରାୟ, ତେଲଙ୍ଗ

"ହେ ଗୁରୁଦେବ ! ପ୍ରତ୍ୟୟ ହୁଏ ନାହିଁ ତବ ଅନ୍ତର୍ଦ୍ଧାନ,
ତବ ଅନୁପସ୍ଥିତି କଳ୍ପନା ତବ ନିର୍ବଚନ,
ବାଷ୍ପାକୁଳ ଆଜି ତବ ଶିଷ୍ୟଗଣ ।
ଅନେକ ଅଶ୍ରୁର ପ୍ଲାବନ ଏଠି ଅନେକ ଦହନ ।
× × ×
ହେ ସ୍ଥିତପ୍ରଜ୍ଞ ! ସ୍ୱପର୍ଯ୍ୟସ୍ତ ସ୍ଥିତି ଆମ
ଅସ୍ଥିର ଆବେଗ ଭରା ସଭିଙ୍କର ପ୍ରାଣ ।
ଜୀବନର ସ୍ୱର ହଜିଯାଏ ଭାଙ୍ଗିଯାଏ
ଧୈର୍ଯ୍ୟର ପାହାଡ଼ ଆଜି ସମସ୍ତ ଅସ୍ୱନ ।"

୨୪-୨-୯୦

ଡ: ରମେଶ ଚନ୍ଦ୍ର ହୋତା

"ସାରଙ୍କର ଆକସ୍ମିକ ସ୍ୱର୍ଗାରୋହଣ ଖବର ପାଇ ମୁଁ ଅତ୍ୟନ୍ତ ମର୍ମାହତ । ପ୍ରାତଃ ସ୍ମରଣୀୟ ସାର୍ ଆଜି ଚାଲିଗଲେ । କାହାନିକଟକୁ ମୁଁ ଆଉ ଗଙ୍ଗାଜଳ ପଠାଇବି, କାହାଆଗେ କହିବି ସାର ମୋଲାଗି ଟିକେ ଲୋକନାଥଙ୍କ ପାଖେ ଅଭିଷେକ କରିଦେବେ ।

ଆଲ୍ଲାହାବାଦ୍ ୨୮-୨-୯୦

ଶ୍ରୀ ସଚ୍ଚିତ୍ ମିଶ୍ର

"ଏତେ ଶୀଘ୍ର ଆମ ନିକଟରୁ ଯେ ଜଣେ ଆମର ଅତ୍ୟନ୍ତ ଶୁଭାକାଂକ୍ଷୀଙ୍କୁ ଭଗବାନ ନେଇଯିବେ, ଆମର କଳ୍ପନାର ବାହାର କଥା ଥିଲା ।"

ଭୁବନେଶ୍ୱର ୨୨-୨-୯୦

ଡ: ଗଙ୍ଗାଧର ପଣ୍ଡା

"ସାର୍ ଜଣେ ସାଧୁପୁରୁଷ, ମିତଭାଷୀ, ସତ୍ୟଭାଷୀ ଏବଂ ଯଥାର୍ଥ ବକ୍ତା ଥିଲେ । ସଂସ୍କୃତ ଜଗତ ଆଜି ତାଙ୍କର ଋଣୀ । କେବଳ ମୁଁ

କାହିଁକି ସମଗ୍ର ସଂସ୍କୃତ ଜଗତର ସମସ୍ତେ ଆଜ ଏହି କଠୋର ଦୁଃଖ ସହନପାର ଭାଙ୍ଗି ପଡ଼ିଛନ୍ତି ।"

କାଞ୍ଚିପୁର, ତାମିଲନାଡ଼ୁ ୨୪-୨-୯୦

ଡ: ଭାସ୍କର ମିଶ୍ର

"ଭାରତୀୟ ବିଦ୍ୟା ନଭୋ ମଣ୍ଡଳରେ ପଣ୍ଡିତ କୁଳମଣି ମିଶ୍ର ଥିଲେ ଏକ ଜ୍ୟୋତିର୍ମୟ ତାରକା । ତାଙ୍କର ଅଭାବ ଆଜି ଭାରତୀୟ ଶାସ୍ତ୍ରୀୟ ସଂସ୍କୃତ ଜଗତରେ ମହାନ ଆଘାତ ।"

ଧବଳକୋଟ୍ ୨୧-୨-୯୦

ଶ୍ରୀ ନୀଳକଣ୍ଠ ପାଢ଼ୀ ଶର୍ମା

"ଆକସ୍ମିକ ଭାବେ ମୋର ଜୀବନ ମାର୍ଗ ଦର୍ଶକ ଗୁରୁଦେବ ଚାଲିଯାଇ ଥିବାରୁ ବର୍ତ୍ତମାନ ମୋର ମାର୍ଗ ସମ୍ପୂର୍ଣ୍ଣ ଅନ୍ଧକାରଛନ୍ନ । କିଏ ଆଉ ଆମକୁ ସେହି ଆଲୋକମୟ ମାର୍ଗ ଦର୍ଶନ କରିବେ । କିଏ ଆଉ ଆମକୁ ବିପଥଗାମୀ ହେଉଥିବାବେଳେ ସତ୍ ପଥକୁ ଟାଣି ଆଣି ପାରିବେ ।"

ତାରଣୀ ୨୧-୩-୯୦

ପଣ୍ଡିତ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଶର୍ମା

"ଗଳତ ନୟନ ନୀରାଃ କଣ୍ଠସଂସକ୍ତଚୀରାଃ
ପୀଡ଼ିତ ହୃଦୟ ପାଡ଼ା ସଂଯତପ୍ରାଣଶୀଳାଃ
ଖିରସି ନହିତ ହସ୍ତାଃ ଭୂମି ସଂସକ୍ତ ମସ୍ତାଃ
ପ୍ରଣମତ ଜଗଦୀଶଂ ତସ୍ୟ ଶାନ୍ତ୍ୟୈ ପରଂଶ ।"

ନୀଳକନ୍ଦର ସୌଜନ୍ୟରୁ

ଅଧ୍ୟାପକ ଦିବାକର ମହାପାତ୍ର, ପୁରୀ

"ବର୍ତ୍ତମାନ ସ୍ୱର୍ଗତ ଗୁରୁଦେବ ଆମ୍ଭମାନଙ୍କ ଗହଣରେ ନାହାଁନ୍ତି । ରହିଯାଇଛନ୍ତି କେବଳ ତାଙ୍କର ଦିନ ଚର୍ଯ୍ୟାମୂଳକ ଉଦାହରଣ ଗୁଡ଼ିକ । ଯେଉଁଗୁଡ଼ିକୁ ଆମେ ପାଥେୟ କରି ଆମର ଭବିଷ୍ୟତ ବଂଶଧରମାନଙ୍କୁ ଅନୁପ୍ରାଣିତ କରି ପାରିବା ।"

ନୀଳକନ୍ଦର ସୌଜନ୍ୟରୁ

ଅଧ୍ୟାପକ ନରୋତ୍ତମ ସେନାପତି

"ତେଷାମଦ୍ୟ ବିୟୋଗତଃ କଥମହୋ ଧୈର୍ଯ୍ୟଂ ସମାକଳ୍ପ୍ୟତେ ?"

ନୀଳକନ୍ଦର ସୌଜନ୍ୟରୁ

ଡଃ ହରେକୃଷ୍ଣ ଶତପଥୀ, କଟକ

"କାନ୍ତୁ ଶ୍ମଶାନର ଚିତାନଳ ଆଜି ଧନ୍ୟ, କହାକାଳର ଅନନ୍ତ ଇଙ୍ଗିତ ମଧ୍ୟ ଆଜି ପରାଜିତ । ପଣ୍ଡିତ ମିଶ୍ରଙ୍କ ପ୍ରତିଭାର ଅବଦାନ କାଳ କାଳ ପାଇଁ ଭୁଲିବାର ନୁହେଁ । ପୁରୁଷ ପୁରୁଷ ଧରି ତାଙ୍କର ମୂଲ୍ୟବାନ ଉପଦେଶ ଓ ଅମୃତମୟୀ ବାଣୀ ସମସ୍ତଙ୍କ କର୍ଣ୍ଣରେ ପ୍ରତିଧ୍ୱନିତ ହେଉଥିବ, ଏହା ନିଶ୍ଚିତ ।"

ନୀଳକନ୍ଦର ସୌଜନ୍ୟରୁ

ଯୋଗାଚାର୍ଯ୍ୟ ପଣ୍ଡିତ ରମାକାନ୍ତ କର, ପୁରୀ

"ସେ ଆଜି ଆମ୍ଭମାନଙ୍କଠାରୁ ଅନ୍ତରିତ ହୋଇଥିଲେ ମଧ୍ୟ, ତାଙ୍କର ଅଲୌକିକ ପ୍ରତିଭା ସାରା ଓଡ଼ିଶାର ପଣ୍ଡିତ କୁଳର ମଣି ସଦୃଶ ମର ଶରୀରର ନାମକୁ ନିଶ୍ଚିତ ଭାବରେ ସାର୍ଥକ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।"

ନୀଳକନ୍ଦର ସୌଜନ୍ୟରୁ

ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ହରରାଜପୁର, ବାଙ୍କୀ

"ପୂଜ୍ୟ ଗୁରୁଦେବ । ଆପଣଙ୍କର ନଶ୍ୱର ଲୀଳାର ଅବସାନ ହେଲା । ମାତ୍ର ଆପଣଙ୍କର ଅମ୍ଳାନ ପ୍ରତିଭା ଚିରନ୍ତନ ଭାବରେ ନୈଷ୍ଠିକ ହିନ୍ଦୁ ପ୍ରାଣରେ ଦିବ୍ୟଜ୍ୟୋତି ସଂଚାର କରୁଥିବ ।"

୨୮-୬-୯୦

ପଣ୍ଡିତ ବୈକୁଣ୍ଠ ବିହାରୀ ନନ୍ଦ, ପଶ୍ଚିମଦ୍ୱାର, ପୁରୀ

"ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମ୍ରିୟମାଣ । ସେ ଥିଲେ ମୋର ଗୁରୁ, ଉପଦେଷ୍ଟା । ବିଭିନ୍ନ କର୍ମରେ ମୋର ପ୍ରେରଣା ଦାତା ତଥା ସର୍ବୋପରି ମୋର ହିତୈଷୀ । × × × ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ ହିସାବରେ ସେ ଯେ ନିଶ୍ଚୟ ସଦ୍‌ଗତି ଲାଭ କରିବେ ଏଥିରେ ସନ୍ଦେହ ନାହିଁ ।"

୨୮-୬-୯୦

ପଣ୍ଡିତ ଶ୍ରୀ ଜଗନ୍ନାଥ ମହାପାତ୍ର

"ଶ୍ରୀ ଶ୍ରୀ ଗୁରୁଦେବଙ୍କ ପଦ୍ମ ପାଦରେ ଜଗନ୍ନାଥ ମହାପାତ୍ର ଧର୍ମଶାସ୍ତ୍ର ଗୁରୁଙ୍କର କୋଟି କୋଟି ପ୍ରଣାମ । ଆପଣଙ୍କ ଆତ୍ମା ସଦ୍‌ଗତି ଲାଭ କରୁ । ଆମକୁ ଆପଣଙ୍କ ପ୍ରେରଣା ଭିକ୍ଷା ମିଳୁ ।"

୨୮-୬-୯୦

ପଣ୍ଡିତ ମଧୁସୂଦନ ମିଶ୍ର, ଗୁଡ଼ୁମ

"ତୁମର ସ୍ନେହଶ୍ରଦ୍ଧା ଚିରନ୍ତନ ପାଇଁ ଆମ ପକ୍ଷରେ ଗୌରବ ହୋଇ ରହିବ । ଧ୍ୱନ୍ୟାଲୋକ ପୁସ୍ତକ ମୋ ଦ୍ୱାରା ଧ୍ୱନ୍ୟାଲୋକ ଭାବରେ ପୂଜିତ ହୋଇ ଶୋଭା ପାଇବ ।"

୨୮-୬-୯୦

ଶ୍ରୀ ପ୍ରକାଶ ଚନ୍ଦ୍ର ମିଶ୍ର, ପୁରୀ

"ପରମ ପୂଜ୍ୟପାଦ ଗୁରୁଦେବସ୍ୟ ଦେହାବସାନଂ ଶ୍ରୁତ୍ୱା ମନ୍ମନସି ବହୁଧା ଦୁଃଖଂ ଜାତମ୍ । ତେଷାଂ କର୍ମଣି ଛାତ୍ର ବତ୍ସଲତ୍ୱଂ ସର୍ବଦା ଚିରସ୍ମରଣୀୟଂ ଭବିଷ୍ୟତି । × × × ଅଧୁନା ତେଷାଂ ସ୍ଥାନ ପୂରଣାର୍ଥଂ ନାସ୍ତି କଶ୍ଚିତ୍ ବ୍ୟକ୍ତି ବିଶେଷଃ ।"

୨୮-୨-୯୦

ଡ: ସୂର୍ଯ୍ୟମଣି ରଥ, ପୁରୀ

"ପରମ ପୂଜ୍ୟ ଗୁରୁଦେବଙ୍କର ଆକସ୍ମିକ ତିରୋଧାନରେ ମୁଁ ଜର୍ଜରିଭୂତ । ଏହା ଏପରି ଏକ ଶକ୍ତ ଧକ୍କା ଯେ ଏହାକୁ ସହ୍ୟ କରିବା କଷ୍ଟକର ।"

୨୮-୨-୯୦

ପଣ୍ଡିତ ଗୋଦାବରୀଶ ମହାପାତ୍ର, ଭୁବନେଶ୍ୱର

"ଶ୍ରୀ ଗୁରୁପାଦୁକାଭ୍ୟାଂ ଶରଣଂ ଯାମି । ସ୍ମରାମି ଅନନ୍ତ ସଦ୍‌ଗୁଣ ସାଗରମ୍ । ଭଜାମିଚ ଶ୍ରୀ ମାତୃପଦାବ୍ଜ ଯୁଗଳମ୍ । ସାକ୍ଷାତ୍ ଧର୍ମସ୍ୟ ଚଳନ୍ ବିଗ୍ରହଇବ ଭବାନାସୀତ୍ । ଭବଦ୍‌ଦାସାଃ ସତତଂ କାମୟମାନାଃ ଭବଦ୍‌ଦର୍ଶିତଂ ମାର୍ଗମନୁସରେମ ।

୨୮-୨-୯୦

ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପିପିଲି

"ପୂଜ୍ୟ ଗୁରୁଦେବ ପଣ୍ଡିତ କୁଳମଣି ମିଶ୍ରଙ୍କର ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ । ତାଙ୍କ ଭଳି ଛାତ୍ରବତ୍ସଳ ଗୁରୁ ଆମ କେନ୍ଦ୍ରୀୟ ବିଦ୍ୟାପୀଠରେ କେହି ନଥିଲେ । × × ପଣ୍ଡିତ ମହାଶୟ ଯେପରି ସରଳ ସେପରି ସ୍ନେହୀ ଥିଲେ । ଶିବରାତ୍ରିରେ ଲୋକନାଥଙ୍କ ପାଖରେ ରହଣୀ ଭୋଗକରି ଛାତ୍ରମାନଙ୍କୁ ପ୍ରସାଦ ବାଣ୍ଟିବା କଥାଟି ମୋତେ ବିଶେଷ ଆନନ୍ଦ ଦେଉଛି ।"

୨୮-୨-୯୦

ଅଧ୍ୟାପକ ପ୍ରଭାତ ରଞ୍ଜନ ମହାପାତ୍ର,
ବେଦାନ୍ତ ବିଭାଗ, ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ।

"ପୂଜ୍ୟ ଶ୍ରୀ ଗୁରୁଦେବ ମୁଣ୍ଡ ଓ ପେଟ ଉଭୟକୁ ଚିହ୍ନି ପାରୁଥିଲେ । ସେ ମରଣଶରୀର ତ୍ୟାଗକରି ଅମର ଶରୀରରେ ରହିଲେ ମଧ୍ୟ ଅତି ନିକଟରେ ରହିବାପରି ଲାଗୁଛନ୍ତି ।"

୨୮-୨-୯୦

ଡଃ ଗୋପାଳକୃଷ୍ଣ ଦାଶଃ

"ପଣ୍ଡିତ କୁଳମଣୀନାଂ ବିଦ୍ୱଂଚ୍ଛୋନାଂ ବୁଧକୁଳମୌଳିଭୂତାନାଂ କୁଳମଣୀନାଂ ପବିତ୍ର ସ୍ମୃତୌ । ଶ୍ରଦ୍ଧା ସୁମନୋଽଞ୍ଜଳିଂ ବିତରାମି । ଅମରାତ୍ମନଃ ଶାନ୍ତୌ ସଦଗତୟେଚ ନୀଳାଦ୍ରିକନ୍ଦରାନନ୍ଦସ୍ୟ ଶ୍ରୀ ଜଗନ୍ନାଥସ୍ୟ ଚରଣାରବିନ୍ଦ ଦ୍ୱନ୍ଦ୍ୱେ ପ୍ରାର୍ଥୟତେ ।"

୨୮-୨-୯୦

ଡ: କିଶୋର ଚନ୍ଦ୍ର ମହାପାତ୍ର, ପୁରୀ

"ସେ ଏକାଧାରରେ ଥିଲେ କବି ସମାଲୋଚକ, ପ୍ରାବନ୍ଧିକ, ଶାସ୍ତ୍ରବିତ୍, କୋଷକାର, ସାହିତ୍ୟିକ, ବୈଦ୍ୟ, ଜ୍ୟୋତିଷୀ, ବେଦବିତ୍, ଧର୍ମୋପଦେଷ୍ଟା, ମାନିମାନ୍, ନିଷ୍କଳଙ୍କ ଚରିତ୍ର, ଛାତ୍ରବତ୍ସଳ ଅଧ୍ୟାପକ, ଯାହାଙ୍କର ଧ୍ୱନିଥିଲା "ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା" ଯାହାଙ୍କର ମତ ଥିଲା "ଯତୋ ଧର୍ମଃ ତତୋ ଜୟଃ" ଯାହାଙ୍କର ମନ୍ତ୍ରଥିଲା "ସତ୍ୟମେବ ଜୟତେ ନାନୃତମ୍" ଯାହାଙ୍କର ଉପଦେଶଥିଲା "ନହି କଲ୍ୟାଣ କୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି" ସେହି ମହାପୁରୁଷ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଶର୍ମା ଆଉ ଇହ-ଧାମରେ ନାହାନ୍ତି । ସେ ଆମଠାରୁ ବହୁତ ଦୂରରେ ଥିଲେ ମଧ୍ୟ ଚିରସ୍ମରଣୀୟ ଓ ଚିର ବନ୍ଦନୀୟ ।

୧-୩-୯୦ ପ୍ରଜାତନ୍ତ୍ରରେ ପ୍ରକାଶିତ

ସୁରେନ୍ଦ୍ର ନାଥ ତ୍ରିପାଠୀ, ଭୁଣ୍ଡଲା, କଳାହାଣ୍ଡି

"ଆଜି ଗୁରୁଙ୍କ ଅଭାବରେ ଓଡ଼ିଶା ବାସୀ ତଥା ପୁରୀ ସହରର ସଂସ୍କୃତ ବିଦ୍ୟାର୍ଥୀଗଣ, ଧର୍ମଶାସ୍ତ୍ର ଅଧ୍ୟାପକ, ଛାତ୍ରବୃନ୍ଦ ସମସ୍ତେ ଏକ ମହାନ ପୁରୁଷଙ୍କୁ ହରାଇଛନ୍ତି ।"

କଳାହାଣ୍ଡି, ୨୬-୩-୯୦

ଶୋକ ପ୍ରସ୍ତାବ

ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ, ଶ୍ରୀମନ୍ଦିର ପୁରୀ

ଗଭୀର ଦୁଃଖର ବିଷୟ ଯେ ଓଡ଼ିଶାର ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ବିଖ୍ୟାତ ଗବେଷକ, ରାଷ୍ଟ୍ରପତି ସମ୍ମାନିତ ତଥା ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ସଭାପତି ପଣ୍ଡିତ କୁଳମଣି ମିଶ୍ର ଶର୍ମା ଗତ ୧୯-୨-୯୦ ତାରିଖ ମଧ୍ୟ ରାତ୍ର ୧୨ଟା ୪୫ ମିନିଟ୍ ସମୟରେ ଆମମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଇହଲୀଳା ସଂବରଣ କରିଛନ୍ତି । ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ସଭାପତି ଭାବରେ ଓଡ଼ିଶାରେ ବେଦର ପ୍ରଚାର ଓ ପ୍ରସାର ପାଇଁ ସେ ଆମ୍ଭମାନଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ଦେଇ ଆସିଥିଲେ । ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ତଥା ପୁରୀର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଭାବରେ ଅନେକ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କର ଆକସ୍ମିକ ବିୟୋଗରେ ଆମେ ସମସ୍ତେ ମର୍ମାହତ । ତାଙ୍କର ବିୟୋଗ କେବଳ ଆମର ଅନୁଷ୍ଠାନ ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଭଗବାନ୍ ଶ୍ରୀଜଗନ୍ନାଥ ଏହି ଦାରୁଣ ଦୁଃଖକୁ ସହ୍ୟ କରିବା ପାଇଁ ଅସୀମ ଶକ୍ତି ଓ ଧୈର୍ଯ୍ୟ ଦିଅନ୍ତୁ । ସେହି ଅମର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ଏବଂ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଆମେ ସମବେଦନା ଜଣାଉଛୁ ।

ଶ୍ରୀ ନିମାଇଁ ଚରଣ ମହାନ୍ତି, ସମ୍ପାଦକ
ଶ୍ରୀଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ଅନ୍ତେବାସୀ,
ଉପସ୍ଥିତ ଗୁଣମୁଗ୍ଧ ଛାତ୍ର ଓ ଶୁଭେଚ୍ଛୁ ବୃନ୍ଦ ।

୨୦-୨-୯୦

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ଗତ ୧୯-୨-୯୦ ତାରିଖ ସୋମବାର ଦିନ ଏହି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ସଂଯୋଜକ ପଣ୍ଡିତ କୁଳମଣି ମିଶ୍ରଙ୍କର ବାସ୍ତରି ବର୍ଷ ବୟକ୍ରମ କାଳରେ ପୁରୀ ସ୍ଥିତ ତାଙ୍କର ବାସଭବନରେ ମହାପ୍ରୟାଣ ଘଟିଲା । ୰ ପଣ୍ଡିତ ମିଶ୍ର ସଂଯୋଜକ ହିସାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଣେ ନିଷ୍ଠାପର ଶିକ୍ଷକ, କୁଶଳୀ ପ୍ରଶାସକ, ସଦାଚାରୀ, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ।

ତାଙ୍କ ବିୟୋଗରେ ଆମେମାନେ ଜଣେ ନିଷ୍ଠାପର କର୍ମକର୍ତ୍ତା ଓ କର୍ତ୍ତବ୍ୟ ନିଷ୍ଠ ଶିକ୍ଷକଙ୍କୁ ହରାଇଲୁ । ତାଙ୍କ ବିୟୋଗରେ ଏହି ବିଶ୍ୱବିଦ୍ୟାଳୟର ଏକ ଅପୂରଣୀୟ କ୍ଷତି ଘଟିଲା ।

ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେମାନେ କରତ୍‌କର୍ମା କରୁଣା ସାଗରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶ୍ରୀ ସୁଭାସ କୁମାର ଗୁନ୍ଦ, କୁଳ ସଚିବ
୨୦-୨-୯୦ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

କେଦାର ନାଥ ଗବେଷଣା ପ୍ରତିଷ୍ଠାନ
କେଦାରଗୌରୀ ମାର୍ଗ, ଭୁବନେଶ୍ୱର

ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ, ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଭୂତପୂର୍ବ ଅଧ୍ୟାପକ, ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ତଥା ସ୍ମୃତି ଶାସ୍ତ୍ରରେ ପ୍ରବୀଣ ବିଦ୍ୱାନ୍, ବହୁପୁସ୍ତକର ପ୍ରଣେତା, ସୁପଣ୍ଡିତ କୁଳମଣି ମିଶ୍ର ଖ୍ରୀଷ୍ଟାବ୍ଦ ୧୯୧୮ ମସିହାରେ ଖୋର୍ଦ୍ଧା ଅନ୍ତର୍ଗତ ହଳଦିଆ ଗ୍ରାମରେ ବିଶିଷ୍ଟ ପଣ୍ଡିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ସାହିତ୍ୟାଚାର୍ଯ୍ୟ, ଧର୍ମଶାସ୍ତ୍ରାଚାର୍ଯ୍ୟ, ଓ ବେଦଶାସ୍ତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ଦୀର୍ଘକାଳ ଧରି ଧର୍ମଶାସ୍ତ୍ର ବିଭାଗରେ

ଅଧ୍ୟାପନା କରିବା ସଙ୍ଗେ ସଙ୍ଗେ ବହୁ ସଂସ୍କୃତ ଗ୍ରନ୍ଥର ସଂପାଦନା ତଥା ବହୁ ଗବେଷଣା ମୂଳକ ପ୍ରବନ୍ଧ ରଚନା କରିଥିଲେ ।

ଗତ ୧୯୮୭ ମସିହା ମେ ମାସ ଏକ ତାରିଖରେ "କେଦାରନାଥ ଗବେଷଣା ପ୍ରତିଷ୍ଠାନ" ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଆମ ପ୍ରତିଷ୍ଠାନର ଆରମ୍ଭ ଦିନରୁ ସେ ଆମ ସହିତ ସଂପୃକ୍ତ ଥିଲେ ଏବଂ ଆମ ପାଠାଗାରକୁ ଅନେକ ପୁସ୍ତକ ଦାନ କରିବା ସଙ୍ଗେ ସଙ୍ଗେ, ଆମ ଅନୁଷ୍ଠାନର ହିତ ଚିନ୍ତାରେ ସତତ ବ୍ରତୀ ଥିଲେ । ସ୍ୱର୍ଗୀୟ ଐତିହାସିକ କେଦାରନାଥ ମହାପାତ୍ରଙ୍କର "ସ୍ମୃତି ଦିବସ" ଟିକୁ ପଞ୍ଜିକାରେ ଉଲ୍ଲେଖ କରାଇବାରେ ତାଙ୍କ ଉଦ୍ୟମକୁ ଅମେ ଚିରଦିନ ସ୍ମରଣ କରିବୁ ।

ଗତ ୧୯-୨-୯୦ ସୋମବାର ରାତି ୧୨ଟା ୪୦ ମିନିଟ୍‌ରେ ହଠାତ୍ ହୃଦରୋଗରେ ସେ ଇହଲୋକ ତ୍ୟାଗ କରି ପରଲୋକ ଯାତ୍ରା କରିଛନ୍ତି । ଖୁବ୍ ସମ୍ଭବତଃ, ତାଙ୍କ ପରି ଜଣେ ବିଜ୍ଞ ପଣ୍ଡିତ ସୁବକ୍ତା, ନିରଳସ ତଥା ନିରାଡ଼ମ୍ବର ବ୍ୟକ୍ତିଙ୍କର ଆବଶ୍ୟକତା ଆଉ ପୂରିରେ ପଡ଼ିବାରୁ ବିଧି ନିର୍ଦ୍ଦେଶରେ ସେ ଆମମାନଙ୍କ ଗହଣରୁ ଚିର ବିଦାୟ ଗ୍ରହଣ କରିଛନ୍ତି ।

ଏହି ଦୁର୍ଭାଗ୍ୟଜନକ ଅବସରରେ ତାଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଆମେମାନେ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛୁ ।

ବନ୍ଧୁଗଣ, ପଣ୍ଡିତ କୁଳମଣି ମିଶ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ଆମେମାନେ ଦୁଇମିନିଟ୍ ଛିଡ଼ାହୋଇ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ।

ଶ୍ରୀ ବିମଳ କିଶୋର ମିଶ୍ର
ସଭାପତି
ଅଷ୍ଟାଦଶ ଆଲୋଚନା ଚକ୍ର
କେଦାରନାଥ ସ୍ମାରକୀ ବକ୍ତୃତାମାଳା

ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ

ସଂସ୍କୃତ ପରିବାରର ପ୍ରାଣ ସ୍ୱରୂପ ତଥା ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଅଭିଭାବକ ସ୍ୱରୂପ ଅବସରପ୍ରାପ୍ତ ଧର୍ମଶାସ୍ତ୍ରାଧ୍ୟାପକ ପଣ୍ଡିତ ଶ୍ରୀ କୁଳମଣି ମିଶ୍ରଙ୍କ ସ୍ୱର୍ଗାରୋହଣ ଉପଲକ୍ଷେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅଧ୍ୟକ୍ଷଙ୍କ ସମାବେଶରେ ଅଦ୍ୟ ତା ୨୧ । ୨ । ୯୦ ରିଖ ଅପରାହ୍ଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବହୁ ଶିକ୍ଷକ ଓ ଛାତ୍ର ମାନେ ସ୍ୱର୍ଗତ ପୁଣ୍ୟାତ୍ମାଙ୍କର ଗୁଣାବଳୀ କୀର୍ତ୍ତନ କରିଥିଲେ ଏବଂ ତାଙ୍କର ଅଲୌକିକ ବୈଦୁଷ୍ୟ, ସୁଜନତା, ସୁଶୀଳତା ସଚ୍ଚରିତ୍ରତା ଓ ଅକ୍ଳାନ୍ତ କର୍ମନିଷ୍ଠତା ପ୍ରଭୃତିର ଭୂୟସୀ ପ୍ରଶଂସା କରିଥିଲେ । ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ଆଜି ଏହି ଶୋକମୟ ବାତାବରଣରେ ଭଗବାନ୍ ଆପଣଙ୍କୁ ଏ ଦୁଃସହ ଦୁଃଖ ସହିବାକୁ ଅନନ୍ତ ଶକ୍ତି ପ୍ରଦାନ କରନ୍ତୁ । ଆପଣମାନଙ୍କ ଦୁଃଖରେ ଆମ୍ଭେମାନେ ମଧ୍ୟ ସମଦୁଃଖୀ । ଆମମାନଙ୍କୁ ଭଗବାନ ସେହି ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ କରନ୍ତୁ ।

। ଇତି ।

ଆପଣଙ୍କର ଶୋକସନ୍ତପ୍ତ
ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠୀୟ
ପରିବାରବର୍ଗ, ପୁରୀ
Sd/- Ketaki Nayak

ତା ୨୧-୨-୯୦

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟ, ପୁରୀ
(ସ୍ନାତକୋତ୍ତର ବିଭାଗ)

ସ୍ନାତକୋତ୍ତର ବିଭାଗର ସଂଯୋଜକ ତଥା ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ପଣ୍ଡିତ କୁଳମଣି ମିଶ୍ରଙ୍କର ବିୟୋଗରେ ଶୋକସଭା ।

(୧୯-୨-୯୦-ସମୟ ରାତି ୧୨-୩୦)

ସ୍ଥାନ-ସ୍ନାତକୋତ୍ତର ବିଭାଗ ପରିସର
ତା ୨୧ । ୨ । ୯୦
ସମୟ-୧୨-୩୦ ମିନିଟ୍ ମଧ୍ୟାହ୍ନ

ଅଦ୍ୟ ପଣ୍ଡିତ ଶ୍ରୀ ଭଗବତ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ମିଶ୍ରଙ୍କର ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁ, ପଣ୍ଡିତ ଦାମୋଦର ମିଶ୍ର, ପଣ୍ଡିତ ସୋମନାଥ ଦାଶ, ଅଧ୍ୟାପକ ଏବଂ ଗ୍ରନ୍ଥାଗାରୀ, ଗବେଷଣା ବିଭାଗର କର୍ମକର୍ତ୍ତା, ପୁସ୍ତକାଳୟ ବିଭାଗ, ସ୍ନାତକୋତ୍ତର ବିଭାଗ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଏବଂ ଗବେଷକ ଗଣ ଉପସ୍ଥିତ ଥିଲେ ।

ପଣ୍ଡିତ ମିଶ୍ର ଜଣେ ଉଚ୍ଚମାନର ଅଦ୍ୱିତୀୟ ସଂସ୍କୃତଜ୍ଞ ପଣ୍ଡିତ, ଗବେଷକ, ମିଷ୍ଟଭାଷୀ, ସହାସ୍ୟୀ ଏବଂ ଅପ୍ରତିଦ୍ୱନ୍ଦୀ ମହାନ ବ୍ୟକ୍ତି । ତାଙ୍କର ବିୟୋଗରେ ଯେଉଁ ଅପୂରଣୀୟ କ୍ଷତି ଘଟିଲା ତାହା ପୂରଣ ହୋଇପାରିବ ନାହିଁ । ଧର୍ମଶାସ୍ତ୍ର, ବେଦ, ସାହିତ୍ୟାଦି କ୍ଷେତ୍ରରେ ତାଙ୍କର ମହନୀୟ ଦାନ ପଣ୍ଡିତ ମହାଶୟଙ୍କର ଅକ୍ଷୟ ଯଶକୁ ଚିର ଅମ୍ଳାନ କରି ରଖିବ । ଆଜିର ଏହି ଦୁଃଖାସ୍ପଦ ମୁହୂର୍ତ୍ତରେ ଉକ୍ତ ସଭା ଗଭୀର ଶୋକ ପ୍ରକାଶ କରୁ ଅଛି ଏବଂ ସ୍ୱର୍ଗତ ଆତ୍ମାଙ୍କର ସଦ୍‌ଗତି ନିମନ୍ତେ ଗୀତାପାଠ ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଉ ଅଛି । ଏଥି ସହିତ ପଣ୍ଡିତ ମହାଶୟଙ୍କର ଶୋକ ସନ୍ତପ୍ତ ପରିବାରଙ୍କ ଧୈର୍ଯ୍ୟ ଦେବାପାଇଁ ଭଗବାନ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ପ୍ରାର୍ଥନା କରାଗଲା ।

B. P. Tripathy
22-2-90
Co-ordinator, P.G. Teaching, Department
Sri Jagannath Sanskrit Viswavidyalay, Puri

ଦଧିବାମନ ମଧ୍ୟମା ସଂସ୍କୃତ ବିଦ୍ୟାଳୟ
ଅସୁରେଶ୍ୱର, କଟକ

ଗତ ତା ୧୯-୨-୯୦ ରିଖ ରାତ୍ରରେ ପ୍ରବୀଣ ଅଧ୍ୟାପକ, ସୁଖ୍ୟାତି ସଂପନ୍ନ, ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ପଣ୍ଡିତ କୁଳମଣି ମିଶ୍ରଙ୍କର

ମହାପ୍ରୟାଣ ଯୋଗୁଁ ସାରରାଜ୍ୟର ଶିକ୍ଷା ଓ ସଂସ୍କୃତ ପ୍ରେମୀ ଜନସାଧାରଣ ମର୍ମାହତ ହୋଇଛନ୍ତି । ଉତ୍କଳର ଅଗଣିତ ଗୁଣ ମୁଗଧ ଗୁରୁବର୍ଗ ଓ ଶିକ୍ଷାବିତ୍ ତାଙ୍କ ଆଦର୍ଶ ଅଧ୍ୟାପନା, କର୍ତ୍ତବ୍ୟ ନିଷ୍ଠା ଓ ମହାନୁଭବତାର ସ୍ପର୍ଶ ପାଇଛନ୍ତି । ବହୁମୁଖୀ ପ୍ରତିଭାସଂପନ୍ନ ଏହି ପ୍ରବୀଣ ଶିକ୍ଷାବିତ୍ଙ୍କ ମହାପ୍ରୟାଣ ଯୋଗୁଁ ଆମ ଦେଶର ସଂସ୍କୃତାକାଶରୁ ଏକ ଜାଜ୍ଜ୍ୱଲ୍ୟମାନ ଜ୍ୟୋତିଷ୍କ ଅବଲୋପିତ ହୋଇଛନ୍ତି । ତାଙ୍କ ମହାପ୍ରୟାଣ ଯୋଗୁଁ ଆମ ଦେଶର ସଂସ୍କୃତ ଜଗତ ଜଗତର ଏକ ଅପୂରଣୀୟ କ୍ଷତି ଘଟିଛି । ଏହି ଶୋକାକୁଳ ଅବସରରେ ଅମ୍ଭ ଅନୁଷ୍ଠାନ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଆନ୍ତରିକ ସମବେଦନା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ପରମେଶ୍ୱରଙ୍କ ନିକଟରେ ତାଙ୍କ ଆତ୍ମାର ସଦ୍ଗତି କାମନା କରୁଅଛି ।

ଶ୍ରୀ ମୁରଲୀଧର ନନ୍ଦ
ପ୍ରଧାନପଣ୍ଡିତଃ
୨୨-୨-୯୦ ଦଧିବାମନ ମଧ୍ୟମା ସଂସ୍କୃତ ବିଦ୍ୟାଳୟ

ନିଖିଳ ସଦ୍ଗୁଣ ବିମଣ୍ଡିତାନାଂ ପଣ୍ଡିତ ସକାଶାନାଂ

୰ କୁଳମଣି ମିଶ୍ର ମହୋଦୟାନାଂ ସ୍ୱର୍ଗମନେ

ସଶୋକେୟଂ ପ୍ରଶସ୍ତିଃ

ଶ୍ରୀଯୁକ୍ତୋ ଭୋ ! କୁଳମଣି ! ମହାନ କୌସ୍ତୁଭୋ ମିଶ୍ରବନୋ ।
ସେବାଂ କୃତ୍ୱା ବିବୁଧ ବଚସଃ କନୁ ଧର୍ମ୍ମ ପ୍ରବକ୍ତା ।
ତଦ୍ବ୍ୟାଖ୍ୟାତୁଂ ତ୍ରିଦଶନଗରଂ ଗତ୍ୱା ତୌରର୍ଥ୍ୟ ମାନଃ
ବକ୍ଷୋବକ୍ଷସ୍ଥଳମଧିଗତୋ ହା ଭ୍ରମସ୍ଥାନ୍ ବିହାୟ ॥ ୧ ॥

ସ୍ୱୟମେବ ଜଗତ୍ପତିଃ ସଦା ଖଳୁ ନୀଳାଦ୍ରିଗୃହେ ବସତ୍ୟହୋ ।,
ହିନ୍ନ ସୁପ୍ରଶୟସ୍ତଥାପି ତେ ନହି ଗମ୍ୟା ମହତାଂ ବିବେଚନା ॥ ୨ ॥

ସରଳଃ ବୁଧ ! ଶାନ୍ତ ଭାସ୍କର ସ୍ତବ ଶୀଳଃ ପ୍ରିୟ ଶିଷ୍ୟ ବତ୍ସଳଃ ।
ଜନତା ନତିଭିଷ୍ଟ ସୁନ୍ଦରଃ ବିଦୁଷାମପ୍ୟୁପଦେଶତାଂ ଗତିଃ ॥ ୩ ॥

ବୁଧଶିଷ୍ୟଗଣା ଗୁଣାନ୍ୱିତା ରଚିତ ଗ୍ରନ୍ଥ ଚୟୋଽପି ପଣ୍ଡିତ ।
ଅମରାଳୟଂ ଗାମିନସ୍ତୁ ତେ ଖଳୁ କୀର୍ତ୍ତିଂ ପ୍ରବଦନ୍ତୁ ଭୂତଳେ ॥ ୪ ॥

ଜଗତାଂ ପତି ପାଦପଦ୍ମୟୋଃ ବତ ବିଦ୍ୟାଳୟ ଏଷ ସଂସ୍କୃତଃ,
ବିର । ସଦ୍‌ଗତୟେ ତବାତ୍ମନଃ ନିତରାଂ କାମୟତ ଏବସାନ୍ତରମ୍ ॥ ୫ ॥

ଶୋକସଂତପ୍ତସ୍ୟ
ସର୍ବାଧ୍ୟାପକସ୍ୟ

ତା ୨୫-୨-୯୦

ଶ୍ରୀ ହୃଷୀକେଶ ମିଶ୍ର ଶର୍ମ୍ମଣଃ
ଅଧ୍ୟକ୍ଷ
ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ
ଭୋଗରାଇ

ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ମହାଶୟ,

ଗତ ତା ୨୪-୨-୯୦ ରିଖରେ ଅନୁଷ୍ଠିତ ମୁକ୍ତିମଣ୍ଡପ ପାଣ୍ଡିତସଭାରେ ଗୃହୀତ ପ୍ରସ୍ତାବର ଏକ ନକଲ ଏଥି ସହ ପଠାଇଲୁ । । ଇତି ।

ବିଶ୍ୱସ୍ତ

୨୬-୨-୯୦

ଶ୍ରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ
ସଂପାଦକ

ପ୍ରସ୍ତାବର ନକଲ

ତା ୧୯-୨-୯୦ ରିଖ ସୋମବାର ରାତ୍ର ସାର୍ଦ୍ଧ ୧୨ ଘଟିକା ସମୟରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ସଭାପତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ, ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଭୂତପୂର୍ବ ଧର୍ମଶାସ୍ତ୍ରାଧ୍ୟାପକ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅତିଥି,

ପ୍ରାଧାପକ ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କ ମହାପ୍ରାୟାଣଯୁରେ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଗମ୍ଭୀର ଶୋକରେ ଅଭିଭୂତ ହୋଇ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ଦେବଙ୍କ ଶ୍ରୀ ଚରଣତଳେ ପ୍ରାର୍ଥନା କରୁଛି ଓ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଉ-ଅଛି ।

ସଂସ୍କୃତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡି

୰ ପଣ୍ଡିତ କୁଳମଣି ମିଶ୍ର ଶର୍ମାଙ୍କ ବିୟୋଗରେ ଆମ ଛାତ୍ର ସଂଘର ସଦସ୍ୟମାନେ ଗମ୍ଭୀର ଶୋକ ପ୍ରକାଶ କଲୁ ଏବଂ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛୁ । ॥ ଇତି ॥

୨୬-୨-୯୦

ଶ୍ରୀ ମନୋଜ କୁମାର ତ୍ରିପାଠୀ

ପ୍ରେସିଡେଣ୍ଟ, ସଂସ୍କୃତ କଲେଜ ଛାତ୍ର ସଂଘ,

ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ପୁରୀ

ସ୍ୱର୍ଗତ କୁଳବୃଦ୍ଧ ପଣ୍ଡିତ କୁଳମଣି ମିଶ୍ରଙ୍କ ଦଶାହ ଉପଲକ୍ଷେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଫେବୃୟାରୀ ୨୮ ତାରିଖରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅଧକ୍ଷ ସମସ୍ତେ ବିଷ୍ଣୁସହସ୍ରନାମ ମିଳିତ କଣ୍ଠରେ ପାଠକରିଥିଲେ । ପଣ୍ଡିତ ମହାଶୟଙ୍କ ଆତ୍ମାର ଶାନ୍ତି କାମନା କରି ବିଦ୍ୟାପୀଠରେ ଜଗନ୍ନାଥଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ଓ ସମସ୍ତେ ସମବେତ ସ୍ୱରରେ ଶ୍ରୀଜଗନ୍ନାଥାଷ୍ଟକ ଗାନ କରିଥିଲେ । ପୁଣ୍ୟ ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ମିଳିକ ପ୍ରାର୍ଥନା କରିଥିଲେ ।

କେତକୀ ନାୟକ

ପ୍ରିନ୍‌ସିପାଲ, ଶ୍ରୀ ସ. ସଂ. କେ. ବି.

ଶ୍ରୀ ଜଗନ୍ନାଥ ଲହିରୀ

A month piece of Srijagannath Encyclopaedia
Dolagobindapur P.O. Birapratappur, Puri

Sir,

Prayer has been performed before lord Jagannath for Eternal peace of your deceased father Pandit Kulamani Mishra.

Yours Sincerely
Managing Editor
Sri Jagannath Lahiri

ସ୍ୱାସ୍ଥ୍ୟବିଳାସ, ବ୍ରହ୍ମପୁର

ପଣ୍ଡିତ କୁଳମଣି ମିଶ୍ରଙ୍କର ପରଲୋକ ।

ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସୁନାମଧନ୍ୟ ପଣ୍ଡିତ କୁଳମଣି ମିଶ୍ର ୭୨ ବର୍ଷ ବୟସରେ ପୁରୀ ସହରସ୍ଥ ବାସଭବନରେ ଗତ ୧୯-୨-୯୦ ତାରିଖରେ ପରଲୋକ ଗମନକଲେ । ତାଙ୍କର ମୃତ୍ୟୁ ସଂବାଦ ପ୍ରଚାରିତ ହେବାକ୍ଷଣି ସର୍ବତ୍ର ଶୋକର ଛାୟା ଖେଳିଯାଇଥିଲା । ୰ମିଶ୍ର ଦୀର୍ଘଦିନ ଧରି ଶ୍ରୀ ସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠର ଧର୍ମଶାସ୍ତ୍ର ଅଧ୍ୟାପକ ଥିଲେ । ଅବସର ଗ୍ରହଣପରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟର ଅତିଥି ପ୍ରାଧ୍ୟାପକ ରୂପେ କାର୍ଯ୍ୟ କରୁଥିଲେ । ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଏବଂ ଆଦର୍ଶ ଅଧ୍ୟାପକ ଥିଲେ । ତାଙ୍କର ଛାତ୍ର ଆଜି ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି ।

୰ ମିଶ୍ରଙ୍କର ମୃତ୍ୟୁରେ ଶୋକସଭା

ପଣ୍ଡିତ କୁଳମଣି ମିଶ୍ରଙ୍କର ମୃତ୍ୟୁରେ ସ୍ୱାସ୍ଥ୍ୟ ବିଳାସ କାର୍ଯ୍ୟାଳୟଠାରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ମିଶ୍ରଙ୍କର ଗୁଣ କୀର୍ତ୍ତନ କରିବାପରେ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।

—ସ୍ୱାସ୍ଥ୍ୟ ବିଳାସ—

ଜନ୍ମ ଓ ବାଲ୍ୟଜୀବନ

ବଂଶାବଳୀ

ପଣ୍ଡିତ କୁଳମଣି ମିଶ୍ରଙ୍କର ପୂର୍ବପୁରୁଷ ବାସ କରୁଥିଲେ ଶ୍ରୀକ୍ଷେତ୍ର (ପୁରୀ) ନିକଟସ୍ଥ ବାସୁଦେବପୁର ଶାସନରେ । ତାଙ୍କର ଏଗାର ପୁରୁଷ ପୂର୍ବେ ଶ୍ରୀ ବିଶ୍ୱେଶ୍ୱର ମିଶ୍ର ଆଦି ତିନିଭାଇ ବାସୁଦେବ ପୁରରୁ ତିନିଗୋଟି ଭିନ୍ନ ଭିନ୍ନ ସ୍ଥାନକୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବଡମ୍ବାରେ, ଜଣେ ନରସିଂହପୁରରେ ଓ ଅନ୍ୟଜଣେ (ବିଶ୍ୱେଶ୍ୱର ମିଶ୍ର) ହିଳନ୍ଦିଆରେ ସ୍ଥାୟୀଭାବରେ ବାସକରିଥିଲେ । ହିଳନ୍ଦିଆରେ ବ୍ରାହ୍ମଣ ନଥିବାରୁ ସେଠାରେ ରାଜା ବିଶ୍ୱେଶ୍ୱର ମିଶ୍ରଙ୍କୁ ଭୂମିଆଦି ଦାନଦେଇ ନିମନ୍ତ୍ରଣ କରି ଡକାଇଥିବାର ଜଣାଯାଏ । ଶ୍ରୀଯୁକ୍ତ ପଣ୍ଡିତ ମହାଶୟ ତାଙ୍କ ସଂପାଦିତ "କାଳଦୀପ" ପୁସ୍ତକର ଶେଷ ପୃଷ୍ଠାରେ ତାଙ୍କ ବଂଶପରମ୍ପରା ନିମ୍ନମତେ ଉଲ୍ଲେଖ କରିଛନ୍ତି ।

ଏକୋ ଭ୍ରାତା ବଡମ୍ବାୟାମ୍, ଏକଃ ନରସିଂହପୁରେ, ଅନ୍ୟଃ ବିଶ୍ୱେଶ୍ୱର ମିଶ୍ରଃ ହଲଦାୟାମ୍ ।

ବିଶ୍ୱେଶ୍ୱର ମିଶ୍ର
| (ପୁତ୍ର)
ଯଦୁନାଥ
| (ପୁତ୍ର)
ନାରାୟଣ ମିଶ୍ର
| ପୁତ୍ର (ପ୍ରଥମ ସ୍ତ୍ରୀ)
ଜଗନ୍ନାଥ ମିଶ୍ର
| (ପୁତ୍ର)
ଯମେଶ୍ୱର ମିଶ୍ର
| (ପୁତ୍ର)

- ଧନେଶ୍ୱର
  - ନୀଳାମ୍ବର
    - ମାଧବ
    - ଶତାନନ୍ଦ (ମିଚ୍ଛୁ ମିଶ୍ର)
      - ଦାମୋଦର
      - ଶ୍ୟାମ
        - ବୈଦ୍ୟନାଥ
          - ଗଦାଧର ମିଶ୍ର (ସ୍ତ୍ରୀ କମଳାଦେବୀ)
            - **କୁଳମଣି ମିଶ୍ର**
              - ଉମାକାନ୍ତ ମିଶ୍ର (ପୁତ୍ର) ୪
              - ରମାକାନ୍ତ ମିଶ୍ର (ପୁତ୍ର) ୫
              - ଶାନ୍ତି (କନ୍ୟା) ୧
              - ବାସନ୍ତୀ (କନ୍ୟା) ୨
              - ମୀନାକ୍ଷୀ (କନ୍ୟା) ୩
            - ଚନ୍ଦ୍ରଶେଖର ମିଶ୍ର
  - ବିଶ୍ୱମ୍ଭର
  - ପଦ୍ମନାଭ
- ଜୀବନ
- ମୁକୁନ୍ଦ
- ମୁରାରି
- ଦୀନବନ୍ଧୁ

ମିଚ୍ଛୁ ମିଶ୍ରଙ୍କର ଅନ୍ୟନାମ ଶତାନନ୍ଦ ମିଶ୍ର ଥିଲା ଦାନପତ୍ରାନୁସାରେ ରାମଚନ୍ଦ୍ର ଦେବ ମହାରାଜାଙ୍କର ୧୩ ଅଙ୍କରେ ଓ ୪୨ ଅଙ୍କରେ ସେ ଭୂମି ପ୍ରତିଗ୍ରହ କରିଥିଲେ । ସେ ୧୨୪୦ ଉଲ୍ଲିଖିତାବ୍ଦରେ (୧୮୩୩ ଖ୍ରୀଷ୍ଟାବ୍ଦ) ୧୨୫୩ ଅବ୍ଦରେ (ଖ୍ରୀଷ୍ଟାବ୍ଦ ୧୮୪୯) ରେ ମଧ୍ୟ ଜୀବିତ ଥିଲେ । ଖ୍ରୀଷ୍ଟାବ୍ଦ ୧୮୬୦ ବେଳକୁ ସେ ଜୀବିତ ନଥିଲେ । ତାଙ୍କର ପିତା ନୀଳାମ୍ବର ମିଶ୍ର ଦିବ୍ୟସିଂହ ଦେବଙ୍କର ଦ୍ୱାଦଶ ଅଙ୍କରେ ଜୀବିତ ଥିଲେ ।

* ହଳଦିଆ ରାଜବଂଶ

ହରିଦ୍ରାଧିପତିଃ ଶ୍ରୀମାନ୍ ଜଗନ୍ନାଥାଭିଧୋ ନୃପଃ
ତତ୍ପୁତ୍ରଶ୍ଚୈବ ପ୍ରହ୍ଲାଦୋ ଗୋପୀନାଥସ୍ତୁ ତତ୍ସୁତଃ ।
ତସ୍ୟ ପୁତ୍ରଶ୍ଚ ଭଗବାଂ ସ୍ତତ୍ପୁତ୍ରଃ ଶ୍ୟାମସୁନ୍ଦରଃ ।
ତତ୍ପୁତ୍ର କୃଷ୍ଣଚନ୍ଦ୍ରଶ୍ଚ ଭଞ୍ଜବଂଶ ସମୁଦ୍ଭବଃ ।
ପୀତବାସାଶ୍ଚ ତତ୍ପୁତ୍ରଃ କୃତ ବାନତ୍ତପପୃତଃ
ପ୍ରାସାଦଂ ରଘୁନାଥସ୍ୟ ତଦନୁଗ୍ରହକାଂକ୍ଷୟା ॥

ପୀତବାସ ଙ୍କର ଜଗଦେବଙ୍କ ପୁତ୍ର ରଘୁନାଥ, ତାଙ୍କ ପ୍ରପୁତ୍ର ଶ୍ରୀମାନ୍ ନାରାୟଣଭଞ୍ଜ ସଂପ୍ରତି ହଳଦିଆ ରାଜପରିବାରର ଉତ୍ତରାଧିକାରୀ ଅଛନ୍ତି ।

ପିତା ଗଦାଧର ମିଶ୍ର

ପଣ୍ଡିତ ମହାଶୟଙ୍କର ପୂଜ୍ୟ ପିତା ପଣ୍ଡିତ ଗଦାଧର ମିଶ୍ର, କାବ୍ୟତୀର୍ଥ ପୁରୀ ସଂସ୍କୃତ କଲେଜରେ ଅଧ୍ୟୟନ କରିଥିଲେ । ସେ ଜଣେ ପାରମ୍ପରିକ ଆଚାରର ନୈଷ୍ଠିକ ବ୍ରାହ୍ମଣ ଥିଲେ । ବହୁଦିନ ଧରି ଗାଁ ସ୍କୁଲରେ ଶିକ୍ଷକତା କରିଥିଲେ ।

ପଣ୍ଡିତ କୁଳମଣି ମିଶ୍ରଙ୍କ ଜନ୍ମପରେ ଜଣେ ଜ୍ୟୋତିଷ ତାଙ୍କ ଜାତକ ଦେଖି ଫିଙ୍ଗିଦେଇଥିଲେ । ତାର କାରଣ ପଚାରିବାରୁ ଜ୍ୟୋତିଷ କହିଲେ ଯେ ଜାତକ ଭଲ, ମାତ୍ର ବାଲାରିଷ୍ଟ ଅଛି । ଏହା ଶୁଣି ଗଦାଧର ମିଶ୍ର ପୁଅର ଜାତକ ବିଷୟରେ ଅଧିକା ଜାଣିବା

---

* ଏହି ଶ୍ଲୋକ ପଣ୍ଡିତ ମହାଶୟଙ୍କ ପିତା ଶ୍ରୀ ଗଦାଧର ମିଶ୍ର ଲେଖିଥିଲେ । ପଣ୍ଡିତ କୁଳମଣି ମିଶ୍ରଙ୍କର ସମ୍ପାଦିତ "କାଳଦୀପ"ର ଶେଷପୃଷ୍ଠା ଦ୍ରଷ୍ଟବ୍ୟ ।

ପାଇଁ ନିଜେ ନିଜେ ଜ୍ୟୋତିଷ ପଢ଼ିବା ଆରମ୍ଭକଲେ । ପରବର୍ତ୍ତୀ କାଳରେ ଜାତକ ଗଣନା କରିବାରେ ସେ ସିଦ୍ଧହସ୍ତ ହୋଇଯାଇ-ଥିଲେ ।

ଆବିର୍ଭାବ

୧୯୧୮ ମସିହା ଡ଼ିସେମ୍ବର ୨୨ ତାରିଖ ପୌଷ କୃଷ୍ଣ ପଞ୍ଚମୀ ଧନୁ ୮ଦିନ ରବିବାର ସୂର୍ଯ୍ୟାସ୍ତରେ କୁଳମଣି ମିଶ୍ର ପିତା ଗଦାଧର ମିଶ୍ର ଓ ମାତା କମଳାଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ । ଗଦାଧର ମିଶ୍ରଙ୍କ ବଡ଼ଭାଇ ଶ୍ରୀଯୁକ୍ତ ଭିକାରି ମିଶ୍ର ବହୁତ ଆଗରୁ ଇହଧାମ ତ୍ୟାଗ କରିଥାନ୍ତି । ତାଙ୍କ ସ୍ତ୍ରୀ (ପଣ୍ଡିତ ମହାଶୟଙ୍କ ଦେଠେଇ)ଙ୍କର ସନ୍ତାନ ସନ୍ତତି ନଥାଏ । ଗଦାଧର ମିଶ୍ରଙ୍କ ନବଜାତ ଶିଶୁ କୁ ଦେଖି ସେ କହିଲେ "ଏ ପୁଅଟି ମୋର" । ପରବର୍ତ୍ତୀ କାଳରେ ପଣ୍ଡିତ ମହାଶୟ ତାଙ୍କର ବଡ଼ବୋଉ ଓ ବୋଉ ଉଭୟଙ୍କୁ ସମାନ ଭାବରେ ଶ୍ରଦ୍ଧା ଓ ଭକ୍ତି କରୁଥିଲେ ।

ଜନ୍ମ କୁଣ୍ଡଳୀ

ଜାତକ ୧୯୧୮ ଡ଼ିସେମ୍ବର ୨୨ ରବିବାର ପୌଷ କୃଷ୍ଣ ୫ମୀ ଧନୁ । ଦିନ ।



କେତୁ ମହାଦଶା ଜନ୍ମସମୟକୁ ବାକି ୩ବର୍ଷ ୧୧ ମାସ ୨୦ ଦିନ ।

ତୁଳସୀ ଦୁଇପତ୍ରରୁ ବାସେ । ବାଲ୍ୟକାଳର କେତୋଟି ଘଟଣାରୁ ପଣ୍ଡିତ ମହାଶୟଙ୍କର ଅହିଂସା, ସତ୍ୟନିଷ୍ଠା ଓ ଧାର୍ମିକ ମନୋଭାବର ପରିଚୟ ମିଳିଥିଲା ।

ପିଲାଦିନେ ସେ ବାଲୁକାରେ ଶିବଲିଙ୍ଗ ନିର୍ମାଣକରି ସେହି ମୂର୍ତ୍ତିରେ ଫୁଲ ଇତ୍ୟାଦି ଦେଇ ପୂଜା କରୁଥିଲେ ।

ଥରେ ଗାଁର ଗୋପୀ ଧଳ ପଣ୍ଡିତ ମହାଶୟଙ୍କୁ ଗୋଟିଏ ଆମ୍ବ ଯାଚିଲେ ମଧ୍ୟ ମନାକଲେ । ତାହାଦେଖି ଧଳ ତାଙ୍କ ପିତାଙ୍କୁ କହିଲେ । ଆପଣ ପୁଅକୁ ପିଲାଦିନରୁ ଏପରି ଶିକ୍ଷା ଦେଇଛନ୍ତି ଯେ ସେ ଆମ୍ବ ଗ୍ରହଣ କରୁନାହିଁ ।" ମାତ୍ର ଗଦାଧର ମିଶ୍ର କହିଲେ ଏପରି ଶିକ୍ଷାତ ବରଂ ପିଲାଟି ସ୍ୱତଃ ନନେବାରୁ ତାର ନିର୍ଲୋଭତା ଗୁଣ ପ୍ରତିପାଦିତ ହେଉଛି । ବାସ୍ତବିକ ପରବର୍ତ୍ତୀକାଳରେ ପଣ୍ଡିତ ମହାଶୟଙ୍କ ଜୀବନରେ ତାହା ପ୍ରତିଭାତ ହୋଇଥିଲା ।

ସାତ/ଆଠ ବର୍ଷ ହେଲା ଦିନରୁ ସେ ଘରର ଯାବତୀୟ ବ୍ୟବହାର୍ଯ୍ୟ ଜିନିଷପତ୍ର ନିଛ ତଦାରଖରେ ଦୋକାନରୁ କିଣିବାକୁ ଯାଉଥିଲେ । ପଣ୍ଡିତ ମହାଶୟଙ୍କର ପିତା ଗ୍ରାମ୍ୟ ବ୍ୟାଙ୍କରେ କରୁଥାନ୍ତି । ଲୋକ ମାନଙ୍କର ଋଣ ଓ ପରିଶୋଧ ବାବଦଟଙ୍କା ଅନେକ ସମୟରେ ନିଜଘରେ ରଖିବାକୁ ପଡୁଥାଏ । ପିଲାଦିନରୁ ପଣ୍ଡିତ ମହାଶୟଙ୍କର ଦାୟିତ୍ୱ ପୂର୍ଣ୍ଣତାର ଲକ୍ଷଣ ପରିଲକ୍ଷିତ କରି ତାଙ୍କ ପିତା ତାଙ୍କୁ ଟଙ୍କା ବାକ୍ସର ଚାବି ଦେଇଥାନ୍ତି । ସେତେବେଳେ ଆଲୋକର ସେତେ ସୁବିଧା ନଥାଏ ଆବଶ୍ୟକ ପଡ଼ିଲେ ଅନେକ ସମୟରେ ସେ ଅନ୍ଧାରରେ ମଧ୍ୟ ଠିକ୍ ଭାବରେ ଟଂକା କାଢି ଆଣି ଲୋକଙ୍କୁ ଦେଇପାରୁଥିଲେ ।

ଥରେ ପଣ୍ଡିତ ମହାଶୟ ମାମୁଁଘର ପାଖ ଜଣେ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ତାଙ୍କଘରେ ଦୁଇଦିନ ରହି ଫେରିଲେ । ଗଦାଧର ମିଶ୍ର ରକ୍ଷଣଶୀଳ ନୈଷ୍ଠିକ ବ୍ରାହ୍ମଣ । ପୁଅ ଅନ୍ୟ ପାକରେ ଭୋଜନ କରିଥିବା

ଯାହାଙ୍କ ଆଶୀର୍ବାଦରେ ଜୀବନବାଟିକା ଗଢ଼ିଉଠିଛି

ନନା
ଶ୍ରୀ ଗଦାଧର ମିଶ୍ର

ବୋଉ
ବିମଳା ଦେବୀ

ବଡ ବୋଉ
ଲବଣ୍ୟ ଦେବୀ

ସାହିତ୍ୟ ଗୁରୁ
ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ର



ଶ୍ୱଶୁର ଏବଂ ଶାଶୁ
ଶ୍ରୀ ଦିବାକର ତ୍ରିପାଠୀ

ଆଦ୍ୟଗୁରୁ ଏବଂ ଗୁରୁପତ୍ନୀ
ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ଶୁଣି ସେ ଆଦେଶ ଦେଲେ —'ସେମିତ୍ତ ଦାଣ୍ଡ ଦୁଆରେ ଠିଆ-ହୋଇଥା । ଗୋବର ପାଣି ପିଇଲେ ଘରକୁ ଆସିବୁ ।' ଏହାକହି ସେ ଘରକୁ ଯାଇ ନିତ୍ୟକର୍ମ କଲେ । ଠାକୁରପୂଜା ସାରି ସେ ଯେତେ-ବେଳେ ଦାଣ୍ଡପଟକୁ ଯା'ନ୍ତି, ପଣ୍ଡିତ ମହାଶୟ ଦାଣ୍ଡପଟେ ସେହିପରି ଠିଆହୋଇଥାନ୍ତି । ଏତେ ସମୟ ଠିଆ ହୋଇଥିବାର ଦେଖି ତାଙ୍କର ଦୟା ହେଲା ଓ ସେ ପୁଅକୁ ଡ଼ାକନେଲେ ।

ଉପନୟନ

୭ବର୍ଷ ଦୁଇମାସରେ ପଣ୍ଡିତ ମହାଶୟଙ୍କର ବ୍ରତୋପନୟନ ହୋଇଥିଲା । ପିତା ଗଦାଧର ମିଶ୍ର ଏହି ଉପଲକ୍ଷେ ଏକ ବିରାଟ ଭୋଜିର ଆୟୋଜନ କରିଥିଲେ । ଗାଁର ସବୁ ବର୍ଗର ଲୋକଙ୍କୁ ସେ ନିମନ୍ତ୍ରଣ କରିଥିଲେ । ଏହି ଘଟଣା କେତେକ ବ୍ୟକ୍ତିଙ୍କ ଚକ୍ଷୁଶୂଳ ହୋଇଥିଲା । ସେମାନେ କ୍ଷୁବ୍ଧ ହୋଇ କହିଲେ "ପଣ୍ଡିତ ଗଦାଧର ମିଶ୍ରଙ୍କର ବହୁତ ଟଙ୍କା ହେଲାଣି । ସେ ଆଉ ସ୍କୁଲରେ ରହିବା ଠିକ୍ ହେବନାହିଁ ।" ପରେ ପରେ ସ୍କୁଲ ପରିଚାଳନା କମିଟିରେ ପ୍ରସ୍ତାବ ପକାଇ ଗଦାଧର ମିଶ୍ରଙ୍କୁ ଶିକ୍ଷକ ପଦରୁ ଅନ୍ତର କରିଦେଇଥିଲେ ।

ବ୍ରତଘରର ଖର୍ଚ୍ଚ ନିମ୍ନ ପ୍ରକାରରେ ହୋଇଥିଲା ।

ପଣ୍ଡିତମହାଶୟଙ୍କ ବ୍ରତଘର ଖର୍ଚ୍ଚ ତାଲିକା

ଘିଅ	ଟ ୧୦
ଗୁଡ଼	ଟ ୫
ପରିବା	ଟ ୫
ଗୋରସ	ଟ ୧୦
ଚିନି	ଟ ୩
ଗହମ ପାଲୁଅ	ଟ ୩
ହରଡ଼	ଟ ୧
ତେଲ	ଟ ୧
ହଳଦୀ	ଟ ୧
ମସଲା ଓଗେର	ଟ ୧
ଖଇ	ଟ ୦ ୮ଅ
ମସିଣା ଓ ଛତା	ଟ ୦ ୮ଅ
ହାଣ୍ଡି	ଟ ୨
ଲୁଣ, ଲଙ୍କାମରିଚ	ଟ ୧
ଆସନ	ଟ ୧
ଚୁଡ଼ା	ଟ ୬
ଲିଆ	ଟ ୩
ବାଦାମ୍	ଟ ୩
ନଡ଼ିଆ	ଟ ୨
ଗୁଆ	ଟ ୧
ପାନ	ଟ ୦ ୮ଅ
ନିମନ୍ତ୍ରଣ	ଟ ୩
ବେଦୀଲୁଗା	ଟ ୩
ମାଇପି ଲୁଗା	ଟ ୧୫
ବନ୍ଧୁ ଲୁଗା	ଟ ୧୨
ବାଜେଲୁଗା	ଟ ୫
ବାଜେଖର୍ଚ୍ଚ	ଟ ୧୫

ଜମା

ଗୋପୀ ମିଶ୍ରେ	
ଧାର ଦେବେ	ଟ ୫୦
ଭାଇଗ ମିଶ୍ରେ	
ଧାରଦେବେ	ଟ ୫
ଦରମା	ଟ ୨୬ ୧୦ଅ
ମୋଟ	ଟ ୮୧ ୧୦ ଅ
ନିଜ ହାତରେ	ଟ ୪ ୯ଅ ୩ପା
ମୋଟ	ଟ ୮୬ ୩ଅ ୩ପା
ଭାଇଗ ମିଶ୍ରେ	
ଧାର ଦେବେ	ଟ ୧୫
ଠକ୍କୁ ମିଶ୍ର	ଟ ୫
ମୋଟ	ଟ ୧୦୬ ୩ଅ ୩ପ

(ପଣ୍ଡିତ ମହାଶୟଙ୍କ ଦ୍ୱାରା ସୁରକ୍ଷିତ ପଣ୍ଡିତ ମହାଶୟଙ୍କ ପୂଜ୍ୟ ପିତା ଶ୍ରୀ ଗଦାଧର ମିଶ୍ରଙ୍କ ସ୍ୱହସ୍ତ ଲିଖିତ ତାଲିକାରୁ ଉଦ୍ଧୃତ)

ଚ_ଢଘର ଖର୍ଚ୍ଚ

ମହାଦେବ ରଥ ଘିଅ	ଟ	୧୦
ନୀଳାଦ୍ରୀ	ଟ	୩
ଷଣ୍ଢ ପାଣ୍ଢ କଦଳୀ	ଟ	୩
ଦୁର୍ଗାଚରଣ ଦହି	ଟ	୨
ମହାନ ସାନ୍ତର ଦୁଧ	ଟ	୧
ବୈରାଗୀ ନଡ଼ିଆ	ଟ	୧
ନିମନ୍ତ୍ରଣ ନଡ଼ିଆ	ଟ	୦ ୫ଅ ୩ପା
ଛ[illegible]ପଟ		
ଶ୍ରୀ ମହାପ୍ରସାଦ	ଟ	୫ଅ ୬ପା

ଗୋପାଳ ଘରଖର୍ଚ୍ଚ

ହେଲ	ଟ	୦ ୨ଅ
ଚିଠି ଲେଖା	ଟ	୦ ୨ଅ
ଲିଙ୍ଗରାଜ ଦାଶ ଧାର	ଟ	୩
	ଟ	୨୫ ୧.୪ଅ
ଭାଇଗ ମିଶ୍ରେ ନଟ	ଟ	୧୫
ନଟ	ଟ	୦ ୪ଅ
ମୋଟ	ଟ	୪୧ ୨ଅ ୯ପା

ମୋଟ	ଟ	୪୧ ୨ଅ
	ଟ	୩
	ଟ	୪୪ ୨ଅ ୯ପା

ଘଠାଣି ବେହେରା ଚୁଡ଼ା ଟ୧ଙ୍କା କୁ ଗୌ ୪ ଦର ଗୌ ୨୮କୁ ଟ୭ଙ୍କା ନେଲ ।

ଆନନ୍ଦ ପୃଷ୍ଟି ଲିଆ ଟ୨ଙ୍କା ଦର ଗୌ ୨୨

ପାଲୁଅ ଓଗ୍ରେ ଖର୍ଚ୍ଚ	ଟ	୨ ୭ଅ
ଘରକୁ ନବ	ଟ	୦ ୩ଅ
ମୋଟ	ଟ	୧୧ ୧୦ଅ
ଲୋକନାଥ ଗୀନାକୁ	ଟ	୦ ୧ଅ ୩ପା
ଗୋପାଳ ପାନକୁ	ଟ	୦ ୧୦ଅ
ହଳଦ ଓଗ୍ରେ	ଟ	୦ ୧୦ଅ ୭ପା

.... ଇତ୍ୟାଦି

ଶିକ୍ଷା

ପ୍ରାଥମିକ ବିଦ୍ୟାଳୟ ଶିକ୍ଷା

ପଣ୍ଡିତ କୁଳମଣି ମିଶ୍ର ୧ମ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଗାଁ ସ୍କୁଲରେ ପଢ଼ିଥିଲେ । ତୃତୀୟ ଶ୍ରେଣୀରେ ପଢ଼ିଲା ବେଳର ଘଟଣା । ଥରେ ସ୍କୁଲରେ ମାଟିର କରମଙ୍ଗା ତିଆରି କରିବାକୁ କୁହାହୋଇଥିଲା । ସବୁ ପିଲାମାନେ ପାଲିସ୍ କରି ସୁନ୍ଦର ଭାବରେ ତିଆରି କରିଥିଲେ । କିନ୍ତୁ ପଣ୍ଡିତ ମହାଶୟ ଆବୁଡ଼ା ଖାବୁଡ଼ା କରି ତିଆରି କରିଥିଲେ । କିନ୍ତୁ ଦେଖାଗଲା ଯେ କାହାର ଗୃତଟା କୋଣ ତ କାହାର ୬ଟା କୋଣ । କେବଳ ପଣ୍ଡିତ ମହାଶୟ ତିଆରି କରିଥିବା କରମଙ୍ଗାରେ ୫ଟି କୋଣ ଥିଲା । ଶିକ୍ଷକମାନେ ଏ ବିଷୟରେ ବିଶେଷ ଭାବରେ ଆଲୋଚନା କରି ବିଭିନ୍ନ ପ୍ରକାରର ତର୍କ ବିତର୍କ କରିଥିଲେ । ଶେଷରେ ପଣ୍ଡିତ ମହାଶୟଙ୍କ କରମଙ୍ଗା ହିଁ ଠିକ୍ ବୋଲି ନିର୍ଣ୍ଣୟ ହୋଇଥିଲା । ସେଥିରେ ସେ ପ୍ରଥମ ପୁରସ୍କାର ପାଇଥିଲେ ।

ପିଲାଟି ଦିନରୁ ତାଙ୍କର ଅହିଂସା ମନୋଭାବର ପରିଚୟ ମିଳିଥିଲା । ଶ୍ରେଣୀରେ ଶିକ୍ଷକ ଯଦି ଅନ୍ୟ ପିଲାଙ୍କର କାନ ମୋଡ଼ିବାକୁ କହୁଥିଲେ ସେ ମୋଡ଼ୁ ନଥିଲେ । ଏଥିପାଇଁ ସେ ଶିକ୍ଷକଙ୍କ ଠାରୁ ଅନେକ ସମୟରେ ଗାଳି ମଧ୍ୟ ଖାଉଥିଲେ ।

ହଳଦିଆ ଟୋଲ୍‌ରେ ସଂସ୍କୃତ ଶିକ୍ଷା

ପ୍ରାଇମେରି ଶିକ୍ଷା ସମାପ୍ତି ପରେ ପଣ୍ଡିତ ମହାଶୟ ଭଗବାନପୁର ସଂସ୍କୃତ ଟୋଲ୍‌ରେ ପ୍ରଥମା ପଢ଼ିବା ପାଇଁ ନାଁ ଲେଖାଇଲେ । ତାଙ୍କ ପିତା ଗଦାଧର ମିଶ୍ରଙ୍କର ଅବଶ୍ୟ ଇଚ୍ଛାଥିଲା ତାଙ୍କୁ ଇଂରାଜୀ ପଢ଼ାଇବା ପାଇଁ । କିନ୍ତୁ ଗାଁରେ ହାଇସ୍କୁଲ ନଥିବାରୁ ଏବଂ

ଆର୍ଥିକ ଅବସ୍ଥା ସେତେ ଭଲ ନଥିବାରୁ ବାହାରକୁ ଯାଇ ପାଠ ପଢ଼ିବା ସମ୍ଭବପର ନଥିଲା ।

ସନ ୧୯୩୨ ମସିହାରେ ପ୍ରଥମ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବାପରେ ସେ ସେହି ଟୋଲ୍‌ରେ ମଧ୍ୟମାରେ ନାଁ ଲେଖାଇଲେ । ମଧ୍ୟମା ପଢିବାକୁ ହୁଏ ଦୁଇଖଣ୍ଡରେ । ପ୍ରଥମ ଖଣ୍ଡରେ ଥାଏ ବେଦ, କର୍ମକାଣ୍ଡ ଓ ଧର୍ମଶାସ୍ତ୍ର । ଦ୍ୱିତୀୟ ଖଣ୍ଡରେ ଥାଏ ବ୍ୟାକରଣ ଓ ସାହିତ୍ୟ । ମଧ୍ୟମା ପ୍ରଥମ ବର୍ଷରେ ମନ୍ତ୍ରାର୍ଥ ଦୀପିକା ଚଳୁଥାଏ । ବହିର ଦାମ୍ ଥାଏ ୪ ୩ ଙ୍କା ବହି କିଣିବାକୁ ପଇସା ନଥାଏ । ୧୯୩୩ ମସିହା ମେ ପହିଲାରେ ସେ ମନ୍ତ୍ରାର୍ଥ ଦୀପିକା ବହି ନକଲ କରିବା ଆରମ୍ଭ କରି ସେହି ମାସରେ ଶେଷ କରିଥିଲେ । ପାଠ ପଢ଼ିବା ବେଳେ ନିମ୍ନଲିଖିତ ବହି ନକଲ କରିଥିବାର ନିଜ ଡାଏରୀରେ ଲେଖିଛନ୍ତି ।

୧-୫-୩୩	ମନ୍ତ୍ରାର୍ଥ ଦୀପିକା ନକଲ ଆରମ୍ଭ ଓ ସେହି ମାସରେ ଶେଷ
୧୫-୬-୩୫	"କାଣ୍ୱଶାଖା"ର "ପୂର୍ବ ବଂଶଜ ମନ୍ତ୍ର" ତାଳପତ୍ର ପୋଥିରୁ ଉତାରିବା ଶେଷ
୩୦-୫-୩୭	ପୋଥିରୁ "ଶ୍ରାଦ୍ଧଦୀପ" ଉତାରିବା ଶେଷ
୫-୫-୩୮	ଗୁରୁଦେବଙ୍କ ପାଖେ ଥିବା ଶ୍ୟାମବାବୁଙ୍କ ଖାତାରୁ "କାଳଦୀପ" ଉତାରିବା ଶେଷ

ପଣ୍ଡିତ ମହାଶୟ ପାଠ ପଢ଼ିବା ବେଳେ ଟୋଲରେ ଶିକ୍ଷକ ଥିଲେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଘର ପୁରୁଣା ଭୁବନେଶ୍ୱରରେ । ସେ ହଲଦିଆରେ ଏକାକୀ ରହି ହାତରେ ରୋଷେଇ କରି ଖାଉଥାନ୍ତି । ଗୁରୁଙ୍କୁ ସାହାଯ୍ୟ କରିବା ପାଇଁ ପଣ୍ଡିତ ମହାଶୟ ଅନେକ ସମୟରେ ତାଙ୍କ ପାଇଁ ରୋଷେଇ କରି ଦିଅନ୍ତି । ୧୯୩୫ରେ ମଧ୍ୟମା ପ୍ରଥମ ଖଣ୍ଡ ଓ ୧୯୩୬ରେ ମଧ୍ୟମା ଦ୍ୱିତୀୟ ଖଣ୍ଡ ପରୀକ୍ଷା ଦେଇ, ଗୁରୁସେବା ଓ କଠୋର ଅଧ୍ୟବସାୟ ଫଳରେ

ପଣ୍ଡିତ ମହାଶୟ ଏହି ଦୁଇଟି ପରୀକ୍ଷାରେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ଟୋଲ୍‌ରେ ପାଠ ପଢ଼ିବା ବେଳେ ଥରେ ହଳଦିଆର ରାଜା ତାଙ୍କୁ ଡାକିଥିଲେ । ସେଠାରେ ପଣ୍ଡିତ ମହାଶୟ ସାଙ୍ଗେ ସାଙ୍ଗେ ଶ୍ଳୋକ ରଚନା କରି ବୋଲିବାରୁ ରାଜା (ଜଗଦେବ) ଖୁସିହୋଇ ବହୁତ ପ୍ରଶଂସା କଲେ । ତାଙ୍କ ପୁଅ କିନ୍ତୁ ଭଲ ପଢ଼ା ନଥିଲେ । ସେ ପଣ୍ଡିତ ମହାଶୟଙ୍କ ପିତା ଗଦାଧର ମିଶ୍ରଙ୍କୁ କହିଲେ "ଆପଣଙ୍କ ପୁଅ ବିଦ୍ୱାନ୍, ମୋ ପୁଅ କିନ୍ତୁ କିଛି ନୁହେଁ ।"

ମଧ୍ୟମା ପରୀକ୍ଷା ପରେ ସେହି ଭଗବାନପୁର ସଂସ୍କୃତ ଟୋଲ୍‌ରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଶିକ୍ଷକତାରେ ଧର୍ମଶାସ୍ତ୍ର ଶାସ୍ତ୍ରୀ ଅଧ୍ୟୟନ କଲେ । ୧୯୩୭ ମସିହାରେ ଶାସ୍ତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବେଳକୁ ତାଙ୍କର ବୟସ ହୋଇଥାଏ ୧୮ବର୍ଷ ।

ପ୍ରଥମା ଓ ମଧ୍ୟମା ପଢ଼ିବା ସମୟରେ ବିହାର-ଉତ୍କଳ ସମିତି ଦ୍ୱାରା ପରୀକ୍ଷା ହେଉଥାଏ । କିନ୍ତୁ ଶାସ୍ତ୍ରୀ ପରୀକ୍ଷା ବେଳକୁ ବିହାର ଠାରୁ ଓଡ଼ିଶା ପୃଥକ୍ ହୋଇ ଯାଇଥିବାରୁ ଉତ୍କଳ ସଂସ୍କୃତ ସମିତିର ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହେଉଥିଲା । ସେ ସମୟରେ ଶିକ୍ଷକଙ୍କ ନାମ ଓ ଯୋଗ୍ୟତାକୁ ମୁଖ୍ୟ ଗୁରୁତ୍ୱ ଦିଆଯାଉଥିଲା ଏବଂ ସାର୍ଟିଫିକେଟ୍ ମାନଙ୍କରେ ଅମୁକ ପଣ୍ଡିତଙ୍କର ଶିଷ୍ୟ ବୋଲି ଗୁରୁଙ୍କ ନାମ ମଧ୍ୟ ଲେଖାଯାଉଥିଲା ।

ମଧ୍ୟମା ପଢ଼ିବା ସମୟରୁ ସେ ଶ୍ଳୋକ ରଚନା ଅଭ୍ୟାସ କରିଥିଲେ । ୧୪-୯-୩୬ରେ ଗଣେଶ ପୂଜା ଉପଲକ୍ଷେ ଗଣେଶଙ୍କ ପାଇଁ ପଦ୍ୟ ଲେଖିଥିଲେ ଓ ୧୨-୨-୩୭ରେ ସରସ୍ୱତୀ ପୂଜା ଉପଲକ୍ଷେ "ବିଶଦ ବସନା" ପଦ୍ୟ ଲେଖିଥିଲେ ।

ଛାତ୍ରାବସ୍ଥାରେ ଶିକ୍ଷା ବାବଦରେ ନିମ୍ନପ୍ରଦତ୍ତ ବିଭିନ୍ନ ଖର୍ଚ୍ଚର ତାଲିକାରୁ ତାଙ୍କର ବ୍ୟୟତାଲିକା ପ୍ରସ୍ତୁତିରେ ସଚେତନତା ଉପଲବ୍ଧି କରାଯାଏ । ଏହି ତାଲିକାରେ ଅର୍ଥାଭାବ ଜନିତ ମାର୍ଜିତ ବ୍ୟୟ ସୁସ୍ପଷ୍ଟ ।

ଢଳଦିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରୁ ଶ୍ରୀ କୁଳମଣି ମିଶ୍ରଙ୍କର ସମସ୍ତ ପଢାବାବଦ *

ବହିର ନାମ	ମୂଲ୍ୟ	କଣା	ଅନ୍ୟାନ୍ୟ	କେତେ
୧ ବର୍ଣ୍ଣବୋଧ	ଟ ୦ ୨ଅ୩ପା	ଟ ୦ ୧ଅ୬ପା	ଦରମା	ଟ ୨
୨ ଶିଶୁବୋଧ	ଟ ୦ ୨ଅ୩ପା	ଟ ୦ ୧ଅ୬ପା	କାଗଜଓଗ୍ରେ	ଟ ୦ ୧ଅ
୩ ଶିଶୁଖେଳା	ଟ ୦ ୨ଅ			
ପ୍ରଥମ ଶ୍ରେଣୀ	ଟ ୦ ୬ଅ୬ପା	ଟ ୦ ୩ଅ		ଟ ୨ ୧ଅ
୪ ପାଟୀଗଣିତ	ଟ ୦ ୬ଅ	ଟ ୦ ୨ଅ	ଦରମା	ଟ ୨
୫ କଥାବଳି	ଟ ୦ ୮ଅ	ଟ ୦ ୮ଅ	କାଗଜ	ଟ ୦ ୩ଅ
୬ ଇତିହାସ	ଟ ୦ ୨ଅ୩ପା	ଟ ୦ ୨ଅ ୩	ଶ୍ରୀପଞ୍ଚମୀ	ଟ ୦ ୪ଅ
୭ ଭୂଗୋଳ	ଟ ୦ ୨ଅ୬ପା	ଟ ୦ ୨ଅ୬ପା	୩ୟ ଦରମା	ଟ ୩
୮ ପ୍ରକୃତି ପାଠ	ଟ ୦ ୧ଅ୬ପା	ଟ ୦ ୧ଅ୬ପା		
୯ ସ୍ୱାସ୍ଥ୍ୟରକ୍ଷା	ଟ ୦ ୧ଅ୬ପା	ଟ ୦ ୨ଅ୬ପା		
୧୦ ମାନସାଙ୍କ	ଟ ୦ ୨ଅ୬ପା			
୨ୟ ଓ ତୃତୀୟ ଶ୍ରେଣୀ	ଟ ୧ ୧୪ଅ	ଟ ୧ ୧୮ଅ		ଟ ୬ ୧୦ଅ
୧୧ ଗଣିତ	ଟ ୦ ୮ଅ	ଟ ୦ ୮ଅ	ଚତୁର୍ଥୀ ଦରମା	ଟ ୩
୧୨ କଥାବଳୀ	ଟ ୦ ୮ଅ	ଟ ୦ ୮ଅ	ଶ୍ରୀପଞ୍ଚମୀ	ଟ ୦ ୬ଅ
୧୩ କଥାବଳୀ ଟୀକା	ଟ ୦ ୯ଅ	ଟ ୦ ୯ଅ	କାଗଜ	ଟ ୦ ୪ଅ
୧୪ ଇତିହାସ	ଟ ୦ ୧୦ଅ୬ପା	ଟ ୦ ୧୦ଅ୬ପା	୪ମ ଦରମା	ଟ ୪
୧୫ ପ୍ରକୃତି ପର୍ଯ୍ୟବେକ୍ଷଣ	ଟ ୦ ୪ଅ	ଟ ୦ ୪ଅ	ଶ୍ରୀପଞ୍ଚମୀ	ଟ ୦ ୫ଅ
୧୬ ହାଣ୍ଡବୁକ୍	ଟ ୨		ବୃତ୍ତିପରୀକ୍ଷା ଫିସ୍	ଟ ୦ ୮ଅ
୧୭ ମାନସାଙ୍କ	ଟ ୦ ୪ଅ		ଖର୍ଚ୍ଚ	ଟ ୧ ୮ଅ
			କାଗଜଓଗେର	ଟ ୦ ୩ଅ

* ପଣ୍ଡିତ କୁଳମଣି ମିଶ୍ରଙ୍କ ସ୍ୱହସ୍ତ ଲିଖିତ ତାଲିକାରୁ ଉଦ୍ଧୃତ ।

୧୮ ଡ୍ରିଲ୍	ଟ ୦ ୨ଅ				
୧୯ ସ୍ୱାସ୍ଥ୍ୟରକ୍ଷା	ଟ ୦ ୧୦ଅ				
୨୦ ଲିଖନପାଠ	ଟ ୦ ୧୦ଅ				
୨୧ ଓଡ଼ିଆ ବ୍ୟାକରଣ	ଟ ୦ ୨ଅ ୬ପା	ଟ ୦ ୨ଅ ୬ପା			
ଉଚ୍ଚ ପ୍ରାଥମିକ ଖର୍ଚ୍ଚ	ଟ ୮ ୨ଅ ୯ପା	ଟ ୪ ୨ଅ ୯ପା		ବାଜେ	ଟ ୧୭ ୧୨ଅ
୨୨ ଉପକ୍ରମଣିକା	ଟ ୦ ୧୨ଅ				
୨୩ ଅମରକୋଷ	ଟ ୦ ୧୨ଅ			ପ୍ରଥମା ଫିସ୍	ଟ ୧
୨୪ ସାରସ୍ୱତ	ଟ ୦ ୧୦ଅ	ଟ ୦ ୭ଅ ୬ପା		ଖର୍ଚ୍ଚ	ଟ୫
୨୫ ଚନ୍ଦ୍ରିକା	ଟ ୦ ୧୨ଅ	ଟ ୦ ୧୧ଅ ୬ପା			
୨୬ ଇତିହାସ	ଟ ୦ ୧୦ଅ				
୨୭ ହିତୋପଦେଶ ୨୮ ରଘୁବଂଶ	ଟ ୩ ୩ଅ	ଟ ୩ ୩ଅ			
୨୯ ଛକସଂଗ୍ରହ	ଟ ୦ ୬ଅ				
୩୦ ଗଣିତ	ଟ ୦ ୧୨ ଅ				
ସମୁଦାୟ ପ୍ରଥମା ମଧ୍ୟମା ସ୍ମୃତି	ଟ ୧୫ ୭ଅ	୮ ୮ଅ ୯ପା			ଟ ୨୩ ୧୨ଅ
୩୧ ପାରସ୍କର	ଟ ୩ ୨ଅ	ଟ ୦ ୯ପା		ଫିସ୍	ଟ ୨
୩୨ ମନୁସ୍ମୃତି	ଟ ୨ ୧୧ଅ୯ପା	ଟ ୨ ୧୧ଅ୯ପା		ଶ୍ରୀପଞ୍ଚମୀ ଓଗେର	ଟ ୨
୩୩ ମନ୍ତ୍ରାର୍ଥଦୀପିକା	ଟ ୩	ଟ ୦ ୫ଅ		ପରୀକ୍ଷା	ଟ ୪ ୮ଅ
୩୪ ପିଙ୍ଗଳସୂତ୍ର	ଟ ୨ - ୯ପା	ଟ ୨ - ୯ପା		କାଳି	ଟ ୦ ୮ଅ
୩୫ ପ୍ରବନ୍ଧ	ଟ ୨ ୮ଅ			କାଗଜ ଓଗେର	ଟ ୦ ୧ଅ
୩୬ ସୀତାବନବାସ	ଟ ୦ ୬ଅ				
୩୭ ଓଡ଼ିଆ ବ୍ୟାକରଣ	ଟ ୦ ୬ଅ				
୩୮ ଶ୍ରୁତବୋଧ	ଟ ୦ ୩ଅ				
ମଧ୍ୟମାଯାଏ	ଟ ୨୯ ୧୩ଅ ୩ପା	ଟ ୧୩ ୧୦ଅ			ଟ ୩୨ ୧୩ଅ

୩୯	ସୁବୋଧିନୀ	ଟ ୫		ଫିସ୍	ଟ ୨
୪୦	ଭାରବି	ଟ ୨ ୮ଅ		କାଗଜ	ଟ ୦ ୧ଅ
୪୧	ଦଶକୁମାର	ଟ ୧ ୧୨ଅ		ଆଉ ସବୁ ପ୍ରଥମ ଖଣ୍ଡରେ	
୪୨	ବାକ୍ୟ ପୀଠିକା	ଟ ୧ ୪ଅ		ମଞ୍ଜୁର ଦିଆଗଲା	
		ଟ ୪୦ ୫ଅ ୩ପା	ଟ ୧୩ ୧୦ଅ		ଟ ୩.୦ ୧୪ଅ
				ପ୍ରଥମ ଖଣ୍ଡ ପରୀକ୍ଷା	
୪୩	ଯାଜ୍ଞବଲ୍କ୍ୟ	ଟ ୨ ୧୨ ଅ		ଖର୍ଚ୍ଚ ଉପରେ	ଟ ୫ ୬ଅ
୪୪	ବଶିଷ୍ଠ ସ୍ମୃତି	ଟ ୩	ଟ ୦ ୬ପା	୨ୟ ଖଣ୍ଡ ଫିସ୍	ଟ ୨ ୧ଅ୪ପା
୪୫	ପ୍ରାୟଶ୍ଚିତ୍ତ ବିବେକ	ଟ ୩ ୧ଅ	ଟ ୦ - ୯ପା	ପଞ୍ଚମୀ	ଟ ୦ ୮ଅ
୪୬	କାଳମାଧବ	ଟ ୧ ୧୨ଅ	ଟ ୦ - ୧ପା	କାଗଜ ଉପରେ ଖର୍ଚ୍ଚ	
				ଯାଜ୍ଞବାଲକ୍ୟକୁ ମଞ୍ଜୁର	
				ପରୀକ୍ଷା	ଟ ୨ ୯ଅ ୯ପା
				ଦର୍ଖାସ୍ତ	ଟ ୦ ୧ଅ ମଞ୍ଜୁର

ଶାସ୍ତ୍ରୀ ପର୍ଯ୍ୟନ୍ତ ଟ ୫୧ ୧ଅ ୩ପା   ୧୩ ୧୦ଅ ବାକେ ଟ ୪୫ ୯ଅ୧ପା

ଟ ୫୧ ୧ଅ୩ପା + ଟ ୪୫ ୯ଅ୧ପା = ଟ ୯୬ ୧୦ଅ୪ପା ପାଖରୁ

ଟ ୧୩ ୧୦ଅ + ଟ ୪୫ ୯ଅ୧ପା = ଟ ୫୯ ୩ଅ ୧ପା ଘରୁ ଖର୍ଚ୍ଚ

ଷ୍ଟାଇମେଣ୍ଟ   ଟ ୨୧ ୧୪ଅ ୯ପା

ସଂସ୍କୃତରେ   ୩୭ ୪ଅ ୪ପା

ପୁରୀ ସଂସ୍କୃତ କଲେଜରେ ଅଧ୍ୟୟନ

ଶାସ୍ତ୍ରୀ ପରେ ଅଧିକ ପଢ଼ିବା ପାଇଁ ଗାଁ ଟୋଲରେ ସୁବିଧା ନଥାଏ । ଆଚାର୍ଯ୍ୟ ପଢ଼ିବାକୁ ହେଲେ ପୁରୀ ଆସିବାକୁ ପଡ଼ୁଥିଲା । ଘୋର ଅର୍ଥାଭାବ ସତ୍ତ୍ୱେ ପଣ୍ଡିତ ମହାଶୟ ୧୯୩୭ ମସିହାରେ ପୁରୀ ସଂସ୍କୃତ କଲେଜରେ ସ୍ନାତକୋତ୍ତର ଅଧ୍ୟୟନ ପାଇଁ ଆସିଥିଲେ । ଗାଡ଼ି

ମଟରର ସୁବିଧା ନଥାଏ । ହଳଦିଆରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ୮ କିଲୋମିଟର ବାଟ ପାଦରେ ଚାଲିଚାଲି ଯିବାକୁ ପଡ଼େ । ପ୍ରଥମ କରି ଯେତେବେଳେ ସେ ପୁରୀ ଆସନ୍ତି ପିନ୍ଧାଲୁଗା ଛଡ଼ା ତାଙ୍କ ପାଖେ ଥାଏ ମାତ୍ର ୧୦ ଅଣା ।

ସେତେବେଳେ ମଠମାନଙ୍କରେ ବିଦ୍ୟାର୍ଥୀମାନେ ରହି ପାଠପଢ଼ିବାକୁ ସୁଯୋଗ ଦିଆଯାଉଥିଲା । ଗରିବ ଛାତ୍ରମାନେ ମଠମାନଙ୍କରେ ରହି ଓ ସେଇଠି ଭୋଜନ କରି ପାଠପଢ଼ୁଥିଲେ । ମଠବାଡ଼ି ସବୁ ଦେବୋତ୍ତର ବିଭାଗାଧୀନ ହେବା ପରେ ଏ ସୁବିଧାସବୁ ବନ୍ଦ କରିଦିଆ ଯାଇଛି । ପୁରୀ ଆସିବାର ଅଳ୍ପଦିନ ଭିତରେ ତାଙ୍କୁ ଓଡ଼ିଆ ମଠରେ ରହିବାର ସୁଯୋଗ ମିଳିଲା । ସେ କହନ୍ତି ଯେ ମଠରେ ଅନେକ ସମୟରେ ଚାଉଳରେ ଏତେ ପୋକ ଥାଏ ଯେ ଚୁଲେ ରଖିବା ମାତ୍ରେ ପୋକମାନେ ଘରଦ୍ୱାର କାନ୍ଥବାଡ଼ ଚାଲିବା ଆରମ୍ଭ କରନ୍ତି ।

ପୁରୀ ସଂସ୍କୃତ କଲେଜରେ ଧର୍ମଶାସ୍ତ୍ର ବିଭାଗରେ ଆଚାର୍ଯ୍ୟ ପଢ଼ିବା ସମୟରେ ତାଙ୍କର ଗୁରୁ ଥା'ନ୍ତି ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ର । ପଣ୍ଡିତ ଆନନ୍ଦ ମିଶ୍ର ସେ ସମୟରେ ଧର୍ମଶାସ୍ତ୍ରରେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା ସଂପନ୍ନ ପଣ୍ଡିତ । ତାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଧ୍ୟୟନ କରି ପଣ୍ଡିତ ମହାଶୟ ୧୯୩୯ ମସିହାରେ ଧର୍ମଶାସ୍ତ୍ରାଚାର୍ଯ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ଓଡ଼ିଆ ମଠରେ ରହି ପାଠ ପଢ଼ୁଥିବା ସମୟର ଗୋଟିଏ ଘଟଣା । ଥରେ ତାଙ୍କ ପିତୃଦେବ ଗଦାଧର ମିଶ୍ର ତାଙ୍କ ନିକଟକୁ ଯାଇଥାନ୍ତି । ଓଡ଼ିଆ ମଠର ତତ୍କାଳୀନ ମଠାଧିକାରୀ ବୃନ୍ଦାବନ ଦାସ ଗୋସ୍ୱାମୀ ଶ୍ରୀ ଗଦାଧର ମିଶ୍ରଙ୍କର ସମବୟସ୍କ ଏବଂ ବଡ଼ ଅନ୍ତରଙ୍ଗ ବନ୍ଧୁଭାବରେ ପରିଚିତ ଥିଲେ । ତାଙ୍କୁ ଦେଖି ମଠ ମହନ୍ତ ପଚାରିଲେ "ତୁମେ କ'ଣ କୁଳମଣି ମିଶ୍ରଙ୍କ ନନା ?" ତାହାଶୁଣି ଗଦାଧର ମିଶ୍ର କହିଲେ, "ମୁଁ ଆପଣଙ୍କର ଏକେ ପରିଚିତ । ଆପଣ କୁଳମଣିକୁ

ମୋର ପୁଅ ବୋଲି ପରିଚୟ ନ କରି ତାଙ୍କୁ ଏତେ ଶୀଘ୍ର ଚିହ୍ନି ମୋତେ ତାର ନନା ବୋଲି ପରିଚିତ କରୁଛନ୍ତି" । ମହନ୍ତ ମହାରାଜ ତାଙ୍କୁ କହିଲେ "ଆପଣଙ୍କ ଠାରୁ ଆପଣଙ୍କ ପୁଅ ବହୁତ ଉଚ୍ଚରେ" ।

ସେ ସମୟରେ ସଂସ୍କୃତ ପାଠ ପଢ଼ିବା ଲୋକଙ୍କୁ ବୃତ୍ତିକରି ପ୍ରଭୃତିର ସେତେ ସୁବିଧା ନଥାଏ । ତେଣୁ ବାଧ୍ୟ ହୋଇ ତାଙ୍କୁ ସାହିତ୍ୟ ବିଭାଗରେ ପଢ଼ିବାକୁ ହେଲା । ସାହିତ୍ୟ ବିଭାଗର ଅଧ୍ୟାପକ ଥିଲେ ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ର । ତାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ମହାଶୟ ୧୯୪୦ ମସିହାରେ ସାହିତ୍ୟ ଶାସ୍ତ୍ରୀ ପାଶ୍ କଲେ । ସେହିବର୍ଷ ଜୁନ ୫ ତାରିଖରେ ତାଙ୍କର ପୂଜ୍ୟ ପିତୃଦେବଙ୍କର ଇହଲୀଳା ସମାପ୍ତ ହେଲା । ଏପରି ଏକ ଦୁର୍ଘଟଣା ତାଙ୍କ ଉପରେ ବଜ୍ରପାତ ସଦୃଶ । ଗାଁରେ ବୋଉ, ବଡବୋଉ, ସ୍ତ୍ରୀ, ସାନ ଭାଇ, ଭଉଣୀଙ୍କର ତତ୍ତ୍ୱନେବା, ଜମିବାଡ଼ିର ତଦାରଖ କରିବା, ଘୋର ଅର୍ଥାଭାବରେ ପୁରୀରେ ପାଠ ପଢ଼ିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ପଡ଼ିଲା । ସବୁ ପ୍ରକାରର ଅସୁବିଧା ସତ୍ତ୍ୱେ ସେ ପାଠ ପଢିବାର ଉତ୍ସାହ ହରାଇ ନଥିଲେ । ୧୯୪୨ ମସିହାରେ ସାହିତ୍ୟାଚାର୍ଯ୍ୟରେ ପ୍ରଥମ ହୋଇ ରୌପ୍ୟ ପଦକ ଲାଭ କରିଥିଲେ ।

ଧର୍ମଶାସ୍ତ୍ରାଚାର୍ଯ୍ୟ ଓ ସାହିତ୍ୟାଚାର୍ଯ୍ୟରେ କୃତକାର୍ଯ୍ୟ ହୋଇମଧ୍ୟ ବୃତ୍ତିକରିଟିଏ ପାଇବା ସମ୍ଭବପର ନଥିଲା । ଘୋର ଅର୍ଥାଭାବ ଲାଗି-ରହିଥାଏ । ପଣ୍ଡିତ ମହାଶୟ କିଛି ଦିନ କଟକ ଆସି ଟିଉସନ ଖୋଜିଲେ । କଟକରେ ଗୋଟିଏ ହଳଦିଆ ମେସ ଥାଏ । ସେଠାରେ ରହି ସେ କେତେଦିନ କବିବର ରାଧାନାଥ ରାୟଙ୍କ ପୁତ୍ର ଶଶିଭୂଷଣ ରାୟଙ୍କ ପିଲାଙ୍କୁ ସଂସ୍କୃତ ଟିଉସନ୍ କଲେ । କିନ୍ତୁ ଦୁଇମାସ ପଢାଇବା ପରେ ସେ ବ୍ୟକ୍ତିଗତ ଅସୁବିଧା ହେତୁ ବାଧ୍ୟହୋଇ ପୁରୀ ଫେରିଗଲେ । ପୁରୀରେ ବେଦକର୍ମକାଣ୍ଡ ବିଦ୍ୟାଳୟରେ ବେଦଶାସ୍ତ୍ରୀ ଅଧ୍ୟୟନ କଲେ । ପଣ୍ଡିତ ରାମଚନ୍ଦ୍ର ରଥଙ୍କର ଶିକ୍ଷକତାରେ ୧୯୪୪ ମସିହାରେ ସେ ବେଦଶାସ୍ତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ତାହାପରେ ତତ୍କାଳୀନ ରେଭେନ୍ସା କଲେଜର ଓଡ଼ିଆ ସଂସ୍କୃତ ବିଭାଗାଧ୍ୟକ୍ଷ ପ୍ରଫେସର ଡ଼କ୍ଟର କରୁଣାକର କର ଏମ୍.ଏ., କାବ୍ୟ-ବ୍ୟାକରଣ ତୀର୍ଥଙ୍କ ନିକଟରେ ରହି ୯ ମାସ ତାଳପତ୍ର ପୋଥି ବିଭାଗରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବରେ କାମ କରିଥିଲେ ।

ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳର ଦୁଇଜଣ ପୁଣ୍ୟଶ୍ଳୋକ ଅଧ୍ୟକ୍ଷଙ୍କ ନାମ ସେ ସବୁ ସମୟରେ କହନ୍ତି । ସେ ହେଉଛନ୍ତି ଡ଼କ୍ଟର କରୁଣାକର କର ଏବଂ ପଣ୍ଡିତ କାଶୀନାଥ ମୋହନ ଦ୍ୱିବେଦୀ । ଛାତ୍ର ଜୀବନରେ ସରକାରୀ ଛାତ୍ର ବୃତ୍ତି ସହିତ ଏକ ବିଶେଷ ବୃତ୍ତି ପାଉଥିଲେ । ବଙ୍ଗୀୟ ସନ୍ନ୍ୟାସିନୀ 'ସାଧୁମା'ଙ୍କ ଦ୍ୱାରା ସେହି ବୃତ୍ତି ଦିଆ ଯାଉଥିଲା । ତାହାର ପରିମାଣ ମାସକୁ ଟ ୧-୫୦ ପଇସା ।

ଧର୍ମଶାସ୍ତ୍ରାଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ, ବେଦଶାସ୍ତ୍ରୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇସାରିବାପରେ ବୃତ୍ତିଖଣ୍ଡେ ପାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ଥିଲା । ସେତେବେଳକୁ ଡ଼କ୍ଟର କରୁଣାକର କର ରେଭେନ୍ସା କଲେଜର ସଂସ୍କୃତ ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବେ ଅବସ୍ଥାପିତ ହୋଇ ସାରିଥାନ୍ତି । ତାଙ୍କ ପ୍ରରୋଚନାରେ ଗୁରୁଦେବ ରେଭେନ୍ସା କଲେଜରେ ସର୍ବପ୍ରଥମେ ଅପ୍ରକାଶିତ ସଂସ୍କୃତ ତାଳପତ୍ର ପୋଥି ମାନଙ୍କ ପାଠୋଦ୍ଧାର ଓ ସମ୍ପାଦନା ପାଇଁ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟ ଆରମ୍ଭ କଲେ ଯାହାକି ଜୀବନର ଅନ୍ତିମ ଦିନ ପର୍ଯ୍ୟନ୍ତ ତାଙ୍କର ପରମ ଧ୍ୟେୟ ଥିଲା । ସେଠାରେ କିଛି ଦିନ କାର୍ଯ୍ୟ କରୁଥିବା ବେଳେ ପୁରୀ ସଂସ୍କୃତ କଲେଜର ଧର୍ମଶାସ୍ତ୍ର ଅଧ୍ୟାପକ ପଣ୍ଡିତ ଆନନ୍ଦ ମିଶ୍ର ଅବସର ଗ୍ରହଣ କଲେ । ସେତେବେଳେ ସେ ରେଭେନ୍ସା କଲେଜ ଛାଡ଼ି ସେଠାରେ (ପୁରୀ) ୪ମାସ ପର୍ଯ୍ୟନ୍ତ ସାମୟିକ ଅଧ୍ୟାପକ ଭାବରେ ନିଯୁକ୍ତି ପାଇ ଧର୍ମଶାସ୍ତ୍ର ଅଧ୍ୟାପନା ଆରମ୍ଭକଲେ । ତାପରେ ଏହି ପଦବୀରେ ସ୍ଥାୟୀ ନିଯୁକ୍ତି ନିମନ୍ତେ ସାକ୍ଷାତ୍କାର ପାଇଁ ଘୋଷଣାନାମା ପ୍ରକାଶ ପାଇଲା । ଏଥିପାଇଁ ପ୍ରଧାନାଚାର୍ଯ୍ୟ ଆନନ୍ଦ ମିଶ୍ରଙ୍କର ଜ୍ୟେଷ୍ଠପୁତ୍ର ଜଗନ୍ନାଥ ମିଶ୍ର,

ତାଙ୍କର ଆଦ୍ୟ ସଂସ୍କୃତ ଅଧ୍ୟାପକ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏବଂ ନିଜେ ଗୁରୁଦେବ ପ୍ରାର୍ଥୀ ଥିଲେ । ଗୁରୁଦେବ ଆବେଦନ କରିଥିବା ଶୁଣି (ଗୁପ୍ତ ଦୃଷ୍ଟିରୁ) ପଣ୍ଡିତ ରଥ ସାକ୍ଷାତ୍କାରରୁ ଓହରିଗଲେ । କେବଳ ଜଗନ୍ନାଥ ମିଶ୍ର ଓ ତାଙ୍କ ମଧ୍ୟରେ ସାକ୍ଷାତ୍କାର ହେଲା ଏବଂ ଗୁରୁଦେବ ତା ୧୪-୨-୪୫ ରେ ନିଯୁକ୍ତି ପାଇ ସ୍ଥାୟୀ ଧର୍ମଶାସ୍ତ୍ର ଅଧ୍ୟାପକଭାବେ ଯୋଗଦେଲେ । ସବୁଠାରୁ ବଡ଼ଘଟଣା ହେଲା ଯେ ଏହି ନିଯୁକ୍ତି ପାଇଁ ଗଠିତ ହୋଇଥିବା ବିଶେଷଜ୍ଞ କମିଟିରେ ପଣ୍ଡିତ ଆନନ୍ଦ ମିଶ୍ର ପ୍ରମୁଖ ସଦସ୍ୟ ଥିଲେ । ସେ ନିଜପୁତ୍ରଙ୍କୁ ନବାଛି ଯୋଗ୍ୟ ଉତ୍ତରାଧିକାରୀ ଅଧ୍ୟାପକ ଭାବରେ ଗୁରୁଦେବଙ୍କୁ ହିଁ ବାଛିଲେ ।" *

ଉପରୋକ୍ତ ଘଟଣାରୁ ତାଙ୍କ ଶିକ୍ଷକମାନଙ୍କର ତାଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଥିଲା ତାହା ସହଜରେ ଅନୁମାନ କରାଯାଏ । ପୁରୀ ସଂସ୍କୃତ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ରେଭେନ୍ସା କଲେଜର ତତ୍କାଳୀନ ପ୍ରଫେସର ଡକ୍ଟର କରୁଣାକର କର ପଣ୍ଡିତ ମହାଶୟଙ୍କୁ ପ୍ରଶଂସାପତ୍ର ଦେଇ ଲେଖିଥିଲେ—

"It is a great pleasure to certify that Pandit Kulamani Mishra × × ×. He always stood first in all his examinations. He was one of the few best students that the Puri Sanskrit College ever produced. For the last few months he was working under me as a Research Scholar for the publication of old valuable sanskrit manuscripts. I have been well impressed with his work. I can say without hesitation that his scholarship and attainments are

---

* ଡ଼ଃ ବ୍ରଜକିଶୋର ସ୍ୱାଇଁ ଅଧ୍ୟାପକଙ୍କ ଦ୍ୱାରାଲିଖିତ "ଗୁରୁଦେବ ପଣ୍ଡିତ କୁଳମଣି ମିଶ୍ର" ନୀଳକନ୍ଦର ପଣ୍ଡିତ କୁଳମଣି ମିଶ୍ର ସ୍ମୃତିବିଶେଷାଙ୍କରେ ପ୍ରକାଶିତ ।

of a very high order and he is an erudite Sanskrit Scholar." ସ୍ୱର୍ଗତ ଶ୍ରୀଯୁକ୍ତ କଶୋରୀ ମୋହନ ଦ୍ୱିବେଦୀ ସେତେବେଳେ ବାଲେଶ୍ୱର କଲେଜରେ ପ୍ରିନ୍‌ସିପାଲ୍ ଥାନ୍ତି । ପଣ୍ଡିତ ମହାଶୟଙ୍କୁ ପ୍ରଶଂସାପତ୍ର ଦେଇ ସେ ଲେଖିଥିଲେ—

"His student career was remarkably good and he was one of the few best students of the Sanskrit College. As a teacher he favourably impressed me within the short period while he was officiating as the teacher of Dharmasastra. I have no doubt that he will be an acquisition to any institution where he may be employed."

ପାଠ ପଢ଼ିବା ସମୟରେ ସେ "ପିତୃଣାଂ ଶ୍ରାଦ୍ଧ ଫଳ ଭୋକ୍ତୃତା" ଶୀର୍ଷକ ପ୍ରବନ୍ଧ ଲେଖିଥିଲେ । ତାହାର ପ୍ରଥମାର୍ଦ୍ଧ ଡ଼ିସେମ୍ବର ୧୯୩୯ରେ "ସଂସ୍କୃତ ସାହିତ୍ୟ ପରିଷତ୍" (କଲିକତା) ରେ ୨୨ଶ ବର୍ଷ ୮ମ ସଂଖ୍ୟାରେ ପ୍ରକାଶିତ ହୋଇଛି । ଅମଶିଷ୍ଟାଂଶ ତାର ପରବର୍ତ୍ତୀ ସଂଖ୍ୟା (ଜାନୁଆରୀ ୧୯୪୦)ରେ ପ୍ରକାଶ ପାଇଛି ।

ପାରିବାରିକ ଜୀବନ

ବିବାହ

ପଣ୍ଡିତ ମହାଶୟଙ୍କ ବିବାହ ବାଙ୍କି ନିକଟ ସୁବର୍ଣ୍ଣପୁରର ଶ୍ରୀଯୁକ୍ତ ଦିବାକର ତ୍ରିପାଠୀଙ୍କ* ପ୍ରଥମା କନ୍ୟା କୁମୁଦିନୀ ଦେବୀଙ୍କ ସହ ହୋଇଥିଲା । ବିବାହ ସମୟକୁ ତାଙ୍କ ବୟସ ମାତ୍ର ଅଠର । ଶ୍ୱଶୁର ଶ୍ରୀ ଦିବାକର ତ୍ରିପାଠୀ କପ୍ତିପଦା ରାଜାଙ୍କର ମ୍ୟାନେଜର ଥା'ନ୍ତି । ତାଙ୍କ ପିତା ଶ୍ରୀ ହରିହର ତ୍ରିପାଠୀ ସେତେବେଳେ ଜୀବିତ ଥା'ନ୍ତି । କନ୍ୟା ପକ୍ଷରୁ ଶ୍ରୀ ହରିହର ତ୍ରିପାଠୀ ଓ ବରପକ୍ଷରୁ ପଣ୍ଡିତ ମହାଶୟଙ୍କ ପିଉସା ବୁଝାବୁଝି କରୁଥାନ୍ତି । ପିଉସାଙ୍କ ଘର ବାଙ୍କି ଗୋପାଳପୁରରେ ।

ଶ୍ରୀ ହରିହର ତ୍ରିପାଠୀ ପ୍ରସ୍ତାବଟି ଆଣି ଦିବାକର ତ୍ରିପାଠୀଙ୍କୁ ପଚାରିଲେ । ପାତ୍ର ପୁରୀ ସଂସ୍କୃତ କଲେଜରେ ପଢ଼ୁଛନ୍ତି । ଶ୍ରୀ ଦିବାକର ତ୍ରିପାଠୀ ପାଟଣା ଇଉନିଭରସିଟିରେ ଇଂରାଜୀରେ ଉଚ୍ଚଶିକ୍ଷା ଲାଭ କରିଥିଲେ ମଧ୍ୟ ସଂସ୍କୃତ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା । ସେ ପ୍ରସ୍ତାବଟିକୁ ପସନ୍ଦ କରିଥିଲେ ।

ସେତେବେଳେ ବାଲ୍ୟ ବିବାହର ପ୍ରଚଳନ ଥାଏ । ଅନ୍ୟପକ୍ଷରେ ସରକାରୀ ପକ୍ଷରୁ ବାଲ୍ୟ ବିବାହ ବେଆଇନ ଘୋଷଣା କରାଯାଇଥାଏ । ତେଣୁ ଅଧିକାଂଶ ବିବାହ ଲୁଚିଗୁପ୍ତ ରେ ହେଉଥାଏ । ହରିହର ତ୍ରିପାଠୀ ରକ୍ଷଣଶୀଳ ମନୋଭାବର ଲୋକ । ନାତୁଣୀକୁ ବେଶୀ ଦିନ ଘରେ ରଖିବା ଠିକ୍ ନୁହେଁ । ସରକାରୀ ଲୋକଙ୍କୁ ଲୁଚାଇ ଘର ଭିତରେ କବାଟ କିଳି ବାହାଘର ହେଲା ବାଜା ବାଜିଲା ନାହିଁ କି ଭୋଜି ଭୁଜା ହେଲାନାହିଁ ।

---

* ବର୍ତ୍ତମାନ ୯୬ ବର୍ଷ ବୟସରେ ପଦାର୍ପଣ କରି ପୁଅମାନଙ୍କ ପାଖେ ଅବସ୍ଥାପିତ କରୁଛନ୍ତି ।

ହଳଦିଆରୁ ସୁବର୍ଣ୍ଣପୁର ଯିବାକୁ ରଣ ନଦୀ ଓ ମହାନଦୀ ପାର ହୋଇ ଯିବାକୁ ହୁଏ । ଏକା ଦିନକେ ଯାଇ ବାହାଘର ହେଲାବେଳକୁ ଶୁଭବେଳା ଗଡ଼ିଯିବ ବୋଲି ପଣ୍ଡିତ ମହାଶୟଙ୍କ ପିତା ଶ୍ରୀ ଗଦାଧର ମିଶ୍ର ତାଙ୍କୁ ପୂର୍ବଦିନଠ ନେଇ କୁସୁଦାରେ ତାଙ୍କ ମାମୁଁ ଘରେ ରଖିଥାନ୍ତି । ବିବାହ ଦିନ ସକାଳେ ମହାନଦୀ ପାର ହୋଇ ବରପକ୍ଷ ସୁବର୍ଣ୍ଣପୁରରେ ପହଞ୍ଚିବା ବେଳକୁ ସକାଳ ଆଠଟା ।

ସେତେବେଳର ପ୍ରଥା ଅନୁସାରେ ବିବାହପରେ ଜ୍ୱାଇଁଙ୍କୁ ୭ ଦିନ ପର୍ଯ୍ୟନ୍ତ ଶ୍ୱଶୁର ଘରେ ରହିବାକୁ ପଡୁଥାଏ । ପଣ୍ଡିତ ମହାଶୟଙ୍କୁ ମଧ୍ୟ ରହିବାକୁ ପଡ଼ିଥିଲା । ବାଲ୍ୟ ବିବାହ ହେତୁ ଯୌତୁକର ସେମିତି ପ୍ରଚଳନ ନଥାଏ । ବରପକ୍ଷରୁ କୌଣସି ଦାବି ନଥିଲେ ମଧ୍ୟ କନ୍ୟାପିତା ସୁନା ୭ଭରି, ରୁପା ୭୫ ଭରି, କଂସା ବାସନ, ପଲଙ୍କ ଓ ଅନ୍ୟାନ୍ୟ ଗୃହୋପକରଣ ମାନ ଝିଅ ସହିତ ଦେଇ ବିଦା କରିଥିଲେ ।

ପିତୃବିୟୋଗ

ପଣ୍ଡିତ ମହାଶୟଙ୍କ ପିତା ଶ୍ରୀ ଗଦାଧର ମିଶ୍ର ନୈଷ୍ଠିକ ବ୍ରାହ୍ମଣ ଥିଲେ । ତାଙ୍କର ୭୦ ଘର ଯଜମାନ ଥା'ନ୍ତି । ସେ କେବେହେଲେ ଅନ୍ୟାୟ କରୁନଥିଲେ କିମ୍ବା ଅନ୍ୟାୟକୁ ବରଦାସ୍ତ କରୁ ନଥିଲେ । ଥରେ ସେ ବିଲ ଆଡ଼େ ଯାଇଥାନ୍ତି । ସେ ଦେଖିଲେ ଗାଁର ଆଉ ଜଣେ ତାଙ୍କ ଜମି ଚାଷ କରୁଛି । ଏହା ଦେଖି ସେ କହିଲେ ଏଇଟାତ ମୋ ଜମି । ତୁ କାହିଁକି ଏଠି ହଳକରୁଛୁ । ଲୋକଟି ଉତ୍ତର ଦେଲା ସେଇଟା ତା ଜମି । ଗଦାଧର ମିଶ୍ରେ ଅବାକ୍ ହୋଇ କହିଲେ ଯେ ତାଙ୍କ ନାଁରେ କାଗଜ ପତ୍ର ଅଛି । ସେ ବର୍ଷ ବର୍ଷ ହେଲା ସେ ଜମି ଚାଷ କରି ଆସୁଛନ୍ତି । ଲୋକଟି କିଛି ନଶୁଣି ଗଦାଧର ମିଶ୍ରଙ୍କୁ ଧକାଟିଏ ପକାଇଲା ଓ ସେଥିରେ ସେ ପଡ଼ିଗଲେ । ବ୍ରାହ୍ମଣମାନେ ସ୍ୱଭାବତଃ କ୍ରୋଧୀ । ଅନ୍ୟାୟରେ ଆଘାତ ପାଇଥିବାରୁ ସେ ପ୍ରବଳ ଭାବରେ କ୍ରୋଧାନ୍ୱିତ ହୋଇଥିଲେ । ଲୋକଟିକୁ ଆଉ କିଛି କହିଲେ ନାହିଁ । କେବଳ କହିଲେ ସଂକ୍ରାନ୍ତି ବେଳକୁ ତୁ ଥିବୁ ନହେଲେ ମୁଁ ଥିବି ।”

ଘରକୁ ପହଞ୍ଚିଲା ବେଳକୁ ପ୍ରବଳ ଜ୍ୱର । ତାପରଦିନ ଠାରୁ ସଙ୍କାଶହୀନ ଭାବରେ ପଡ଼ିରହିଲେ ୮ ଦିନ ପର୍ଯ୍ୟନ୍ତ । ସମସ୍ତେ ଆଶା ଛାଡ଼ିଦେଲେ । ଆଶ୍ଚର୍ଯ୍ୟର କଥା ସଂକ୍ରାନ୍ତି ପୂର୍ବଦିନ ସଂଧ୍ୟାରେ ଚେତା ଫେରି ଆସିଲା । କଥା କହିବାକୁ ବଳ ନଥାଏ । ଖନେଇ ଖନେଇ କହିଲେ — "କିଏ କାନ୍ଦୁଛି ? ଅମୁକ ଲୋକ ଘରୁ କାନ୍ଦ ଶୁଭୁଛି ।" ପାଖରେ ଥିବା ଲୋକମାନେ କହିଲେ ଏତେ ବାଟରୁ ତମକୁ କେମିତି ଶୁଣାଯାଉଛି ? କାହିଁ, ଆମେତ ଶୁଣିପାରୁ ନାହୁଁ ।" ଆଉ ଅଧଘଣ୍ଟେ ପରେ ଦେଖାଗଲା ସତକୁ ସତ ସେ ଲୋକଟି (ଯିଏ ଧକା ମାରିଥିଲା) ମରିଯାଇଛି । ତା ପରଦିନ ଗଦାଧର ମିଶ୍ରଙ୍କ ଜ୍ୱର ଭଲ ହୋଇଗଲା । ଏହି ଘଟଣାରୁ ତାଙ୍କର ଅସାଧାରଣ ଇଚ୍ଛା ଶକ୍ତି ଥିବାର ଜଣାଯାଏ ।

ଗଦାଧର ମିଶ୍ରେ ବଳବାନ ଥିଲେ ଓ ଖୁବ୍ ଶାରୀରିକ ପରିଶ୍ରମ କରିପାରୁଥିଲେ । ୧୯୪୦ ମସିହା ମେ ମାସ ପାଞ୍ଚ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ । ମୃତ୍ୟୁ ସମୟକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା । ପଣ୍ଡିତ ମହାଶୟ ସେତେବେଳେ ପୁରୀ ସଂସ୍କୃତ କଲେଜରେ ପଢୁଥାନ୍ତି । ଏପରି ଅବସ୍ଥାରେ ଶ୍ରାଦ୍ଧକ୍ରିୟା କରିବାକୁ ତାଙ୍କ ପାଖେ ଅର୍ଥ କାହିଁ ? ବହୁ କଷ୍ଟରେ ଧାର ଉଧାର କରି କାମ ଚଳିଲା । ଗଦାଧର ମିଶ୍ରେ ପୁରୋହିତ କରି ଯେଉଁ ସବୁ ଗାମୁଛା ପାଇଥାନ୍ତି ସେ ସବୁ ଗଣ୍ଡିଲ ହୋଇକରି ଥାଏ । ଶ୍ରାଦ୍ଧଘରକୁ ସେ ସବୁ ବଣ୍ଟା ଯାଇଥିଲା । ଏହି ଦୁର୍ଘଟଣା ପରେ ପରେ ଅନେକ ବର୍ଷ ପର୍ଯ୍ୟନ୍ତ ପଣ୍ଡିତ ମହାଶୟଙ୍କୁ ଘୋର ଅର୍ଥାଭାବର ସମ୍ମୁଖୀନ ହେବାକୁ ପଡ଼ିଲା ।

ନନାଙ୍କ ଶ୍ରାଦ୍ଧକ୍ରିୟାକୁ ବେଭାର *

୧	ମାଳାଦ୍ୱି ରଥ	ଟ ୨
୨	ସାନ୍ତରପୁର ମାମୁଁ	ଟ ୧
୩	ମହିଯେନା	ଟ ୦ ୧୨ଅ

କ୍ରମସଃ

* ପଣ୍ଡିତ ମିଶ୍ରଙ୍କ ସ୍ୱହସ୍ତ ଲିଖିତ ତାଲିକାରୁ ଉଦ୍ଧୃତ

୪	ସୁବର୍ଣ୍ଣପୁର	ଟ ୫
୫	ଆଠଗଡ଼	ଟ ୨
୬	ପାଟପୁର	ଟ ୪
୭	ହାଣ୍ଡି ବଣ	ଟ ୦ ୮ଅ
୮	ବାସୁଦେବ ମିଶ୍ର	ଟ ୧
୯	ଆର୍ତ୍ତବନ୍ଧୁ	ଟ ୦ ୮ଅ
୧୦	ଚିନ୍ତାମଣି ମିଶ୍ର	ଟ ୦ ୬ଅ
୧୧	ଗୋପୀନାଥ ମିଶ୍ର	ଟ ୦ ୪ଅ
୧୨	ଦାଶରଥି ଦାଶ	ଟ ୦ ୮ଅ
୧୩	ନି ବକ୍ରମ ମିଶ୍ର	ଟ ୦ ୮ଅ
୧୪	ବୃନ୍ଦାବନ ରଥ	ଟ ୦ ୪ଅ
୧୫	ଗୋପୀନାଥ ମିଶ୍ର	ଟ ୦ ୨ଅ
		ଟ ୧୮ ୮ଅ

ଯଜମାନି

ଗାଁରେ ଗଦାଧର ମିଶ୍ରଙ୍କର ୭୦ ଘର ଯଜମାନ ଥାନ୍ତି । ସେ ଅନୁପସ୍ଥିତ ଥିଲେ ବା କୌଣସି କାରଣରୁ ନଯାଇ ପାରିଲେ ପଣ୍ଡିତ ମହାଶୟ ପୁରୋହିତ କରିବାକୁ ଯା'ନ୍ତି । ପିତୃ ବିୟୋଗ ପରେ ଗାଁର ସବୁ ଯଜମାନ ମାନେ ତାଙ୍କ ଉପରେ ନିର୍ଭର କଲେ । ସେ କିନ୍ତୁ ପୁରୀରେ ରହୁଥିବା ହେତୁ ଖୁବ୍ କମ୍ ସମୟରେ ପୁରୋହିତ କରି ପାରୁଥିଲେ ।

ଲୋକପ୍ରିୟତା

ପଣ୍ଡିତ ମହାଶୟଙ୍କୁ ପିଲାଦିନରୁ ଗାଁରେ ଲୋକପ୍ରିୟ ଥିଲେ । ବିଶେଷ କରି ଗାଁର ବୁଢା ବୁଢୀ ମାନେ ତାଙ୍କୁ ଅଧିକ ଶ୍ରଦ୍ଧା କରୁଥିଲେ । ପୁରୀରେ ପାଠ ପଢୁଥିବା ସମୟରେ ସେ ଯେତେବେଳେ ଗାଁକୁ ଯା'ନ୍ତି ସେତେବେଳେ ଗାଁରେ ପଶୁ ପଶୁ ଲୋକମାନେ ତାଙ୍କ ସାଙ୍ଗେ ଗପସପ କରି କରି ଘର ପର୍ଯ୍ୟନ୍ତ ଆସନ୍ତି । ସେ ଯେତେଦିନ ଗାଁରେ ରହନ୍ତି ପ୍ରତ୍ୟେକ ଦିନ କେତେଜଣ

କେହି ତାଙ୍କୁ ଦେଖିବାକୁ ଆସନ୍ତି । କେହି କେହି ବୟସ୍କ ଲୋକ ଶାସ୍ତ୍ର ପୁରାଣ ଆଲୋଚନା ମଧ୍ୟ କରନ୍ତି ।

୧୯୪୦-ରୁ ୪୫ (ପ୍ରାୟ) ପର୍ଯ୍ୟନ୍ତ ସେ ଗାଁ ସମବାୟ ସମିତିର ସଭାପତି ଥିଲେ ।

୧୦-୬-୪୬ ରେ ହଲଦିଆ ଜଗଦ୍ଦେବଙ୍କ ପୁତ୍ର ଶ୍ରୀ ନାରାୟଣ ଜଗଦ୍ଦେବଙ୍କର ବିବାହୋତ୍ସବରେ ଯୋଗଦାନ କରି ଥିଲେ ଏବଂ ବିବାହୋପଲକ୍ଷେ ଲେଖିଥିବା ଶ୍ଳୋକ ପାଠ କରିଥିଲେ ।

ମାତୃବିୟୋଗ

ପଣ୍ଡିତ ମହାଶୟଙ୍କ ଦେଢେଇଙ୍କର ପୁଅ ନଥିବାରୁ ସେ ତାଙ୍କୁ ପୁଅ କରିଥିଲେ ଓ ଏକତ୍ର ରହୁଥିଲେ । ପଣ୍ଡିତ ମହାଶୟ ଦେଢେଇଙ୍କୁ ବଡବୋଉ ଓ ନିଜବୋଉଙ୍କୁ ସାନବୋଉ ବୋଲି ଡାକୁଥିଲେ ଓ ଉଭୟଙ୍କୁ ସମାନ ଭାବରେ ଶ୍ରଦ୍ଧା ଓ ଭକ୍ତି କରୁଥିଲେ ।

ପିତାଙ୍କ ପରଲୋକ ପରେ ଘରେ ରହୁଥାନ୍ତି ଦୁଇ ମା' ଆଉ ସାନଭାଇ । ପଣ୍ଡିତ ମହାଶୟ ସଂସ୍କୃତ କଲେଜରେ ଚାକିରି ପାଇ ପୁରୀରେ ଘରଭଡାକରି ରହୁଥାନ୍ତି । ଦୁଇ ମା'ଙ୍କ ମଧ୍ୟରୁ ଜଣେଜଣେ ପାଳିକରି ପୁରୀରେ ରହନ୍ତି । ମା' ମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା । ସେମାନେ ଯାହା କହିଲେ ସେ କଦାପି ଲଙ୍ଘନ କରୁନଥିଲେ । ମା ମାନେ ଏକାଦଶୀରେ ନିର୍ଜଳ ଉପବାସ କରୁଥିବାରୁ ସେ ଦ୍ୱାଦଶୀ ଦିନ ସକାଳୁ ଉଠି ନିଜେ ପରିବା କାଟନ୍ତି ଓ ମା ମାନଙ୍କର ପସନ୍ଦ ମୁତାବକ ରାନ୍ଧିବା ପାଇଁ ସହଧର୍ମିଣୀଙ୍କୁ ବିରତ କରନ୍ତି । ବଡବୋଉ ବାଇଗଣ ଭଲପାଉଥିବାରୁ ସେ ସବୁଥର ବାଇଗଣ କିଣିକରି ଆଣନ୍ତି । ସାନ ମା କଦଳୀ, କାକୁଡ଼, ପଣସ ଇତ୍ୟାଦି ଫଳ ଭଲପାଆନ୍ତି ।

ସାନ ମା'ଙ୍କର ଦେହ ଖରାପ ହେବାରୁ ଗୋଟେ ଦିନ ପୁରୀ ଡାକ୍ତର ଖାନାରେ ଥିଲେ । ସାନ ମା ଡାକ୍ତରଖାନାରେ କିଛି ଖାଇବାକୁ ଭଲ ପାଇବେ ନାହିଁ ବୋଲି ସେ ଜାଣିଥିଲେ ।

ଶ୍ରୀମନ୍ଦିରରୁ ଅଭଡ଼ା ବାହାରିବା ସାଙ୍ଗେସାଙ୍ଗେ ଅଭଡ଼ା କଣି ମା'ଙ୍କ ପାଖେ ପହଞ୍ଚିଲେ । ତାଙ୍କୁ ଦେଖି ସାନମା' କହିଲେ—"ତୁ'ମୋର ମନକଥା ଜାଣି ପାରିଲୁ । ମୁଁ ତୋର ମା' ନୁହଁ, ତୁ ମୋର ମା ।" ଡାକ୍ତରୀ ପରୀକ୍ଷାରୁ ତାଙ୍କୁ କ୍ୟାନସର ହୋଇଛି ବୋଲି ଜଣାପଡ଼ିଲା । ଭଡ଼ାଘର ମାଲିକ କ୍ୟାନ୍ସର ରୋଗୀ ରଖିବାକୁ ରାଜି ନହେବାରୁ ମା'ଙ୍କୁ ବାଧ୍ୟହୋଇ ଗାଁରେ ଛାଡ଼ିଲେ । ପ୍ରତି ସପ୍ତାହରେ ଗାଁକୁ ଯାଇ ମା'ଙ୍କ ଔଷଧ ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ବୁଝୁଥିଲେ ।

ମା'ଙ୍କର ଅନ୍ତିମଦିନ ପଣ୍ଡିତ ମହାଶୟ ଗାଁରେ ଥାନ୍ତି । ମା'ଙ୍କ ଅବସ୍ଥା ଅଳ୍ପ ଭଲଥିବାରୁ ସେ ଚାକିରିରେ ଯୋଗ ଦେବାକୁ ପୁରୀ ଆସିବାକୁ ବାହାରିଲେ । ସେ ପୁରୀ ଆସିବାକଥା ଶୁଣି ତାଙ୍କ ମା' କହିଲେ—"ତୁତ ଗଲେ ମୁଁ ତ ଯିବି ।" ପଣ୍ଡିତ ମହାଶୟ ଏହାର ଅର୍ଥ ବୁଝିପାରିଲେ ନାହିଁ । ସେ ଭାବିଲେ ବୋଉ ପୁରୀ ଯିବାପାଇଁ କହୁଛି । କିନ୍ତୁ ପଣ୍ଡିତ ମହାଶୟ ଦାଣ୍ଡ ଦୁଆରେ ପହଞ୍ଚିଛନ୍ତି, ମା'ଙ୍କର ପରଲୋକ ହେଲା ।

ପରିବାର ଦାୟିତ୍ୱ

ପଣ୍ଡିତ ମହାଶୟଙ୍କ ଉପରେ ପରିବାରର ଗୁରୁ ଦାୟିତ୍ୱ ନ୍ୟସ୍ତଥିଲା । ନିଜ ସ୍ତ୍ରୀ ଓ ସନ୍ତାନ ସନ୍ତତିଙ୍କ ଦାୟିତ୍ୱ ବହନ କରିବା ସଙ୍ଗେ ସଙ୍ଗେ ନିଜର ମା, ସାନ ଭାଇ ଓ ଭଉଣୀଙ୍କର ଦାୟିତ୍ୱ ସେ ବହନ କରିଥିଲେ । ସାନଭଉଣୀ "ହାର" ପ୍ରାୟ ସବୁବେଳେ ପିଲାଛୁଆଙ୍କୁ ଧରି ବାପଘରେ ରହୁଥିଲେ । ପିତୃହୀନ ହୋଇଥିବାରୁ ସାନଭାଇଙ୍କର ପାଠପଢ଼ା ଇତ୍ୟାଦିର ସମସ୍ତ ଦାୟିତ୍ୱ ନେଇଥିଲେ ।

ପୂର୍ବରୁ ଅର୍ଥାଭାବଯୋଗୁଁ କେତେକ ଜମିବାଡ଼ି ବନ୍ଧକ ପଡ଼ିଥିଲା । ପଣ୍ଡିତ ମହାଶୟ ଚାକିରି କରିବାପରେ ସେ ସବୁ ଆସ୍ତେ ଆସ୍ତେ ବନ୍ଧମୁକ୍ତ କରିଥିଲେ ।

ପଣ୍ଡିତ ମହାଶୟଙ୍କ ପ୍ରଥମ ସନ୍ତାନ ଜନ୍ମ ପରେ ପରେ ନଷ୍ଟ ହୋଇ ଯାଇଥିଲା । ତାପରେ ସେ ତିନୋଟି କନ୍ୟା ଓ ଦୁଇଗୋଟି ପୁତ୍ର ଲାଭ କରିଥିଲେ । ସେମାନେ ହେଲେ—

ଜନ୍ମତାରିଖ	ନାମ
୧୪-୧୨-୪୮	ଶାନ୍ତି
୧୪-୮-୫୧	ବାସନ୍ତୀ
୪-୫-୫୬	ମିନତି
୯-୭-୫୮	ରମାକାନ୍ତ (ବାବୁ)
୨୩-୫-୬୩	ଉମାକାନ୍ତ (ବଭୁ)

ପିଲାମାନଙ୍କୁ ସତ୍ ପଥରେ ପରିଚାଳିତ କରିବା ପାଇଁ ସେ ନିୟତ ଚେଷ୍ଟା କରିଆସିଥିଲେ । ସେମାନଙ୍କର ବୌଦ୍ଧିକ ବିକାଶ, ଆଧ୍ୟାତ୍ମିକ ଉନ୍ନତି ତଥା ଉଚ୍ଚଶିକ୍ଷା ପାଇଁ ସେ ସମସ୍ତ ପ୍ରକାରର ପ୍ରେରଣା ଦେଇଥିଲେ । ସମସ୍ତେ ଉଚ୍ଚଶିକ୍ଷା ଲାଭକରି ନିଜ ନିଜ କର୍ମସଂସ୍ଥାନରେ ପ୍ରତିଷ୍ଠିତ ହେବା-ପରେ ପରବର୍ତ୍ତୀ ଜୀବନରେ ସେ ଆଶ୍ୱସ୍ତ ହୋଇଥିଲେ ।

ଅଧ୍ୟାପନା

ଧର୍ମଶାସ୍ତ୍ରାଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ ଓ ବେଦଶାସ୍ତ୍ରୀ ପରୀକ୍ଷା ମାନଙ୍କରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା ପରେ ୧୪-୨-୪୫ରେ ପଣ୍ଡିତ ମହାଶୟ ପୁରୀ ସଂସ୍କୃତ କଲେଜରେ ଅସ୍ଥାୟୀ ସ୍ମୃତି ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ଏହାର ୫ ମାସ ପରେ ୧୬-୭-୪୫ ରେ ଆବେଦନ କାରୀ ଇଚ୍ଛୁକ ପ୍ରାର୍ଥୀ ମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହୋଇ ସ୍ଥାୟୀ ଭାବରେ ଧର୍ମଶାସ୍ତ୍ର ବିଭାଗରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ । ସ୍ୱାଧୀନତା ପରେ ପୁରୀ ସଂସ୍କୃତ କଲେଜର ନାମ ସଦାଶିବ ସଂସ୍କୃତ କଲେଜ ହେଲା ଏବଂ ପରବର୍ତ୍ତୀ କାଳରେ ତା ୧୫-୮-୭୧ ରେ ଏହା ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀକୁ ହସ୍ତାନ୍ତରିତ ହେବାପରେ ଏହାର ନାମ ପରିବର୍ତ୍ତନ କରାଯାଇ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ରଖାଗଲା । ଏହି ତିନୋଟି ଅନୁଷ୍ଠାନରେ ନିଷ୍ଠାପର ଭାବେ କାର୍ଯ୍ୟ କରି ପଣ୍ଡିତ ମହାଶୟ ୧୯୭୯ ମସିହା ଏପ୍ରିଲ ୩୦ ତାରିଖରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟା-ପୀଠରୁ ଅବସର ଗ୍ରହଣ କରିଥିଲେ ।

ଅଧ୍ୟାପକ ହିସାବରେ ସେ ଜ୍ଞାନୀ, କର୍ତ୍ତବ୍ୟ ନିଷ୍ଠ, ସମୟାନୁବର୍ତ୍ତୀ ଓ ଛାତ୍ରବତ୍ସଳ ଥିଲେ । ଛାତ୍ର ମାନଙ୍କୁ ସେ ନିଜ ସନ୍ତାନ ମାନଙ୍କ ଠାରୁ ଅଧିକ ସ୍ନେହ କରୁଥିଲେ । ତାଙ୍କର ସ୍ନେହ, ସାହାଯ୍ୟ ଓ ଅଭିଭାବକତ୍ୱରେ ପରିପାଳିତ ବହୁତ ପୁରାତନ ଛାତ୍ର ଏବେ ସୁଦ୍ଧା ସାକ୍ଷାତରେ ଓ ପତ୍ର-ମାଧ୍ୟମରେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଆସୁଛନ୍ତି ।

ଅଧ୍ୟାପକ ଜୀବନରେ ପ୍ରଥମ ସୋପାନରୁ ହିଁ ତାଙ୍କର ସାହିତ୍ୟ ସାଧନା ଅବ୍ୟାହତ ରହିଥିଲା । କର୍ମମୟ ଜୀବନରେ ସାମାନ୍ୟ ସମୟ ମିଳିଲେ ସେ ତାହା ନଷ୍ଟ ନକରି କିଛି ନା କିଛି ଲେଖି ବସୁଥିଲେ । ତାଙ୍କ ଲେଖନୀ ନିସୃତ

ଗବେଷଣାତ୍ମକ ଅନେକ ପ୍ରବନ୍ଧ ତତ୍‌କାଳୀନ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଅଛି । ସେଗୁଡ଼ିକର ଏକ ତାଲିକା ଏହି ପୁସ୍ତକର ଏକ ସ୍ୱତନ୍ତ୍ର ଅଧ୍ୟାୟରେ ସଂଯୋଗ କରାଯାଇଛି ।

୧୯୪୮ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଭାଷା କମିଟିର ସଭ୍ୟରୂପେ ମନୋନୀତ ହୋଇଥିଲେ ।

୧୭-୧୨-୧୯୫୦ ରେ ସଂସ୍କୃତ କାର୍ଯ୍ୟାଳୟ, ଅଯୋଧ୍ୟା, ତାଙ୍କୁ "ସାହିତ୍ୟରତ୍ନ" ଉପାଧିରେ ଭୂଷିତ କରିଥିଲେ ।

ଅଧ୍ୟାପକ ଜୀବନରେ ପଣ୍ଡିତ ମହାଶୟ ଅନେକ ବିଶିଷ୍ଟ ବ୍ୟକ୍ତି-ବିଶେଷଙ୍କ ସଂସ୍ପର୍ଶରେ ଆସିଥିଲେ । ୧୩-୪-୫୨ ରେ ସେ ଡଃ ହରେକୃଷ୍ଣ ମହତାବଙ୍କ ଏକ ପ୍ରଶ୍ନର ଉତ୍ତର ଶ୍ଳୋକରେ ଲେଖି ପଠାଇଥିଲେ । ତାର ଉତ୍ତର ସ୍ୱରୂପ ଡଃ ମହତାବ (ମନ୍ତ୍ରୀ) ଦିଲ୍ଲୀରୁ ପଣ୍ଡିତ ମହାଶୟଙ୍କ ପାଖକୁ ସଂସ୍କୃତରେ ପତ୍ର ଲେଖିଥିଲେ । ପରବର୍ତ୍ତୀ କାଳରେ ଡଃ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲାବେଳେ ୨୯-୫-୫୯ ରେ (ଚିଠି ନଂ ୯୧୪/୧୯) ପଣ୍ଡିତ ମହାଶୟଙ୍କ ଲେଖାଗୁଡ଼ିକ ଭାଷାନ୍ତରରେ ପ୍ରକାଶ ପାଇବାକୁ ଲେଖିଥିଲେ । ।

୨୪-୮-୫୭ ରେ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ରିସର୍ଚ୍ଚ ବୋର୍ଡର ସଭ୍ୟରୂପେ ମନୋନୀତ ହୋଇଥିଲେ । (ଚିଠି ନଂ ୧୧୫/୫୭-୮୨୯(୧୧)) ୩୧-୮-୫୭ ରେ ପଣ୍ଡିତ ମହାଶୟ ଏହି ଅନୁରୋଧର ସ୍ୱୀକୃତି ସୂଚକ ଉତ୍ତର ଦେଇଥିଲେ ।

୧୯୬୧ ମସିହା ଅକ୍ଟୋବର ୨୪ ତାରିଖରେ ଶ୍ରୀ ସଂସ୍କୃତ କାର୍ଯ୍ୟାଳୟ ଓଁରେସ୍ୱା, ଅଯୋଧ୍ୟା, ପଣ୍ଡିତ ମହାଶୟଙ୍କୁ "ବିଦ୍ୟାଭୂଷଣ" ଉପାଧିରେ ଭୂଷିତ କରିଥିଲେ ।

ଶ୍ରୀ ସଦାଶିବ ସଂସ୍କୃତ କଲେଜରେ ଥିବା ସମୟରେ ସେ ୧୯୬୩ରୁ ୧୯୬୯ ପର୍ଯ୍ୟନ୍ତ ୭ ବର୍ଷ କାଳ ଛାତ୍ରାବାସର ତତ୍ତ୍ୱାବଧାରକ ଭାବେ, ୧୦ ବର୍ଷ

କାଳ କଲେଜ ଇଉନିଅନ୍ ଆଡ୍‌ଭାଇଜର, ଓ ବହୁବାର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ ।

୧୯୬୦ ମସିହାରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସମ୍ପାଦକ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମହାପାତ୍ର, ପଣ୍ଡିତ ମହାଶୟଙ୍କୁ ପାଞ୍ଜି ସଂଶୋଧନ ସଭାକୁ ନିମନ୍ତ୍ରଣ କରିଥିଲେ । ସେହିଦିନଠାରୁ ସେ ଓଡ଼ିଶାର ବିଭିନ୍ନ ପାଞ୍ଜି ସଂଶୋଧନ କରି ଆସୁଅଛନ୍ତି । ସେ କ୍ଷୟମାସ ବ୍ୟବସ୍ଥା, ବିଷୁବ ସଂକ୍ରାନ୍ତି, ଗ୍ରହଣ ପାଳନ ସରସ୍ୱତୀପୂଜା ସମ୍ବନ୍ଧୀୟ ବିଭିନ୍ନ ଗୋଳମାଳିଆ ପରିସ୍ଥିତିକୁ ସମାଧାନ କରି ଶ୍ରୀ ଜଗନ୍ନାଥଙ୍କର ନୀତିକୁ ଠିକ୍ ରଖିବାରେ ସମର୍ଥ ହୋଇପାରିଛନ୍ତି ।

୧୨-୧୧-୬୪ କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ଗୁରୁବାର ଦିନ ତାଙ୍କର ପୂଜ୍ୟ ଗୁରୁ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦମିଶ୍ର ଙ୍କର ପରଲୋକ ହୋଇଥିଲା । ସେ କେବଳ ପଣ୍ଡିତ ମହାଶୟଙ୍କର ଶିକ୍ଷାଗୁରୁ ନଥିଲେ, ତାଙ୍କର ମନ୍ତ୍ରଗୁରୁ ମଧ୍ୟ ଥିଲେ । ତାଙ୍କର ଦେହାନ୍ତ ପଣ୍ଡିତ ମହାଶୟଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା ।

ତା ପରେ ପରେ ୩-୧୦-୬୭ ରେ ତାଙ୍କର ପୂଜ୍ୟ ଶିକ୍ଷାଗୁରୁ ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ରଙ୍କର ପରଲୋକ ହୋଇଥିଲା । ତାଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଗଠିତ ହୋଇଥିବା କମିଟିର ସେ ସମ୍ପାଦକ ଥିଲେ ଓ ସଦାଶିବ ସଂସ୍କୃତ କଲେଜରେ ତାଙ୍କର ତୈଳଚିତ୍ର ଉନ୍ମୋଚନ କରାଇଥିଲେ ।

୬-୧-୬୫ ଠାରୁ ଉତ୍କଳ ସଂସ୍କୃତ ସମିତିର ବେଦ-ଧର୍ମଶାସ୍ତ୍ର-କର୍ମକାଣ୍ଡ ପାଠ୍ୟ ସମିତିର ସଦସ୍ୟ ଭାବରେ କାମ କରିଆସୁଥିଲେ ।

୧୯-୭-୬୭ ରେ "ଜୟଦେବ ଗୀତଗୋବିନ୍ଦଃ" ସମିତିର ସମ୍ପାଦନା ମଣ୍ଡଳୀରେ ସଭ୍ୟ ରୂପେ ମନୋନୀତ ହୋଇଥିଲେ । ସେ ସମୟରେ

ସେ ଗୀତଗୋବିନ୍ଦର "ନାରାୟଣ ଦାଶ"ଙ୍କ କୃତ ଟୀକା ଓଡ଼ିଆ ମଠରୁ ଆଣି ଦଆଇଥିଲେ ଓ ଶ୍ରୁତିରଞ୍ଜିନୀ ଟୀକାର ସଂଶୋଧନ କରଥିଲେ ।

୧୯୬୭ ମସିହା ଡିସେମ୍ବର ୭ରେ ପୁରୀ ସଦାଶିବ ସଂସ୍କୃତ କଲେଜରେ ବେଦଭବନର ଉଦ୍‌ଘାଟନ ହୋଇଥିଲା । ଏହି ଉପଲକ୍ଷେ ପଣ୍ଡିତ ମହାଶୟ ସମାଜ ପତ୍ରିକାରେ "ସଂସ୍କୃତଭାଷା ଓ ତାର ଉପଯୋଗ" ଶୀର୍ଷକ ପ୍ରବନ୍ଧ ଲେଖିଥିଲେ । ତାର ଅବଶିଷ୍ଟାଂଶ ୧୦-୧୨-୬୭ରେ ପ୍ରକାଶ ପାଇଥିଲା । ଏହାପୂର୍ବରୁ ସେହିବର୍ଷ ସେପ୍‌ଟେମ୍ବର ୭ ତାରଖରେ ଉତ୍ତର ପ୍ରଦେଶର ଭୂତପୂର୍ବ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ ଓ ଓଡ଼ିଶା ରାଜ୍ୟପାଳଙ୍କ ସେକ୍ରେଟେରୀ ପୁରୀ ରାଜଭବନରେ ପଣ୍ଡିତ ମହାଶୟଙ୍କ ସହ ବେଦଭବନ ଉନ୍ମୋଚନ ବିଷୟରେ ଆଲୋଚନା କରଥିଲେ (ଚିଠି ନଂ ୪୦୭୨ (୧୩) G.L.).

୧୦-୨-୬୮ ରେ ଷ୍ଟେଟ୍ ଆଲ୍‌ମନାକ କମିଟିର ସଭ୍ୟ ରୂପେ ମନୋନୀତ ହୋଇଥିଲେ (ଚିଠି ନଂ ୫୪୨) ।

୧୯୬୮ ମସିହାରେ ସଦାଶିବ ସଂସ୍କୃତ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ପରିଚାଳନା କରଥିଲେ ଓ ପୁରାତନ ଛାତ୍ର ସଂଘର ଏକ ଅଧିବେଶନ ବସାଇଥିଲେ ।

୧୪-୮-୭୦ ରେ ସଦାଶିବ ସଂସ୍କୃତ କଲେଜର ପରିଚାଳନା ସମିତି ସଭ୍ୟ ଭାବେ ସ୍ୱୀକୃତ ହୋଇ କାର୍ଯ୍ୟ କରଆସୁଥିଲେ ।

ଅଧ୍ୟାପକ ଭାବରେ ସେ କେବଳ ନିର୍ଦ୍ଦିଷ୍ଟ ପାଠ୍ୟଗ୍ରନ୍ଥ ପଢାଉଥିଲେ ତାନୁହେଁ, ସ୍ୱ ବିଭାଗୀୟ ତଥା ଅନ୍ୟ ବିଭାଗୀୟ ଛାତ୍ର ମାନଙ୍କୁ ଶ୍ଳୋକ ରଚନା ଓ ପ୍ରବନ୍ଧ ରଚନା ପାଇଁ ଉତ୍ସାହିତ କରୁଥିଲେ ଓ ମାର୍ଗଦର୍ଶନ କରାଉଥିଲେ । ସଂସ୍କୃତର ପ୍ରଚାର ଓ ପ୍ରସାର ପାଇଁ ଲୋକପ୍ରୀତି ନିମନ୍ତେ ଅନେକ ଶ୍ରେଷ୍ଠ ଶ୍ରେଷ୍ଠ ପଦ୍ୟ ରଚନା କରଛନ୍ତି ।

ସେ ଅନେକ ଥର ଅଖିଳ ଭାରତ ପ୍ରାଚ୍ୟ ବିଦ୍ୟା ସମ୍ମେଳନ (AOIC), ଅଖିଳ ଭାରତୀୟ ସଂସ୍କୃତ ସମ୍ମେଳନ, ଅଖିଳ

ଭାରତୀୟ ବୈଦିକ ସମ୍ମେଳନ ତଥା ଅନ୍ୟାନ୍ୟ ବିଭିନ୍ନ ସମ୍ମେଳନରେ ନିମନ୍ତ୍ରିତ ହୋଇ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ । କେତେବେଳେ କନ୍‌ଫରେନ୍‌ସ୍‌ରେ ଯୋଗଦେବା ପାଇଁ, କେତେବେଳେ ଛାତ୍ରାଭିଭାବକ ଭାବେ ପ୍ରତିଯୋଗିତାରେ ଯୋଗଦେଇ ବା ଛାତ୍ରମାନଙ୍କୁ ଏକ୍‌ସ୍‌କର୍ସନ୍‌ରେ ନେଇ.. ସେ ଭାରତର ବିଭିନ୍ନ ପ୍ରାନ୍ତର ଲୋକମାନଙ୍କ ସଂସ୍ପର୍ଶରେ ଆସିବା ସଙ୍ଗେ ସଙ୍ଗେ ସେମାନଙ୍କର ଚାଲିଚଳନ, ରୀତି ନୀତି, ଆଚାର ବ୍ୟବହାର, ସଂସ୍କୃତି ଓ ପରମ୍ପରା ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିପାରିଥିଲେ ।

'ସେ' ନିଜେ ଡକ୍ଟରେଟ୍ କରିନାହାଁନ୍ତି ସତ ମାତ୍ର ତାଙ୍କର ମାର୍ଗ ଦର୍ଶନରେ ଅନେକ ଛାତ୍ର/ଗବେଷକ ଡକ୍ଟରେଟ୍ (ବିଦ୍ୟାବାରିଧି) କରିଛନ୍ତି । ତାଙ୍କର ମାର୍ଗଦର୍ଶନରେ ଯେଉଁମାନେ ଗବେଷଣାକରୁଥିଲେ ସେମାନଙ୍କ ଭିନ୍ନ ଅନ୍ୟ ଗବେଷକ ମାନଙ୍କୁ ମଧ୍ୟ ସେ ସାମୟିକ ସାହାଯ୍ୟ କରି ସେମାନଙ୍କ କୃତଜ୍ଞତାର ପାତ୍ର ହୋଇପାରିଛନ୍ତି ।

ତାଙ୍କର ଅବିରତ ସାରସ୍ୱତ ସାଧନା ତଥା ଗବେଷଣା ପାଇଁ ଉଦ୍ୟମ ଲାଗି ରହିଥିଲା । ପୁରାତନ ତଥା ଲୁପ୍ତପ୍ରାୟ ସଂସ୍କୃତରେ ଅମୂଲ୍ୟ ଗ୍ରନ୍ଥମାନଙ୍କ ପୁନରୁଦ୍ଧାର ତଥା ତାଳପତ୍ର ପୋଥିମାନଙ୍କ ପାଠୋଦ୍ଧାର ତଥା ସଂଶୋଧନ ପାଇଁ ତାଙ୍କର ଉଦ୍ୟମ ଅତୁଳନୀୟ ।

ସେ ବୁଝିଥିଲେ ଯେ ଛାତ୍ରମାନଙ୍କର ଲେଖିବା ପ୍ରବୃତ୍ତି ବଢାଇବା ପାଇଁ ସେ ଲେଖାଗୁଡ଼ିକର ପ୍ରକାଶନ ଆବଶ୍ୟକ । ସେଥିପାଇଁ ସେ ଧର୍ମଶାସ୍ତ୍ର ବିଭାଗରେ ଶ୍ରୀଦେବଯାନଃ ନାମକ ସେମିନାର ପତ୍ରିକା ସୃଷ୍ଟି କରିଥିଲେ ।

ସଂସ୍କୃତର ପ୍ରଚାର ଓ ପ୍ରସାର ପାଇଁ ଗଠିତ ହୋଇଥିବା "ଉତ୍କଳ ସଂସ୍କୃତ ଗବେଷଣା ସମାଜର" ସଭାପତି ଥିଲେ । ତାଙ୍କର ତତ୍ତ୍ୱାବଧାନରେ ଏହି ଅନୁଷ୍ଠାନର ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିଲା । ଏହାର ମୁଖପତ୍ର "ଦିଗ୍‌ଦର୍ଶିନୀ"ର ପ୍ରକାଶନ ନିମନ୍ତେ ପଣ୍ଡିତ ମହାଶୟଙ୍କର ଅବଦାନ ଉଲ୍ଲେଖନୀୟ ।

୧୫-୮-୭୧ ରେ "ସଦାଶିବ ସଂସ୍କୃତ କଲେଜ" "ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ"କୁ ହସ୍ତାନ୍ତରିତ ହେବାପରେ ଏହାର ନାମ ପରିବର୍ତ୍ତନ କରାଯାଇ "ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ" ରହିଲା । ଏହାପୂର୍ବରୁ ସଂସ୍କୃତ କଲେଜରେ ରିଡର ପଦ ନଥିବାରୁ ଅଧ୍ୟାପକ ମାନଙ୍କର ପଦୋନ୍ନତିର କୌଣସି ସୁବିଧା ନଥିଲା । ଅଧ୍ୟାପକ ମାନେ ୨୫ । ୩୦ ବର୍ଷ ଚାକିରି ପରେ ମଧ୍ୟ ସେଇ ଅଧ୍ୟାପକ ଭାବରେ ଅବସର ଗ୍ରହଣ କରୁଥିଲେ । ସଂସ୍ଥାନକୁ ଯିବାପରେ ବିଦ୍ୟାପୀଠରେ ଦୁଇ ଗୋଟି ରିଡ଼ର ପଦ ଖୋଲା ଯାଇଥିଲା (ଚିଠି ନଂ ୫୯୭) । ବିଦ୍ୟାପୀଠର ସର୍ବବରିଷ୍ଠ ଅଧ୍ୟାପକ ଭାବେ ପଣ୍ଡିତ ମହାଶୟ ପଦୋନ୍ନତି ପାଇବାର ସର୍ବବିଧ ଆନୁସଙ୍ଗିକ ଯୁକ୍ତି ଥିଲେ ମଧ୍ୟ ତାଙ୍କୁ ତାହା ଦିଆଯାଇନଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ଧର୍ମଶାସ୍ତ୍ର ବିଭାଗରେ ଏକ ରିଡର ପଦ ମଞ୍ଜୁରି ହୋଇଥିଲା ଯେଉଁ ବିଭାଗର ମୁଖ୍ୟ ଅଧ୍ୟାପକ ଭାବେ ପଣ୍ଡିତ ମହାଶୟ ୩୩ ବର୍ଷ ହେଲା କାର୍ଯ୍ୟ କରି ଆସିଥିଲେ । କିନ୍ତୁ ସେହି ପଦ ପଣ୍ଡିତ ମହାଶୟଙ୍କୁ ଦିଆ ନଯାଇ ସେହିପରି ଭାବେ ଖାଲି ରଖାଯାଇଥିଲା । ୨[illegible]-୨-୭୬ ରେ ବିଦ୍ୟାପୀଠର ଅଧ୍ୟକ୍ଷ ପ୍ରଫେସର ଆର୍‌. କରୁଣାକରନ୍‌ଙ୍କ ଅନୁରୋଧରେ ପଣ୍ଡିତ ମହାଶୟ ଉକ୍ତ ପଦୋନ୍ନତି ପାଇଁ ଦରଖାସ୍ତ କରିଥିଲେ ଏବଂ ପ୍ରଫେସର କରୁଣାକରନ୍‌ ଏହାକୁ ଦୃଢ଼ ସମର୍ଥନ ଜଣେଇ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନକୁ ପତ୍ର ଲେଖିଥିଲେ । ମାତ୍ର ସେ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ଏହି ପଦ ଦୁଇଟି କାହାକୁ ହେଲେ ଦିଆନଯାଇ ସେହିପରି ଖାଲି ପଡ଼ିଥିଲା । କେବଳ ପରବର୍ତ୍ତୀ ଅଧ୍ୟକ୍ଷ ଡଃ ଜୟଦେବ ଗାଙ୍ଗୁଲି ଶାସ୍ତ୍ରୀଙ୍କର ସୁପାରିସ୍‌ କ୍ରମେ ସଂସ୍ଥାନ କର୍ତ୍ତୃପକ୍ଷ ଅବସର ଗ୍ରହଣର ନିର୍ଦ୍ଦିଷ୍ଟ ତାରିଖ (୩୧-୧୨-୭୮) ପରେ ଅଧିକ ୪ ମାସ ପର୍ଯ୍ୟନ୍ତ କାର୍ଯ୍ୟ କାଳ ବୃଦ୍ଧି କରିଥିଲେ । ୧୯୭୯ ଏପ୍ରିଲରେ ଯେତେବେଳେ ପଣ୍ଡିତ ମହାଶୟ ଅବସର ଗ୍ରହଣ କଲେ ସେତେବେଳେ ଏହି ରିଡର ପଦ ପାଇଁ ପୁନର୍ବାର ବିଜ୍ଞାପନ ହୋଇଥିଲା ।

୫-୬-୭୩ ରୁ ୮-୧୦-୭୩ ପର୍ଯ୍ୟନ୍ତ ଏବଂ ୧୦-୩-୭୪ ରୁ ୧୪-୫-୭୪ ପର୍ଯ୍ୟନ୍ତ ପଣ୍ଡିତ ମହାଶୟ ପୂର୍ଣ୍ଣକ୍ଷମତା ସହିତ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ ।

୧୯୭୫ ମସିହାରେ ପଣ୍ଡିତ ମହାଶୟ ବଲଙ୍ଗିର ସଂସ୍କୃତ କଲେଜରେ ଅଧ୍ୟାପକ ନିଯୁକ୍ତିରେ ବିଶେଷଜ୍ଞ ଭାବରେ ଯୋଗ ଦେବାପାଇଁ ନିମନ୍ତ୍ରିତ ହୋଇଥିଲେ ।

୩୦-୧୨-୭୭ ରେ କଟକର "ଉତ୍କଳ ସାହିତ୍ୟ ସମାଜ" ହଲ୍‌ରେ ବିଦ୍ୟାପୀଠର ଚେୟାରମ୍ୟାନ୍ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କର ସଭାପତିତ୍ୱରେ ବିଦ୍ୟାପୀଠର ୨୪ ଜଣ ଛାତ୍ରଙ୍କୁ ନେଇ ଏକ ସଂସ୍କୃତ ପାଲା ପରିବେଷଣ କରାଇଥିଲେ ।

୨୬-୨-୭୭ ରେ ଉତ୍କଳ ସଂସ୍କୃତ ସମିତିର କାଉନ୍‌ସିଲ୍‌ର ସଭ୍ୟରୂପେ ପୁରୀ ଜିଲ୍ଲା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ନିର୍ବାଚିତ ହୋଇଥିଲେ ।

୨୬-୧୦-୭୮ ରେ ଉତ୍କଳ ସଂସ୍କୃତ ପରିଷଦ୍‌ରେ ସଭ୍ୟଭାବେ ଯୋଗ ଦେଇଥିଲେ ।

୩୧-୧୦-୭୮ ରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀ, ଟେଷ୍ଟ୍ରୁ ରିସର୍ଚ୍ଚ କମିଟିର ସଭ୍ୟ ଭାବେ ନିଯୁକ୍ତି ପାଇଥିଲେ । (ଚିଠି ନଂ NR4/78-79/1643(4) ।

୩୩ ବର୍ଷ କାଳ ଅଧ୍ୟାପକ ଭାବରେ କାର୍ଯ୍ୟକରି ୧୯୭୯ ମସିହା ଏପ୍ରିଲ୍ ମାସ ୩୦ ତାରିଖରେ ପଣ୍ଡିତ ମହାଶୟ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରୁ ଅବସର ଗ୍ରହଣ କରିଥିଲେ ।

★

ଅଧ୍ୟାପନା ସମୟର ଘଟଣାବଳୀ

ଶ୍ରୀ ସଦାଶିବ ସଂସ୍କୃତ କଲେଜର ସୁବର୍ଣ୍ଣ ଜୟନ୍ତୀ

ଶ୍ରୀ ସଦାଶିବ ସଂସ୍କୃତ କଲେଜର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ତା ୧-୪-୬୮ ରେ ପାଳନ କରାଯାଇଥିଲା । ଏହା ପଣ୍ଡିତ ମହାଶୟଙ୍କ ଜୀବନର ଏକ ଉଲ୍ଲେଖନୀୟ ଘଟଣା, ଏବଂ ଏହାକୁ ବାଦ୍ ଦେଇ ପଣ୍ଡିତ ମହାଶୟଙ୍କର ଜୀବନ ଚର୍ଯ୍ୟା କରିବା ସମ୍ଭବ ନୁହେଁ ।

ଉତ୍ସବର ୫ ଦିନ ଆଗରୁ ତା ୨୬-୩-୬୮ ରେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଶ୍ରୀଯୁକ୍ତ କିଶୋରୀ ମୋହନ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ବସିଥିଲା । ଏଥିରେ ୨୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଏକ ଅଭ୍ୟର୍ଥନା କମିଟି ଗଠନ କରାଗଲା । ଏଥିରେ ସଭ୍ୟ ଥିଲେ ଅବସରପ୍ରାପ୍ତ ବିଦ୍ୱାନ୍ ମଣ୍ଡଳୀ, ସଂସ୍କୃତ କଲେଜର ଅଧ୍ୟକ୍ଷ ଓ ବରିଷ୍ଠ ଅଧ୍ୟାପକ, ପୁରୀର ପ୍ରସିଦ୍ଧ ମଠ ମାନଙ୍କର ମଠାଧୀଶ ତଥା ଆଡ୍‌ଭୋକେଟ୍ ଆଦି ପୁରୀ ସହରର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି । ଅଭ୍ୟର୍ଥନା ସଭାର ସଭାପତି ଭାବେ ପଣ୍ଡିତ ଶ୍ରୀ କିଶୋରୀ ମୋହନ ଦ୍ୱିବେଦୀ, ସଂପାଦକ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର, ଯୁଗ୍ମ-ସଂପାଦକ ଓ କୋଷାଧ୍ୟକ୍ଷ ଭାବେ ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ଦାଶ କାର୍ଯ୍ୟ ତୁଲାଇବେ ବୋଲି ସ୍ଥିର ହେଲା ।

କର୍ମକର୍ତ୍ତା ସ୍ଥିର ହେବାପରେ ସେହିଦିନ ସନ୍ଧ୍ୟାରେ ଅଭ୍ୟର୍ଥନା କମିଟିର ପ୍ରଥମ ବୈଠକ ବସିଥିଲା । କମିଟିର ସମ୍ପାଦକ ଭାବେ ପଣ୍ଡିତ କୁଳମଣି ମିଶ୍ର ବୈଠକକୁ ନିମ୍ନମତେ ଆହ୍ୱାନ କରିଥିଲେ—

''ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପଲକ୍ଷେ ଗଠିତ ଅଭ୍ୟର୍ଥନା କମିଟିର ଏକ ବୈଠକ ଆଜି ସଂଧ୍ୟା ୭ ଘଣ୍ଟା ସମୟରେ କଲେଜରେ ଅନୁଷ୍ଠିତ ହେବ ।

ଏଣୁ ସମସ୍ତ ସଭ୍ୟ ଉକ୍ତ ବୈଠକରେ ଯୋଗ ଦେବାକୁ ଅନୁରୋଧ ।

ନିବେଦକ

ଶ୍ରୀ କୁଳମଣି ମିଶ୍ର ଶର୍ମ୍ମା, ସଂପାଦକ
ଶ୍ରୀ ଚନ୍ଦ୍ରଶେଖର ଦାଶ ଶର୍ମ୍ମା, ଯୁଗ୍ମ-ସଂପାଦକ

ଉକ୍ତ ବୈଠକରେ ଉତ୍ସବ ପାଇଁ ନିମନ୍ତ୍ରଣ ଖର୍ଚ୍ଚ, ଅତିଥିମାନଙ୍କ ପାଇଁ ବନ୍ଦୋବସ୍ତ, ଅନ୍ୟାନ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ଆଲୋଚିତ ହୋଇଥିଲା ।

ଅପ୍ରେଲ ପହିଲା ଉତ୍କଳ ଦିବସରେ ଅନୁଷ୍ଠିତ ହୋଇଥିବା ସୁବର୍ଣ୍ଣ ଜୟନ୍ତୀର ସମ୍ପାଦକ ଭାବେ ପଣ୍ଡିତ ମହାଶୟ ସମସ୍ତ ଦାୟିତ୍ୱ ବହନ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଇଥିଲା, ଯେଉଁଥିରେ କି ପଣ୍ଡିତ ମହାଶୟଙ୍କର "କର୍ମ ବିବେକଃ" ନାମକ ପ୍ରବନ୍ଧ ସ୍ଥାନ ପାଇଥିଲା । ସେ ସମୟରେ ପୁରାତନ ଗ୍ରନ୍ଥ ସଂଘର ଏକ ଅଧିବେଶନ ମଧ୍ୟ ବସିଥିଲା । ଏଥିରେ ମଧ୍ୟ ପଣ୍ଡିତ ମହାଶୟ ସଂପାଦକ ଭାବେ କାର୍ଯ୍ୟ ତୁଲାଇଥିଲେ ।

ଏହି ପରିପ୍ରେକ୍ଷୀରେ ପଣ୍ଡିତ ମହାଶୟଙ୍କୁ ବିଭିନ୍ନ ମହଲକୁ ପତ୍ରାଳାପ କରିବାକୁ ପଡିଥିଲା । ମିଳିଥିବା ଚିଠିମାନଙ୍କ ମଧ୍ୟରେ କେତୋଟି ଅଦ୍ୟାପି ପଣ୍ଡିତ ମହାଶୟଙ୍କ ବହି ଆଲମାରୀରେ ସଂରକ୍ଷିତ ଅଛି ।

ତା ୨୯-୩-୬୮ ରେ କଟକରୁ ମାୟାଧର ମାନସିଂହ ଲେଖିଥିଲେ —"ଆମେ ଏପର୍ଯ୍ୟନ୍ତ ବିଦେଶୀ ଓ ବିଧର୍ମୀଙ୍କୁ 'ମ୍ଳେଚ୍ଛ' କହି ତାଚ୍ଛଲ୍ୟ ଦେଖାଉଥିଲୁ । କିନ୍ତୁ, ଏଇଯେ ଆମେ ଆମର ବରେଣ୍ୟ, କଲ୍ୟାଣମୟ ବେଦଭାଷା ଓ ଦେବଭାଷା ସଂସ୍କୃତକୁ ଛାଡ଼ିଲେ, ଆମେ ନିଜେ ଏଥର ସତ୍ୟରେ 'ମ୍ଳେଚ୍ଛ' ହେବ - ସମସ୍ତ ଜାତି ଓ ଦେଶ । ଆପଣମାନେ ମୁଷ୍ଟିମେୟ କେତେକ ସାଧକ ସଂସ୍କୃତ କ୍ଷୀଣ ପ୍ରଦୀପ ଯେ ଏମାଟିରେ ଜାଳି ରଖି ପାରିଛନ୍ତି ସେଥିପାଇଁ ଆପଣମାନେ ସମଗ୍ର ଭାରତୀୟ ଜାତିର ଗଭୀର କୃତଜ୍ଞତାର ପାତ୍ର । ଆଜି, ପୁରୀ ସଂସ୍କୃତ କଲେଜର

ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ, ମୁଁ ସେହି ଜ୍ଞାନାଲୋକ ସ୍ଥଳକୁ ମଧ୍ୟ ମୋର ଗଭୀର ଓ ବିନୀତ ପ୍ରଣତି ପ୍ରେରଣ କରୁଛି ।"

ତା ୩୦ । ୩ । ୬୮ ରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଶ୍ରୀ ସଦାନନ୍ଦ ରାମାନୁଜ ଦାସ ଲେଖିଥିଲେ :

"ପୂଜ୍ୟ ଗୁରୁଦେବ, × × ×

ସଂସ୍କୃତ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ହେଉଥିବା ଅତି ଆନନ୍ଦର କଥା । ମୁଁ ସେଥିରେ ଭାଗ ନେଇ ପାରୁନଥିବାରୁ ଆନ୍ତରିକ ଦୁଃଖିତ । ସେହିଦିନ ମୋର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ କଲିକତା ଯିବାର ଅଛି । ନିତାନ୍ତ ଦରକାର ନଥିଲେ ସେ ପ୍ରୋଗ୍ରାମ୍ ବଦଳାଇ ଦିଅନ୍ତି । ତଥାପି ଚେଷ୍ଟା କରୁଛି । ଦେଖାଯାଉ ମୋ ଭାଗ୍ୟରେ ଗୁରୁଦର୍ଶନ ଅଛି କି ନାହିଁ । ଯଦି ନିତାନ୍ତ ନଯାଇପାରେ ତେବେ ମୋର ତ୍ରୁଟି ପାଇଁ କ୍ଷମାଦେବେ ।

ମୋର ମନେପଡୁଛି ସଂସ୍କୃତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘର ଅଧିବେଶନ ବେଳର କଥା । ଶରୀର ପୁଲକାଞ୍ଚିତ ହୋଇଯାଉଛି । ସେ ସୌଭାଗ୍ୟରୁ ବଞ୍ଚିତ ହେବି ବୋଲି ଆଶାନଥିଲା । × × × ବିନୟାବନତ, ସଦାନନ୍ଦ ।

ପଣ୍ଡିତ ଆନନ୍ଦ ମିଶ୍ରଙ୍କ ପରଲୋକ

୧୯୬୪ ମସିହା ନଭେମ୍ବର ୧୨ ତାରିଖ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ, ଗୁରୁବାର ଦିନ ପ୍ରଧାନାଚାର୍ଯ୍ୟ ପଣ୍ଡିତ ୬ ଆନନ୍ଦ ମିଶ୍ର ଶର୍ମ୍ମା ସ୍ୱର୍ଗଗାମୀ ହୋଇଥିଲେ । ସେ ପୁରୀ ସଂସ୍କୃତ କଲେଜରେ ଧର୍ମଶାସ୍ତ୍ର ଅଧ୍ୟାପକ ତଥା ପଣ୍ଡିତ ମହାଶୟଙ୍କ ଶିକ୍ଷାଗୁରୁ ଥିଲେ । ପରବର୍ତ୍ତୀ କାଳରେ ପଣ୍ଡିତ କୁଳମଣି ମିଶ୍ର ସସ୍ତ୍ରୀକ ତାଙ୍କଠାରୁ ଗୃହସ୍ଥ ମନ୍ତ୍ରଦୀକ୍ଷା ନେଇଥିଲେ ।

ତାଙ୍କର ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ପଣ୍ଡିତ ମହାଶୟ "ନବଜୀବନ' ପତ୍ରିକାରେ (ଡିସେମ୍ବର ୬୪) "ବନ୍ଧମୁକ୍ତ ଗୁରୁଦେବ"

ଶୀର୍ଷକ ପ୍ରବନ୍ଧ ଲେଖିଥିଲେ । ସେହିମାସ ୨୯ ତାରିଖ (୨୯-୧୨-୬୪)ରେ ପଣ୍ଡିତ ମହାଶୟଙ୍କ ଦ୍ୱାରା ସଂସ୍କୃତରେ ଲେଖା ହୋଇଥିବା ଗୋଟିଏ ପ୍ରବନ୍ଧ "ପ୍ରଧାନାଚାର୍ଯ୍ୟଃ ପଣ୍ଡିତ ଆନନ୍ଦମିଶ୍ରାଃ" ଅଯୋଧ୍ୟାରୁ ପ୍ରକାଶିତ "ସଂସ୍କୃତମ୍" ପତ୍ରିକାରେ ସ୍ଥାନ ପାଇଥିଲା ।

ଏହାର ବହୁତ ବର୍ଷ ପରେ, ପଣ୍ଡିତ ମହାଶୟ ସଂସ୍କୃତ ବିଦ୍ୟାପୀଠରୁ ଅବସର ଗ୍ରହଣ କରିବା ପରେ ପରେ, ପଣ୍ଡିତ ୬ ଆନନ୍ଦ ମିଶ୍ରଙ୍କର ଏକ ଗ୍ରନ୍ଥାଗାର ବିଦ୍ୟାପୀଠକୁ ପ୍ରଦାନ କରିଥିଲେ । ଏହା ତା ୧୪-୭-୮୦ ରିଖରେ ତତ୍କାଳୀନ ଓଡ଼ିଶା ହାଇକୋର୍ଟର ମାନ୍ୟବର ଚିଫ୍ ଜଷ୍ଟିସ୍ ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଉକ୍ତ ସଭାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ଶ୍ରୀଯୁକ୍ତ ବ୍ରଜମୋହନ ଚତୁର୍ବେଦୀ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ ।

ପଣ୍ଡିତ ବାସୁଦେବ ମିଶ୍ରଙ୍କ ସ୍ମୃତିରକ୍ଷା କମିଟି

୧୯୬୭ ମସିହା ଅକ୍ଟୋବର ୪ ତାରିଖରେ ପଣ୍ଡିତ ମହାଶୟଙ୍କ ପୂଜ୍ୟ ଗୁରୁ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଶ୍ରୀ ବାସୁଦେବ ମିଶ୍ରଙ୍କ ପରଲୋକ ହୋଇଥିଲା । ତାଙ୍କର ଦଶାହ କ୍ରିୟା ଦିବସ ତା ୧୩ । ୧୦ । ୬୭ ରିଖରେ ଏକ ସ୍ମୃତିରକ୍ଷା କମିଟି ଗଠିତ ହୋଇଥିଲା । ତା ୪ । ୧୨ । ୬୮ ରିଖରେ ଏହି କମିଟିରେ ପ୍ରଥମ ଅଧିବେଶନର ବିବରଣୀ ନିମ୍ନପ୍ରକାରର ।

> ପୁରୀ ସଦାଶିବ ସଂସ୍କୃତ କଲେଜର ଅଧ୍ୟକ୍ଷ ଶ୍ରୀ ରାଧାମୋହନ ମହାପାତ୍ରଙ୍କ ଆବାହକତ୍ୱରେ ସ୍ୱର୍ଗୀୟ ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ରଙ୍କର ଦଶାହ କ୍ରିୟା ଦିବସ ୧୩-୧୦-୬୭ରେ ଗଠିତ ହୋଇଥିବା ତାଙ୍କ ସ୍ମୃତିରକ୍ଷା କମିଟିର ଆଜି ସନ୍ଧ୍ୟା ୬ଟାରେ ପ୍ରଥମ ଅଧିବେଶନ ଶ୍ରୀ ସତ୍ୟବାଦୀ ତ୍ରିପାଠୀଙ୍କ ସଭାପତିତ୍ୱରେ ପୁରୀ ସଦାଶିବ ସଂସ୍କୃତ କଲେଜରେ ଅନୁଷ୍ଠିତ ହେଲା । ଏଥିରେ ନିମ୍ନଲିଖିତ ସଭ୍ୟମାନେ ଉପସ୍ଥିତ ଥିଲେ ।
>
> ୧ । ଶ୍ରୀ ସତ୍ୟବାଦୀ ତ୍ରିପାଠୀ
> ୨ । ଶ୍ରୀ ହରିହର ମହାପାତ୍ର
> ୩ । ଶ୍ରୀ ରାଧା ମୋହନ ମହାପାତ୍ର, ଅଧ୍ୟକ୍ଷ

୪- ଶ୍ରୀ ଗଦାଧର ମହାପାତ୍ର

୫- ଶ୍ରୀ ବାମଦେବ ମିଶ୍ର

୬- ଶ୍ରୀ କୁଳମଣି ମିଶ୍ର

ଏହିସଭାରେ ନିମ୍ନଲିଖିତ ବିଷୟମାନ ଆଲୋଚିତ ହେଲା ।

୧- ଏହି ସ୍ମୃତିରକ୍ଷା କମିଟିରେ ଶ୍ରୀ ସତ୍ୟବାଦୀ ତ୍ରିପାଠୀ ସାମ୍ପାଦକ, ସ୍ଥାୟୀ ସଭାପତି ଓ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ସମ୍ପାଦକ ରହିଲେ ।

୨- ଏହି କମିଟିରେ ଶ୍ରୀଯୁକ୍ତ ଜଗତ୍ ବନ୍ଧୁ ମହାପାତ୍ର, ଅବସରପ୍ରାପ୍ତ ଆଇ. ଏ. ଏସ୍., ଏବଂ ଆଡ୍‌ଭୋକେଟ ଶ୍ରୀ ସୁରଜମଲ୍ଲ ସାହାଙ୍କୁ ସଦସ୍ୟରୂପେ ଗ୍ରହଣ କରିବାପାଇଁ ପ୍ରସ୍ତାବ ଗୃହୀତ ହେଲା ।

୩- ଆବଶ୍ୟକ ମନେହେଲେ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କୁ ଏହିକମିଟିର ସଭ୍ୟରୂପେ ଗ୍ରହଣ କରାଯିବା ପାଇଁ ସ୍ଥିର ହେଲା ।

୪- ସ୍ୱର୍ଗୀୟ ପ୍ରଧାନାଚାର୍ଯ୍ୟଙ୍କ ରଚନାବଳୀ ଏକତ୍ରିକରି ଗ୍ରନ୍ଥାବଳୀ ରୂପେ ପ୍ରକାଶ କରାଯିବ ଏବଂ ଏଥିପାଇଁ ପାଣ୍ଡୁଲିପି ପ୍ରସ୍ତୁତ କରିବାଭାର ଶ୍ରୀ କୁଳମଣି ମିଶ୍ର ଓ କବିରାଜ ଶ୍ରୀ ବାମଦେବ ମିଶ୍ରଙ୍କ ଉପରେ ଭାର ନ୍ୟସ୍ତ ହେଲା ।

୫- ପଣ୍ଡିତ ମହାଶୟଙ୍କର ଗୋଟିଏ ତୈଳଚିତ୍ର ପ୍ରସ୍ତୁତ କରାଯାଇ ତାଙ୍କ ଆଜୀବନ କାର୍ଯ୍ୟକ୍ଷେତ୍ର ପୁରୀ ସଦାଶିବ ସଂସ୍କୃତ କଲେଜରେ ରଖିବା ବ୍ୟବସ୍ଥା କରାଯିବ ।

୬- ସ୍ୱର୍ଗୀୟ ପ୍ରଧାନାଚାର୍ଯ୍ୟ ଅସାଧାରଣ ବାଗ୍ମୀ ଥିବା ହେତୁ ତାଙ୍କର ଉପଯୁକ୍ତ ସ୍ମୃତିରକ୍ଷା ନିମନ୍ତେ ପ୍ରତିବର୍ଷ ପଣ୍ଡିତ ମାନଙ୍କ ମଧ୍ୟରେ ସଂସ୍କୃତ ବକ୍ତୃତା ପ୍ରତିଯୋଗିତା କରାଇ ସେଥିରେ ଶ୍ରେଷ୍ଠ ବିବେଚିତ ବକ୍ତାଙ୍କୁ ଟ ୫୦ଙ୍କା ପୁରସ୍କାର ଦିଆଯିବ । ଏହି ପୁରସ୍କାରର ନାମ "ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ର ପୁରସ୍କାର" ବୋଲି ରଖାଯିବ ।

୭- ଉଲ୍ଲିଖିତ କାର୍ଯ୍ୟ ଗୁଡ଼ିକର ସମାଧାନ ନିମନ୍ତେ ପାଣ୍ଠି ସଂଗ୍ରହଭାର ପଣ୍ଡିତ ଶ୍ରୀ ଗଦାଧର ମହାପାତ୍ର (ସଭ୍ୟ) ଓ ଶ୍ରୀ ସତ୍ୟବାଦୀ ତ୍ରିପାଠୀ (ସଭାପତି)ଙ୍କ ଉପରେ ନ୍ୟସ୍ତ କରାଗଲା ।

୮- ଗ୍ରନ୍ଥାଦ୍ୱାରା ସଂଗୃହୀତ ପାଣ୍ଠି କମିଟିର ସଭାପତିଙ୍କ ନାମରେ ପୁରୀ ହେଡ୍‌ପୋଷ୍ଟ ଅଫିସ୍‌ରେ ରଖାଯିବ ।

୯- ଉପଯୁକ୍ତ କାର୍ଯ୍ୟ କରାଯାଇ ସଭାପତି ମହୋଦୟଙ୍କୁ ଧନ୍ୟବାଦ ଅର୍ପଣ କରାଗଲା ପରେ ସଭାଭଙ୍ଗ କରାଗଲା । ॥ ଇତି ॥

ପରବର୍ତ୍ତୀ କାଳରେ ଉପରୋକ୍ତ ପଦକ୍ଷେପ ଗୁଡ଼ିକ ମଧ୍ୟରୁ ଅନେକ ଅବଶ୍ୟ ନିଆଯାଇଥିଲା । ପ୍ରଧାନାଚାର୍ଯ୍ୟଙ୍କ ଲିଖିତ "କବିତା କଳିକା" ନାମକ ରଚନା ସଂଗ୍ରହରେ ପଣ୍ଡିତ ମହାଶୟ ତା ୬-୫-୭୦ରିଖରେ ଅବତରଣିକା ଲେଖିଥିଲେ ।

ପ୍ରଧାନାଚାର୍ଯ୍ୟଙ୍କ ସ୍ମୃତି ଉପଲକ୍ଷେ ତା ୮ । ୫ । ୭୦ ରିଖ ସମାଜରେ "ଗୁରୁସ୍ମୃତି" ଶୀର୍ଷକ ପ୍ରବନ୍ଧ ଲେଖିଥିଲେ । ସେହିଦିନ "ସ୍ମୃତିରକ୍ଷା କମିଟି"ର ସମ୍ପାଦକ ଭାବେ ଗୁରୁଦେବଙ୍କର ତୈଳ ଚିତ୍ର ଉଦ୍‌ଘାଟନ ଉତ୍ସବ କରାଇଥିଲେ । ଏହାକୁ ଉଦ୍‌ଘାଟନ କରିଥିଲେ ପଦ୍ମଭୂଷଣ ଶ୍ରୀଯୁକ୍ତ ରାଧାନାଥ ରଥ । ଡଃ ହରେକୃଷ୍ଣ ମହତାବ ସେହି ସଭାରେ ସଭାପତି ଥିଲେ ଓ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ ପ୍ରମୁଖ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଅଧ୍ୟକ୍ଷଭାବେ ବିଦ୍ୟାପୀଠ ପରିଚାଳନା

ପଣ୍ଡିତ ମହାଶୟ ଅନେକ ଥର ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ ପରିଚାଳନା କରିଛନ୍ତି । ସେ ସର୍ବ ବରିଷ୍ଠ ଅଧ୍ୟାପକ ଥିବାରୁ ଯେତେବେଳେ ଅଧ୍ୟକ୍ଷ କୌଣସି କାରଣରୁ ବାହାରକୁ ଯାଆନ୍ତି ବା ଅନୁପସ୍ଥିତ ରହନ୍ତି ସେତେବେଳେ ତାଙ୍କୁ ଦାୟିତ୍ୱ ଦେଇଥାନ୍ତି ।

୫-୬-୭୩ରୁ ୮-୧୦-୭୩ ପର୍ଯ୍ୟନ୍ତ ଚାରିମାସ ପର୍ଯ୍ୟନ୍ତ ପୂର୍ଣ୍ଣକ୍ଷମତା ସହିତ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ପରିଚାଳନା କରିବା ପରେ ପଣ୍ଡିତ ମହାଶୟ ଶ୍ରୀମତୀ କେତକୀ ନାୟକଙ୍କୁ ଦାୟିତ୍ୱ ସମର୍ପଣ କରିଥିଲେ । ସେହି

୧୮-୩-୭୪ ରୁ ୧୦-୪-୭୪ ପର୍ଯ୍ୟନ୍ତ ମଧ୍ୟ ଦୀର୍ଘଦିନ ଧରି ପୂର୍ଣ୍ଣ ଦକ୍ଷତା ସହ ଅଧ୍ୟକ୍ଷ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ ।

ଅଧ୍ୟକ୍ଷ ଦାୟିତ୍ୱରେ ଥିବାବେଳେ ମଧ୍ୟ ତାଙ୍କୁ ଅନ୍ୟ ସମସ୍ତ ପରି ପାଠ ପଢ଼ାଇବାକୁ ପଡ଼ୁଥିଲା । ଧର୍ମଶାସ୍ତ୍ର ବିଭାଗରେ ଅନ୍ୟ କେହି ଅଧ୍ୟାପକ ନ ଥିବାରୁ ସପ୍ତାହକୁ ୨୫/୩୦ ଟି କ୍ଲାସ ନେବାକୁ ପଡ଼େ । ଫଳରେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପଣ୍ଡିତ ମହାଶୟଙ୍କୁ ସକାଳେ ଓ ରାତିରେ କଲେଜରେ ରହିବାକୁ ପଡେ । ଅବଶ୍ୟ ଏଥିପାଇଁ ତାଙ୍କୁ କୌଣସି ପ୍ରକାରର ଆର୍ଥିକ ପାରିଶ୍ରମିକ ଦିଆଯାଇନଥିଲା ।

ଅଧ୍ୟକ୍ଷ ଦାୟିତ୍ୱରେ ଥିବାବେଳେ ରୁଷିଆ ଓ ଲିଥିଆନିଆରୁ କେତେକ ଅତିଥି ଆସିଥିଲେ । ସେ ସେମାନଙ୍କର ସ୍ୱାଗତ ଆୟୋଜନ କରିଥିଲେ ।

ଅଧ୍ୟକ୍ଷ ହିସାବରେ ସରକାରଙ୍କ ଠାରୁ ବିଦ୍ୟାପୀଠ ପାଇଁ ୩୧ ଏକର ଜମି ମଞ୍ଜୁରି କରାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ।

ଛାତ୍ରାବାସ ପରିଚାଳନା

ପଣ୍ଡିତ ମହାଶୟ ତା ୧-୪-୬୩ରୁ ତା ୧୦-୭-୬୯ ପର୍ଯ୍ୟନ୍ତ ୬ବର୍ଷ ପର୍ଯ୍ୟନ୍ତ ସଦାଶିବ ସଂସ୍କୃତ କଲେଜରେ ଛାତ୍ରାବାସ ପରିଚାଳକ *(Hostel superintendent)* ଭାବେ କାର୍ଯ୍ୟ କରିଥିଲେ । ସଂସ୍କୃତ କଲେଜରେ ସାଧାରଣତଃ ଗରିବ ଛାତ୍ରମାନେ ପାଠ ପଢ଼ୁଥାନ୍ତି । ଘରୁ ପ୍ରାୟ କେହି କିଛି ଆଣନ୍ତି ନାହିଁ । କଲେଜ ସେମାନଙ୍କୁ ଯତ୍‌କିଞ୍ଚିତ୍ ଭତ୍ତା *(stipend)* ଦିଏ, ସେଇଥିରେ ହିଁ ଚଳିବାକୁ ହୁଏ । ଏହି ଅବସ୍ଥାରେ ନାନା ପ୍ରକାରର ଅସୁବିଧା ହେବା ସ୍ୱାଭାବିକ । କାହାର ଲୁଗା ନାହିଁ ତ କାହାର ବହି ନାହିଁ । କାହାର ଦେହ ଖରାପ ହେଲାଣି ତ କାହାର ଘରେ କ'ଣ ଅସୁବିଧା ।

ସବୁ ପିଲାଙ୍କର ସୁବିଧା ଅସୁବିଧା ପଣ୍ଡିତ ମହାଶୟ ବ୍ୟକ୍ତିଗତ ଭାବେ ବୁଝନ୍ତି । ପିଲାମାନେ ଯେତିକି ଭତ୍ତା ପାଇଥାନ୍ତି ତାର ଉପରେ ସଦୁପଯୋଗ ହୋଇ ପାରିବ ଓ ପିଲାମାନେ ଭଲରେ ଚଳିପାରିବେ ତାହା ସେ ଦୃଷ୍ଟି ରଖିଥାନ୍ତି । ଯେତେବେଳେ ଗୃଣ୍ଡଳ ବା ଅନ୍ୟାନ୍ୟ ଜିନିଷ ବଜାରରେ ଶସ୍ତା ହୋଇଥାଏ ସେତେବେଳେ ହଷ୍ଟେଲ ପାଇଁ ଅଧିକା କିଣି ରଖିଥାନ୍ତି ଯାହାକି ଅନ୍ୟସମୟରେ ବ୍ୟବହାର ହୋଇଥାଏ । ଏଥିପାଇଁ ତାଙ୍କୁ ଅନେକ ସମୟରେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ବର୍ଷରେ କେତେକ ବଡ଼ ପର୍ବ ପର୍ବାଣିରେ ଘରେ ଅଧିକ ପରିମାଣର ପିଠା ତିଆରି ହୁଏ । ବଡ଼ ବଡ଼ ହାଣ୍ଡିରେ ପିଠା ହଷ୍ଟେଲକୁ ଯାଏ ଓ ସେଠାରେ ପିଲାମାନଙ୍କୁ ବଣ୍ଟା ହୋଇଥାଏ । କେତେକ ଗରିବ ଛାତ୍ର ବା ବ୍ରତୋପନୟନର ଦାୟିତ୍ୱ ମଧ୍ୟ ସେ ନେଇଛନ୍ତି ।

ପରୀକ୍ଷକ

ପଣ୍ଡିତ ମହାଶୟ ଅଧ୍ୟାପକ ଥିବା ସମୟରେ ତଥା ଅବସର ଗ୍ରହଣ କରିବା ପରେ ବିଭିନ୍ନ ଅନୁଷ୍ଠାନରେ ପ୍ରାଶ୍ନିକ, ପରୀକ୍ଷକ ତଥା କେନ୍ଦ୍ର ପରିଚାଳକ ଭାବେ କାମ କରିଛନ୍ତି । ଧର୍ମଶାସ୍ତ୍ର ଓ କର୍ମକାଣ୍ଡ ସେତେବେଳେ ଏକାଠି ଥିଲା । ସେ ୩୧-୮-୬୮ରେ ଧର୍ମଶାସ୍ତ୍ର ଓ କର୍ମକାଣ୍ଡର ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ସଂସ୍କୃତ ସଂସ୍ଥାନର ନିର୍ଦ୍ଦେଶକଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ । ୨୬-୯-୬୮ରେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଧର୍ମଶାସ୍ତ୍ର ସିଲାବସ୍ ପ୍ରସ୍ତୁତି ସଭାରେ ଯୋଗ ଦେଇଥିଲେ ।

କେବଳ ଓଡ଼ିଶାରୁ ନୁହେଁ ଓଡ଼ିଶା ବାହାରର ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ମଧ୍ୟ ପଣ୍ଡିତ ମହାଶୟ ପ୍ରାଶ୍ନିକ ତଥା ପରୀକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ସେହି ଅନୁଷ୍ଠାନ ଗୁଡ଼ିକ ହେଲା—

୧- ଉତ୍କଳ ସଂସ୍କୃତ ସମିତି

୨- କାମେଶ୍ୱର ସିଂହ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବିହାର

୩- କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ହରିଆନା

୪- ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀ

୫- ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

୬- ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

୭- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରଣାସୀ

ରିସର୍ଚ୍ଚ ଗାଇଡ୍

ସ୍ନାତକୋତ୍ତର ପରେ ସଂସ୍କୃତ ଛାତ୍ରମାନେ ଶାସ୍ତ୍ର ଚୂଡ଼ାମଣି ଓ ବିଦ୍ୟାବାରିଧି କରିଥାନ୍ତି, ଯାହାକି ଇଂରାଜୀ ପାଠ୍ୟ ପଦ୍ଧତି ଅନୁସାରେ M. phil ଓ ph.D. ସହିତ ତୁଳନୀୟ । ପଣ୍ଡିତ କୁଳମଣି ମିଶ୍ରଙ୍କର ମାର୍ଗଦର୍ଶନରେ ଅନେକ ଛାତ୍ର ଗବେଷକ ସାହିତ୍ୟ ତଥା ଧର୍ମଶାସ୍ତ୍ରରେ ବିଦ୍ୟାବାରିଧି କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ସଫଳ ଗବେଷକ ବିଦ୍ୟାବାରିଧି ଉପାଧି ଲାଭ କରିଛନ୍ତି ଓ ଅନ୍ୟ କେତେଜଣ ଗବେଷଣା କାର୍ଯ୍ୟ ଚାଲୁ ରଖିଛନ୍ତି ।

ଶୋଧକାର୍ଯ୍ୟ କରୁଥିବା ଅନେକ ଗବେଷକଙ୍କ ମଧ୍ୟରେ ଶ୍ରୀଯୁକ୍ତ ପତିତପାବନ ବାନାର୍ଜୀ ସର୍ବ ପ୍ରଥମେ ବିଦ୍ୟାବାରିଧି ଉପାଧି ଲାଭ କରିଥିଲେ । ତାଙ୍କର ଶୋଧ ପ୍ରବନ୍ଧ ୪-୧-୮୧ରେ ଦାଖଲ ହୋଇଥିଲା ଓ ସେ ୧୯୮୨ରେ ଉପାଧି ଲାଭ କରିଥିଲେ । ସେହିପରି ସର୍ବଶେଷ ଗବେଷକ ହେଉଛନ୍ତି ପଣ୍ଡିତ ଭାସ୍କର ମିଶ୍ର । ସେ ପଣ୍ଡିତ ମହାଶୟଙ୍କ ମୃତ୍ୟୁର ମାତ୍ର ଚାରି ଦିନ ଆଗରୁ ତା ୧୫-୬-୯୮ରେ ବିଦ୍ୟାବାରିଧି ଉପାଧି ଲାଭ କରିଥିଲେ ।

ନିଜ ବିଭାଗର ଛାତ୍ରମାନଙ୍କ ବ୍ୟତୀତ ଅନ୍ୟ ବିଭାଗର ଛାତ୍ରମାନଙ୍କୁ ମଧ୍ୟ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରୁଥିଲେ ।

ଅଧ୍ୟାପକ ଥିବା ସମୟରେ ଅନେକ ଦିନ ଧରି ସେ ଆମେରିକାର ଗୋକର୍ଣ୍ଣ ଶର୍ମାଙ୍କୁ ପତ୍ରମାଧ୍ୟମରେ ସଂସ୍କୃତ ପଢାଉଥିଲେ ।

ବିଭିନ୍ନ ପ୍ରତିଯୋଗୀତା ଓ ଏକ୍‌ସ୍‌କରସନ୍

ପଣ୍ଡିତ ମହାଶୟ ସଂସ୍କୃତ କଲେଜ ଓ କେନ୍ଦ୍ରୀୟ ବିଦ୍ୟାପୀଠରର ଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଯଥା— ସଂସ୍କୃତ ଭାଷଣ ପ୍ରତିଯୋଗୀତା, ସଂସ୍କୃତ ରଚନା ପ୍ରତିଯୋଗୀତା, ଶ୍ଳୋକାନ୍ତ ପ୍ରତିଯୋଗୀତା ଇତ୍ୟାଦିରେ ଭାଗ ନେବା ପାଇଁ ଛାତ୍ରାଭିଭାବକ ରୂପେ ନେଇ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି । ଅନେକଙ୍କ ଛାତ୍ରମାନଙ୍କର ଯିବା, ଆସିବା, ରହିବା ଇତ୍ୟାଦିର ସମସ୍ତ ଦାୟିତ୍ୱ ବହନ କରିବା ସଙ୍ଗେ ସଙ୍ଗେ ସେମାନେ କିପରି ପ୍ରତିଯୋଗୀତାରେ ପୁରସ୍କୃତ ହେବେ ସେଥିପ୍ରତି ଯତ୍ନବାନ ହୋଇଥାନ୍ତି । ଅନେକ ଥର ଛାତ୍ରମାନଙ୍କୁ ନେଇ ଏକସ୍‌କରସନ୍‌ରେ ମଧ୍ୟ ଯାଇଛନ୍ତି । ଏହି ପରିପେକ୍ଷୀରେ ପଣ୍ଡିତ ମହାଶୟ ଭାରତର ଅନେକ ସ୍ଥାନ ବୁଲି ଦେଖିବାର ସୁଯୋଗ ପାଇଛନ୍ତି ।

୨୪-୧୨-୬୦ରେ ୧୫ଜଣ ଛାତ୍ରଙ୍କୁ ନେଇ ମାଡ୍ରାସ୍, ମହୀଶୂର, ବମ୍ବେ ଓ କଲିକତା ଭ୍ରମଣରେ ଯାଇଥିଲେ ।

୧-୩-୬୫ରେ ୭ଜଣ ପିଲାଙ୍କୁ ନେଇ ରାଉରକେଲା ଭ୍ରମଣରେ ଯାଇଥିଲେ । ଏହି ସମୟରେ ବାଟରେ ଭୁବନେଶ୍ୱରଠାରେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ବେମାର ଥିବାର ଦେଖିଥିଲେ । ଏହାର ଦୁଇ ଦିନ ପରେ ତା ୩-୩-୬୫ରେ ସ୍ୱାମୀଜୀ ସ୍ୱର୍ଗତ ହୋଇଥିଲେ । ରାଉରକେଲା ଭ୍ରମଣ ସମୟର ଏକ ତାଲିକାରୁ ଉଦ୍ଧୃତ ଭ୍ରମଣ ମାର୍ଗ ନିମ୍ନରେ ଦର୍ଶାଯାଇଛି—

ତା	୧-୩	ପୁରୀରୁ ଭୁବନେଶ୍ୱର
ତା	୨-୩	ଭୁବନେଶ୍ୱରରୁ ଧଉଳଗିରି ଯିବା ଆସିବା, ଖଣ୍ଡଗିରି, ଉଦୟଗିରି ଓ ରାଜଧାନୀ ଭ୍ରମଣ ଓ ଭୁବନେଶ୍ୱର ଛାଡ଼ିବା ।
ତା	୩-୩	ଦିନ ୨ଟାରେ ଟାଟା ପ୍ରବେଶ ଓ ଭ୍ରମଣ ।
ତା	୪-୩	ଟାଟା ଷ୍ଟେସନରୁ (ଦିନ ୮ଟା) ରାଉରକେଲା ପ୍ରବେଶ ।
ତା	୫-୩	ରାଉରକେଲାରେ ରହଣୀ ଓ ବେଦବ୍ୟାସ ଯାତ୍ରା ।
ତା	୬-୩	ରାଉରକେଲା ଛାଡ଼ିବା ଓ କଟକ ପହଞ୍ଚିବା । (ରାଘ ୧୨)

ତା ୭.୩ କଟକରେ ରହଣୀ

ତା ୮-୩ କଟକ ଛାଡ଼ିବା ଓ ପୁରୀ ପ୍ରବେଶ

ଅଖିଳ ଭାରତ ସଂସ୍କୃତ ଛାତ୍ର ଭାଷଣ ପ୍ରତିଯୋଗିତାରେ ଯୋଗଦେବା ପାଇଁ ତା ୨୪-୧-୭୦ରେ ଛାତ୍ରମାନଙ୍କୁ ନେଇ ଦିଲ୍ଲୀ ଯାଇଥିଲେ । ୨୫ତାରିଖରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେଠାରେ ଏକ ସଂସ୍କୃତ କବି ସମ୍ମେଳନ ହୋଇଥିଲା । ଏହି ଉପଲକ୍ଷେ ପଣ୍ଡିତ ମହାଶୟ "ଦିଲ୍ଲୀ ସମାଗତବତା" ଶୀର୍ଷକ ଏକ ଶ୍ଳୋକ ବଳୀ ରଚନା କରିଥିଲେ । ତା ପର-ଦିନ ଜାନୁୟାରୀ ୨୬ରେ ଦିଲ୍ଲୀ ସାଧାରଣତନ୍ତ୍ର ଉତ୍ସବ ଦେଖି ପ୍ରତ୍ୟାବର୍ତ୍ତନ କରିଥିଲେ ।

୧୦-୧-୭୯ରେ ଭାଷଣ ପ୍ରତିଯୋଗିତା (eloquetion contest) ପାଇଁ ୮ଜଣ ଛାତ୍ରଙ୍କୁ ନେଇ ଗୋହାଟୀ ଯାଇଥିଲେ ।

ଆନ୍ୟାନ୍ୟ ଭ୍ରମଣର ବିବରଣୀ ସମୟାଭାବରୁ ସଂଗ୍ରହ କରିବା ସମ୍ଭବ ହୋଇ ନାହିଁ ।

ସେମିନାର ପତ୍ରିକା "ଶ୍ରୀ ଦେବଯାନଃ"

ଛାତ୍ରମାନଙ୍କର ସୃଜନୀ ଶକ୍ତି ପ୍ରବୃତ୍ତି କିପରି ବୃଦ୍ଧି ପାଇବ ସେଥିପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ସେ ବୁଝି ପାରିଥିଲେ ଯେ ଯଦି ସେମାନଙ୍କର ଲେଖା କୌଣସି ପତ୍ରିକାରେ ପ୍ରକାଶିତ ହୋଇପାରେ ତେବେ ସେମାନେ ଏ ଦିଗରେ ଖୁବ୍ ଉତ୍ସାହିତ ହେବେ । ଏହି ଉଦ୍ଦେଶ୍ୟରେ ଧର୍ମଶାସ୍ତ୍ର ବିଭାଗରେ "ଶ୍ରୀ ଦେବଯାନଃ" ନାମକ ଏକ ସେମିନାର ପତ୍ରିକା ସୃଷ୍ଟି କରିଥିଲେ ।

ସେଥିପାଇଁ ସେ ତତ୍କାଳୀନ ଅଧ୍ୟକ୍ଷ ଶ୍ରୀଯୁକ୍ତ ବାଲ ସୁବ୍ରହ୍ମଣ୍ୟମ୍ଙ୍କ ଠାରୁ ତା ୨୧।୩।୭୩ରିଖ ରେ ଅନୁମତି ଆଣିଥିଲେ । ତାର ଅନେକ ଦିନ ପରେ ୧୯।୯।୭୪ ରେ ତାହା ପୁରୀ ଜିଲ୍ଲାପାଳଙ୍କଠାରୁ ମଞ୍ଜୁରୀ ପାଇଥିଲା । ଏହାର ପ୍ରଥମ ସଂଖ୍ୟା ୧୯୭୪ରେ ପ୍ରକାଶ ପାଇଥିଲା । ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ଯଥାକ୍ରମେ ୭୬ ଓ ୭୯ରେ ପ୍ରକାଶ ପାଇଥିଲା ।

ଉତ୍କଳ ସଂସ୍କୃତ ଗବେଷଣା ସମାଜ

ସଂସ୍କୃତର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିବା ଉତ୍କଳ ସଂସ୍କୃତ ଗବେଷଣା ସମାଜ (Utkal Sanskrit Research Society)ର ସେ ସଭାପତି ଥିଲେ । ତାଙ୍କର ଉଦ୍ୟମରେ ଏହି ଅନୁଷ୍ଠାନ ଅନେକ ବର୍ଷ ଧରି ସଫଳ ଭାବରେ କାର୍ଯ୍ୟ କରି ଆସିଥିଲା । ଏହାର ମୁଖପତ୍ର "ଦିଗଦର୍ଶିନୀ" ନିୟମିତ ଭାବରେ ପ୍ରତି ତିନି ମାସରେ ଥରେ ଆତ୍ମ ପ୍ରକାଶ କରୁଥିଲା ।

ଦିଗ୍‌ଦର୍ଶିନୀର ରେଜିଷ୍ଟ୍ରେସନ୍ ୬।୬।୭୯ରେ ହୋଇଥିଲା । ଏଥିରେ ଶ୍ରୀଯୁକ୍ତ ପତିତପାବନ ବାନାର୍ଜୀ, ଶ୍ରୀଯୁକ୍ତ ବ୍ରଜକିଶୋର ସ୍ୱାଇଁ ପ୍ରମୁଖ ପଣ୍ଡିତ ମହାଶୟଙ୍କର ଛାତ୍ରମାନେ ସକ୍ରିୟ କର୍ମକର୍ତ୍ତା ଥିଲେ ।

୧୯୮୦ ମସିହାରେ ଦିଗଦର୍ଶିନୀର ମାର୍ଚ୍ଚ ସଂଖ୍ୟାରେ ମହାମହୋପାଧ୍ୟାୟଙ୍କ ମୂର୍ତ୍ତି ଉନ୍ମୋଚନ ଉପଲକ୍ଷେ ପଣ୍ଡିତ ମହାଶୟଙ୍କ ଲିଖିତ "ମହାମହୋପାଧ୍ୟାୟ ଶ୍ରୀ ସଦାଶିବ ମିଶ୍ରାଃ" ଶୀର୍ଷକ ପ୍ରବନ୍ଧ ପ୍ରକାଶ ପାଇଥିଲା । ୧୯୮୦ ମସିହା ଅଗଷ୍ଟ ମାସରେ ପଣ୍ଡିତ କାଶୀନାଥ ମିଶ୍ରଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଦିଗ୍‌ଦର୍ଶିନୀର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଥିଲା । ଏଥିରେ ପଣ୍ଡିତ ମହାଶୟଙ୍କ "ନରରତ୍ନ କାଶୀନାଥ ମିଶ୍ରାଃ" ନାମକ ବିଷୟ ପ୍ରକାଶ ପାଇଥିଲା ।

ତାଳପତ୍ର ପୋଥି ପାଠୋଦ୍ଧାର

ପୁରାତନ ଓ ଲୁପ୍ତପ୍ରାୟ ଗ୍ରନ୍ଥ ତଥା ତାଳପତ୍ର ପୋଥିଗୁଡ଼ିକର ପାଠୋଦ୍ଧାର ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ । ସେ ବ୍ୟକ୍ତିଗତ ଭାବେ ଅନେକ ଲୋକଙ୍କ ପାଖରେ କ'ଣ କ'ଣ ପୋଥି ସବୁ ଅଛି ତାହା ଦେଖୁଥିଲେ ଓ ସେଗୁଡ଼ିକର ମାନ ନିର୍ଦ୍ଧାରଣ କରି ଆବଶ୍ୟକ କ୍ଷେତ୍ରରେ ସଂଶୋଧନ କରୁଥିଲେ ଏବଂ ସେଗୁଡ଼ିକର ପ୍ରକାଶନ ପାଇଁ ଚେଷ୍ଟା କରୁଥିଲେ ।

ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୁସ୍ତକାଗାରରେ ଅନେକ ତାଳପତ୍ର ପୋଥି ଥିଲା । ତା ୧୬।୭।୫୯ରିଖରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକ

ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମହାପାତ୍ର ଏହି ପୋଥିଗୁଡ଼ିକ ଦେଖିବାକୁ ପଣ୍ଡିତ ମହାଶୟଙ୍କୁ ଅନୁରୋଧ କରିଥିଲେ । ପଣ୍ଡିତ ରାମଚନ୍ଦ୍ର ମହାପାତ୍ର ଲେଖିଥିଲେ—

ଚିଠି ନମ୍ବର-୧୨୪
୧୭-୭-୫୯

"ପ୍ରିୟ କୁଳମଣିବାବୁ,

ମୁକ୍ତିମଣ୍ଡପ ପଣ୍ଡିତ ସଭା-ପୁସ୍ତକାଗାରରେ ବହୁତ ତାଳପତ୍ର ପୋଥି ଅଛି । ସେଗୁଡ଼ିକ ଥରେ ଆପଣ ଦେଖି ତନ୍ମଧ୍ୟରୁ କେଉଁଗୁଡ଼ିକ ଉପାଦେୟ ଅନୁଗ୍ରହ କରି ବାଛିଦେଲେ ପଣ୍ଡିତ ସଭା ବିଶେଷ ଉପକୃତ ହେବ । ତେଣୁ ଅନୁରୋଧ, ଆପଣ କେଉଁ ଦିନ କେତେବେଳେ ଆସି ପାରିବେ ଦୟାକରି ଜଣାଇବେ ।

ଆଗାମୀ ପ୍ରତିପଦ୍ ଦିନ ଯଦି ଆପଣଙ୍କୁ ସୁବିଧା ହୁଏ ତେବେ କେତେବେଳେ ଆସିବେ ଏହି ପତ୍ରବାହକ ହାତରେ ଜଣାଇବାକୁ ଅନୁରୋଧ ।

[ଇତି]
ରାମଚନ୍ଦ୍ର ମହାପାତ୍ର
ସମ୍ପାଦକ

ପଣ୍ଡିତ ମହାଶୟ ଏଥିପାଇଁ ସ୍ୱୀକୃତି ଦେଇ ପୋଥିଗୁଡ଼ିକ ସଜାଡ଼ିଥିଲେ । ସଂସ୍କୃତ କଲେଜ ପଣ୍ଡିତ ସମିତିର ସମ୍ପାଦକ ଥିବାବେଳେ ସଂସ୍କୃତ ତାଳପତ୍ର ପୋଥିରୁ ପାଠୋଦ୍ଧାର ତଥା ପୁରାଣମାନଙ୍କର ଓଡ଼ିଆ ଅନୁବାଦ ନିମନ୍ତେ ଚେଷ୍ଟା କରିଥିଲେ । ଅବସର ଗ୍ରହଣ ପରେ ତାଳପତ୍ର ପୋଥି ଉପରେ ଗବେଷଣା ପାଇଁ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ସାମୟିକ ନିଯୁକ୍ତି ପାଇଥିଲେ ।

ପୁରୀ ଜେଲରେ ଧର୍ମୋପଦେଷ୍ଟା

ପଣ୍ଡିତ କୁଳମଣି ମିଶ୍ର ସରକାରୀ ଭାବରେ ପୁରୀ ଜେଲ୍‌ର ଧର୍ମୋପଦେଶକ ଥିଲେ । ତା ୧୫।୧୨।୬୨ରିଖରେ ସେ ପୁରୀ ଜେଲର ଧର୍ମୋପଦେଷ୍ଟା ରୂପେ ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇଥିଲେ । ସେହି ଦିନ ଠାରୁ ସେ ପ୍ରତି ରବିବାର ଜେଲରେ ଆସାମୀମାନଙ୍କୁ ସତ୍ ମାର୍ଗରେ ଯିବା ପାଇଁ ଉପଦେଶ ଦେଇ ଆସୁଥିଲେ । ଏଥିପାଇଁ ସେ କୌଣସି ବେତନ ପାଉନଥିଲେ ।

କେବଳ ଘରଠାରୁ ଜେଲ ପର୍ଯ୍ୟନ୍ତ ରିକ୍ସା ଖର୍ଚ୍ଚ ପାଉଥିଲେ ।

ସେ ଜେଲ୍‌କୁ ଯାଇ ଚୋର, ଖୁଣି, ହତ୍ୟାକାରୀ ଇତ୍ୟାଦି ସବୁ ପ୍ରକାରର ଆସାମୀଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ମାନସ୍ତାତ୍ତ୍ୱିକ ଅବସ୍ଥା ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ନୈତିକ ଅଧୋପତନର କାରଣକୁ ଆବିଷ୍କାର କରୁଥିଲେ । ସେମାନଙ୍କର କୁକର୍ମର ଆନୁସଙ୍ଗିକ କାରଣଗୁଡ଼ିକ ଆଖି ଆଗରେ ରଖି ସେମାନଙ୍କର ନୈତିକ ବିକାଶ ପାଇଁ ଆବଶ୍ୟକୀୟ ଉପଦେଶ ଓ ପରାମର୍ଶ ଦେଉଥିଲେ । ଜେଲ୍‌ର ଦୁର୍ଦ୍ଦାନ୍ତ ଅପରାଧୀମାନେ ମଧ୍ୟ ପଣ୍ଡିତ ମହାଶୟଙ୍କୁ ଭକ୍ତି ସହକାରେ ପ୍ରଣାମ କରୁଥିଲେ ।

ପାରିବାରିକ ଜୀବନ

ଅଧ୍ୟାପନା ସମୟରେ ଅଧିକାଂଶ ସମୟ କଲେଜ ଓ ଛାତ୍ରମାନଙ୍କ ପାଇଁ ବ୍ୟୟ କରୁଥିଲେ ମଧ୍ୟ ପରିବାର ପ୍ରତି ଯତ୍ନବାନ ଥିଲେ । ପିଲାମାନଙ୍କ ପାଠ ପଢିବାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ବୌଦ୍ଧିକ ତଥା ଧାର୍ମିକ ବିକାଶ ପାଇଁ ଉଦ୍ୟମ କରୁଥିଲେ ।

ଭଡା ଘରେ ରହି ବହୁତ ଅସୁବିଧା ହେବା ପରେ ୧୯୬୦ ମସିହାରେ ପୁରୀ ହାବେଲୀ ଗଳିରେ ଘରଡିହ ଖରିଦ କରି ସେଠାରେ ପ୍ରଥମେ ଦୁଇ ବଖରା ଚାଳ ଘର ତିଆରି କଲେ । ତାର ଅନେକ ବର୍ଷ ପରେ ଦାଣ୍ଡ ପଟକୁ ପକ୍କା ଘର ତିଆରି କରାଇଥିଲେ ।

ଝିଅମାନଙ୍କର ବୈବାହିକ ସମ୍ବନ୍ଧ ଉତ୍ତମ ସ୍ଥାନମାନଙ୍କରେ କରାଇ ଥିଲେ । ପାଙ୍କୋଲ (ପ୍ରତାପ ପୁରୁଷୋତ୍ତମ ପୁର)ର ଡାକ୍ତର ଦୀନବନ୍ଧୁ ମହାପାତ୍ରଙ୍କ ତୃତୀୟ ପୁତ୍ର ଡାକ୍ତର ବ୍ରଜବନ୍ଧୁ ମହାପାତ୍ରଙ୍କ ସହିତ ୧୮।୭।୬୭ରେ ବଡଝିଅ ଶାନ୍ତିଙ୍କର ବିବାହ କରାଇଥିଲେ । ବ୍ରଜବନ୍ଧୁ ବାବୁ ବର୍ତ୍ତମାନ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ନାକ, କାନ, ଗଳା, (E N T) ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ ଦର୍ଶନ ବିଭାଗର ମୁଖ୍ୟ ପ୍ରଫେସର ଡଃ ଗଣେଶ୍ୱର ମିଶ୍ରଙ୍କର ଜ୍ୟେଷ୍ଠପୁତ୍ର ଇଞ୍ଜିନିୟର ମନୋରଞ୍ଜନ ମିଶ୍ରଙ୍କ ସହିତ ମଧ୍ୟମାକନ୍ୟା

ବାସନ୍ତୀଙ୍କର ବିବାହ କରାଇଥିଲେ । କୋଣାର୍କ ନିକଟସ୍ଥ ଅଚ୍ୟୁତପୁରର ଶ୍ରୀଯୁକ୍ତ ପ୍ରଭାକର ମିଶ୍ରଙ୍କର ଏକମାତ୍ର ପୁତ୍ର ଅଧ୍ୟାପକ ଡଃ ହରମୋହନ ମିଶ୍ରଙ୍କ ସହିତ କନିଷ୍ଠା କନ୍ୟା ମିନତିଙ୍କର ବିବାହ ସମ୍ବନ୍ଧ ସ୍ଥାପନ କରିଥିଲେ ।

କେନ୍ଦ୍ର ସରକାରଙ୍କ ଚାକିରିରେ ପ୍ରତିବର୍ଷ ଭ୍ରମଣ କରିବା ପାଇଁ LTC ସୁବିଧା ମିଳୁଥାଏ । କିନ୍ତୁ ପଣ୍ଡିତ ମହାଶୟ କେବେହେଲେ LTC ରେ ଭ୍ରମଣ କରିନଥିଲେ । ଚାକିରିରୁ ଅବସର ଗ୍ରହଣ କରିବା ବର୍ଷ ସେହି ସୁବିଧା ଉପଭୋଗ କରି ଦାକ୍ଷିଣାତ୍ୟ ଭ୍ରମଣ କରିବାକୁ ବାହାରିଲେ । ସହଧର୍ମିଣୀ, ଦୁଇପୁଅ ଓ ସାନଝିଅଙ୍କୁ ସାଙ୍ଗରେ ଧରି ତା ୧୭-୧୨-୭୮ ରେ ରେଳଯୋଗେ ଦକ୍ଷିଣଭାରତ ଯାତ୍ରା କରିଥିଲେ । ମଦୁରାଇ, ମାନ୍ଦ୍ରାସ, ଶ୍ରୀରଙ୍ଗପଟ୍ଟନ, ତିରୁଚିରାପଲ୍ଲୀ, ରାମେଶ୍ୱରମ୍, କନ୍ୟାକୁମାରୀ, ବେଜୱାଡ଼ା ଇତ୍ୟାଦି ଭ୍ରମଣ କରିଥିଲେ । ତା ୨୪-୧୨-୭୮ ରେ ରାମେଶ୍ୱରମ୍ ସ୍ଥିତ ମଣିଲିଙ୍ଗଙ୍କ ଦର୍ଶନ ମିଳିଥିଲା ।

★

ଅବସର ପ୍ରାପ୍ତ ଜୀବନ

ଆନୁଷ୍ଠାନିକ ନିଯୁକ୍ତି ଓ ସାମୟିକ ଅଧ୍ୟାପନା

ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରୁ ଅବସର ଗ୍ରହଣ ପରେ ତାଙ୍କର କର୍ମମୟ ଜୀବନର ଅବସାନ ଘଟିନାହିଁ ବରଂ ତାହା ଅଧିକ କର୍ମ ମୁଖର ହୋଇଥିଲା । ପୁରୀର ବିଭିନ୍ନ ଶିକ୍ଷା ତଥା ସାଂସ୍କୃତିକ ଅନୁଷ୍ଠାନ ସହିତ ସକ୍ରିୟ ଭାବେ ସଂପୃକ୍ତ ହୋଇ ସର୍ବଦା କର୍ଯ୍ୟବ୍ୟସ୍ତ ରହୁଥିଲେ ।

ଅବସର ପରେ ପଣ୍ଡିତ ମହାଶୟ ବେଦକର୍ମକାଣ୍ଡ ବିଦ୍ୟାଳୟରେ ଅସ୍ଥାୟୀଭାବରେ ୬ ମାସ କାଳ ଅଧ୍ୟାପନା କରିଥିଲେ । ତାପରେ ସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠରେ ୮ ମାସ ପାର୍ଟ ଟାଇମ୍ ଲେକଚରର୍ ଭାବେ କାମ କରିଥିଲେ । ଏହି ସମୟରେ ସେ ‘ନିତ୍ୟାଚାର ପ୍ରଦୀପ”ର ପାଣ୍ଡୁଲେଖ ପୁରାତନ ପୋଥି ସହିତ ତୁଳନା କରି ସଂଶୋଧନ କରିଥିଲେ ।

୮-୧-୮୨ରେ ଭାରତ ସରକାରଙ୍କ ପକ୍ଷରୁ ଶ୍ରୀ ସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠରେ ଶାସ୍ତ୍ରଚୂଡ଼ାମଣି ବୋର୍ଡ଼ ହଜାଶେ ୨ ବର୍ଷ ପାଇଁ ନିଯୁକ୍ତ ପାଇଲେ । ଦରମାହାର ମାସକୁ ୧୦୦୦/- ଟଙ୍କା । ଶାସ୍ତ୍ର ଚୂଡ଼ାମଣି ଅର୍ଥାତ୍ ଏମ୍. ଫିଲ୍. ପିଲାଙ୍କୁ ପଢାଇବାକୁ ପଡୁଥାଏ । ଏହାପରେ ଆଉ ୧ ବର୍ଷ ଏକ୍ସଟେନସନ୍ ହୋଇ ତା ୧୫-୭ ୮୫ ରିଖରେ ସରିଥିଲା ।

ସେତେବେଳକୁ ପଣ୍ଡିତ ମହାଶୟଙ୍କ ଦ୍ୱାରା ସଂଶୋଧିତ ଓ ସଂପାଦିତ “ପ୍ରାୟଶ୍ଚିତ୍ତ ବିବେକ” ବିଦ୍ୟାପୀଠ ଦ୍ୱାରା ଛପା ଚାଲିଥାଏ । ଏହା ୮-୮-୮୨ରେ ବିଦ୍ୟାପୀଠରେ ଏକ ସାଧାରଣ ସଭାରେ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ରଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା ।

ଶାସ୍ତ୍ରଚୂଡ଼ାମଣିରେ ଅଧ୍ୟାପକ ଥିଲାବେଳେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପାର୍ଟ ଟାଇମ୍ ଲେକ୍ଚରର ଭାବେ ମଧ୍ୟ କିଛିଦିନ କାର୍ଯ୍ୟ କରିଛନ୍ତି ।

ତା ୧୦ । ୧ । ୮୩ ରିଖରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ସମାବର୍ତ୍ତନ ଉତ୍ସବ (କନ୍‌ଭୋକେସନ୍)ରେ ସେ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଥିଲେ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ।

ତା ୨୩ । ୮ । ୮୩ରିଖରେ ପଣ୍ଡିତ ମହାଶୟଙ୍କୁ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଜର୍ଣ୍ଣାଲ "ଜଗନ୍ନାଥ ଜ୍ୟୋତିଃ"ର ସମ୍ପାଦକ ମଣ୍ଡଳୀ ସଭ୍ୟ ଭାବେ ତା ୪ । ୪ । ୮୩ରିଖଠାରୁ କାର୍ଯ୍ୟ କରିଥିଲେ । (ଚିଠି ନଂ D.O.N.1403/83)

ତା ୨୪ । ୧ । ୮୪ ରିଖରେ ଜଗନ୍ନାଥ ବେଦକର୍ମକାଣ୍ଡ ମହା-ବିଦ୍ୟାଳୟ (ପୁରୀ)ର ପ୍ରଥମ ଗଭର୍ଣ୍ଣିଙ୍ଗ୍ ବଡ଼ିରେ ସଭ୍ୟ ରୂପେ ଯୋଗ ଦେଇଥିଲେ ।

୧୯୮୪ ମସିହା ଅଗଷ୍ଟ ୧୫ରେ ରାଷ୍ଟ୍ରପତି ସମ୍ମାନ ମିଳିବା ପରେ ବିଭିନ୍ନ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଯାଇଥିଲା ।

୧୯୮୬ ମସିହାରେ କେନ୍ଦ୍ରୀୟ ବିଦ୍ୟାପୀଠରେ ବାର୍ଷିକୋତ୍ସବ ଓ ସମାବର୍ତ୍ତନ ଉତ୍ସବରେ ସଭାପତିତ୍ୱ କରିଥିଲେ ।

ଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ପାର୍ଟ ଟାଇମ୍ ଅଧ୍ୟାପକ ଭାବେ ଖୁବ୍ କମ୍ ପାରିଶ୍ରମିକ (ମାସିକ ମାତ୍ର ଟ ୪୫୦/-ହିସାବରେ) ପାଉଥିଲେ । ପାର୍ଟ-ଟାଇମ୍ ବଦଳରେ ଅତିଥି ଅଧ୍ୟାପକ ରୂପେ ରହିବା ପାଇଁ ସେ ୧୪ । ୬ । ୮୬ରେ କୁଳପତିଙ୍କୁ ଆବେଦନ କରିଥିଲେ । କିନ୍ତୁ ତାହା ବିଚାରିତ ନ ହେବାରୁ ବିଶ୍ୱବିଦ୍ୟାଳୟ ଯିବା ବନ୍ଦ କରିଦେଲେ ।

ପରେ ୨୦ । ୭ । ୮୬ରେ ବିଶ୍ୱବିଦ୍ୟାଳୟର ଆବାହକ କ୍ରମେ ମାସିକ ଟ ୧୬୦୦/- ଦରମାରେ ଅତିଥି ଅଧ୍ୟାପକ ରୂପେ ଯୋଗ ଦେଲେ । ଶେଷ ପର୍ଯ୍ୟନ୍ତ ସେ ସେଇଠି ଅତିଥି ଅଧ୍ୟାପକ ରୂପେ କାର୍ଯ୍ୟ କରୁଥିଲେ ।

ପୁରୀର ଜଗନ୍ନାଥ ବଲ୍ଲଭ ମଠର ପରିଚାଳନା କମିଟିର ସଭ୍ୟ ଭାବେ ତା ୨୫ । ୯ । ୮୭ ରିଖରେ ଯୋଗଦେଇ ସେହି ଦିନଠାରୁ କମିଟିର ବିଭିନ୍ନ ଅଧିବେଶନରେ ଯୋଗଦେଇ କାର୍ଯ୍ୟ କରି ଆସୁଥିଲେ ।

ଭାରତର ବିଭିନ୍ନ ପ୍ରାନ୍ତକୁ ସେ ବିଭିନ୍ନ କନ୍‌ଫରେନସରେ ଯୋଗ ଦେବାକୁ ଯାଇଛନ୍ତି, ବିଭିନ୍ନ ଅନୁଷ୍ଠାନ ପରିଚାଳନା କରିଛନ୍ତି ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସଂସ୍ପର୍ଶରେ ଆସିଛନ୍ତି ।

ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପକ ଥିବା ସମୟରେ ସେ ବିଭିନ୍ନ ସମୟରେ ଏକାଡେମିକ୍ କାଉନ୍‌ସିଲ୍ ସଭ୍ୟ, ସିନେଟ ସଭ୍ୟ, ପରୀକ୍ଷା ପରିଚାଳକ, ଧର୍ମଶାସ୍ତ୍ର ବେଦ କର୍ମକାଣ୍ଡ ବିଭାଗ ଡିନ୍ (Dean) ସ୍ନାତକୋତ୍ତର ବିଭାଗ ସଂଯୋଜକ ଭାବେ କାମ କରିଛନ୍ତି । ଶେଷ ପର୍ଯ୍ୟନ୍ତ ସେ ସ୍ନାତକୋତ୍ତର ବିଭାଗ ସଂଯୋଜକ (P·G.Deptt Co-ordinator) ଭାବରେ କାର୍ଯ୍ୟ କରିଥିଲେ ।

ସଂଯୋଜକ ଭାବେ ସେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉତ୍ସବ, ଅଧିବେଶନ, ପରୀକ୍ଷା ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ପରିଚାଳନା କରିଛନ୍ତି ।

୧୯୮୯ରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ସମାବର୍ତ୍ତନ ଉତ୍ସବରେ ସେ ସଭାପତିତ୍ୱ କରିଥିଲେ । ସେଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ମେଜର ବଟକୃଷ୍ଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

ପଞ୍ଜିକା ସଂଶୋଧନ

ପଣ୍ଡିତ ମହାଶୟଙ୍କ ଗୁରୁ ତଥା ପୁରୀ ସଂସ୍କୃତ କଲେଜର ତତ୍‌କାଳୀନ ଧର୍ମଶାସ୍ତ୍ର ବିଭାଗାଧ୍ୟକ୍ଷ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ର ପଞ୍ଜିକା

ମାନଙ୍କର ଧର୍ମଶାସ୍ତ୍ରୀୟ ବିଚାରର ସଂଶୋଧନ କରୁଥିଲେ । ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ୍ୟ କେତେକ ପାଞ୍ଜି ସଂଶୋଧନ କରୁଥିଲେ । ୧୯୬୦ ମସିହା ଡିସେ-ମ୍ବର ୫ତାରିଖରେ ମୁକ୍ତିମଣ୍ଡପ ସେକ୍ରେଟେରୀ ଶ୍ରୀ ରାମଚନ୍ଦ୍ର ମହାପାତ୍ର ପଣ୍ଡିତ ମହାଶୟଙ୍କୁ ମୁକ୍ତିମଣ୍ଡପ ପଃ ସ୍ବଂ ର ପାଞ୍ଜି ସଂଶୋଧନ ସଭାରେ ଯୋଗ ଦେବାକୁ ଅନୁରୋଧ କରିଥିଲେ ।

ଚିଠି ନଂ-୪୧୬ (ଖ)

"ମହାଶୟ,

ସନ୍ ୧୯୬୧-୬୨ରେ ପଞ୍ଜିକା ପାଣ୍ଡୁଲିପି ନିରୀକ୍ଷଣ ଓ ସଂଶୋଧନ କାର୍ଯ୍ୟରେ ସାହାଯ୍ୟ କରିବାକୁ ଓ ବ୍ୟବସ୍ଥା ସମିତିରେ ଯୋଗଦାନ କରିବାକୁ ଆପଣଙ୍କୁ ଅନୁରୋଧ କରୁଅଛୁ ।

ଆପଣଙ୍କଠାରୁ ସ୍ୱୀକୃତି ପାଇଲେ ବ୍ୟବସ୍ଥା ସମିତି ଅଧିବେଶନର ତାରିଖ ଓ ସମୟ ଜଣାଇ ଦେବ । (ଇତି)

ରାମଚନ୍ଦ୍ର ମହାପାତ୍ର
୫ । ୧୨ । ୬୦
ସମ୍ପାଦକ

୧୯୬୩-୬୪ରେ ପଡୁଥିବା କ୍ଷୟମାସ ଉପରେ ଏକ ଦ୍ୱନ୍ଦ୍ୱ ଉପୁଜି-ଥିଲା । ଏଥିରେ ପଣ୍ଡିତ ମହାଶୟ ଯେଉଁ ସିଦ୍ଧାନ୍ତ ଦେଇଥିଲେ ତଦନୁସାରେ ପଞ୍ଜିକାମାନ ପ୍ରକାଶ କରାଯାଇଥିଲା । ଏହି ସିଦ୍ଧାନ୍ତର ପ୍ରାମାଣ୍ୟତା ପାଇଁ ଭାରତର ଅନ୍ୟାନ୍ୟ ପଣ୍ଡିତମାନଙ୍କୁ ମଧ୍ୟ ପଠାଯାଇଥିଲା । ବନାରସ ହିନ୍ଦୁ ଇଉନିଭରସିଟିର ଧର୍ମଶାସ୍ତ୍ର ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ପ୍ରେମବଲ୍ଲଭ ତ୍ରିପାଠୀ ପଣ୍ଡିତ ମହାଶୟଙ୍କ ସିଦ୍ଧାନ୍ତକୁ ସମର୍ଥନ କରି ୨୦।୧୦।୬୨ରେ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଚିଠି ଲେଖିଥିଲେ ।

ଏହା ମଧ୍ୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସହିତ ମତଭେଦ ହେବାରୁ ସେ ମୁକ୍ତିମଣ୍ଡପ ଯିବା ବନ୍ଦ କରିଥିଲେ । ପରବର୍ତ୍ତୀକାଳରେ ୧୯୭୭ମସିହାରେ ମୁକ୍ତିମଣ୍ଡପ ପଣ୍ଡିତସଭା ଯେତେବେଳେ ପଣ୍ଡିତ ମହାଶୟଙ୍କୁ ପୁନର୍ବାର ଆହ୍ୱାନ କଲେ ସେ ମନା

କରିଥିଲେ । ସେ କହିଲେ, ମୁଁ ଯେଉଁ ଅନୁଷ୍ଠାନରେ ଯୋଗଦେଇ ବହୁଶ୍ରମ ବ୍ୟୟକରି କ୍ଷୟମାସ ବ୍ୟବସ୍ଥା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲି ଓ ପ୍ରତ୍ୟେକ ଶାସନର ପ୍ରତିନିଧିମାନେ ଉପସ୍ଥିତ ଥିବା ସଭାରେ କ୍ଷୟମାସ ବିଷୟକ ପ୍ରଶ୍ନର ଉତ୍ତର ଦେଇଥିଲି ସେହି ଅନୁଷ୍ଠାନ ଉକ୍ତ କାର୍ଯ୍ୟର ଅଳ୍ପ ଦିନ ପରେ ମୋତେ ପ୍ରତ୍ୟାଖ୍ୟାନ କଲେ । ଅତଏବ ଏଭଳି କର୍ତ୍ତବ୍ୟ, ପରିଶ୍ରମ, ଉପକାର ପ୍ରଭୃତି ଗୁଣ ପ୍ରତି ଆଦର ଦର୍ଶାଇ ଉଦାସୀନ ରହୁଥିବା ଅନୁଷ୍ଠାନରେ ପୁନଶ୍ଚ ଯୋଗଦେବା ସମୁଚିତ ହେବ କି ?"

୧୯୬୬ମସିହା ବିଷୁବ ସଂକ୍ରାନ୍ତିରେ ସେହିପରି ମତଭେଦ ହେଲା । ରେଭେନ୍ୟୁ ସେକ୍ରେଟେରୀ ଶ୍ରୀ ବିମଳ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ପୁରୀ କଲେକ୍ଟରଙ୍କ ସଭାଗୃହରେ ଏକ ବୈଠକ ବସିଥିଲା । ଏଥିରେ ଜ୍ୟୋତିଷ, ଗଣକ, ଧର୍ମଶାସ୍ତ୍ର ବିତ୍‌ମାନେ ଉପସ୍ଥିତ ଥିଲେ । ପଣ୍ଡିତ ମହାଶୟଙ୍କ ସିଦ୍ଧାନ୍ତ ଗୃହୀତ ହୋଇଥିଲା । ଜନସାଧାରଣ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ସେହି ଅନୁସାରେ ସଂକ୍ରାନ୍ତି ପାଳନ କରିଥିଲେ ।

ସେହିପରି ୧୯୭୩ ମସିହା ମକର ସଂକ୍ରାନ୍ତି କେଉଁଦିନ ହେବ ସେଥିରେ ମତ ଭେଦ ଥିଲା । ୯-୧-୭୩ରେ ଶ୍ରୀମନ୍ଦିର ପରିଚ୍ଛଳକ ଏକ ସ୍ୱତନ୍ତ୍ର ସଭା ଡକାଇଥିଲେ । ପଣ୍ଡିତ ମହାଶୟ ଉକ୍ତ ସଭାରେ ଶାସ୍ତ୍ରସମ୍ମତ ସିଦ୍ଧାନ୍ତ ଦେଇ ୧୪-୧-୭୩ରେ ସଂକ୍ରାନ୍ତି ବିଧେୟ ବୋଲି ମତ ଦେଇଥିଲେ । ଏହା ଶ୍ରୀମନ୍ଦିର ତଥା ସର୍ବତ୍ର ଗୃହୀତ ହୋଇଥିଲା ।

୧୯୭୪ ମସିହାରୁ ରାଧାରମଣ ପ୍ରେସ୍ ପଞ୍ଜିକାର ସଂଶୋଧନ କରି ଆସୁଥିଲେ ।

୪-୪-୭୬ରେ କଟକଠାରେ ପଞ୍ଜିକା ଆଲୋଚନା ଚକ୍ର ସଭା ଶ୍ରୀ ପ୍ରାଣନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ମହାଶୟ ସେଥିରେ ଯୋଗ ଦେଇଥିଲେ ।

୨୩ । ୧ । ୭୭ରେ ଆଷାଢ଼ ମଳ ମାସ ନିର୍ଣ୍ଣୟ ସମ୍ବନ୍ଧରେ ଶ୍ରୀ ମନ୍ଦିର ଅଫିସରେ ଏକ ସଭା ହୋଇଥିଲା । ଏଥିରେ ଗଜପତି ମହାରାଜା ସଭାପତି ଥିଲେ । ପଣ୍ଡିତ ମହାଶୟ ଏଥିରେ ଯୋଗ ଦେଇଥିଲେ ।

୨୦-୪-୭୭ରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏକ ବିଶିଷ୍ଟ ଅଧିବେଶନରେ ପଣ୍ଡିତ ମହାଶୟଙ୍କୁ ଡାକଥିଲେ । ଏଥିରେ ୧୮-୪-୭୭ ସୂର୍ଯ୍ୟ ଗ୍ରହଣ ବିଷୟରେ ଆଲୋଚିତ ହୋଇଥିଲା ଏଥିରେ ମୁକ୍ତି ମଣ୍ଡପ ପଣ୍ଡିତ ସଭା ମତ ଓ ପଣ୍ଡିତ ମହାଶୟଙ୍କ ମତ ପରସ୍ପର ଭିନ୍ନଥିଲା । ପଣ୍ଡିତ ମହାଶୟଙ୍କ ଗ୍ରହଣ ମତରେ ଯଦି ଦୃଶ୍ୟ ହୁଏ ତେବେ ତାହା ପାଳନୀୟ । କିନ୍ତୁ ମୁକ୍ତି-ମଣ୍ଡପ ମତ ଦେଇଥିଲେ ଯେ ଗ୍ରହଣ ପାଳନୀୟ ନୁହେଁ ।ବସ୍ତୁତଃ ଗ୍ରହଣ ଦୃଶ୍ୟ ହୋଇଥିଲା ।

ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ, ଉତ୍କଳ ସ୍ମୃତି ବିଚାର ସଭା ପଣ୍ଡିତ ମହାଶୟଙ୍କୁ ତା ୨୮-୪-୭୭ରେ ନିମ୍ନ ପ୍ରକାରରେ ଲେଖିଥିଲେ ।

"ଗତ ରବିବାର ଅପରାହ୍ନରେ ଏଠାରେ କେତେଜଣ ବିଦ୍ୱାନ୍ ମିଳିତ ହୋଇ ଓଡିଶାରେ ସ୍ମୃତି ବ୍ୟବସ୍ଥାର ପାଳନରେ ଦେଖାଯାଉଥିବା ବିଭ୍ରାଟ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଦାୟିତ୍ୱହୀନ ଆଚରଣ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ । ସ୍ମୃତିର ବିଚାର ବିମର୍ଶ ଓ ଏକ ଶୁଦ୍ଧ ପଞ୍ଜିକା ପ୍ରକାଶ ଲକ୍ଷ୍ୟରେ "ଉତ୍କଳ ସ୍ମୃତି ବିଚାର ସଭା" ନାମରେ ଏକ ଅନୁଷ୍ଠାନ ଗଠନ କରିବା ସ୍ଥିର ହେଲା । ଅନୁଷ୍ଠାନର ସଭାପତି ହେଲେ ଅଧ୍ୟାପକ ଶ୍ରୀ ଗୌରୀ କୁମାର ବ୍ରହ୍ମା । ଆପଣ ଏହାର ଉପସଭାପତି ପଦ ଗ୍ରହଣ କଲେ ଅନୁଷ୍ଠାନର ଗୌରବ ବୃଦ୍ଧି ହେବ ବୋଲି ସମସ୍ତେ ମତ ଦେଲେ । ଅନୁରୋଧ ଆପଣ ଏହାର ଉପସଭାପତି ହେବା ଲାଗି ସ୍ୱୀକୃତି ପ୍ରଦାନ କରି ଆମ୍ଭମାନଙ୍କୁ ଅନୁଗୃହୀତ କରିବେ ।"

୨୭-୧୧-୭୮ରେ ଶ୍ରୀମନ୍ଦିରର ସହକାରୀ ପ୍ରଶାସକ ଶ୍ରୀଯୁକ୍ତ ଗୁରୁପ୍ରସାଦ ମହାନ୍ତି ଚିଠି ନମ୍ବର ୪୫୩୩(୩)ରେ ପଣ୍ଡିତ ମହାଶୟଙ୍କୁ ଲେଖିଥିଲେ ଯେ

'ଶ୍ରୀମନ୍ଦିରର ସ୍ୱତନ୍ତ୍ର ପଞ୍ଜିକା ପ୍ରକାଶନ ପାଇଁ ଶ୍ରୀମନ୍ଦିରର ପରିଚାଳନା କମିଟି ବ୍ୟବସ୍ଥା ନେଇଛନ୍ତି । ଏ ସଂକ୍ରାନ୍ତରେ ଆବଶ୍ୟକୀୟ ପରାମର୍ଶ ଦେବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଏକ ପଞ୍ଜିକା ସବ୍‌କମିଟି ଗଠନ କରିଛନ୍ତି ଓ ପଣ୍ଡିତ ମହାଶୟଙ୍କୁ ବିଶେଷ ଭାବେ ଯୋଗ ଦେବାକୁ ମନୋନୀତ କରିଛନ୍ତି ।"

୪-୧-୭୯ ମନ୍ଦିର କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ପରମାନନ୍ଦ ତ୍ରିପାଠୀ ପାଞ୍ଜୀ ଗ୍ରହଣୀୟ କି ନୁହେଁ ଏ ସମ୍ବନ୍ଧରେ ବିଚାର ସଭାକୁ ନିମନ୍ତ୍ରଣ କରିଥିଲେ ।

୬-୯-୬୯ରେ ସୂର୍ଯ୍ୟଗ୍ରହଣ ସମ୍ବନ୍ଧେ ସେହିପରି ମତ ଭେଦ ଥିଲା । ଏହି ଗ୍ରହଣ ପାଳନୀୟ କି ନୁହେଁ ସେ ବିଷୟରେ ଶ୍ରୀମନ୍ଦିର ପରିଚାଳକ ୩୧-୮-୬୯ରେ ପଣ୍ଡିତ ମହାଶୟଙ୍କୁ ଚିଠି ନଂ ୨୫୧୦ରେ ପଚାରିଥିଲେ । ଗ୍ରହଣ ଉପରେ ଶ୍ରୀ ଜଗନ୍ନାଥଙ୍କର ଅନେକ ରୀତିନୀତି ନିର୍ଭର କରୁଥିବାରୁ ଏହା ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ । ପଣ୍ଡିତ ମହାଶୟ ତା ୩ । ୯ । ୬୯ରେ ଏହି ପ୍ରଶ୍ନର ଉତ୍ତର ଦେଇ ନିମ୍ନଲିଖିତ ମତ ଦେଇଥିଲେ । ଶ୍ରୀମନ୍ଦିରରେ ପଣ୍ଡିତ ମହାଶୟଙ୍କ ମତ ଗୃହୀତ ହୋଇଥିଲା । ସେ ଲେଖିଥିଲେ—

"ଗ୍ରହଣ ଗଣନା ସମ୍ବନ୍ଧେ ମୋର ପର୍ଣ୍ଣ ଜ୍ଞାନ ନଥିବାରୁ ମୁଁ ପ୍ରକାଶିତ ପଞ୍ଜିକାମାନଙ୍କର ଗଣିତ ଦୃଷ୍ଟିରୁ ନିମ୍ନଲିଖିତ ମତପ୍ରଦାନ କରୁଅଛି ।

କ- ରାଧାରମଣ ପ୍ରେସ୍, ଧର୍ମଗ୍ରନ୍ଥ ଷ୍ଟୋର୍ ଓ କୋହିନୁର ପ୍ରେସ୍ର ପଞ୍ଜିକା ମାନଙ୍କ ବିଚାରକୁ ନେଇ ଦେଖିଲେ ଯେ ଏଥିରୁ ପ୍ରଥମ ପଞ୍ଜିକା ଏ ଗ୍ରହଣ ଉତ୍କଳକୁ ଅଦୃଶ୍ୟ ବୋଲି ଲେଖିଛନ୍ତି । ଦ୍ୱିତୀୟ ପଞ୍ଜିକା ସ୍ଥାନ ବିଶେଷ ଯଦ୍ୟପି କିଞ୍ଚିତ୍ ଦୃଶ୍ୟ ହେବାର୍ ହୁଏ ତାହା ପାଳନ ହେବନାହିଁ ବୋଲି ପରସ୍ପର ବିରୁଦ୍ଧ ମତ ଦର୍ଶାଇଛନ୍ତି । ତୃତୀୟ ପଞ୍ଜିକା କୋହିନୁର ପ୍ରେସ୍ ଏ ଗ୍ରହଣ ପୁରୀ ପାଇଁ ୨୪ ସେକେଣ୍ଡ ମାତ୍ର ଦୃଶ୍ୟ ହେବ ବୋଲି ଲେଖି ବେଧନୀତି ଓ ପାକ ପ୍ରଭୃତି କରଣୀୟ ବୋଲି ଲେଖିଛନ୍ତି ।

ଖ- କୋହିନୁର ପଞ୍ଜିକା ଅନୁସାରେ ବିଚାର କଲେ ଗ୍ରହଣର ଆଦ୍ୟନ୍ତ କାଳ ଘ ୩ । ୧୨ । ୩୮ ସେକେଣ୍ଡ ଏଥିରୁ ଗ୍ରାସ କାଳ ଘ ୧ । ୩୬ । ୧୯ ସେକେଣ୍ଡ ଶୋଳକଳା ଘ ୧-୩୬-୧୯ ସେକେଣ୍ଡ ଓ ମୋକ୍ଷକାଳ ଘ୧-୩୬-୧୯ ସେକେଣ୍ଡ ।

ଗ- ଘ ୧ । ୩୬ । ୧୯ ସେକେଣ୍ଡ ସମୟ ସଂପୂର୍ଣ୍ଣ ଚନ୍ଦ୍ରମଣ୍ଡଳର ମୁକ୍ତି ନିମନ୍ତେ ଆବଶ୍ୟକ ହେଲେ ୨୪ ସେକେଣ୍ଡ ସମୟରେ ସଂପୂର୍ଣ୍ଣ ଚନ୍ଦ୍ରମଣ୍ଡଳର ୨୦୦ ଭାଗରୁ ଏକ ଭାଗ ବା ତହିଁରୁ ନ୍ୟୂନ ଅଂଶ ମୁକ୍ତିଲାଭ ନକରି ରହିଥିବ ।

ଯଥା- ଘ ୧ । ୩୬ । ୧୯ ସେକେଣ୍ଡ ଅର୍ଥାତ ୫୭୬୦ ସେକେଣ୍ଡ ÷ ୨୪ =୨୪୦ ।

ଘ- ସାଧାରଣତଃ ଶୁକ୍ଳ ପ୍ରତିପଦାରେ କଳାନ୍ୟୂନ ଚନ୍ଦ୍ର ଦେଖାଯାଏ ନାହିଁ । ଏଣୁ ୧୬ ଭାଗରୁ ନ୍ୟୂନ ଚନ୍ଦ୍ର ଦେଖାଯାଉନଥିବା ସ୍ଥଳେ ୨୦୦ ଭାଗରୁ

ନ୍ୟୂନ ଚନ୍ଦ୍ର କପର ଦେଖାଯିବ ? ଏଣୁ ଉକ୍ତ କୋହିନୁର ଗଣିତ ମୋତେ ମଧ୍ୟ ଗ୍ରହଣ ଅଦୃଶ୍ୟ ।

ଙ- ଗ୍ରହଣ ମନୁଷ୍ୟ ଚକ୍ଷୁକୁ ଦେଖାଗଲେ ପାଳନୀୟ ଅନ୍ୟଥା ପାଳନୀୟ ନୁହେଁ । "ଚନ୍ଦ୍ର ସୂର୍ଯ୍ୟୋପରାଗେ ଚ ଯାବଦ୍ଦର୍ଶନ ଗୋଚରମ୍" ଗଦାଧର ପଦ୍ଧତି (ପୃ ୪୩୮) । ଏଣୁ ଏ ଗ୍ରହଣରେ ଦର୍ଶନ ଯୋଗ୍ୟତା ନଥିବାରୁ ଆନଦେଶ୍ୟ ଗ୍ରହଣ ବୋଲି ବୁଝିବାକୁ ହେବ । ନିର୍ଣ୍ଣୟ ସିନ୍ଧୁକାର କମଳାକର ଭଟ୍ଟ ମଧ୍ୟ ଅଙ୍ଗୁଳି ମାନାରୁ ନ୍ୟୂନ ଗ୍ରାସ ଗ୍ରହଣକୁ ଅନାଦେଶ୍ୟ ଗ୍ରହଣ ବୋଲି ଦର୍ଶାଇଛନ୍ତି । ଯଥା—

"ଅଙ୍ଗୁଳାଦ୍ୟନାଦେଶ୍ୟ ଗ୍ରହ ପଥାବୃତ୍ୟା ବା ଦର୍ଶନ ସ୍ୱାର୍ଥବତ୍ତ୍ୱମ୍" ଏଣୁ ଏ ଗ୍ରହଣ ଆଖିକୁ ଦେଖାଯିବାର ସମ୍ଭାବନା ନଥିବାରୁ ଅନାଦେଶ୍ୟ ଅର୍ଥାତ୍ ପାଳନୀୟ ନୁହେଁ" ।

ଚ- ଏ ଗ୍ରହଣ ଚକ୍ଷୁକୁ ଦୃଶ୍ୟ ହେବକି ନାହିଁ ଏ ସମ୍ବନ୍ଧେ ପ୍ରକୃତ ତଥ୍ୟ ଜାଣିବାକୁ କୌଣସି ବୈଜ୍ଞାନିକ ମାନମନ୍ଦିର ପ୍ରଭୃତିରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇ ପାରେ ।"

ଗ୍ରହଣ ସମ୍ବନ୍ଧୀୟ ବିବାଦ ଜନସାଧାରଣରେ ଅତ୍ୟନ୍ତ ଆଲୋଚ୍ୟ ବିଷୟ ହୋଇଥିଲା । ଏ ସଂକ୍ରାନ୍ତରେ କଟକ ଦୂରଦର୍ଶନ କେନ୍ଦ୍ରରୁ ସାମ୍ବାଦିକମାନେ ପଣ୍ଡିତ ମହାଶୟଙ୍କୁ ୧୮-୨-୮୦ରେ ସାକ୍ଷାତକାର କରିଥିଲେ ।

୨୨-୯-୭୯ରେ ପଣ୍ଡିତ ବାମନ ଚନ୍ଦ୍ର ଆଚାର୍ଯ୍ୟଙ୍କ ଲେଖାର ପ୍ରତିବାଦ ସ୍ୱରୂପ ସିଂହ ବୃହସ୍ପତିରେ ବିବାହାଦି କରାଯାଇପାରିବ ନାହିଁ ବୋଲି ପଣ୍ଡିତ ମହାଶୟଙ୍କ ଏକ ଲେଖା ପ୍ରଜାତନ୍ତ୍ରରେ ପ୍ରକାଶ ପାଇଥିଲା ।

ସରସ୍ୱତୀ ପୂଜା ସମ୍ବନ୍ଧରେ ସେହିପରି ମତଭେଦ ହୋଇଥାଏ । ପଞ୍ଚମୀ ତିଥି ଦୁଇଦିନକୁ ରହିଲେ କେତେକଙ୍କ ମତ ତାହା ପୂର୍ବଦିନ ପାଳିତ ହେବ । ସେମାନଙ୍କ ମତରେ ସରସ୍ୱତୀ ପୂଜା ରାତିରେ କରାଯାଏ । କିନ୍ତୁ ପଣ୍ଡିତ ମହାଶୟଙ୍କ ମତରେ କୁନ୍ଦପୁଷ୍ପ ସକାଳେ ଫୁଟେ । ସରସ୍ୱତୀ ପୂଜା ପୂର୍ବାହ୍ଣରେ ବିଧେୟ । ଏଣୁ ଦୁଇ ଦିନ ମଧ୍ୟରୁ ଦ୍ୱିତୀୟ ଦିନ ହିଁ ପାଳନୀୟ । ପ୍ରତିବର୍ଷ ଶ୍ରୀଜଗନ୍ନାଥଙ୍କ ନୀତି ନିୟମ ପଣ୍ଡିତ ମହାଶୟଙ୍କ ନିର୍ଣ୍ଣିତ ଦିବସରେ ହୋଇଥାଏ । ୧୯୮୫ ମସିହାରେ ଜାନୁଆରୀ ୨୫ ଓ ୨୬ ଏହି ଦୁଇ ଦିନ ମଧ୍ୟରୁ ପଣ୍ଡିତ ମହାଶୟଙ୍କର ମତ ଅନୁସାରେ ୨୬ ତାରିଖରେ ଶ୍ରୀମନ୍ଦିରରେ

ବସନ୍ତ ପଞ୍ଚମୀ ବିଧାନ ସହ ପାଞ୍ଜୀପୂଜା କରାଯାଇଥିଲା । ୧୯୮୦ ମସିହା ସରସ୍ୱତୀ ପୂଜା ବିବାଦରେ ତା ୨୨ । ୧ । ୮୦ ରିଖରେ ପୂଜା ବିଧେୟ ବୋଲି ଜନସାଧାରଣଙ୍କୁ ଏକ ନିବେଦନ ଲେଖିଥିଲେ । ପୂଜା ବିଷୟରେ ତାଙ୍କ ଲିଖିତ ଅନେକ ତାତ୍ତ୍ୱିକ ସନ୍ଦର୍ଭ ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇ ଅଛି ।

ପଣ୍ଡିତ ମହାଶୟ ଓଡ଼ିଶା ସରକାରଙ୍କର ଆଲ୍‌ମନାକ କମିଟିର ସଭ୍ୟ ଥିଲେ ।

ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ

ବେଦପାଠର ପୁନର୍ଜୀବନ ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ମଧ୍ୟରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଥିଲା । ପଣ୍ଡିତ ମହାଶୟ ୧୯୬୬ ମସିହା ଅକ୍ଟୋବର ୩୦ ତାରିଖରୁ ଏହି ଅନୁଷ୍ଠାନର ସ୍ଥାୟୀ ସଭାପତି ଭାବରେ କାର୍ଯ୍ୟ ପରିଚାଳନା କରିଆସିଛନ୍ତି । ସେ ନିଜେ ନୈଷ୍ଠିକ ବ୍ରାହ୍ମଣ ଥିଲେ ଓ ବେଦପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଥିଲା । ତାଙ୍କର ଆପ୍ରାଣ ଉଦ୍ୟମ ଫଳରେ ଶିକ୍ଷାର ମାନବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ମଧ୍ୟ ବିକାଶ ହୋଇଥିଲା ।

୧୯୮୨ ଜାନୁଆରୀ ୧୫ ତାରିଖରେ ଏହି ଅନୁଷ୍ଠାନର ମୁଖପତ୍ର "ନୀଳକନ୍ଦର" ସର୍ବ ପ୍ରଥମେ ପ୍ରକାଶ ପାଇଥିଲା । ଏହାକୁ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଥିଲେ । ଉଦଘାଟନ ସଭାରେ ପଣ୍ଡିତ ମହାଶୟ ସଭାପତିତ୍ୱ କରିଥିଲେ । ଏଥିରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ । ନୀଳକନ୍ଦରର ଏହି ସଂଖ୍ୟାରେ ପଣ୍ଡିତ ମହାଶୟଙ୍କର "କର୍ମ ସପ୍ତପଦୀ" ପ୍ରକାଶ ପାଇଥିଲା ।

ତା ୪-୮-୮୨ ରିଖ ସଂସ୍କୃତ ଦିବସରେ ସର୍ବପ୍ରଥମେ ଅନୁଷ୍ଠାନର ଉପାକର୍ମ ଉତ୍ସବ ପ୍ରବର୍ତ୍ତିତ ହେଲା ।

ତା ୨୨-୮-୮୩ ଓ ୨୩-୮-୮୩, ଏହି ଦୁଇଦିନ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ଆନୁକୂଲ୍ୟରେ ନିଖିଳୋତ୍କଳ ବୈଦିକ

ସମ୍ମେଳନ ର ଆୟୋଜନ କରାଯାଇଥିଲା । ଏଥିରେ ପଣ୍ଡିତ ମହାଶୟ ସଭାପତିତ୍ୱ କରିଥିଲେ । ସମ୍ମେଳନର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗ ଦେଇଥିଲେ ।

୧୯୮୫ ଜୁନ୍ ଏକ ତାରିଖରେ ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ ନିଖିଳ ଭାରତ ବୈଦିକ ସମ୍ମେଳନ କରାଯାଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହା ଉଦ୍‌ଘାଟନ କରିଥିଲେ । ୨-୬-୮୫ ରେ ସମ୍ମେଳନର ଦ୍ୱିତୀୟ ତଥା ଶେଷ ଦିବସରେ ଅନୁଷ୍ଠାନ ତରଫରୁ ପଣ୍ଡିତ ମହାଶୟଙ୍କୁ ପଟ୍ଟବସ୍ତ୍ର ଅର୍ପଣ କରାଯିବା ସଙ୍ଗେସଙ୍ଗେ ଶ୍ରୀଯୁକ୍ତ ଅଗାଧୁ ମହାପାତ୍ରଙ୍କ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା ।

୧୫ । ୧ । ୮୬ରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ବାର୍ଷିକୋ-ତ୍ସବରେ ପଣ୍ଡିତ ମହାଶୟ ସଭାପତିତ୍ୱ କରିଥିଲେ । ଏଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ବଟକୃଷ୍ଣ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

୧୯୮୬ ଅଗଷ୍ଟ ୩୦ ତାରିଖରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ସାଧାରଣ ସଭାରେ ପୁନଶ୍ଚ ସଭାପତି ସ୍ୱରୂପ ନିର୍ବାଚିତ ହୋଇଥିଲେ ।

ଅନୁଷ୍ଠାନର ସଭାପତି ହିସାବରେ ପଣ୍ଡିତ ମହାଶୟ ଅନୁଷ୍ଠାନ ସମ୍ବନ୍ଧୀୟ ଚିଠିପତ୍ର ଆଦାନ ପ୍ରଦାନ କରୁଥିଲେ । ଭାରତ ସରକାରଙ୍କର *Ministry of Education and Culture (Deptt of education)* ରୁ ବାର୍ଷିକ ଅନୁଦାନ/ ସାହାଯ୍ୟ ଗ୍ରହଣ କରି ଅନୁଷ୍ଠାନ ପରିଚାଳନା କରୁଥିଲେ ।

"ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ୧୯୫୬ରେ ପ୍ରତିଷ୍ଠିତ ହୋଇଥିଲା । ନାନା ଘାତ ପ୍ରତିଘାତ ଦେଇ ତାହା ଗତି କରିଛି । ପ୍ରତିହାରୀ

ନିଯୋଗ ଏକ ଘର ଯୋଗାଇଛନ୍ତି । ପଣ୍ଡିତ ଗୋପାଳଚନ୍ଦ୍ର ପଣ୍ଡା, ପଣ୍ଡିତ ଫକୀର ମିଶ୍ର, ପଣ୍ଡିତ ବାବାଜୀ ମିଶ୍ର, ଡ଼ଃ ଲଡୁକେଶ୍ୱର ଶତପଥୀ, ସ୍ୱର୍ଗତ ପଣ୍ଡିତ ସଦାଶିବ ରଥ ଶର୍ମା ପ୍ରମୁଖ ବିଭିନ୍ନ ସମୟରେ ସଭାପତି ଓ ଉପ-ରକ୍ଷ ଅନୁଷ୍ଠାନକୁ ଆଗେଇବାରେ ସାହାଯ୍ୟ କରିଛନ୍ତି । ଅନୁଷ୍ଠାନର ସଭାପତି କଳେବର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା । ଛାତ୍ର ସଂଖ୍ୟା ବଢ଼ିଲା । ଶୁକ୍ଳ ଯଜୁର୍ବେଦର ମାଧମିକ ଶାଖା ସହ କାଣ୍ୱ ଶାଖାର ପାଠର ବ୍ୟବସ୍ଥା ହେଲା । ଏପରି କ୍ରମ ବର୍ଦ୍ଧିଷ୍ଣୁ ପରିବାରର ଅଭିଭାବକ କିଏ ହେବେ ? ବହୁ ଯୋଗ୍ୟ ବ୍ୟକ୍ତିଙ୍କର ନାମ ପ୍ରସ୍ତାବିତ ହେଲା । ଧର୍ମ ସଂକଟରେ ପଡ଼ି ଧର୍ମଗୁଳା ପକାଇ ପଣ୍ଡିତ ମହାଶୟଙ୍କ ନାମ ବାଛିଲୁ । ସବୁ ମନେ ପଡ଼ୁଛି । ୧୯୭୭ ମସିହା ଅକ୍ଟୋବର ମାସ ।

ଦିନେ ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତା ଶ୍ରୀ ନିମାଇଁ ଚରଣ ମହାନ୍ତି, ଶ୍ରୀ ବିଶ୍ୱନାଥ ପତି ମହାପାତ୍ର ଓ ଶ୍ରୀ ବାସୁଦେବ ଖୁଣ୍ଟିଆଙ୍କ ସହ ଯାଇ ମୁଁ ପଣ୍ଡିତ ମହାଶୟଙ୍କୁ ଦେଖା କରିଥିଲି ଓ ଅନୁଷ୍ଠାନର ସଭାପତି ପଦ ଗ୍ରହଣ କରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲି । ସେ ଅକୁଣ୍ଠ ଭାବରେ ସମ୍ମତି ପ୍ରଦାନ କଲେ । ତାଙ୍କୁ ପାଇ ଆମେ ଆଶ୍ୱସ୍ତ ହୋଇଥିଲୁ । ୩୦-୧୦-୭୭ ଠାରୁ ୧୯।୨।୯୦ (ତାଙ୍କର ମହାପ୍ରୟାଣ ଦିବସ) ପର୍ଯ୍ୟନ୍ତ ସେ ସଭାପତି ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରି ଛାତ୍ର ଓ ପଣ୍ଡିତ ମାନଙ୍କର ଆଦରଣୀୟ ହୋଇଥିଲେ । ଅନୁଷ୍ଠାନର ମୁଖପତ୍ର ନୀଳକନ୍ଦର ର ସେ ମାର୍ଗଦର୍ଶକ ଥିଲେ । ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ନିଖିଳୋତ୍କଳ ବୈଦିକ ସମ୍ମେଳନ (୧୯୮୩) ଓ ଅଖିଳ ଭାରତୀୟ ବୈଦିକ ସମ୍ମେଳନ (୧୯୮୪)ରେ ସେ ସଭାପତିତ୍ୱ ମଧ୍ୟ କରିଥିଲେ ।"

କନ୍‌ଫରେନ୍‌ସ୍

ତା ୧।୬।୭୮ ରୁ ୩।୬।୭୮ ତିନଦିନ ପୁନାଠାରେ ଅଖିଳ ଭାରତ ପ୍ରାଚ୍ୟବିଦ୍ୟା ସମ୍ମେଳନ (AIOC) ରେ ଯୋଗଦାନ ଓ ଦ୍ୱିତୀୟ ଦିବସରେ ପ୍ରବନ୍ଧ ପାଠ ।

ପଣ୍ଡିତ ମହାଶୟଙ୍କ ଦଶାହ ଉପଲକ୍ଷେ ପ୍ରକାଶିତ ନୀଳକନ୍ଦରର ପଣ୍ଡିତ କୁଳମଣି ମିଶ୍ର ଶର୍ମା । ସ୍ମୃତି ବିଶେଷାଙ୍କର ସମ୍ପାଦକୀୟରୁ (ଡ଼ଃ ଗୋପାଳକୃଷ୍ଣ ଦାଶ, ସମ୍ପାଦକ)ଙ୍କ ଲିଖିତ ।

ତା ୨୧।୧୧।୮୧ ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ୫ମ ବିଶ୍ୱ ସଂସ୍କୃତ ସମ୍ମେଳନ ରେ ନିମନ୍ତ୍ରିତ ଭାବେ ଯୋଗଦାନ କରିଥିଲେ ।

୧୯୮୪ ମସିହାରେ ଅହମଦାବାଦ ଠାରେ ଅଖିଳ ଭାରତ ପ୍ରାଚ୍ୟ ବିଦ୍ୟାସମ୍ମେଳନ (AIOC)ର ୩୨ତମ ଅଧିବେଶନରେ ନିମନ୍ତ୍ରିତ ଭାବେ ଯୋଗଦାନ ।

ତା ୨୧-୨-୮୭ ରେ ବାବା ବୈଦ୍ୟନାଥଙ୍କ ଧାମ ଦେଓଘର (ବିହାର)ରେ ୨ଦିନିଆ ବୈଦିକ ସମ୍ମେଳନ ରେ ନିମନ୍ତ୍ରିତ ଭାବେ ଯୋଗଦାନ କରିଥିଲେ ।

ଦିଲ୍ଲୀଠାର ତା ୯-୮-୮୭ ରୁ ତା ୧୧-୮-୮ ତିନିଦିନ ବୈଦିକ ସମ୍ମେଳନ ରେ ନିମନ୍ତ୍ରିତ ଭାବେ ଯୋଗଦାନ ।

ପ୍ରୟାଗ ଠାରେ କୁମ୍ଭମେଳା କ୍ଷେତ୍ରରେ ସଚ୍ଚା ଆଶ୍ରମ ପକ୍ଷରୁ ତା ୨୪-୧-୮୮ରିଖ ରେ ଆୟୋଜିତ ଅଖିଳ ଭାରତ ସଂସ୍କୃତ ସମ୍ମେଳନ ରେ ମୁଖ୍ୟାତିଥି ଭାବେ ଯୋଗ ଦେଇଥିଲେ ।

ତା ୪-୧-୮୯ରିଖରେ ବିଶାଖାପାଟନା ଠାରେ ଆୟୋଜିତ ଅଖିଳ ଭାରତ ପ୍ରାଚ୍ୟବିଦ୍ୟା ସମ୍ମେଳନ (AIOC)ରେ ଯୋଗଦାନ । ତା ୬।୧।୮୯ରେ ଉକ୍ତ ସମ୍ମେଳନର ପଣ୍ଡିତ ପରିଷଦରେ "ଶତରୁଦ୍ରୀୟସ୍ୟ ଶତସଂଖ୍ୟା" ଶୀର୍ଷକ ପ୍ରବନ୍ଧ ପାଠ ।

ତା ୧-୩-୮୯ରେ ଲକ୍ଷ୍ନୌ ଠାରେ ଆୟୋଜିତ ବୈଦିକ ସମ୍ମେଳନ ରେ ନିମନ୍ତ୍ରିତ ଭାବେ ଯୋଗଦାନ ।

ସସ୍ତ୍ରୀକ ଭ୍ରମଣ

ତା ୧୬ । ୯ । ୮୧ରେ ଗୟାଶ୍ରାଦ୍ଧ କରିବା ପାଇଁ ପଣ୍ଡିତ ମହାଶୟ ସସ୍ତ୍ରୀକ ଯାତ୍ରା କରିଥିଲେ । ଗୟାରେ ବିଭିନ୍ନ ତୀର୍ଥ ସ୍ଥାନ ମାନଙ୍କରେ ଶ୍ରାଦ୍ଧାଦି କର୍ମ କରି ପ୍ରାୟ ୨୦ ଦିନ ପରେ ତା ୨ । ୧୦ । ୮୧ରେ ପ୍ରତ୍ୟାବର୍ତ୍ତନ କରିଥିଲେ । ଏ ସମୟରେ ପରିଶ୍ରମ ଓ ଉପବାସ ଯୋଗୁଁ ତାଙ୍କର ଅନେକ ମାତ୍ରାରେ ସ୍ୱାସ୍ଥ୍ୟହାନି ଘଟିଥିଲା ଓ ତାଙ୍କର ବୟସ ଖୁବ୍ ବଢିଗଲା ପରି ଦିଶୁଥିଲେ । ଅନେକ ଦିନ ପରେ ସେ ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇଥିଲେ ।

ରାଷ୍ଟ୍ରପତି ଭବନରେ ସମ୍ମାନ ସମାରୋହରେ ଯୋଗ ଦେବା ପାଇଁ ସେ ଦୁଇ ପୁଅ, ବଡ଼ ଜ୍ୱାଇଁ ଓ ସହଧର୍ମିଣୀଙ୍କ ସହ ଦିଲ୍ଲୀ ଯାତ୍ରା କରିଥିଲେ । ସମ୍ମାନ ଗ୍ରହଣ ପରେ ଫେରିବା ବାଟରେ ସସ୍ତ୍ରୀକ କୁରୁକ୍ଷେତ୍ର ଦର୍ଶନ କରି ଉଜ୍ଜୟିନୀଠାରେ କାଳିଦାସ ଏକାଡେମୀ ଆନୁକୁଲ୍ୟରେ ଅନୁଷ୍ଠିତ "ଶାସ୍ତ୍ରଚର୍ଚ୍ଚା ସଭା"ରେ ଯୋଗଦେଇଥିଲେ ।

ତା ୬ । ୩ । ୮୬ରେ ପ୍ରୟାଗ ଅଭିମୁଖେ ସପତ୍ନିକ ଯାତ୍ରା କରିଥିଲେ । ତା ୮ । ୩ । ୮୬ରିଖ ଶିବରାତ୍ରି ଦିନରେ କାଶୀରେ ବିଶ୍ୱନାଥଙ୍କ ଦର୍ଶନ କରିଥିଲେ । ସେ ଦିନ ରାତିରେ ସେଠାରେ ଲଙ୍ଗଳି ବାବାଙ୍କ ଆଶ୍ରମରେ ଅବସ୍ଥାନ କରିଥିଲେ । ତା ପରଦିନ କାଞ୍ଚିକାମକୋଟୀ ପୀଠ ଶଙ୍କରାଚାର୍ଯ୍ୟଙ୍କର ନିମନ୍ତ୍ରଣ କ୍ରମେ ପଣ୍ଡିତ ସଭାରେ ଯୋଗ ଦେଇ "ଭାରତର ଏକତାରେ ଶଙ୍କରଙ୍କ ଦାନ" ସମ୍ବନ୍ଧରେ ଭାଷଣ ଦେଇଥିଲେ । ତା ପରଦିନ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ନିମନ୍ତ୍ରଣ କ୍ରମେ ପ୍ରୟାଗରେ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତା ୧୩ । ୦୩ । ୮୬ରେ ଅଯୋଧ୍ୟା ଦର୍ଶନ କରିଥିଲେ ଓ ସରଯୂ ନଦୀରେ ସପତ୍ନିକ ସ୍ନାନ ତର୍ପଣାଦି କରିଥିଲେ ।

ତାପରବର୍ଷ ତା ୧୬ । ୩ । ୮୭ରିଖରେ ପଣ୍ଡିତ ମହାଶୟ ସସ୍ତ୍ରୀକ ଜୟପୁର (ରାଜସ୍ଥାନ) ଅଭିମୁଖେ ଯାତ୍ରା କରିଥିଲେ । ବାଟରେ ୧୮ ତାରିଖରେ ଆଗ୍ରାସ୍ଥିତ ତାଜମହଲ ଭ୍ରମଣ କରିଥିଲେ । ତା ୧୯-୩-୮୭ରେ



ପଣ୍ଡିତ କୁଳମଣି ମିଶ୍ର ସହଧର୍ମିଣୀ ଓ ଝିଅମାନଙ୍କ ସହିତ ୧୯୫୭
ମସିହାରେ



ସହଧର୍ମିଣୀଙ୍କ ସହିତ ୧୯୮୬ ମସିହାରେ

ସହ ଧର୍ମିଣୀଙ୍କ ସହିତ ୧୯୮୭ ମସିହାରେ



ସ୍ୱରଚିତ "କାଳଦୀପ" ପୁସ୍ତକ ସହିତ

ଜୟପୁରଠାରେ ଥିବା କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୨୨ ତାରିଖରେ ପୁଷ୍କର ତୀର୍ଥରେ ସସ୍ତ୍ରୀକ ସ୍ନାନ ଶ୍ରାଦ୍ଧାଦି କର୍ମ କରିଥିଲେ । ୨୩ତାରିଖଠାରୁ ମଥୁରା ବୃନ୍ଦାବନ ଦର୍ଶନ କରି ମଥୁରାରେ ଶ୍ରୀ ଦିବାକର ଆଚାର୍ଯ୍ୟଙ୍କ ସ୍ନେହ ଗ୍ରହଣ କରିଥିଲେ । ୨୬ ତାରିଖରେ ପାଟଣା (ବିହାର) ଠାରେ ବାରୁଣୀ ଯୋଗେ ଗଙ୍ଗାସ୍ନାନ କରି ଗଣ୍ଡକୀର ଗଜୋଦ୍ଧାରଣ ଘାଟରେ ସସ୍ତ୍ରୀକ ସ୍ନାନଶ୍ରାଦ୍ଧାଦି କରିଥିଲେ ।

ଏହାର ଅଳ୍ପଦିନ ପରେ ତା ୧୮ । ୫ । ୮୭ରେ ବଦ୍ରିକାଶ୍ରମ ଦର୍ଶନ ନିମନ୍ତେ ସସ୍ତ୍ରୀକ ଯାତ୍ରାରମ୍ଭ କରିଥିଲେ । ସାଙ୍ଗରେ ଗ୍ରାମର ଶ୍ରୀ ଅଲେଖ ଦାଶ, ଶ୍ରୀ ରଘୁନାଥ ମିଶ୍ର ଓ ତାଙ୍କର ୧୨ଜଣ ବନ୍ଧୁବର୍ଗ ମଧ୍ୟ ଯାଇଥିଲେ । ୨୧ ତାରିଖରେ ଋଷିକେଶରେ ଗଙ୍ଗାସ୍ନାନ କରି ଲଛମନ ଝୋଲ ଇତ୍ୟାଦି ଭ୍ରମଣ କରିଥିଲେ । ୨୪ତାରିଖରେ ଯୋଷୀଠାରୁ ବଦ୍ରିକା ଯାତ୍ରା କରିଥିଲେ । ସେଠାରେ ସ୍ନାନ ସଂଧ୍ୟା ଶ୍ରାଦ୍ଧାଦି କରି ଦେବଦର୍ଶନ କରିଥିଲେ । ସେହିଦିନ ପ୍ରତ୍ୟାବର୍ତ୍ତନ କରି ରାତ୍ରି ଘଣ୍ଟାରେ ପିପ୍ପଲ୍‌କୋଠଠାରେ ଅବସ୍ଥାନ କରିଥିଲେ । ୨୫ ତାରିଖରେ ହରଦ୍ୱାରଠାରେ ରହି ୨୬ ତାରିଖରେ ହରଦ୍ୱାରଠାରେ ସ୍ନାନ ସଂଧ୍ୟା ଶ୍ରାଦ୍ଧାଦି କର୍ମ ସାରି ମନସାଦେବୀ ଦର୍ଶନ କରିଥିଲେ ଓ ସେଠାରୁ ଦିଲ୍ଲୀ ଯାତ୍ରା କରିଥିଲେ । ୨୭ ତାରିଖରେ ଦିଲ୍ଲୀରୁ ପ୍ରତ୍ୟାବର୍ତ୍ତନ କରି ୨୯ । ୫ । ୮୭ରେ ପୁରୀ ପ୍ରବେଶ କରିଥିଲେ ।

ତା ୨୨ । ୧ । ୮୯ରେ ଆଉଥରେ ସସ୍ତ୍ରୀକ ଯାତ୍ରା କରିଥିଲେ ପ୍ରୟାଗ ଅଭିମୁଖେ । ସେଠାରେ ଅଖିଳ ଭାରତୀୟ ସଂସ୍କୃତ ସମ୍ମେଳନରେ ଯୋଗଦେଇ ଭ୍ରମଣାଦି କରି ଫେରିଥିଲେ ।

ଦୈନନ୍ଦିନ ଜୀବନ

ପଣ୍ଡିତ କୁଳମଣି ମିଶ୍ର ସାଧୁ, କର୍ମଠ ଓ ଧର୍ମପ୍ରାଣ ଜୀବନ ଯାପନ କରୁଥିଲେ । ସେ ପ୍ରତ୍ୟହ ପ୍ରାତଃ କାଳରୁ ଉଠି ଫୁଲ ତୋଳନ୍ତି । ଟଗର ଫୁଲ ଅନେକ ସମୟରେ ଗଣିଗଣି ତୋଳନ୍ତି ଓ ଶୀତ ଏବଂ ଆଲୋକ ପ୍ରଭାବରେ କୋଉଦିନ ବେଶୀ ବା କମ୍ ଫୁଲ ଫୁଟେ ତାହା ଜାଣିପାରନ୍ତି ।

ଫୁଲତୋଳସାର ବହି ପଢନ୍ତି । ଯଦି କୌଣସି ବହି ଲେଖା ଚାଲି-ଥାଏ ତାହା ଲେଖନ୍ତି । ୮ଟା ବେଳକୁ ଅନ୍ୟାନ୍ୟ ନିତ୍ୟକର୍ମ ସାରି ଠାକୁର ପୂଜା ଆରମ୍ଭ କରନ୍ତି । ଭିନ୍ନ ଭିନ୍ନ ଦେବାଦେବୀଙ୍କର ଯଥାଶକ୍ତି ପୂଜା ଅର୍ଚ୍ଚନା ସାରି ଅନ୍ନ ଭୋଗ କରନ୍ତି । ତାପରେ ନିଜେ ଭୋଜନ କରନ୍ତି ।

ଭୋଜନ ପରେ ଖୁବ୍ କମ୍ ସମୟ ଖଟରେ ଗଡ଼ପଡ଼ ହୁଅନ୍ତି ଓ ତାପରେ ବିଶ୍ୱବିଦ୍ୟାଳୟ ଯାଆନ୍ତି । ଅପରବେଳା ପ୍ରାୟ ୫ଟାରେ ବିଶ୍ୱବିଦ୍ୟାଳୟରୁ ଫେରନ୍ତି । ଯଦି କୌଣସି ସଭା ଥାଏ ତେବେ ଫେରିବାରେ ବିଳମ୍ବ ହୋଇଥାଏ ।

ସନ୍ଧ୍ୟା ସମୟରେ ଜଗନ୍ନାଥ ମନ୍ଦିରକୁ ଫୁଲ ନେଇ ଯାଆନ୍ତି । ଜଗନ୍ନାଥ ଦର୍ଶନ ସାରି ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନକୁ ଯାଆନ୍ତି । ସେଠାରେ କିଛି ସମୟ ରହି ଫେରନ୍ତି । ଫେରିବା ସମୟରେ ବେଳେବେଳେ କାଳସାହିରେ ଥିବା ନାରାୟଣ ପ୍ରେସ୍ ଯାଆନ୍ତି । ତାଙ୍କ ଲିଖିତ ପୁସ୍ତକମାନ ପ୍ରାୟ ସବୁ ସମୟରେ ସେହି ପ୍ରେସ୍‌ରେ ଛପା ଚାଲିଥାଏ ।

ଘରକୁ ଫେରିବା ସମୟରେ ବାଟରୁ ଅନେକ ସମୟରେ ସଉଦା କିଣି ଆଣିଥାନ୍ତି ।

ଘରକୁ ଫେରିବା ପରେ ଯଦି ବିଳମ୍ବ ହୋଇନଥାଏ ତେବେ ଟିକା-ଟିପ୍ପଣି କରନ୍ତି । ପ୍ରାୟ ୮-୩୦ ବା ୯ଟା ବେଳେ ରାତ୍ରି ଭୋଜନ କରି କିଛି ସମୟ ପଢନ୍ତି ଓ ତାପରେ ଶୟନ କରନ୍ତି ।

ପ୍ରତ୍ୟେକ ସଂକ୍ରାନ୍ତି ଦିନ ଘରେ ହୋମ, ତର୍ପଣ, ବୈଶ୍ୱଦେବାଦି ହୋଇଥାଏ । ପର୍ବ ପର୍ବାଣୀରେ ନିର୍ଦ୍ଦିଷ୍ଟ ଦେବାଦେବୀଙ୍କ ବିଭିନ୍ନୋପଚାରରେ ପୂଜାଦି ହୋଇଥାଏ ।

ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ପିତୃ ଲୋକଙ୍କ ପାଇଁ ଶ୍ରାଦ୍ଧ ହୁଏ । ଶ୍ରାଦ୍ଧ ଭୋଜୀକୁ ନିକଟରେ ଥିବା ପ୍ରିୟଜନ ଓ ଗୁରୁମାନେ ନିମନ୍ତ୍ରିତ ହୋଇ-ଥାନ୍ତି । ବ୍ରାହ୍ମଣ ଭୋଜନ ହୋଇଥାଏ ।

ସେ ପିଲାଦିନରୁ ତାମସିକ ଆହାର ବର୍ଜନ କରିଥିଲେ । ଆମିଷ, ପିଆଜ, ରସୁଣ, ଲାଉ ଇତ୍ୟାଦି ଭୋଜନ କରୁନଥିଲେ । ସେ ନିଜଘର ଓ ପରିବାରର ଅନ୍ୟମାନଙ୍କ ଘର ଛଡ଼ା ଅନ୍ୟ କୌଣସି ସ୍ଥାନରେ ବା ହୋଟେଲରେ ଭୋଜନ କରୁନଥିଲେ । ଦୂର ସ୍ଥାନକୁ ଗଲେ ସାଙ୍ଗରେ ଜଳଖିଆ ନେଇ ଯାଉଥିଲେ ଏବଂ ଫଳ ଇତ୍ୟାଦି କିଣୁଥିଲେ ।

ସେ ଛାତ୍ରବତ୍ସଳ ଥିଲେ । ପ୍ରତିଦିନ ତାଙ୍କର ଅନେକ ପ୍ରିୟ ଛାତ୍ର ତାଙ୍କ ଦର୍ଶନ ପାଇଁ ଆସୁଥିଲେ ଓ ବିଦ୍ୟାଚର୍ଚ୍ଚା କରୁଥିଲେ । ବହୁତ ବର୍ଷ ତଳେ ଅଧ୍ୟୟନ କରୁଥିବା ଅନେକ ପୁରୁଣା ଛାତ୍ର ମଧ୍ୟ ପୁଣି ଆସିଲେ ତାଙ୍କୁ ଦେଖାକରି ପ୍ରଣାମ କରୁଥିଲେ ।

★

ସଭା ସମିତି

୨୪ । ୧ । ୯୦ ଉତ୍କଳ ବିଶ୍ୱ ବିଦ୍ୟାଳୟ, ବାଣୀବିହାରର ସଂସ୍କୃତ ବିଭାଗରେ କାଳିଦାସଙ୍କ "ମେଘଦୂତ" ସମ୍ବନ୍ଧରେ ଭାଷଣ ।

୨୧ । ୧ । ୯୦ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାରରେ ଗାୟତ୍ରୀ ଯଜ୍ଞରେ "ଗାୟତ୍ରୀ"ଙ୍କ ସମ୍ବନ୍ଧରେ ଭାଷଣ ।

୧୩ । ୪ । ୮୯ ଜଟଣୀ ବାଲିଛକ ସାହୁ ଲକ୍ଷ୍ମୀ ନାରାୟଣ ମନ୍ଦିରଠାରେ ବିଷୁବ ମିଳନରେ ମୁଖ୍ୟବକ୍ତା ଭାବେ ଭାଷଣ ।

୧ । ୩ । ୮୯ ଅଖିଳ ଭାରତୀୟ ବୈଦିକ ସମ୍ମେଳନରେ AIVC ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ ।

୭ । ୨ । ୮୯ ଅର୍କକ୍ଷେତ୍ର କୋଣାର୍କ ନିକଟସ୍ଥ ଦଶବାଟିଆ ଠାରେ ଯଜ୍ଞ ସଭାରେ ଭାଷଣ ।

୬ । ୨ । ୮୯ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ସମାବର୍ତ୍ତନ ଉତ୍ସବରେ ସଭାପତି ।

୨୭ । ୧ । ୮୯ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଜୀବନ୍ମୁକ୍ତ ବିଷୟରେ ସଭାରେ ସଭାପତିତ୍ୱ । ବକ୍ତା ଥିଲେ ପଣ୍ଡିତ ବୈଦ୍ୟନାଥ ମିଶ୍ର ।

୨୩ । ୧ । ୮୯ ଅଖିଳ ଭାରତୀୟ ସଂସ୍କୃତ ସମ୍ମେଳନ (୨୩-୧ରୁ ୨୬-୧) ଅରୈଲ (ପ୍ରୟାଗ)ରେ ନିମନ୍ତ୍ରିତ ଭାବେ ଯୋଗଦାନ ।

୧୩ । ୧୧ । ୮୮ (ରବିବାର) ବେଦକର୍ମକାଣ୍ଡ କଲେଜରେ ମେଘଦୂତରେ ଯାତ୍ରାଦିବସ ବିଷୟରେ ଭାଷଣ ।

୧୪ । ୪ । ୮୮	ପୁରୀ କନ୍‌ଫରେନ୍‌ସ୍ ହଲରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର P. G students Unionର ବାର୍ଷିକୋତ୍ସବରେ ସ୍ୱାଗତ ଭାଷଣ ।
୩୦ । ୩ । ୮୮	ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ "ଅପୂର୍ବ ଅନାଧିକାରେ ଅପୂର୍ବ ଶବ୍ଦାର୍ଥ ବିମର୍ଶଃ" ବିଷୟରେ ଭାଷଣ ।
୬ । ୩ । ୮୮	ଆମ୍ବିକା କୃଷ୍ଣଚନ୍ଦ୍ର ସାହିତ୍ୟ ପରିଷଦ୍ ଭବନରେ "ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ" ସମ୍ବନ୍ଧରେ ଭାଷଣ ।
୩ । ୧ । ୮୮	ପଣ୍ଡିତ ନରସିଂହ ବାଜପେୟୀ ଦେବକୁଳ ଶାସ୍ତ୍ରୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ସଭାରେ ସଭାପତିତ୍ୱ ।
୨୪ । ୧ । ୮୮	ପ୍ରୟାଗ ଅରୈଲ୍‌ଠାରେ ଥିବା ସତୀ ଆଶ୍ରମ ପକ୍ଷରୁ କୁମ୍ଭମେଳା କ୍ଷେତ୍ରରେ ଆୟୋଜିତ ଅଖିଳ ଭାରତୀୟ ସଂସ୍କୃତ ସମ୍ମେଳନରେ ମୁଖ୍ୟାତିଥି ।
୨୫ । ୯ । ୮୭	ଜଗନ୍ନାଥ ବଲ୍ଲଭ ମଠରେ ପରିଗୃହଳନା ସଭା ସଭ୍ୟ ହିସାବରେ ପ୍ରଥମ ଅଧିବେଶନରେ ଯୋଗଦାନ ।
୫ । ୯ । ୮୭	ବାଲିସାହି ହାଇସ୍କୁଲରେ ଗୁରୁଦିବସରେ ଅତିଥି ଭାବେ ଯୋଗଦାନ ।
୩୧ । ୮ । ୮୭	ପୁରୀ ସଂସ୍କୃତ ଭବନରେ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ଆୟୋଜିତ ସଂସ୍କୃତ ଦିବସ ସଭାରେ ସଭାପତିତ୍ୱ ।
୨୦ । ୩ । ୮୭	କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ଜୟପୁର (ରାଜସ୍ଥାନ)ରେ ବାମଗିରି ସମ୍ବନ୍ଧରେ ଭାଷଣ ।

୧୯ । ୩ । ୮୬ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ଜୟପୁର (ରାଜସ୍ଥାନ)ରେ ଧର୍ମ ଓ ଧର୍ମଶାସ୍ତ୍ର ସମ୍ବନ୍ଧରେ ଭାଷଣ ।

୭ । ୨ । ୮୭ ପଞ୍ଚମୀ ଗଣେଷ ପୀଠରେ ପଞ୍ଚାୟତନ ସଭାରେ ପ୍ରବଚନ ।

୩୦ । ୧ । ୮୭ ଦଶବାଟିଆ ଯଜ୍ଞ ସଭାରେ ପ୍ରବଚନ ।

୨୬ । ୧ । ୮୭ ମନ୍ତ୍ରୀଡି (ଗଞ୍ଜାମ) ଭୈରବୀ ପୀଠରେ ଦେବସ୍ଥାପନ ସଭାରେ ସଭାପତିତ୍ୱ ।

୨୫ । ୧ । ୮୬ ମନ୍ତ୍ରୀଡି (ଗଞ୍ଜାମ) ଭୈରବୀପୀଠରେ ପଣ୍ଡିତ ସଭାରେ ସଭାପତିତ୍ୱ ।

୧୮ । ୧ । ୮୬ ରୂପଦେଇପୁର ବ୍ରାହ୍ମଣ ସଭାରେ ମୁଖ୍ୟାତିଥି ।

୧୩ । ୧୨ ୮୬ ମାଲଗିରିରେ ଗୀତା ଜୟନ୍ତୀ ସଭାରେ ମୁଖ୍ୟାତିଥି ।

୧ । ୧୨ । ୮୬ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ Extension lecture series ରେ ସଭାପତିତ୍ୱ । ବକ୍ତା ଥିଲେ ଡଃ ଜୟମନ୍ତ ମିଶ୍ର, ପୂର୍ବତନ କୁଳପତି, କାମେଶ୍ୱର ସିଂହ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦରଭଙ୍ଗା ।

୧୯ । ୧୦ ୮୬ ବୀରଗୋବିନ୍ଦ ପୁର ଶାସନର ଧର୍ମସଭାରେ ମୁଖ୍ୟବକ୍ତା ଭାବେ ଭାଷଣ ।

୧୪ । ୬ । ୮୬
୧୩ । ୬ । ୮୬ } ହଳଦିଆ ଶାସନ ଗୀତା ସଭାରେ ସଭାପତିତ୍ୱ ।

୧୬ । ୪ । ୮୬ ସତ୍‌ସଙ୍ଘଭବନ (ପୁରୀ) ରେ କଲ୍‌ଚରାଲ୍ ରିଲିଜିଅନ୍ କାଉନ୍‌ସିଲ୍, ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ସଭାରେ ଧୂମକେତୁ ସମ୍ବନ୍ଧେ ଭାଷଣ ।

୧୧ । ୪ । ୮୬ ସତ୍‌ସଂଘଭବନରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଲୋକପ୍ରିୟ ଭାଷଣ ମାଳାରେ ପୁରୁଷାର୍ଥ ସମ୍ବନ୍ଧରେ ଭାଷଣ ।

୭ । ୪ । ୮୬ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନବ ନିର୍ମିତ ପ୍ରେୟାର ହଲରେ ପୋଲିସ ତତ୍ତ୍ୱ ସମ୍ବନ୍ଧେ ଭାଷଣ ।

୯ । ୩ । ୮୬ ପ୍ରୟାଗରେ କାଞ୍ଚୀ କାମକୋଟି ପୀଠ ଶଙ୍କରାଚାର୍ଯ୍ୟଙ୍କ ନିମନ୍ତ୍ରଣ କ୍ରମେ ପଣ୍ଡିତ ସଭାରେ ଭାରତର ଏକତାରେ ଶଂକରଙ୍କ ଦାନ ବିଷୟରେ ଭାଷଣ ।

୧୬ । ୧ । ୮୬ ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ସମାବର୍ତ୍ତନ ଉତ୍ସବରେ ସଭାପତି ଭାବେ ଯୋଗଦାନ ।

୧୫ । ୧ । ୮୬ ଶ୍ରୀ ଜଗନ୍ନାଥ ବୈଦିକଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବରେ ସଭାପତି ।

୧୭ । ୧ । ୮୬ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ବାର୍ଷିକୋତ୍ସବରେ ସଭାପତି ।

୩୧ । ୧୨ । ୮୫ ଭୁବନେଶ୍ୱରସ୍ଥ ବି. ଏମ୍ ହାଇସ୍କୁଲରେ ବିଶ୍ୱ ସଂସ୍କୃତ ପ୍ରତିଷ୍ଠାନ ପକ୍ଷରୁ ହୋଇଥିବା "ସଂସ୍କୃତ ଶିକ୍ଷାର କର୍ମ ଉଦ୍ୟାପନ" ସଭାରେ ମୁଖ୍ୟାତିଥି ।

୧୬ । ୧୨ । ୮୫ କେନ୍ଦ୍ରୀୟ ବିଦ୍ୟାପୀଠରେ ବଶିଷ୍ଠ ବ୍ୟାଖ୍ୟାନ ମାଳାରେ ସଭାପତି ।

୨୧ । ୯ । ୮୫ ସାତଲହଡ଼ି ମଠ ସଭାରେ ମୁଖ୍ୟାତିଥି ।

୧୮ । ୯ । ୮୫ ପୁରୀ ସର୍ବୋଦୟ ନଗର ଲାଇବ୍ରେରୀ ଉଦ୍‌ଘାଟନ ସଭାରେ ମୁଖ୍ୟାତିଥି ।

୬।୯।୮୫ "ଧର୍ମ କ'ଣ" ଏ ବିଷୟରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଲୋକପ୍ରିୟ ଭାଷଣମାଳାରେ ଆଦ୍ୟ ଭାଷଣ ।

୧।୬।୮୫ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜିତ ଦୁଇଦିନଆ ନିଖିଳ ଭାରତ ବୈଦିକ ସମ୍ମେଳନରେ ସଭାପତି ।

୨୮।୪।୮୫ ଚଣ୍ଡେଶ୍ୱର ମହାଦେବଙ୍କ ବିଜେ ପ୍ରତିମା ପ୍ରତିଷ୍ଠା ଓ ଭାଗବତ ଯଜ୍ଞରେ ଭାଷଣ ।

୪।୪।୮୫ ରଣପୁର ଗଡରେ ରଘୁ ଦିବାକର ସ୍ମୃତି ସଭାରେ ମୁଖ୍ୟାତିଥି ।

୨୧।୩।୮୫ କାଳିଦାସ ଏକାଡେମୀ, ଉଜ୍ଜୟିନୀଠାରେ ଶାସ୍ତ୍ରଚର୍ଚ୍ଚା ସଭାରେ "ଧର୍ମଶାସ୍ତ୍ରରେ ସତ୍ତ୍ୱ" ସମ୍ବନ୍ଧରେ ଭାଷଣ ।

୧୬।୧୨।୮୪ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦରେ ଦୀକ୍ଷାନ୍ତ ଭାଷଣ ।

୨୬।୮।୮୩ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ବିଶିଷ୍ଟ ବ୍ୟାଖ୍ୟାନମାଳାରେ "ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା" ବିଷୟରେ ବକ୍ତା ।

୨୫।୮।୮୩ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ବିଶିଷ୍ଟ ବ୍ୟାଖ୍ୟାନ ମାଳାରେ ସଭାପତି ।

୨୨।୮।୮୩ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ, ଶ୍ରୀ ମନ୍ଦିର, ପୁରୀଙ୍କ ଆନୁକୂଲ୍ୟରେ ସତ୍‌ସଙ୍ଗ ଭବନରେ ଆୟୋଜିତ ନିଖିଳୋତ୍କଳ ବୈଦିକ ଶିକ୍ଷା ସମ୍ମେଳନ ରେ ଅନୁଷ୍ଠାନର ସଭାପତି ଭାବରେ ସ୍ୱାଗତ ଭାଷଣ ।

୧୦ । ୧ । ୮୩ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ସମାବର୍ତ୍ତନ (Convocation) ଉତ୍ସବରେ ସଭାପତି ।

୪ । ୮ । ୮୨ ସଂସ୍କୃତ ଦିବସରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ଉପାକର୍ମ ଉତ୍ସବରେ ଯୋଗଦାନ ।

୧୪ । ୧ । ୮୨ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ମୁଖପତ୍ର 'ନୀଳକନ୍ଦର' ଉଦ୍‌ଘାଟନ ଉତ୍ସବରେ ସଭାପତି ।

୨୯ । ୧୨ । ୮୧ ସାମନ୍ତ ଚନ୍ଦ୍ରଶେଖର କଲେଜର ସଂସ୍କୃତ କବି ସମ୍ମେଳନରେ 'ଜଗଦୀଶ୍ୱରଷଟ୍‌ପଦୀ' ପଠନ ।

୨୭ । ୧୨ । ୮୧ ତୁଳସୀ ପୁର ସାପ୍ତାହିକ ଧର୍ମସଭାରେ ଭାଷଣ ।

୨୧ । ୧୦ । ୮୧ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ହୋଇଥିବା ପଞ୍ଚମ ବିଶ୍ୱ ସଂସ୍କୃତ ସମ୍ମେଳନରେ ନିମନ୍ତ୍ରିତ ଭାବେ ଯୋଗଦାନ ।

୭ । ୭ । ୮୧ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ସଭାରେ ଯୋଗଦାନ ।

୨୧ । ୬ । ୮୧ (ରବିବାର) ସାହି ଭାଗବତ ମନ୍ଦିର ସମିତି ପକ୍ଷରୁ (ଶ୍ରୀ ଅତୁଲ ମହାପାତ୍ରଙ୍କ ବସାରେ) ଧର୍ମସଭାରେ ସଭାପତିତ୍ୱ ଓ "ଭଗବତ ଧର୍ମ" ସମ୍ବନ୍ଧରେ ବକ୍ତବ୍ୟ ।

୧୮ । ୪ । ୮୧ ବିଶ୍ୱପ୍ରଣବ ଶିଷ୍ୟଙ୍କ ସଭାରେ "ମୋକ୍ଷମୂଳଂ ଗୁରୋଃ କୃପା" ବିଷୟରେ ଭାଷଣ ।

୮ । ୩ । ୮୧ ମୁକ୍ତାପୁର ଗୀତା ସଭାରେ ଭାଷଣ ।

୪ । ୨ । ୮୧ }
୬ । ୨ । ୮୧ } ଦଶବାଟିଆ ଯଜ୍ଞରେ ଭାଷଣ ।

୨୯ । ୧୦ । ୮୦ ସାମନ୍ତ ଚନ୍ଦ୍ରଶେଖର ଜୟନ୍ତୀରେ ଖଣ୍ଡପଡ଼ା କ୍ଲବପଠ ସଭାରେ ମୁଖ୍ୟଅତିଥି ଭାବେ ଭାଷଣ ।

୧୯ । ୧୨ । ୮୦ ବଳଙ୍ଗା ଗୀତା ସଭାରେ ଭାଷଣ । ସଭାପତି ଥିଲେ ଡା. ଶତପଥି ।

୧୯ । ୭ । ୮୦ ଗୁଣ୍ଡିଚାଘରଟାରେ ଜଗନ୍ନାଥ ମିଶନ୍ ପକ୍ଷରୁ ଆୟୋଜିତ ସଭାରେ ଜଗନ୍ନାଥ ଧର୍ମ ବିଷୟରେ ଭାଷଣ ।

୨ । ୬ । ୮୦ ଭୁବନେଶ୍ୱର ଷ୍ଟେଟ୍ ମ୍ୟୁଜିୟମ୍ ସେମିନାର୍‌ରେ କାଳିଦାସଙ୍କ ରାମଗିରି ସମ୍ବନ୍ଧରେ ଭାଷଣ ।

୨୧ । ୪ । ୮୦ ବାଘମାରି ହଣ୍ଡେଶ୍ୱର ଯଜ୍ଞରେ ଭାଷଣ ।

୧ । ୪ । ୮୦ ଶଙ୍ଖଚିଲ ହିଙ୍ଗୁଳା ଯଜ୍ଞ ସଭାରେ ମୁଖ୍ୟବକ୍ତା ଭାବେ ଭାଷଣ ।

୯ । ୩ । ୮୦ (ରବିବାର) କେନ୍ଦ୍ରାପଡ଼ା ବଳଦେବଜୀ ପ୍ରାଙ୍ଗଣରେ ତୁଳସୀକ୍ଷେତ୍ର ପଣ୍ଡିତ ସଭାରେ ମୁଖ୍ୟବକ୍ତା ଭାବେ ଭାଷଣ ।

୧୪ । ୧୦ । ୭୯ ବାଲେଶ୍ୱର ଲକ୍ଷ୍ମୀ ନାରାୟଣ ମନ୍ଦିରରେ "ମାନବ ଧର୍ମ ଓ କର୍ତ୍ତବ୍ୟ" ସମ୍ବନ୍ଧରେ ଭାଷଣ ।

୮ । ୪ । ୭୯ କଟକ ରାମଚନ୍ଦ୍ର ଭବନରେ ଧର୍ମପ୍ରଚାର ସଭାର ଅଧିବେଶନରେ ଯୋଗ ଦେଇଥିଲେ ।

(୨୧ରୁ ୨୯)୩-୭୯ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ,ରେ "ମେଘଦୂତର ଯାତ୍ରା ଦିବସ" ସମ୍ବନ୍ଧରେ ଭାଷଣ ।

୮ । ୨ । ୭୯ ସ୍ନାତକୋତ୍ତର ବିଭାଗରେ ଅଶୋକ ଶତପଥୀଙ୍କର ବକ୍ତିତ୍ତ୍ୱ ବ୍ୟାଖ୍ୟାନ ସଭାରେ ସଭାପତିତ୍ୱ ।

୮ । ୨ । ୭୯ ଲକ୍ଷ୍ମୀନାରାୟଣ ସତ୍‌ସଙ୍ଘ ପକ୍ଷରୁ ଆୟୋଜିତ ସଭାରେ ଭଗବତ ବିଷୟରେ ଭାଷଣ ।

୨ । ୬ । ୭୮ ପୁନାର ଅଖିଳ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମେଳନ (All India Oriental Conference)ରେ ପ୍ରବନ୍ଧ ପାଠ ।

୧୯ । ୨ । ୭୮ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ପୁରୀ ବନ୍ତ ପଡ଼ା ସଭାରେ ଯୋଗଦାନ ।

୬ । ୧ । ୬୮ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ସଂସ୍କୃତ ବିଭାଗ ସେମିନାରରେ ଭାଷଣ ।

୧୩ । ୫ । ୭୭ ଏକାଦଶୀ ସନ୍ଧ୍ୟାରେ ଖୋର୍ଦ୍ଧା ନିକଟ ଅଗଙ୍ଗ ଗ୍ରାମରେ ଶ୍ରୀ ଅଲେଖ ଦାସଙ୍କ ନିମନ୍ତ୍ରଣରେ ବକ୍ତା ।

୧ । ୫ । ୭୭ ପୁରୀ ବଗଲା ଧର୍ମଶାଳାରେ ଧର୍ମପ୍ରବୃତ୍ତି ସଭାରେ ୨ୟ ଅଧିବେଶନରେ ଯୋଗଦାନ ।

୧୮ । ୪ । ୬୬ ଗୁରୁବାଦତତ୍ତ୍ୱ ସମ୍ବନ୍ଧେ ଯାଜପୁରଠାରେ ହୋଇଥିବା ସଭାରେ ଯୋଗଦାନ ।

୪ । ୪ । ୭୭ କଟକଠାରେ ପ୍ରାଣନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଞ୍ଜିକା ଆଲୋଚନା ଚକ୍ର ସଭାରେ ଯୋଗଦାନ ।

୧ । ୬ । ୭୫ ହଳଦିଆ (ସ୍ୱଗ୍ରାମ) ଭଞ୍ଜଜୟନ୍ତୀ ସଭାରେ ସଭାପତି ।

୧୦ । ୫ । ୭୫ କଟକ, ପାଠସୁନ୍ଦର ପୁର ଗୀତା ସଭାରେ ମୁଖ୍ୟବକ୍ତା ।

୨୨ । ୨ । ୭୫ ଶ୍ରୀ ଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ରର ଚତୁର୍ଦ୍ଦଶ ଅଧିବେଶନରେ "କର୍ମଫଳ ଓ ପ୍ରାୟଶ୍ଚିତ୍ତ" ବିଷୟରେ ଭାଷଣ ।

୮ । ୭ । ୭୪ ବଗଲା ଧର୍ମଶାଳାରେ ଶ୍ରୀଷ୍ଣଶିବିରମାନଙ୍କ ମିଳିତ କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ଉଦ୍‌ବୋଧନ ।

୬ । ୧୨ । ୭୩ କଟକ ଭୁଣ୍ଡା ଗ୍ରାମରେ ଗୀତା ଜୟନ୍ତୀରେ ବକ୍ତା ।

୧୬ । ୧୨ । ୬୨ କଟକ ଭୁଣ୍ଡାରେ ଭାଷଣ ।

୨୬ । ୧୨ । ୬୨ ଟାଙ୍ଗି (ଖୋର୍ଦ୍ଧା)ରେ ଗୀତା ଜୟନ୍ତୀ ସଭାରେ ଭାଷଣ ।

୨୬ । ୧୧ । ୬୨ ସନ୍ଧ୍ୟାରେ ପୁରୀ ରାମଦୟା ପରିଷଦରେ ଭାଷଣ ।

୨୨ । ୯ । ୭୩ ଦୋଳମଣ୍ଡପ ସାହି ଭାଗବତ ମନ୍ଦିର ସଭାରେ ସଭାପତି । ବକ୍ତା ଥିଲେ ଅଯୋଧ୍ୟା ଦାସ ଓ ପଣ୍ଡିତ ସଦାଶିବ ରଥ ଶର୍ମା ।

୩ । ୯ । ୭୩ ଦୋଳମଣ୍ଡପ ସାହି ନାରାୟଣୀ ଗଣପତି ସମିତି ସଭାରେ ସଭାପତି ।

୧୬ । ୨ । ୭୪ ଭୁବନେଶ୍ୱର ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦରେ ଭାଷଣ ।

୯ । ୨ । ୭୪
୧୦ । ୨ । ୭୪ } କଟକ ପାଟସୁନ୍ଦରପୁର ଧର୍ମ ସଭାରେ ଭାଷଣ ।

୧୭ । ୧୧ । ୭୨ ରାମଦାୟା ପରିଷଦର ୫ମ ବାର୍ଷିକ ଅଧିବେଶନରେ ଶ୍ରୀମଦ୍ ରାମାୟଣ ପାରାୟଣ ଆଲୋଚନା ସଭାରେ ଭାଷଣ ।

୧୬ । ୯ । ୭୨ ଦୋଳମଣ୍ଡପ ସାହି ନାରାୟଣୀ ଗଣପତି ସମିତିର ସଭାରେ ସଭାପତି । ବକ୍ତା ଥିଲେ ପଣ୍ଡିତ ସଦାଶିବ ରଥ ଶର୍ମା ।

୧୦ । ୫ । ୭୧ ବିଷ୍ଣୁଚରଣ ମହାପାତ୍ରଙ୍କ ଅନୁରୋଧରେ ତୁଳସୀପୁର ସାଂସ୍କୃତିକ ସମାରୋହରେ ଭାଷଣ ।

୧୭ । ୪ । ୭୦ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ଅନୁରୋଧରେ ତୁଳସୀପୁର ଶ୍ରୀ ସ୍ୱପ୍ନେଶ୍ୱର ଦେବ ମନ୍ଦିରରେ ଭାଷଣ ।

୨୪ । ୧୨ । ୬୯ ଶ୍ରୀ ଦିବ୍ୟସିଂହ ପଟ୍ଟନାୟକଙ୍କ ଅନୁରୋଧରେ ଖୋର୍ଦ୍ଧାରେ ଗୀତା ଜୟନ୍ତୀରେ ଭାଷଣ ।

୨ । ୭ । ୬୯ ପାରଳାଖେମୁଣ୍ଡି ସଂସ୍କୃତ କଲେଜରେ ସଂସ୍କୃତରେ ଭାଷଣ ।

୩୦ । ୬ । ୬୯ ଭବାନୀପାଟଣା (କଳାହାଣ୍ଡି)ଠାରେ ଏ.ଡି.ପି.ଆଇ. ଅଫିସ ପକ୍ଷରୁ ପ୍ରେରିତ ହୋଇ ସଂସ୍କୃତ ପ୍ରସାର ନିମନ୍ତେ ଭାଷଣ ।

୧ । ୧ । ୬୮ ରଘୁନନ୍ଦନ ଲାଇବ୍ରେରୀରେ ଜଗନ୍ନାଥ ସେବାୟତ ଯୁବ ସମ୍ମେଳନରେ ଶ୍ରୀ ଜଗନ୍ନାଥ ଓ ଜଗନ୍ନାଥ ବିଷୟକ ସଭାରେ ମୁଖ୍ୟ ଅତିଥି ।

୧୬ ରୁ ୧୭-୧୨-୬୬ ଓଡ଼ିଶା ସରକାରଙ୍କ ନିମନ୍ତ୍ରଣରେ ରବିନ୍ଦ୍ର ମଣ୍ଡପରେ ଗୀତ ଗୋବିନ୍ଦ ସଭାରେ ଯୋଗଦାନ ।

୨୬ । ୪ । ୬୬ ଯାଜପୁରରେ ସଂସ୍କୃତ ସମିତିର ସଂସ୍କୃତ ପ୍ରଚାର ସଭାରେ ଭାଷଣ ।

ସଂସ୍କୃତ ସାଧନା

ପଣ୍ଡିତ ମହାଶୟ ତାଙ୍କର ବାଲ୍ୟକାଳରୁ ନିରନ୍ତର ସାହିତ୍ୟ ସାଧନାରେ ବ୍ରତୀ ଥିଲେ । ତାଙ୍କ ରଚିତ ଗବେଷଣାତ୍ମକ ପ୍ରବନ୍ଧମାନ ବିଭିନ୍ନ ସଂସ୍କୃତ / ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଅଛି ।

ତାଙ୍କର ଛାତ୍ରାବସ୍ଥାରୁ ହିଁ ସେ ଲେଖାଲେଖି ଆରମ୍ଭ କରିଥିଲେ । ସେ ସମୟରେ ପ୍ରତ୍ୟେକବର୍ଷ ଗଣେଷ ପୂଜା ଓ ସରସ୍ୱତୀ ପୂଜାରେ ସେ ପ୍ରାର୍ଥନା ଶ୍ଳୋକମାନ ରଚନା କରୁଥିଲେ । ପୁରୀରେ ଆଚାର୍ଯ୍ୟ ପଢ଼ୁଥିବା ସମୟରେ "ପିତୃଣାଂ ଶ୍ରାଦ୍ଧଫଳ ଭୋକ୍ତୃତା" ପ୍ରବନ୍ଧ ଲେଖିଥିଲେ ଯାହାକି ଡିସେମ୍ବର ୩୯ ରେ "ସଂସ୍କୃତ ସାହିତ୍ୟ ପରିଷଦ୍" (କଲିକତା) ରେ ଦୁଇଭାଗରେ ପ୍ରକାଶ ପାଇଥିଲା ।

ପଣ୍ଡିତମହାଶୟଙ୍କ ସୃଜନୀ ଶକ୍ତିର ପ୍ରକୃତ ପରିପ୍ରକାଶ ହୋଇଥିଲା ସଂସ୍କୃତ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଲା ପରେ । ତାଙ୍କ ରଚନାରେ ମୌଳିକତା ଥିଲା ଓ ସେ ସ୍ପଷ୍ଟ ଭାବରେ ଭାବ ପ୍ରକାଶ କରିପାରୁଥିଲେ । ତାଙ୍କ ପ୍ରବନ୍ଧକୁ ଆଧାର କରି ଅନେକ ଲେଖକ ଗବେଷଣାତ୍ମକ ରଚନା କରିଛନ୍ତି ।

ଲୁପ୍ତ ଓ ଅନ୍ଧକାରାଚ୍ଛନ୍ନ ସଂସ୍କୃତ ଗ୍ରନ୍ଥ ମାନଙ୍କର ଉଦ୍ଧାର ନିମନ୍ତେ ୧୮ । ୪ । ୪୭ରେ "ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ" ଶୀର୍ଷକ ପ୍ରବନ୍ଧ ରଚନା କରିଥିଲେ ଯାହାକି ତତ୍କାଳୀନ ସାହିତ୍ୟ ପତ୍ରିକା "ଚତୁରଙ୍ଗରେ" ପ୍ରକାଶ ପାଇଥିଲା । ସେହି ପ୍ରବନ୍ଧରେ ପ୍ରଭାବିତ ହୋଇ ଐତିହାସିକ କେଦାରନାଥ ମହାପାତ୍ର, ଭୁବନେଶ୍ୱର ମ୍ୟୁଜିଅମ୍‌ରେ ତାଳପତ୍ର ପୋଥି ବିଭାଗ ଖୋଲିଥିଲେ ଯାହାକି ବର୍ତ୍ତମାନ ଶୋଧ ଛାତ୍ର ମାନଙ୍କର ପ୍ରଧାନ ସମ୍ବଳ ଓ ଦେଶର ପ୍ରଧାନ ସାଂସ୍କୃତିକ ସମ୍ପଦ ବୋଲି କୁହାଯାଇ ପାରେ ।

ସଂସ୍କୃତ ଶିକ୍ଷା ପଦ୍ଧତିରେ ସେ କେତେକ ତ୍ରୁଟି ପରିଲକ୍ଷିତ କରିଥିଲେ ସେ ସବୁର ମାର୍ଜନା ପାଇଁ "ସଂସ୍କୃତ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ

ଆବଶ୍ୟକ" ଶୀର୍ଷକ ଏକ ପ୍ରବନ୍ଧ ରଚନା କରିଥିଲେ । ତାହା ୧୯୫୯ରେ "ସ୍ୱାଧୀନ" ପତ୍ରିକାରେ ପ୍ରକାଶ ପାଇଥିଲା । ସେହି ପ୍ରବନ୍ଧର ସଂସ୍କୃତ ଛାୟା "ସଂସ୍କୃତ ଶିକ୍ଷା ପଦ୍ଧତି ପରିବର୍ତ୍ତନୀୟମ୍", "ସଂସ୍କୃତଂ" (ଅଯୋଧ୍ୟା)ରେ ପ୍ରକାଶ ପାଇଥିଲା ।

ସଦାଶିବ ସଂସ୍କୃତ କଲେଜର ତତ୍କାଳୀନ ଗୁରୁ ଶ୍ରୀ ସଦାନନ୍ଦ ରାମାନୁଜ ଦାସଙ୍କ ପ୍ରେରଣାରେ ୧୯୫୦ ମସିହାରେ 'ଯବନିକା' ପ୍ରବନ୍ଧ ଲେଖିଥିଲେ । ଏହା "ଝଙ୍କାର"ରେ ପ୍ରକାଶିତ ହୋଇଥିଲା ।

୧୯୫୪ ମସିହା ଅଗଷ୍ଟ ୧୬ ତାରିଖରେ "ବଶିଷ୍ଠ ସ୍ମୃତି"ର ବ୍ୟାଖ୍ୟା ଆରମ୍ଭ କଲେ । ଏହି କାମ ବହୁତ ବର୍ଷ ପର୍ଯ୍ୟନ୍ତ ଲାଗି ସମାପ୍ତ କରିଥିଲେ । ଏହି ପୁସ୍ତକ ପ୍ରକାଶ ପାଇନାହିଁ ।

କାଳିଦାସଙ୍କ ରଚିତ ମେଘଦୂତରେ ମେଘ କେଉଁଦିନ ଯାତ୍ରାଆରମ୍ଭ କରିଥିଲେ ସେ ସମ୍ବନ୍ଧରେ ଗବେଷଣାତ୍ମକ ପ୍ରବନ୍ଧ "ମେଘଦୂତର ଯାତ୍ରାଦିବସ" ଲେଖିଥିଲେ । ତାହା ଅକ୍ଟୋବର ୫୬ରେ ଝଙ୍କାରରେ ପ୍ରକାଶ ପାଇଥିଲା । ସେହି ମେଘଦୂତ ଉପରେ ଆଧାରିତ ପ୍ରବନ୍ଧ "କାଳିଦାସଙ୍କ ରାମଗିରି" ଡ଼ିସେମ୍ବର ୧୯୫୬ ଝଙ୍କାରରେ ପ୍ରକାଶିତ ହୋଇଥିଲା । ଏଥିରେ କାଳିଦାସଙ୍କ ରାମଗିରି ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ବୋଲି ପ୍ରମାଣ କରିଛନ୍ତି । ପରବର୍ତ୍ତୀ କାଳରେ ଜର୍ମାନ୍ ଐତିହାସିକ ଏର୍. କୁଲ୍‌କା ରଚିତ *Orissa bibliography*ରେ (ପୃ ୧୬୨)ରେ ଏହା ନୋଟ କରିଛନ୍ତି ।

ରାମଗିରି ପ୍ରବନ୍ଧ ବିଷୟରେ ଶ୍ରୀଯୁକ୍ତ ଗୌରୀ କୁମାର ବ୍ରହ୍ମା ପଣ୍ଡିତ ମହାଶୟଙ୍କ ପାଖକୁ ଲେଖିଥିଲେ—

"ପୂଜ୍ୟାସ୍ପଦ ପଣ୍ଡିତ ମହୋଦୟାଃ,

× × × ମେଘଦୂତ ବର୍ଣ୍ଣିତସ୍ୟ ରାମଗିରେଃ ସ୍ଥାନନିର୍ଦ୍ଦେଶ ବିଷୟାତ୍ମକଃ ପ୍ରବନ୍ଧଃ ମୟାପଠିତଃ, ଆଲୋଚିତଶ୍ଚ । × × × ପ୍ରବନ୍ଧସ୍ୟ ଆଙ୍ଗ୍ଲଭାଷାନୁବାଦଂ କସ୍ୟାମପି ପ୍ରସିଦ୍ଧ ପତ୍ରିକାୟାଂ ପ୍ରକାଶିତ ଭବତୁ କାମୟେ । × × ×"

୧୯୫୯ରେ ଏହି ଗମଗିର ପ୍ରବନ୍ଧର ସଂସ୍କୃତାନୁବାଦ କରିଥିଲେ । ପରବର୍ତ୍ତୀକାଳରେ (୧୯୭୬ରେ) ତାହା "ବିମର୍ଶ" (ଦିଲ୍ଲୀ)ରେ ପ୍ରକାଶିତ ହୋଇଥିଲା । ଏହି ସଂସ୍କୃତ ଭାଷାନ୍ତର "ମେଘଦୂତେ ଦୂତଯାତ୍ରା ଦିବସ ନିର୍ଣ୍ଣୟଃ" ଦରଭଙ୍ଗା କାମେଶ୍ୱର ସିଂହ ସଂସ୍କୃତ ବିଶ୍ୱବିଦ୍ୟାଳୟର ପତ୍ରିକାରେ ୧୯୬୩ ଜାନୁଆରୀରେ ପ୍ରକାଶ ପାଇଥିଲା ।

ତାଙ୍କର ସାରସ୍ୱତ ପ୍ରତିଭାରେ ମୁଗ୍ଧ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡଃ ମହତାବ ଚିଠି ନମ୍ବର ୯୧୪/P.Mରେ ପଣ୍ଡିତ ମହାଶୟଙ୍କ ଲେଖା-ଗୁଡ଼ିକ ଭାଷାନ୍ତରରେ ପ୍ରକାଶ ପାଇବାକୁ ଲେଖିଥିଲେ ।

ପଣ୍ଡିତ ମହାଶୟଙ୍କ ପ୍ରଥମ ପ୍ରଧାନ କୀର୍ତ୍ତି ହେଉଛି ଧ୍ୱନ୍ୟାଲୋକ । "ଧ୍ୱନ୍ୟାଲୋକ" ଆନନ୍ଦବର୍ଦ୍ଧନଙ୍କ ଲିଖିତ ଏକ କ୍ଲିଷ୍ଟ ଅଳଙ୍କାର ଗ୍ରନ୍ଥ । ଛାତ୍ର-ମାନଙ୍କର ବୋଧ ହେବାପାଇଁ ସେ ଏହାର ଓଡ଼ିଆ ଅନୁବାଦ ତଥା ଭାବାର୍ଥ କରିଥିଲେ । ଏହାର କଳେବର ଅଧିକ ହେଉଥିବାରୁ ତାହା ନିଜ ଖର୍ଚ୍ଚରେ ମୁଦ୍ରଣ କରିବା ସମ୍ଭବ ନଥିଲା । ୧-୫-୫୯ରେ ପଣ୍ଡିତ ମହାଶୟ ସାହିତ୍ୟ ଏକାଡେମୀର ସେକ୍ରେଟେରୀ ଶ୍ରୀଯୁକ୍ତ ଗୌରୀ କୁମାର ବ୍ରହ୍ମାଙ୍କ ହସ୍ତରେ ଧ୍ୱନ୍ୟାଲୋକର ପାଣ୍ଡୁଲେଖ ସମର୍ପଣ କରିଥିଲେ । ୭-୮-୬୨ରେ ସାହିତ୍ୟ ଏକାଡେମୀରୁ ଧ୍ୱନ୍ୟାଲୋକ ପ୍ରକାଶନ ସମ୍ବନ୍ଧରେ କଣ୍ଟ୍ରାକ୍ଟ ସମ୍ବନ୍ଧରେ ପତ୍ର ଆସିଥିଲା । ୨୭-୫-୭୦ରେ ରାୟବାହାଦୁର ଆର୍ତ୍ତବଲ୍ଲଭ ମହାନ୍ତି ଧ୍ୱନ୍ୟା-ଲୋକ ମୁଦ୍ରଣକୁ ସୁପାରିସ କରିଥିଲେ ।

ଧ୍ୱନ୍ୟାଲୋକର ମୁଦ୍ରଣ ପରେ ଲେଖକଙ୍କ ରାଜଭାଗ ସ୍ୱରୂପ ସାହିତ୍ୟ ଏକାଡେମୀ ତରଫରୁ ୨୦୦ ଖଣ୍ଡ ବହି ମିଳିଥିଲା । ଏହି ବହି 'ମଝିରେ ମଝିରେ ବିକ୍ରି ହୁଏ । ଅନେକ ସମୟରେ ସେ କହନ୍ତି—ଧ୍ୱନ୍ୟାଲୋକ ମୋ ରୋଜଗାରିଆ ପୁଅ । ଏମିତି ଅନେକ ସମୟ ଆସିଛି ଯେତେବେଳେ ହବୁ-ଅଡ଼ୁ ପଇସା ସରିଯାଏ ସେ ସମୟରେ ଧ୍ୱନ୍ୟାଲୋକ ଖଣ୍ଡେ ଦିଖଣ୍ଡ ବିକ୍ରି ହୋଇ ସେ ପଇସାରେ କାମ ଚଳିଯାଏ ।

ପ୍ରତ୍ୟେକ ବର୍ଷ ଜନ୍ମ ଦିନରେ ସେ ଗୋଟିଏ ଲେଖାଏଁ ପ୍ରାର୍ଥନା ସଙ୍ଗୀତ ବା ଶ୍ଲୋକ ରଚନା କରନ୍ତି । ପରବର୍ତ୍ତୀ କାଳରେ ସେଗୁଡ଼ିକ

ଏକାଠି କରି ୨୨-୯-୮୨ରେ "ବାଣୀବିଳାସ" ଶୀର୍ଷକ ପୁସ୍ତିକାରେ ପ୍ରକାଶ କରିଥିଲେ ।

୧୯୬୪ ମସିହା ଜୁନ୍ ୧୫ ତାରିଖରେ ମେଘଦୂତର "ବ୍ରହ୍ମ ପ୍ରକାଶିକା ଟୀକା" ସଂଶୋଧନ ସମାପ୍ତ କରି ଓଡ଼ିଶା ସାହିତ୍ୟ ଏକାଡେମୀରେ ଦାଖଲ କରିଥିଲେ । ତାହା ୧୯୬୫ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା ।

ନଭେମ୍ବର ୧୯୬୪ରେ ପୂଜ୍ୟ ଗୁରୁଦେବ ପଣ୍ଡିତ ଆନନ୍ଦ ମିଶ୍ରଙ୍କର ମହାପ୍ରୟାଣ ପରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରଚିତ "ବନ୍ଧ ମୁକ୍ତ ଗୁରୁଦେବ" (Dec 64) ନବଜୀବନରେ ଓ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ରଃ" "ସଂସ୍କୃତ" (ଅଯୋଧ୍ୟା)ରେ ପ୍ରକାଶ ପାଇଥିଲା ।

ଓଡ଼ିଆ ମଠ ମହନ୍ତ ଗୋସ୍ୱାମୀ ବୃନ୍ଦାବନ ଦାଶ ପଣ୍ଡିତ ମହାଶୟଙ୍କୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀକୃଷ୍ଣ ଭକ୍ତିଲତା ଫଳ ବହି ସଂଶୋଧନ କରିବାକୁ ଦେଇଥିଲେ । ପଣ୍ଡିତ ମହାଶୟ ତାହା ସଂଶୋଧନ ଓ ସମ୍ପାଦନ କରି ସେଥିରେ "ଆମୁଖ" ଲେଖିଥିଲେ । ତାହା ଓଡ଼ିଆ ମଠ ଦ୍ୱାରା ପ୍ରକାଶିତ ହୋଇଥିଲା ।

ପ୍ରଧାନାଚାର୍ଯ୍ୟ ୬ ପଣ୍ଡିତ ବାସୁଦେବ ମିଶ୍ରଙ୍କ ମୃତ୍ୟୁ ପରେ ୧୯୭୦ରେ ତାଙ୍କ ରଚନା ସଂଗ୍ରହ କବିତା କଳିକାରେ ଅବତରଣିକା ଲେଖିଥିଲେ । ତାଙ୍କ ସ୍ମୃତି ସ୍ମରଣ କରି "ଗୁରୁସ୍ମୃତି" ଲେଖିଥିଲେ ଯାହାକି ତା ୮-୫-୭୦ ରିଖରେ ସମାଜରେ ପ୍ରକାଶ ପାଇଥିଲା ।

ପଣ୍ଡିତ ମହାଶୟଙ୍କ ସାହିତ୍ୟ ସାଧନାର ସର୍ବଶ୍ରେଷ୍ଠ କୃତି ହେଲା ଧର୍ମଶାସ୍ତ୍ର ଶବ୍ଦକୋଷ । ଧର୍ମଶାସ୍ତ୍ର ଗ୍ରନ୍ଥମାନଙ୍କରେ ବ୍ୟବହୃତ ଶବ୍ଦାବଳୀର ପ୍ରକରଣାତ୍ମକ ଅର୍ଥ ସମ୍ବଳିତ ଏହି ପୁସ୍ତକଟି ଦୁଇଭାଗରେ ବିଭକ୍ତ । ଏଥିପାଇଁ ଓଡ଼ିଶା ସରକାର ପଣ୍ଡିତ ମହାଶୟଙ୍କୁ ୫୦୦୦/- ଟଙ୍କା ପାରିତୋଷିକ ଦେଇ ବହିର ପାଣ୍ଡୁଲିପି ମୁଦ୍ରଣ ପାଇଁ ନେଇଥିଲେ ।

୨୯-୩-୭୬ରେ ଚିଠି ନଂ ୧୫୧୧ ସି.ଏ.ରେ ଧର୍ମଶାସ୍ତ୍ର ଶବ୍ଦ କୋଷ ଗ୍ରହଣ ନିମନ୍ତେ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଥିଲେ । ୨୬-୭-୭୬ରେ ଧର୍ମଶାସ୍ତ୍ର ଶବ୍ଦ କୋଷର ପ୍ରକାଶନ ସମ୍ବନ୍ଧେ ସରକାରଙ୍କ ସହିତ ଚୁକ୍ତି (agreement) ହୋଇଥିଲା । ଏହାର ମୁଦ୍ରଣରେ ବହୁତ ବିଳମ୍ବ ହୋଇ-ଥିଲା । ଏହାର ପ୍ରଥମଭାଗ ୧୯୮୧ରେ ଓ ଦ୍ୱିତୀୟ ଭାଗ ୧୯୮୫ରେ ପ୍ରକାଶ ପାଇଥିଲା ।

“ବିଷ୍ଣୁ ସ୍ମୃତି”ରୁ ଲକ୍ଷ୍ମୀଙ୍କ ସ୍ତୁତିକୁ ଉଦ୍ଧାର ତାହାର କରି ଓଡ଼ିଆ ପଦ୍ୟାନ୍ତର “ଲକ୍ଷ୍ମୀ ଗୀତା” ଶୀର୍ଷକ ପୁସ୍ତିକା ପ୍ରକାଶ କରିଥିଲେ ୧୯୭୬ମସିହା ଅକ୍ଟୋବରରେ ଏହା କ୍ଷୁଦ୍ର ପୁସ୍ତିକା ହୋଇଥିବାରୁ ଖୁବ୍ଶୀଘ୍ର ସେହି ମାସରେ ମୁଦ୍ରିତ ହୋଇଥିଲା । ଏହା ଲୋକମାନଙ୍କ ମଧ୍ୟରେ ଖୁବ୍ ଆଦୃତ ହୋଇଥିଲା । ୧୫ । ୧୦ । ୭୬ରେ ଶ୍ରୀ ଦୃବର ଶ୍ୟାମ ପଟ୍ଟନାୟକ ଏହାର ପ୍ରଶଂସା ସୂଚକ ପ୍ରାପ୍ତିପତ୍ର ପଠାଇଥିଲେ । ଏହାର ପ୍ରଥମ ମୁଦ୍ରଣର ୧୦୦୦ ଖଣ୍ଡ ବହି ଖୁବ୍ଶୀଘ୍ର ବିକ୍ରି ହୋଇଯିବାରୁ ଦ୍ୱିତୀୟ ମୁଦ୍ରଣ କରାଯାଇଥିଲା ।

ଏହାପରେ ପଣ୍ଡିତ ମହାଶୟ “ପାରସ୍କର ଗୃହ୍ୟସୂତ୍ର”ର ମାର୍ଗଦର୍ଶିନୀ ଟୀକା କରିଥିଲେ । ତା ୨୧-୧୨-୭୯ରେ ଏହି ଟୀକାକାର୍ଯ୍ୟ ସମାପ୍ତ ହେଲା । ଏହାକୁ କେନ୍ଦ୍ର ସରକାର ୬୦ ଭାଗ ସାହାଯ୍ୟ ଦେଇ ପ୍ରକାଶ କରିବା ପାଇଁ ୧-୨/୭୮ ଚିଠିରେ ସ୍ୱୀକୃତି ପ୍ରଦାନ କରିଥିଲେ । କିନ୍ତୁ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ଏହାକୁ ମୁଦ୍ରଣ କରିବାକୁ ଆଗ୍ରହ କରିବାରୁ ଏହାର ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ତା ୧୩-୫-୭୮ ରିଖରେ ପଣ୍ଡିତ ମହାଶୟ ସ୍ୱୀକୃତି ପ୍ରଦାନ କରି ତା ୧୯-୯-୮୦ ରେ ବିଦ୍ୟାପୀଠର ପ୍ରିନ୍ସିପାଲଙ୍କୁ ପାଣ୍ଡୁଲେଖ ସମର୍ପଣ କରିଥିଲେ । ଏହା ମୁଦ୍ରଣାଧୀନ ଥିବା ସମୟରେ ତା ୧୧-୮-୮୧ ରିଖରେ ଏହାର ମୁଖବନ୍ଧ “ପ୍ରାଗ୍ବ୍ୟାହୃତି” ରଚନା କରିଥିଲେ । ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ତା ୧୬-[illegible]-୮୮ ରେ ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ଶ୍ରୀଯୁକ୍ତ ସି· ଏମ୍. ପୁନାଚ୍ଛଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ଏହି ସଭରେ ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥ, ଡାଇରେକ୍ଟର ଶ୍ରୀ ରାମକରଣ ସର୍ମା,

ମାନ୍ୟବର ମୁଖ୍ୟବିଗୃରପତି ଶ୍ରୀ ରଙ୍ଗନାଥ ମିଶ୍ର, ପୂର୍ବତନ ଅଧକ୍ଷ ଶ୍ରୀ କିଶୋରୀ ମୋହନ ଦ୍ୱିବେଦୀ, ପ୍ରଧାନାଗୃର୍ଯ୍ୟ ଶ୍ରୀ ଚିନ୍ତାମଣି ମିଶ୍ର, କୁଳପତି ଶ୍ରୀ ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାରେ ବିଦ୍ୟାପୀଠ ତରଫରୁ ଶେଷ ତିନିଜଣଙ୍କୁ ସମ୍ମାନିତ କରାଯାଇଥିଲା ।

ଓଡ଼ିଆ ଲିପିରେ ୪.ଓ ୪ ର ଅକ୍ଷର ଭେଦ ନଥିବାରୁ ଛାତ୍ର ମାନଙ୍କ ଅବଗତି ନିମନ୍ତେ "ବ ନବକ" ରଚନା କରିଥିଲେ ।

ବିଦ୍ୟାପୀଠର ଚେୟାରମ୍ୟାନ୍ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ହରିହରାନନ୍ଦାରଣ୍ୟଙ୍କ ଗ୍ରଥିତ "ଧର୍ମପଦ" ବହିଟି ଦେଇ ଓଡ଼ିଆ ଅନୁବାଦ କରିବାକୁ ଅନୁରୋଧ କରିଥିଲେ । ପଣ୍ଡିତ ମହାଶୟ ଏହାର ସଂସ୍କୃତ ଛାୟା ଓ ଓଡ଼ିଆ ଅନୁବାଦ ୨୨-୭-୭୬ରେ ଶେଷକରିଥିଲେ । ଏହା ପ୍ରକାଶିତ ହୋଇନାହିଁ ।

ପଣ୍ଡିତ ମହାଶୟଙ୍କ ଛାତ୍ର ତଥା ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଡଃ କିଶୋର ଚନ୍ଦ୍ର ମହାପାତ୍ରଙ୍କ "ତୁଳନାତ୍ମକ ଅଧ୍ୟୟନ" ଶୀର୍ଷକ ବହିରେ ୯-୨-୮୧ରେ "ଆଶୀର୍ବାଦ" ଲେଖିଥିଲେ ।

"ନିତ୍ୟାଗ୍ନିର ପ୍ରଦୀପ"ର ପୋଥି ସହିତ ପାଣ୍ଡୁଲେଖର ମେଳକ ନିମନ୍ତେ ଶ୍ରୀ ସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠରେ ତା ୧-୫-୮୧ରୁ ତା ୬-୧-୮୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହା ମଧ୍ୟ ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ଦ୍ୱାରା ପ୍ରକାଶିତ ହୋଇଥିଲା । ତା ୧୧ । ୮ । ୮୪ ଶନିବାର ଶ୍ରାବଣ ପୂର୍ଣ୍ଣିମା ସଂସ୍କୃତ ଦିବସରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ସତ୍ୟବ୍ରତ ଶାସ୍ତ୍ରୀଙ୍କ ଦ୍ୱାରା ଏହି ପୁସ୍ତକର ଉଦ୍‌ଘାଟନ ହୋଇଥିଲା ।

ସାମବେଦୀୟ କର୍ମକର୍ମାଣି ପାଇଁ ଓଡ଼ିଆ ଲିପିରେ ଶୁଦ୍ଧ ପୁସ୍ତକ ନଥିବାରୁ ସାମବେଦୀୟ ବ୍ରାହ୍ମଣମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପଣ୍ଡିତ ମହାଶୟଙ୍କ ଶ୍ୱଶୁର ଶ୍ରୀଯୁକ୍ତ ଦିବାକର ତ୍ରିପାଠୀ (ସାମବେଦୀୟ) ଅନେକ ସାମବେଦୀୟ ମନ୍ତ୍ର ସଂଗ୍ରହ କରି ସଂଶୋଧନ ପାଇଁ ପଣ୍ଡିତମହାଶୟଙ୍କୁ ଦେଇଥିଲେ । ସେ ଏହାର କେତେକାଂଶ ସଂଶୋଧନ କରି ୧୯୮୨

ଜାନୁଆରୀ ଟଙ୍କାରେ "ସାମବେଦୀୟ କର୍ମକାଣ୍ଡ" (ପ୍ରଥମ ଭାଗ) ପ୍ରକାଶ କରିଥିଲେ । ଏହା ଲୋକମାନଙ୍କ ମଧ୍ୟରେ ଆଦୃତ ହୋଇଥିଲା ଓ ଖୁବ୍ ଶୀଘ୍ର ବିକ୍ରୟ ହୋଇଥିଲା ।

ପଣ୍ଡିତ ମହାଶୟ "ପ୍ରାୟଶ୍ଚିତ ବିବେକ"ର ସଂଶୋଧନ ଓ ସମ୍ପାଦନ କରିଥିଲେ । ଏହା ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀ, ଦ୍ୱାରା ପ୍ରକାଶିତ ହୋଇଥିଲା । ତା ୮ । ୮ । ୮୨ରେ ଏହା ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

"ବିଷ୍ଣୁ ସହସ୍ର ନାମ"ର "ଶ୍ରଦ୍ଧା" ବ୍ୟାଖ୍ୟା କରିଥିଲେ ଓ ତାହା ନିଜ ଖର୍ଚ୍ଚରେ ମୁଦ୍ରଣ କରିଥିଲେ । ତା ୧୨ । ୨ । ୮୫ରେ ତାହା ଶ୍ରୀ ଜଗନ୍ନାଥଙ୍କ ପାଖରେ ଲାଗି କରାଗଲା । ଏହା ଜନସାଧାରଣରେ ଖୁବ୍ ଆଦୃତ ହୋଇଥିଲା । ବର୍ଷକ ମଧ୍ୟରେ ୧୦୦୦ଖଣ୍ଡ ବହି ବିକ୍ରୀ ହୋଇଯିବା ପରେ ଏହା ୧୯୮୭ରେ ଦ୍ୱିତୀୟ ବାର ମୁଦ୍ରଣ ହୋଇଥିଲା ।

ପଣ୍ଡିତ ନାରାୟଣ ମହାପାତ୍ରଙ୍କ ଦ୍ୱାରା ଅନୁବାଦିତ "କାବ୍ୟ ପ୍ରକାଶ" ଓ "ସାହିତ୍ୟ ଦର୍ପଣ" ଦୁଇ ପୁସ୍ତକର ଦ୍ୱିତୀୟ ମୁଦ୍ରଣ ପୂର୍ବରୁ ସଂଶୋଧନ ପାଇଁ ସାହିତ୍ୟ ଏକାଡେମୀ ସେକ୍ରେଟାରୀ ଶ୍ରୀ ସୁରେନ୍ଦ୍ର ନାଥ ଶତପଥି ପଣ୍ଡିତ ମହାଶୟଙ୍କୁ ଅନୁରୋଧ କରିଥିଲେ । ତାଙ୍କର ଅନୁରୋଧରେ ଏହି ଦୁଇ ପୁସ୍ତକର ଦୁଇଟି ବିସ୍ତୃତ ମୁଖବନ୍ଧ ଲେଖିଥିଲେ । ୨୧ । ୭ । ୮୬ରେ ସାହିତ୍ୟ ଦର୍ପଣର ମୁଖବନ୍ଧ ଓ ୨୯ । ୬ । ୮୭ରେ କାବ୍ୟ ପ୍ରକାଶର ଉପୋଦ୍‌ଘାତ ଲେଖିଥିଲେ ।

ପଣ୍ଡିତ କୁଳମଣି ମିଶ୍ରଙ୍କ ରଚିତ ପ୍ରାୟ ସମସ୍ତ ପୁସ୍ତକ ଓ ପ୍ରବନ୍ଧାଦିର ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା । ଅବଶ୍ୟ କେତେକ ରଚନା ସମୟାଭାବରୁ ତାଲିକାଭୁକ୍ତ କରିବା ସମ୍ଭବ ହୋଇ ପାରି ନାହିଁ ।

ପ୍ରକାଶିତ ପୁସ୍ତକ ବିବରଣୀ

ପୁସ୍ତକର ନାମ/ଟିପ୍ପଣୀ	ପ୍ରକାଶକ	ମୂଲ୍ୟ
୧. ଧ୍ୱନ୍ୟାଲୋକର ଓଡ଼ିଆ ଅନୁବାଦ :	ଓଡ଼ିଶା ସାହିତ୍ୟ ଏକାଡେମୀ (୧୯୬୪) ଦ୍ୱିତୀୟ ମୁଦ୍ରଣ-୧୯୮୨	ଟ ୧୪/-
୨. ମେଘଦୂତର ବ୍ରହ୍ମ ପ୍ରକାଶିକା ଟୀକା ପଣ୍ଡିତ ମିଶ୍ରଙ୍କ ଦ୍ୱାରା ସଂଶୋଧିତ ଓ ସମ୍ପାଦିତ	ଓଡ଼ିଶା ସାହିତ୍ୟ ଏକାଡେମୀ (୧୯୬୪)	ଟ ୪/-
୩. ଅତିବଡ଼ ଜଗନ୍ନାଥ ଦାସ କୃତ ଶ୍ରୀକୃଷ୍ଣ ଭକ୍ତଲତା ଫଳମ୍	ଓଡ଼ିଆ ମଠାଧୀଶ ଶ୍ରୀ ବୃନ୍ଦାବନ ଦାସ ଗୋସ୍ୱାମୀ (୧୯୬୯)	ଟ ୪/-
୪. କୃପାସିନ୍ଧୁ ବଙ୍କପ୍ତି ସଟୀକ	ରମାକାନ୍ତ ମିଶ୍ର (୧୯୭୫)	ଟ ୧.୫୦
୫. ଲକ୍ଷ୍ମୀଗୀତା : ବସ୍ତୁ ସ୍କନ୍ଧର ୧୯ ଅଧ୍ୟାୟର ପଦ୍ୟାନୁବାଦ	ଉମାକାନ୍ତ ମିଶ୍ର (୧୯୭୬)	ଟ ୦.୨୫
୬. ଶ୍ରୀ ଜଗନ୍ନାଥ ଗୀତିକା (ପଦ୍ୟ)	(୧୯୮୧)	ଟ ୦.୦୫
୭. ପାରସ୍କର ଗୃହ୍ୟସୂତ୍ରର ମାର୍ଗଦର୍ଶିକା :	ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଦ୍ୱାରା ମୁଦ୍ରିତ (୧୯୮୧) ଏବଂ ୧୭-୮-୮୧ରେ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ	
୮. ଧର୍ମଶାସ୍ତ୍ର ଶବ୍ଦକୋଷ	ଓଡ଼ିଶା ପର୍ଯ୍ୟଟନ ବିଭାଗ ୧ମ ଭାଗ (୧୯୮୧) ୨ୟ ଭାଗ (୧୯୮୫)	

୯. ପ୍ରାୟଶ୍ଚିତ ବିବେକ ଉପରେ ଟିପ୍ପଣୀ-ତତ୍ତ୍ୱାର୍ଥ ବୋଧିନୀ ସହିତ	ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ଦ୍ୱାରା ପ୍ରକାଶିତ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ରଙ୍କ ଦ୍ୱାରା ୮।୮।'୯୮୨ରେ ଉଦ୍‌ଘାଟିତ ।	
୧୦. କାଳଦୀପର ଡେଙ୍ଗନୀ (ଟିପ୍ପଣୀ)	୨୩।୧। ୧୯୮୨ରେ ସ୍ୱ ପ୍ରକାଶିତ	
୧୧. ସାମବେଦୀୟ କର୍ମକାଣ୍ଡ (ବିବାହବିଭାଗ) ସମ୍ପାଦନ	୧।୧। ୧୯୮୨ରେ ସ୍ୱ ପ୍ରକାଶିତ	
୧୨. ବାଣୀ ବିଳାସ	୨୨।୯।୮୨ରେ ସ୍ୱ ପ୍ରକାଶିତ	ଟ ୧/-
୧୩. ନିତ୍ୟାଗ୍ନିର ପ୍ରଦୀପ (ସମ୍ପାଦନା)	ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ଦ୍ୱାରା ୧୧।୮।୮୪ରେ ପ୍ରକାଶିତ	
୧୪. ଶ୍ରୀ ବିଷ୍ଣୁ ସହସ୍ର ନାମ [ଶ୍ରଦ୍ଧା ସହିତ]	ପ୍ରଥମ ମୁଦ୍ରଣ ୪-୨-୮୪	ଟ ୪/-
	ଦ୍ୱିତୀୟ ମୁଦ୍ରଣ-୧୯୮୬	ଟ ୬/-
୧୫. ଶ୍ରୁତବୋଧ (ଗୁଢ଼ ବୋଧିନୀ ସହିତ)	୧।୧।୮୬	ଟ ୧.୫୦
୧୬ ଯମଗୀତା	୧୯୮୬	ଟ ୦.୫୦
୧୭ ଶ୍ରୀ ଶିବ ସହସ୍ର ନାମ	୧।୧୨।୮୬	ଟ ୬/-
୧୮ 'ବ' ନବକ [ମାଳା ସହିତ]	୧୯୮୬	
୧୯. କାବ୍ୟ ପ୍ରକାଶର ସଂଶୋଧନ ଓ ମୁଖବନ୍ଧ [ପଣ୍ଡିତ ନାରାୟଣ ମହାପାତ୍ରଙ୍କ ଦ୍ୱାରା ଅନୁବାଦିତ]	ଓଡ଼ିଶା ସାହିତ୍ୟ ଏକାଡେମୀ	
୨୦. ସାହିତ୍ୟ ଦର୍ପଣର ସଂଶୋଧନ ଓ ମୁଖବନ୍ଧ [ପଣ୍ଡିତ ନାରାୟଣ ମହାପାତ୍ରଙ୍କ ଦ୍ୱାରା ଅନୁବାଦିତ]	ଓଡ଼ିଶା ସାହିତ୍ୟ ଏକାଡେମୀ	

୨୧. ସୂକ୍ତି ରତ୍ନାବଳୀ — ସ୍ୱ ପ୍ରକାଶିତ (ମୁଦ୍ରଣାଧୀନ)

୨୨. ଗୌତମ ଧର୍ମସୂତ୍ର, — ସ୍ୱ ପ୍ରକାଶିତ [ମୁଦ୍ରଣାଧୀନ]

୨୨. କୌଟିଲ୍ୟ ଅର୍ଥଶାସ୍ତ୍ର — ୧୯୮୬ରେ ପ୍ରକାଶିତ । ସଂସ୍କୃତ ଦିବସରେ ନବ ପ୍ରକାଶିତ ପୁସ୍ତକ ହିସାବରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ।

ପ୍ରକାଶିତ ପ୍ରବନ୍ଧାଦିର ବିବରଣ (ସଂସ୍କୃତ)

୧ । ସଂସ୍କୃତ ସାହିତ୍ୟ ପରିଷତ୍, କଲିକତା

୧ ପିତୃଣାଂ ଶ୍ରାଦ୍ଧଫଳ ଭୋକ୍ତୃତା — ପ୍ରଥମାର୍ଦ୍ଧ (୨୨ଶ ବର୍ଷ ୮ମ ସଂଖ୍ୟା) ୧୯୩୯ ଡିସେମ୍ବର; ଦ୍ୱିତୀୟାର୍ଦ୍ଧ (୨୨ଶ ବର୍ଷ ୯ମ ସଂଖ୍ୟା) ୧୯୪୦ ଜାନୁୟାରୀ

୨ । ପ୍ରଣବ ପାରିଜାତମ୍, କଲିକତା

୧ ମଳମାସ ବ୍ୟବସ୍ଥା — ୬ଷ୍ଠ ବର୍ଷ ଦ୍ୱିତୀୟ ସଂଖ୍ୟା ୧୯୬୩

୨ ସଂସର୍ଗ ନିର୍ଣ୍ଣୟଃ — ୬ଷ୍ଠ ବର୍ଷ ୩ୟ ସଂଖ୍ୟା ୧୯୬୩

୩ । ସଂସ୍କୃତମ୍ - ଅଯୋଧ୍ୟା

୧ ଗଣେଶ ସ୍ତବଃ (ସଙ୍ଗୀତମ୍) — ତା ୩୦ । ୧ । ୫୦

୨ ସଂସ୍କୃତ ଶିକ୍ଷା ପଦ୍ଧତିଃ ପରିବର୍ତ୍ତନୀୟଃ — ତା ୨୧ । ୬ । ୪୯

୩ ଉତ୍କଳଭାଷାୟାଃ ବୈଶିଷ୍ଟ୍ୟମ୍

୪ ପ୍ରଧାନାଚାର୍ଯ୍ୟା ପଣ୍ଡିତ ଆନନ୍ଦ ମିଶ୍ର — ତା ୨୯ । ୧୨ । ୬୪

୪ । କାମେଶ୍ୱର ସଂସ୍କୃତ ବିଶ୍ୱବିଦ୍ୟାଳୟ ପତ୍ରିକା, ବିହାର

୧ ମେଘଦୂତେ ଦୂତଯାତ୍ରା ଦିବସ ନିର୍ଣ୍ଣୟ — ୧୯୬୩ ଜାନୁଆରୀ

ଏହା ୨୬ । ୩ । ୬୨ରେ ଲେଖା ହୋଇଥିଲା ।

୫ । ପୌର୍ଣ୍ଣମାସୀ - ସଦାସିବ ସଂସ୍କୃତ ମହାବିଦ୍ୟାଳୟ ପତ୍ରିକା, ପୁରୀ

୧ ସଂସ୍କୃତଂ ମୃତ ସଂଜୀବନୀ ଭାଷା — ୧୦୭୦

(୨୪ । ୪ । ୭୦ରେ ଲେଖାହୋଇଥିଲା)

୬ । ପୌର୍ଣ୍ଣମାସୀ, ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ପତ୍ରିକା, ପୁରୀ

୧ ଗୀତ ଗୋବିନ୍ଦେ ପ୍ରକ୍ଷେପ ସମୀକ୍ଷା — ୧୯୭୯

୭ । ପୁରୁଷୋତ୍ତମ, ପୁରୀ

୧ ପୁରୁଷୋତ୍ତମାଷ୍ଟକମ୍ — ୨ୟ ବର୍ଷ ୧୦ମ ସଂଖ୍ୟା

୮ । ସ୍ମରଣିକା, ସାଦାଶିବ ସଂସ୍କୃତ କଲେଜ, ପୁରୀ

୧ କର୍ମବିବେକଃ — ତା ୧ । ୪ । ୬୮

୯ । ମନୋରମା, ବ୍ରହ୍ମପୁର

୧ କୃପାସିନ୍ଧୁ ବିଜ୍ଞପ୍ତି — ୧୯୬୪

୧୦ । ଶ୍ରୀ ଦେବଯାନ - ଧର୍ମଶାସ୍ତ୍ର ବିଭାଗ ପତ୍ରିକା ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠମ୍ , ପୁରୀ

୧ ଧର୍ମଶାସ୍ତ୍ରସ୍ୟ ଗୌରବମ୍ — ୧୯୭୪-୭୫

୨ ମନୁସ୍ମୃତେଃ ପ୍ରାଚୀନତା — ୧୯୭୬-୭୭

୩ ଧର୍ମ ପ୍ରତିଷ୍ଠାନମ୍ — ୧୯୭୮-୭୯

୧୧ । ସଂସ୍କୃତ ବିମର୍ଶଃ - ରିସର୍ଚ୍ଚ ଜର୍ଣ୍ଣାଲ୍-ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀ

୧ କାଳିଦାସସ୍ୟ ରାମଗିରିଃ — ୧୯୭୬

(ଏହା ରାମଗିରି ପ୍ରବନ୍ଧର ସଂସ୍କୃତ ଅନୁବାଦ)

୧୨ । All India Oriental Conference, Kurukshetra

୧ ପଦ୍ମାବଣ୍ଡ ଚରଣ ଗ୍ରହଣ ଚକ୍ରବର୍ତ୍ତୀ ୧୯୭୪

୧୩ । All India Oriental Conference, ପୁନା

୧ ଧର୍ମୋଦେଶ କାଲାବନୁସରଣ୍ତ ୧୯୭୮

୧୪ । ଉତ୍କଳୋଦୟଃ, ରାଉରକେଲା, ଓଡ଼ିଶା

୧ ବେଦେ ପଞ୍ଚର୍ତ୍ତୁବାଦଃ ୧୯୭୭

ଏହା ୩୦ । ୧୧ । ୭୭ରେ ଲେଖାଯାଇଥିଲା

୧୫ । ଦିଗ୍‌ଦର୍ଶିନୀ, ପୁରୀ

୧ ଶିବ ଚତୁଷ୍ପଦୀ ୧୯୭୮

୨ ମହାମହୋପାଧ୍ୟାୟଃ ଶ୍ରୀ ସଦାଶିବ ମିଶ୍ରାଃ ୬ । ୭ । ୮୦

୩ ନରରତ୍ନ କାଶୀନାଥ ମିଶ୍ରାଃ ୨ । ୮ । ୮୦

୪ ମରଣସ୍ୟ ଭବତ୍ତ୍ୱମସମୀଚୀନମ୍ (ସେପ୍‌ଟେମ୍ବର-ଡିସେମ୍ବର)

୧୦ । ୧୨ । ୮୦

୫ ବର୍ଗ୍ୟ 'ବ' ବିବେଚନମ୍ (ସମସ୍ୟାପୂର୍ତ୍ତିଶ୍ଚ) ,,

୬ ଶ୍ରୀପଞ୍ଚମୀ କାଲନିର୍ଣ୍ଣୟଃ

୭ ପୂଜ୍ୟା ଗୁରୁପାଦାଶ୍ରମ ଦ୍ୱିବେଦିଃ

୧୬ । ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପତ୍ରିକା, ପୁରୀ

୧ ଅମୃତବାଦଃ ୧୯୮୬

୧୭ । ପ୍ରିୟମ୍ବଦା, ପୁରୀ

୧ ବୀଜାଙ୍କୁର ନ୍ୟାୟଃ ସୁମମାଧେୟଃ

୧୮ । ଜ୍ଞାନାମୃତମ୍

୧ ଅନାମ ସ୍ୱାମୀ ମହୋଦୟାନାଂ ସାଶୀର୍ବାଦ ୧୫ । ୧ । ୮୫
ସମ୍ବର୍ଦ୍ଧନା

୧୯ । ବ୍ରହ୍ମାଞ୍ଜଳିଃ (ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗ ମୁଖପତ୍ର)

୧ କାଳସାର ଗଦାଧରୟୋଃ ସମୀକ୍ଷା (ମରଣୋତ୍ତର ପ୍ରକାଶିତ) Vol-I, ପଣ୍ଡିତ କୁଳମଣି ମିଶ୍ର ସ୍ମୃତି ସଂଖ୍ୟା, ୧୯୯୦

୨୦ । ଶ୍ରୀ ଜଗନ୍ନାଥ ଜ୍ୟୋତି (୫ମ ଭାଗ)

୧ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ପ୍ରଣୀତ "ଦର୍ଶଦୀପିକା ସମ୍ପାଦନ"

ପ୍ରକାଶିତ ପ୍ରବନ୍ଧାଦିର ବିବରଣ (ଓଡ଼ିଆ)

୧ । ନବଭାରତ, କଟକ

୧ କରପ୍ରଥା — ୧୯୪୦

୨ । ଚତୁରଙ୍ଗ, ବଲାଙ୍ଗିର

୧ ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ

୧ମ ଲେଖା	୧ମ ବର୍ଷ ଦ୍ୱାଦଶ ସଂଖ୍ୟା (୧୮-୪-୪୭)
୨ୟ ଲେଖା	୨ୟ ବର୍ଷ ୫ମ ସଂଖ୍ୟା (୧୮-୯-୪୭)
୩ୟ ଲେଖା	୨ୟ ବର୍ଷ ୬ଷ୍ଠ ସଂଖ୍ୟା (୧୮-୧୦-୪୭)
୪ର୍ଥ ଲେଖା	୨ୟ ବର୍ଷ ୭ମ ସଂଖ୍ୟା (୧୮-୧୧-୪୭)

୩ । ଝଙ୍କାର, କଟକ

୧ ପ୍ରାଚୀନ ଭାରତର ଶାସନ ଓ ବିଚାର ପ୍ରଣାଳୀ	ପ୍ରଥମ ବର୍ଷ ନବମ ସଂଖ୍ୟା (ଡିସେମ୍ବର ୪୯)
୨ ଜୟଦେବଙ୍କ ସମ୍ବନ୍ଧେ ଗୋଟିଏ ଶ୍ଲୋକ	ପ୍ରଥମ ବର୍ଷ ୩ୟ ସଂଖ୍ୟା

୩	ସର୍ବେସର୍ବା	୨ୟ ବର୍ଷ ୪ର୍ଥ ସଂଖ୍ୟା (ଜୁଲାଇ ୫୦)
୪	ନିକଳଙ୍କ	୨ୟ ବର୍ଷ ୯ମ ସଂଖ୍ୟା (ଡ଼ିସେମ୍ବର ୫୦)
୫	ଜବନିକା	୨ୟ ବର୍ଷ ଦଶମ ସଂଖ୍ୟା (ଜାନୁଆରି ୫୧)
୬	ଭାଷାତତ୍ତ୍ୱ	
	(ପ୍ରଥମ ଲେଖା)	ଅଷ୍ଟମ ବର୍ଷ ୮ମ ସଂଖ୍ୟା
	(୨ୟ ଲେଖା)	୧୩ଶ ବର୍ଷ ଏକାଦଶ ସଂଖ୍ୟା
୭	କାବ୍ୟକୁ ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ଦାନ	୮ମ ବର୍ଷ ୧୨ଶ ସଂଖ୍ୟା (୧୯୫୬)
୮	ମେଘଦୂତରେ ଯାତ୍ରା ଦିବସ (୫-୪-୫୭ରେ ଲିଖିତ)	୯ମ ବର୍ଷ ୭ମ ସଂଖ୍ୟା (ଅକ୍ଟୋବର ୧୯୫୭)
୯	କାଳିଦାସଙ୍କ ଗିମଗିର (ଏଚ୍. କୁଲ୍‌କା ଜର୍ମାନ ସାହେବ Orissa Bibliography ପୃ ୨୬୨ରେ quote କରିଛନ୍ତି)	୯ମ ବର୍ଷ ୯ମ ସଂଖ୍ୟା (ଡ଼ିସେମ୍ବର ୧୯୫୭)

୪ । ବାଣୀ, ପୁରୀ

୧	ଜନ୍ମାନ୍ତର (ଏହା ୧୩ । ୨ । ୪୭ରେ ଲେଖା ହୋଇଥିଲା)	ପ୍ରଥମ ବର୍ଷ ୩ୟ ସଂଖ୍ୟା (୧୯୫୬)
୨	ଶୃଙ୍ଗାର କାବ୍ୟର ଅପକ୍ରିୟା	୧ମ ବର୍ଷ ୪ର୍ଥ ସଂଖ୍ୟା
୩	ଶିକ୍ଷାମନ୍ତ୍ର	୧ମ ବର୍ଷ ୬ଷ୍ଠ ସଂଖ୍ୟା
୪	ଦର୍ଶନ ମତରେ ଆଧୁନିକ ଭାରତ ଓ ପ୍ରାଚୀନ ଭାରତ	୧ମ ବର୍ଷ ୭ମ ସଂଖ୍ୟା

୫ । ପୌର୍ଣ୍ଣମାସୀ, ସଦାଶିବ ସଂସ୍କୃତ କଲେଜ ପତ୍ରିକା, ପୁରୀ

୧	ଉପଧା ଶୁଦ୍ଧି	୧ମ ସଂଖ୍ୟା ୧୯୫୨
୨	ଭାଷାରେ ଓଡ଼ିଆର ବିଶେଷତ୍ୱ (ଏହା ୭ । ୪ । ୪୬ରେ ଲେଖା ହୋଇଥିଲା)	୧ମ ବର୍ଷ ପ୍ରଥମ ସଂଖ୍ୟା (୧୯୫୦)
୩	ପ୍ରାଚୀନ ଭାରତରେ ସ୍ୱଭାବର ସ୍ୱରୂପ (ଏହା ୨୦ । ୨ । ୫୨ରେ ଲେଖା ହୋଇଥିଲା)	୧ମ ବର୍ଷ ୩ୟ ସଂଖ୍ୟା (୧୯୫୨)

୬ । ନବଜୀବନ, କଟକ

୧	ଅଷ୍ଟମ ଶ୍ରେଣୀର ଓଡ଼ିଆ ପାଠ୍ୟ (ଏହା ୨ । ୩ । ୬୨ରେ ଲେଖା ହୋଇଥିଲା)	୭ମ ବର୍ଷ ଦ୍ୱିତୀୟ ସଂଖ୍ୟା (୧୯୬୨)
୨ ।	ରାଷ୍ଟ୍ରଭାଷା ଓ ହିନ୍ଦୀ	୬ଷ୍ଠ ବର୍ଷ ୧୧ଶ ସଂଖ୍ୟା (୧୯୬୨)
୩	ବନ୍ଧମୁକ୍ତ ଗୁରୁଦେବ	୯ମ ବର୍ଷ ୯ମ ସଂଖ୍ୟା (୧୯୬୪ ଡିସେମ୍ବର)

୭ । ପୁରୁଷୋତ୍ତମ, ପୁରୀ

୧	ପ୍ରଜାପତି (ପଦ୍ୟ)	୩ୟ ବର୍ଷ ୫ମ ସଂଖ୍ୟା
୨	ଦକ୍ଷିଣା ପବନ [ପଦ୍ୟ]	୪ର୍ଥ ବର୍ଷ ପ୍ରଥମ ସଂଖ୍ୟା (୧୯୬୧)
୩	ଅର୍ଜୁନଙ୍କ ଋଷିଆ ଯାତ୍ରା	୧ମ ବର୍ଷ ୨ୟ ସଂଖ୍ୟା
୪	ବାଣୀ (ପଦ୍ୟ)	୧ମ ବର୍ଷ ୩ୟ ସଂଖ୍ୟା
୫	ସୂର୍ଯ୍ୟ (ପ୍ରବନ୍ଧ)	୨ୟ ବର୍ଷ ୩ୟ ସଂଖ୍ୟା

୮ । ସିଦ୍ଧାନ୍ତ

୧ ଶ୍ରୀ ଜଗନ୍ନାଥଙ୍କ ଜଣାଣ (ପଦ୍ୟ) — ୨ୟ ବର୍ଷ ୯ମ ସଂଖ୍ୟା (୧୯୬୦)

୯ । ପ୍ରଜାତନ୍ତ୍ର, କଟକ

୧ ଅର୍ଥଶାସ୍ତ୍ର ଓ କୌଟିଲ୍ୟ — ୨୭ । ୧୨ । ୪୮

୨ ସରସ୍ୱତୀ ବିଳାସ ଓ ଗଜପତି ପ୍ରତାପରୁଦ୍ର — ୨୫ । ୪ । ୪୯

୩ ଦେବନାଗରୀ ନା ନାଗରୀ — ୧୯ । ୩ । ୫୬

୪ ଶକ୍ତିତତ୍ତ୍ୱ — ପୂଜା ସଂଖ୍ୟା

୫ ଶ୍ରୀ ଗୁଣ୍ଡିଚା — ଗୁଣ୍ଡିଚା ସଂଖ୍ୟା

୬ ଶକ୍ତିପୂଜା — ୧୪ । ୧୦ । ୬୪

୭ ପୁରୁଷୋତ୍ତମ ତତ୍ତ୍ୱ — ୧୧ । ୬ । ୬୪

୮ ଶାରଦୀୟ ପୂଜା — ୧୧ । ୧୦ । ୬୬

୧୦ । ମାତୃଭୂମି, କଟକ

୧ ଜୟଦେବଙ୍କ ଜନ୍ମଭୂମି — ୧୩ । ୩ । ୬୮

୨ ପ୍ରସୀଦ ବିଶ୍ୱେଶ୍ୱର ପାହି ବିଶ୍ୱମ୍ — ୮ । ୧୦ । ୭୦

୩ ଶ୍ରୀପଞ୍ଚମୀ ତତ୍ତ୍ୱ — ୩୦ । ୧ । ୭୧

୧୧ । ସମାଜ, କଟକ

୧ ଓଡ଼ିଶାରେ ସଂସ୍କୃତର ପରମ୍ପରା — ୩ । ୪ । ୫୧ (ବିଶ୍ୱ ସଂସ୍କୃତ ପରିଷଦ ପୂର୍ଣ୍ଣ ଅଧିବେଶନ ଦିନ)

୨ ସଂସ୍କୃତ ଭାଷା ଓ ତାର ଉପଯୋଗ (ବେଦଭବନ ଉଦ୍‌ଘାଟନ ଦିବସରେ) — ୬ । ୧୨ । ୬୭ ଓ ୧୦ । ୧୨ । ୬୭

୩ ଅମର ଭାଷା ସଂସ୍କୃତ ୧୬ । ୮ । ୭୦ ଓ ୧୮ । ୮ । ୭୦

୪ ଗୁରୁସ୍ମୃତି ୮ । ୪ । ୭୦

୫ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ଓ ତାର ପରମ୍ପରା (ଜଗଜ୍ଜୀବନ ରାମଙ୍କ ଆଗମନ ଦିବସରେ) ୨୪ । ୧ । ୭୬

୬ ମନସ୍ୱୀ ମହାମହୋପାଧ୍ୟାୟ ପଣ୍ଡିତ ଦାମୋଦର ଶାସ୍ତ୍ରୀ (ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ଉପଲକ୍ଷେ) ୨୩ । ୮ । ୭୬

୭ ବସନ୍ତ ପଞ୍ଚମୀର ଶାସ୍ତ୍ରୀୟ ସମାଧାନ ୨୨ । ୧ । ୭୭

୮ ପଣ୍ଡିତ ଜଗଶେଖର ମୋହନ ଦ୍ୱିବେଦୀ ୨୬ । ୭ । ୮୪

୧୨ । କୋଣାର୍କ, ଓଡ଼ିଶା ସାହିତ୍ୟ ଏକାଡେମୀ ପତ୍ରିକା, ଭୁବନେଶ୍ୱର

୧ ପଦ୍ମାବତୀ ଚରଣ ଚାରଣ ଚକ୍ରବର୍ତ୍ତୀ ୧୯୬୪

୧୩ । ଚାରଣ, ପୁରୀ

୧ ଜ୍ଞାନ ମିଶ୍ରା ଭକ୍ତି ଓ ଜଗନ୍ନାଥ ଦାସ ଫେବୃୟାରୀ ୧୯୭୧

୧୪ । ସ୍ୱାଧୀନ, ପୁରୀ

୧ ସଂସ୍କୃତ ଶିକ୍ଷାପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ ୨ । ୪ । ୪୯

୧୫ । ଅଦୃଷ୍ଟ, ମାସିକ ଜ୍ୟୋତିଷ ପତ୍ରିକା, କଟକ

୧ ଯୁଧିଷ୍ଠିରଙ୍କ ଜାତକ ଡିସେମ୍ବର ୭୧

୨ ମହାଭାରତ ଯୁଦ୍ଧ ସମୟରେ ଖଗୋଳ ମାର୍ଚ୍ଚ ୧୯୭୨

୩ ବେଦରେ ଗଣିତ

୪ ମହାଭାରତରେ ଜ୍ୟୋତିଷ ଚର୍ଚ୍ଚା ଜୁନ ୧୯୭୫

୧୬ । ରମାପୂର୍ଣ୍ଣୀ, ରମଦପ୍ପା ପରିଷଦ ପତ୍ରିକା, ପୁରୀ

୧ ଅବତାର ତତ୍ତ୍ୱ ୧୮ । ୧୧ । ୭୪

୧୭ କବିତା କଳିକା (ପଣ୍ଡିତ ବାସୁଦେବ ମିଶ୍ରଙ୍କ ରଚନା ସଂଗ୍ରହ) ୬ । ୪ । ୭୫

ଅବତରଣିକା

୧୮ । ଶ୍ରୀକୃଷ୍ଣ ଭକ୍ତିଲତା ଫଳ

ଆମୁଖ ୧୫ । ୭ । ୬୯

୧୯ । ଶ୍ରୀ କ୍ଷେତ୍ର ଚନ୍ଦନ ଚନ୍ଦ୍ର, ପୁରୀ

୧ କର୍ମଫଳ ଓ ପ୍ରାୟଶ୍ଚିତ୍ତ

୨୦ । କୈବଲ୍ୟ

୧ ଦୁର୍ଗାମାଧବ ତତ୍ତ୍ୱ ଦୀପାବଳି ସଂଖ୍ୟା ୧୯୮୦

୨ ଜଗନ୍ନାଥ ଗୀତିକା ୧୯୮୨

୨୧ । ନୀଳକନ୍ଦର, ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ, ପୁରୀ

୧ କର୍ମସପ୍ତପଦୀ ୧୫ ଜାନୁଆରୀ ୧୯୮୨

୨ ଷୋଳ ଚକ୍ରବର୍ତ୍ତୀ ଜାନୁଆରୀ ୧୯୮୩

୩ ଗୃହଧାମ

୨୨ । ପ୍ରିୟମ୍ବଦା, ଜୟଦେବ ସଂସ୍କୃତ ସାହିତ୍ୟ ପରିଷଦ୍, ପୁରୀ

୧ ତ୍ୟାଗଃ ପ୍ରଥମ ବର୍ଷ ୨ୟ ସଂଖ୍ୟା

୨ ଚିନ୍ତୁ ଭାରତ ପ୍ରଥମ ବର୍ଷ ୩ୟ ସଂଖ୍ୟା ଜୁଲାଇ ୮୨

୩ ବୀଜାଙ୍କୁର ନ୍ୟାୟଃ ସୁସମାଧେୟଃ ଜାନୁଆରୀ ୮୩

୨୩ । ଦାର୍ଶନିକ ଗଣେଶ୍ୱର ମିଶ୍ର

ସମ୍ବନ୍ଧ ଡ଼ଃ ଗଣେଶ୍ୱର ମିଶ୍ର ୨୬ । ୧୧ । ୮୭

୨୫ । ଏଣ୍ଟ୍ରାନ୍ସ ସ୍କୁଲ୍ ମହାଭାରତପାଠ,
୬୯ତମ ବାର୍ଷିକ ମହୋତ୍ସବ, କଲକତା

୧ ଗୀତାଜୟନ୍ତୀ କାଳ ନିର୍ଣ୍ଣୟ

ଅପ୍ରକାଶିତ ରଚନାବଳୀ

୧ । ବଶିଷ୍ଠ ସ୍ମୃତିର ତତ୍ତ୍ୱ ପ୍ରକାଶିକା ବ୍ୟାଖ୍ୟା ୧୬-୮-୫୪ରେ ଆରମ୍ଭ କରାଯାଇଥିଲା ।

୨ । ମାଳସୂକ୍ତ ବ୍ୟାଖ୍ୟା "ଶତରୁଦ୍ରେ ଶତସଂଖ୍ୟା" — ୩୪ତମ ଅଖିଳ ଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମେଳନ (ବିଶାଖାପାଟଣା)ର ପଣ୍ଡିତ ପରିଷଦରେ ପଠିତ ।

୩ । ଦକ୍ଷିଣାପଥ ଭ୍ରମଣମ୍ ଭ୍ରମଣକାହାଣୀ (କବିତା) — (ବ୍ରହ୍ମାଞ୍ଜଳି ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗ, ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ଦ୍ୱିତୀୟ ସଂଖ୍ୟାରେ ମୁଦ୍ରଣାଧୀନ).

୪ । ଅଶୌଚ କାରିକା

୫ । ସଂକ୍ଷିପ୍ତ ମହାତ୍ମା ଗାନ୍ଧି ଜୀବନମ୍

୬ । ଅନୁଜ୍ଞା ଶୁକ ନାସୋପଦେଶର ଓଡ଼ିଆ ପଦ୍ୟାନୁବାଦ

୭ । ଧର୍ମପଦ (ପାଳି)ର ସଂସ୍କୃତ ଗୁମ୍ଫା ଓ ଓଡ଼ିଆ ଅନୁବାଦ

୮ । ସନାତନ ଧର୍ମସ୍ୟବୈଶିଷ୍ଟ୍ୟମ୍

୯ । ସାହିତ୍ୟ କଏ — ତା ୨୬ । ୯ । ୪୬ରେ ରଚିତ

୧୦ । ପ୍ରାଚୀନ ଭାରତର ଶାସନ ଓ ବିଚାର ପ୍ରଣାଳୀ — ତା ୧୯ । ୧୨ । ୪୮ରେ ରଚିତ

୧୧ ।	ବ୍ରହ୍ମଚର୍ଯ୍ୟମ୍	ତା ୨୭ । ୧୧ । ୫୦ରେ ରଚିତ
୧୨ ।	ସାଧାରଣ ସମ୍ପଦ	ତା ୨୬ । ୧ । ୫୧ ରେ ରଚିତ
୧୩ ।	ନୂଆ ପୁରୁଣା ଶିକ୍ଷାପଦ୍ଧତି	ତା ୬ । ୩ । ୫୨ରେ ରଚିତ
୧୪ ।	ଆଷାଢସ୍ୟ ପ୍ରଥମ ଦିବସ (ଓଡ଼ିଆ ଲେଖା)	ତା ୧୫ । ୧୦ । ୬୦ରେ ରଚିତ
୧୫ ।	ମାତ ସମାସ୍ୟସିଦ୍ଧ	ତା ୧୦ । ୨ । ୭୦ରଖ ସରସ୍ୱତୀ ପୂଜା ଉପଲକ୍ଷେ ରଚିତ ଶ୍ଳୋକ ।
୧୬ ।	ଶ୍ରୀପଞ୍ଚମୀ	ତା ୧୬ । ୩ । ୭୩ରେ ରଚିତ ସରସ୍ୱତୀ ପୂଜା ସମ୍ବନ୍ଧରେ ଏକ ବିସ୍ତୃତ ପ୍ରବନ୍ଧ ।
୧୭ ।	ଆସିଛି ଏକା	ତା ୧୩ । ୧୨ । ୭୬ ଜନ୍ମ ଦିନରେ ରଚିତ ପ୍ରାର୍ଥନା ସଙ୍ଗୀତ ।



ଅପର ପକ୍ଷରେ ତର୍ପଣ କରୁଥିବା ସମୟରେ ପଣ୍ଡିତ କୁଳମଣି ମିଶ୍ର

ଭାରତର ମାନ୍ୟବର ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହଙ୍କଠାରୁ
Certificate of honour ଗ୍ରହଣ କରୁଛନ୍ତି (୧୬-୩-୮୫)

ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଭଗବତ ଦୟାଲ ଶର୍ମାଙ୍କୁ
ଅଭ୍ୟର୍ଥନା ଜଣାଉଥିବା ସମୟରେ

ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ସହିତ

सत्यमेव जयते

अहं भारतस्य राष्ट्रपतिः

ज़ैल सिंहः

पं० कुलमणि मिश्राय

संस्कृत-वाङ्मये पाण्डित्याय

शास्त्र-निष्ठायाश्च कृते

इदं प्रमाणपत्रमुपहरामि ॥

ज़ैलसिंह
राष्ट्रपतिः

नई दिल्ली,

दिनांकः $\frac{\text{16 मार्च, 1985}}{\text{25 फाल्गुन, 1906}}$

सत्यमेव जयते

मैं, भारत का राष्ट्रपति

ज़ैल सिंह

पं० कुलमणि मिश्र

को

संस्कृत में पाण्डित्य तथा

शास्त्रनिष्ठा के लिए

यह प्रमाण-पत्र प्रदान करता हूं।

ज़ैल सिंह

राष्ट्रपति

नई दिल्ली,

दिनांक 16 मार्च, 1985 / 25 फाल्गुन, 1906

ସମ୍ମାନ ଓ ସମ୍ବର୍ଦ୍ଧନା

୧୯୩୯ — ସାହିତ୍ୟାଚାର୍ଯ୍ୟ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଲାଭ ।

୧୬।୧୧।୪୦ — ଶ୍ରୀ ସଂସ୍କୃତ କାର୍ଯ୍ୟାଳୟ, ଅଯୋଧ୍ୟା, "ସାହିତ୍ୟ ରତ୍ନ" ଉପାଧିରେ ଭୂଷିତ କରିଥିଲେ ।

୨୪।୧୦।୬୧ — ଶ୍ରୀ ସଂସ୍କୃତ କାର୍ଯ୍ୟାଳୟ, ଔରେୟା, "ବିଦ୍ୟା ଭୂଷଣ" ଉପାଧି ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

୧୫।୮।୮୪ — ରାଷ୍ଟ୍ରପତି ସମ୍ମାନ ଘୋଷଣା । ୧୬।୩।୮୫ରେ ଦିଲ୍ଲୀ ରାଷ୍ଟ୍ରପତି ଭବନରେ ସମ୍ମାନ ସମାରୋହରେ ରାଷ୍ଟ୍ରପତି ସମ୍ମାନ ଲାଭ ।

୩୦।୮।୮୪ — ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ (ପୁରୀ)ରେ ଅଭିନନ୍ଦନ ପତ୍ର ସହିତ ସମ୍ମାନ ଓ ସମ୍ବର୍ଦ୍ଧନା ।

୭।୯।୮୪ — ସଂପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ (ବାରଣାସୀ) ପକ୍ଷରୁ ସମ୍ବର୍ଦ୍ଧନା ପତ୍ର

୨୩।୮।୮୩ — ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ (ପୁରୀ) ପକ୍ଷରୁ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ରାଜଗୁରୁ, ପଣ୍ଡିତ ବନମାଳୀ ମିଶ୍ର ଓ ପଣ୍ଡିତ ଗଣେଶ୍ୱର ବାଚସ୍ପତିଙ୍କ ସହିତ ପଣ୍ଡିତ କୁଳମଣି ମିଶ୍ରଙ୍କୁ ସମ୍ବର୍ଦ୍ଧନା ।

୯।୧୦।୮୪ — ହଳଦିଆ ପୁରାତନ ଛାତ୍ର ସଂଘ ପକ୍ଷରୁ ଅଭିନନ୍ଦନ ପତ୍ର ସହ ସମ୍ମାନ

୨।୬।୮୫ — ସଂସ୍କୃତ କଲେଜ ପରିସରରେ ଅଖିଳ ଭାରତ ବୈଦିକ ସମ୍ମେଳନରେ ଅଗାଧୁ ମହାପାତ୍ରଙ୍କ ପକ୍ଷରୁ ମାନପତ୍ର ଓ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ପକ୍ଷରୁ ପଞ୍ଚବସ୍ତ୍ର ଅର୍ପଣ ।

୧୬ । ୩ । ୮୪ ଲାଲବାହାଦୂର କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଅନ୍ୟ ସମ୍ମାନିତ ବ୍ୟକ୍ତିଙ୍କ ସହ ସମ୍ମାନ ପ୍ରାପ୍ତି ।

୨୦ । ୩ । ୮୭ ସବାଇ ଜୟପୁର କେନ୍ଦ୍ରୀୟ ବିଦ୍ୟାପୀଠରେ ସାଲ ସହ ସମ୍ମାନ ପ୍ରାପ୍ତି ।

୧୩ । ୧୨ । ୮୬ ରାଜମହଲଗିରିଠାରେ ଗୀତା ପାଠ ଚକ୍ର ପକ୍ଷରୁ ଅଭିନନ୍ଦନ ପତ୍ର ସହ ସମ୍ମାନ ।

୧ । ୫ । ୮୭ କେଦାର ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପକ୍ଷରୁ ଅଭିନନ୍ଦନ ପତ୍ର ସହ ସମ୍ମାନ ।

ରାଷ୍ଟ୍ରପତି ସମ୍ମାନ

୧୯୮୪ ମସିହା ଅଗଷ୍ଟ ମାସ ୧୫ ତାରିଖ ସ୍ୱାଧୀନତା ଦିବସ । ଭାରତର ବିଭିନ୍ନ ମହଲରେ କୃତୀ ଓ ଖ୍ୟାତନାମା ଲୋକଙ୍କୁ ଜାତୀୟ ସମ୍ମାନରେ ଭୂଷିତ କରାଯାଉଥାଏ । ଦିଲ୍ଲୀ ବେତାର କେନ୍ଦ୍ରରୁ ପୁରସ୍କାର ବିଜେତା ମାନଙ୍କ ନାମ ବାରମ୍ବାର ଘୋଷଣା କରାଯାଉଥାଏ । କଳା, ବିଜ୍ଞାନ ସାହିତ୍ୟ, କ୍ରୀଡ଼ା ଇତ୍ୟାଦି ବିଭିନ୍ନ ବିଭାଗର ଅସାଧାରଣ ବ୍ୟକ୍ତିଭି ମାନଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ ତଥା ପଦ୍ମ ବିଭୂଷଣ ଉପାଧି ଘୋଷଣ କରାଯାଉଥିଲା ଓ ସଂସ୍କୃତ, ଆରବୀ, ପାର୍ଶୀରେ ଅସାମାନ୍ୟ ବ୍ୟକ୍ତିଭିଙ୍କୁ ସମ୍ମାନ ପତ୍ର (Certificate of honour) ଘୋଷଣା କରାଯାଉଥିଲା ।

ପଣ୍ଡିତ କୁଳମଣି ମିଶ୍ର Certificate of honour ପାଇଥିବାର ବେତାର କେନ୍ଦ୍ରରୁ ଘୋଷଣା ଶୁଣି ବିଭିନ୍ନ ମହଲର ଲୋକେ ଅଭିନନ୍ଦନ ଜଣାଇ ଥିଲେ । ସେଇ ଅଗଷ୍ଟ ୧୫ ତାରିଖ ଦିନ ଶ୍ରୀଯୁକ୍ତ ମଣ୍ଡନ ମିଶ୍ରଙ୍କ ଠାରୁ ଟେଲିଗ୍ରାମ୍‌ରେ ଅଭିନନ୍ଦନ ଆସିଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ମଧ୍ୟ ଅଭିନନ୍ଦନ ଜଣାଇଥିଲେ । ଦିନେ ଦୁଇଦିନ ମଧ୍ୟରେ ଖବର ଚାରିଆଡେ ବ୍ୟାପ୍ତ ହୋଇଗଲା । ସହରର ବିଶିଷ୍ଟ ବ୍ୟକ୍ତି, ପଣ୍ଡିତ ମହଲ, ସଂସ୍କୃତ ପ୍ରେମୀ, ଶିକ୍ଷାବିତ୍ ସମସ୍ତେ ପଣ୍ଡିତ ମହାଶୟଙ୍କୁ ଅଭିନନ୍ଦନ ଜଣାଉଥାନ୍ତି । ଓଡ଼ିଶାର ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଅଭିନନ୍ଦନ ପତ୍ରମାନ ଆସୁଥାଏ । ପଣ୍ଡିତ ମହାଶୟ ସେସବୁ ଗୋଟେ ତାରରେ ଗୁନ୍ଥି ରଖୁଥାନ୍ତି । ଏ ସବୁ

ଅଭିନନ୍ଦନ ପତ୍ର ଏକାଠିହୋଇ ବଡ଼ଗଡ଼ ପେନ୍ଥା ହୋଇ ଝୁଲୁଥାଏ ପ୍ରାପ୍ତ ବର୍ଷେ ପର୍ଯ୍ୟନ୍ତ ।

ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା

ଲେଖକ-କବିରାଜ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା, ବହିରୁ ଉଦ୍ଧୃତ

"ରାଷ୍ଟ୍ରପତି ପୂର୍ବେ ଭାରତର ବଶିଷ୍ଟ ପଣ୍ଡିତ ମାନଙ୍କୁ ମହାମହୋପାଧ୍ୟାୟ ଉପାଧି ସଙ୍ଗେ ବାର୍ଷିକ ୫୦୦୦ଟଙ୍କା ପୁରସ୍କାର ଦେଉଥିଲେ । ଓଡ଼ିଶାରେ ସର୍ବପ୍ରଥମ ମହାମହୋପାଧ୍ୟାୟ ଥିଲେ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତ । ତାପରେ ସଦାଶିବ ମିଶ୍ର କାବ୍ୟକଣ୍ଠ, ପଣ୍ଡିତ ଜଗନ୍ନାଥ ମିଶ୍ର, ପଣ୍ଡିତ ଦାମୋଦର ମହାପାତ୍ର, ମହାମହୋପାଧ୍ୟାୟ ହେଲେ । ଏ ମାନେ ଭାରତର ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ମହାମହୋପାଧ୍ୟାୟ ହୋଇଥିଲେ । ସ୍ୱାଧୀନତା ପ୍ରାପ୍ତିପରେ ବର୍ତ୍ତମାନ ସରକାରଙ୍କ ମତ ଅନୁସାରେ ମହାମହୋପାଧ୍ୟାୟ ଉପାଧି ଦିଆଯାଉ ନାହିଁ । ତା ସ୍ଥାନରେ ରାଷ୍ଟ୍ରପତି ବଶିଷ୍ଟ ପଣ୍ଡିତମାନଙ୍କୁ ଏକ ସାର୍ଟିଫିକେଟ୍ ପୁରସ୍କାର ସ୍ୱରୂପ ଏବଂ ବାର୍ଷିକ ୫୦୦୦ ଟଙ୍କା ପାରିତୋଷିକ ପ୍ରଦାନ କରନ୍ତି ଏ ପର୍ଯ୍ୟନ୍ତ ସଂସ୍କୃତରେ ପଣ୍ଡିତ କବିରାଜ ଠାକୁର ଅନନ୍ତ ତ୍ରିପାଠୀ ଶର୍ମା ଓ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଉକ୍ତ ରାଷ୍ଟ୍ରପତି ପୁରସ୍କାର ଏବଂ ବାର୍ଷିକ ୫୦୦୦ ଟଙ୍କା ପାରିତୋଷିକ ପାଇଛନ୍ତି । ପ୍ରକୃତରେ ଶ୍ରୀ ପ୍ରହ୍ଲାଦ ପ୍ରଧାନ ଉକ୍ତ ପୁରସ୍କାର ପାଇଛନ୍ତି । ଏଥିରୁ ଓଡ଼ିଶାରେ ରାଷ୍ଟ୍ରପତି ପୁରସ୍କାର ପାଇଥିବା ସାତଜଣଙ୍କ ଭିତରୁ"—

ସମ୍ମାନ ସମାରୋହ

୧୯୮୫ ମସିହା ମାର୍ଚ୍ଚ ୧୬ ତାରିଖରେ ରାଷ୍ଟ୍ରପତି ଭବନରେ "ସମ୍ମାନ ସମାରୋହ" ଅନୁଷ୍ଠିତ ହେବାର ସ୍ଥିର କରାଯାଇଥାଏ । ତାର ଅନେକ ଦିନ ପୂର୍ବରୁ ସରକାରୀ ଚିଠିଦ୍ୱାରା ସମାରୋହକୁ ନିମନ୍ତ୍ରଣ କରାଯାଇଥାଏ । ଅଳ୍ପଦିନ ପୂର୍ବେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିବାରୁ ନିୟମ କାନୁନ ବହୁତ କଡ଼ା କଡ଼ି ଥାଏ ।

ପଣ୍ଡିତ ମହାଶୟଙ୍କ ସଙ୍ଗରେ ଆଉ ଦୁଇଜଣଙ୍କୁ ସାଙ୍ଗରେନେଇ ରାଷ୍ଟ୍ରପତି ଭବନକୁ ଯିବାକୁ ଅନୁମତି ଥାଏ । ସେହି ଅନୁସାରେ ପଣ୍ଡିତ ମହାଶୟଙ୍କୁ ମିଶାଇ ତିନଜଣଙ୍କୁ ନୂଆ ଦିଲ୍ଲୀ ଯିବା ଆସିବା ଉଡ଼ା ଜାହାଜ ଭଡା ଓ ଉଚ୍ଚମାନର ହୋଟେଲ ଭଡା ମିଳିବାର ସୁବିଧା ଥାଏ । ପଣ୍ଡିତ ମହାଶୟ କିନ୍ତୁ ଉଡ଼ା ଜାହାଜରେ ଯିବାକୁ ରାଜି ହେଲେ ନାହିଁ । ତାଙ୍କ ସହିତ ତାଙ୍କ ସହଧର୍ମିଣୀ ଓ ବଡ଼ନ୍ଝିଅଙ୍କ ରାଷ୍ଟ୍ରପତି ଭବନରେ ସମ୍ମାନ ସମାରୋହ ରେ ଯୋଗ ଦେବାର ସ୍ଥିର ହେଲା । ଦିଲ୍ଲୀ ପର୍ଯ୍ୟନ୍ତ ସାଙ୍ଗରେ ଦୁଇପୁଅ ମଧ୍ୟ ଏକାଠି ଗଲେ ।

ମାର୍ଚ୍ଚ ୧୩ ତାରିଖରେ ନୀଳାଚଳ ଏକ୍ସପ୍ରେସ ଯୋଗେ ଦିଲ୍ଲୀଯାତ୍ରା ଆରମ୍ଭ ହେଲା । ଯିବା ସମୟରେ ଗୁହଗୁହୀ, ପ୍ରିୟଜନ ମାନେ ପାଖେଷ୍ଟି ଯାଇଥିଲେ । ଟ୍ରେନ୍‌ରେ ବସିଲା ବେଳକୁ ପୁରୀର ଗଜପତି ମହାରାଜାଙ୍କ ସହ ଦେଖା ହେଲା । ସେ ଟ୍ରେନ୍‌ରେ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଉଥାନ୍ତି । ବାଟରେ ଉଭୟେ ଅନେକ ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା ହୋଇଥିଲେ ।

ପଣ୍ଡିତ ମହାଶୟଙ୍କ ବଡଶଳା ପ୍ରେମାନନ୍ଦ ତ୍ରିପାଠୀ ଦିଲ୍ଲୀରେ ସେକ୍ରେଟେରୀ ଥାନ୍ତି ତାଙ୍କ ପାଖକୁ ଆଗରୁ ଖବର ଦିଆଯାଇଥାଏ । ସେ ଆସି ଷ୍ଟେସନ ପାଖରେ ପହଞ୍ଚି ଥାନ୍ତି । ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ନୂଆଦିଲ୍ଲୀରୁ ମଧ୍ୟ ବନ୍ଧୁ-ମାନେ ଆସିଥାନ୍ତି । ପ୍ରାରମ୍ଭିକ ଆଳାପ ପରେ ପଣ୍ଡିତ ମହାଶୟ ପ୍ରେମାନନ୍ଦ ତ୍ରିପାଠୀଙ୍କ ବସାକୁ ଯାଇ ରହିଲେ ।

ତାପରଦିନ ଅର୍ଥାତ୍ ମାର୍ଚ୍ଚ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ରିହରସାଲ୍ ଥାଏ । ରିହରସାଲ୍ ଉତ୍ସବରେ ସ୍ତ୍ରୀ ଓ ବଡ଼ ଝିଅଙ୍କ ସହ ଯୋଗ ଦେଇଥିଲେ ।

ମାର୍ଚ୍ଚ ୧୬ରେ "ସମ୍ମାନ ସମାରୋହ" ପାଳିତ ହେଲା ବିଭିନ୍ନ ଉପାଧି ଓ ମାନପତ୍ର ପାଇଥିବା ବ୍ୟକ୍ତିଙ୍କର ଏକ ମଧୁର ସମାବେଶ ହୋଇଥିଲା । ପଣ୍ଡିତ ମହାଶୟଙ୍କୁ ରୁପା ଜରିଦିଆ ପାଟକନାରେ ଲେଖା ହୋଇଥିବା ଏକ ମାନପତ୍ର ରାଷ୍ଟ୍ରପତି ପ୍ରଦାନ କଲେ । ମାନପତ୍ରରେ ବଂଶୀ ପର ରୁପାବେଷ୍ଟ-

ଟିଏ ଲଗିଥାଏ । ରାଷ୍ଟ୍ରପତି ପଣ୍ଡିତ ମହାଶୟଙ୍କ କାନ୍ଧରେ ଗୋଟିଏ ଭଲ ଶାଲ ପିନ୍ଧାଇ ଦେଲେ ।

ଲଞ୍ଚ୍ ଟାଇମ୍‌ରେ ବଫେ ସିଷ୍ଟମ ହୋଇଥାଏ । ପଣ୍ଡିତ ମହାଶୟ କିନ୍ତୁ ବାହାରେ ସଙ୍ଗୁଡ଼ି ଖାଆନ୍ତି ନାହିଁ । କେବଳ କିଛି ଫଳ ଖାଇଲେ । ରାଷ୍ଟ୍ରପତି ଜୈଲ ସିଂହ ପଣ୍ଡିତ ମହାଶୟଙ୍କ ହାତକୁ ଧରି ହଲ୍‌ର ଭିତରେ ବୁଲି ଆସିଲେ ।

ତା ପରଦିନ ୧୬ ତାରିଖରେ ପଣ୍ଡିତ ମହାଶୟ କୁରୁକ୍ଷେତ୍ର ଯାତ୍ରା କରିଥିଲେ । ସେଠାରେ ପବିତ୍ର ନଦୀରେ ଶ୍ରାଦ୍ଧ ତର୍ପଣ ଇତ୍ୟାଦି କଲେ । ତୀର୍ଥ ଦର୍ଶନ ଓ ଦାନ ଇତ୍ୟାଦି କରି ପ୍ରତ୍ୟାବର୍ତ୍ତନ କରିଥିଲେ । ତା ପରଦିନ ତା ୧୮ । ୩ । ୮୭ରେ ସର୍ପ୍ରୀକ ତାଜମହଲ ଭ୍ରମଣ କରିଥିଲେ ।

ଉଜ୍ଜୟିନୀ କାଳିଦାସ ଏକାଡେମୀରେ ତା ୧୯ରୁ ୨୧ ସଭା ହେବାର ଥିଲା । ଆଗରୁ ପଣ୍ଡିତ ମହାଶୟଙ୍କୁ ନିମନ୍ତ୍ରଣ ଥାଏ । ଦିଲ୍ଲୀରୁ ପୁରୀ ନଫେରି ସେ ଉଜ୍ଜୟିନୀ ଯାଇଥିଲେ । ସେଠାରେ ୧୯ । ୨୦ । ୨୧ ତିନିଦିନ ସଭାରେ ଯୋଗ ଦେଇଥିଲେ । ୨୧ ତାରିଖ ଦିନ କାଳିଦାସ ଏକାଡେମୀରେ ଶାସ୍ତ୍ରଚର୍ଚ୍ଚା ସଭାରେ "ଧର୍ମଶାସ୍ତ୍ରରେ ସଭା" ସମ୍ବନ୍ଧରେ ଭାଷଣ ଦେଇଥିଲେ । କାଳିଦାସ ଏକାଡେମୀ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଥିଲା ।

ଫେରିବା ବେଳକୁ ଅନେକ ଲୋକ ତାଙ୍କୁ ପାଛୋଟି ଆଣିବା ପାଇଁ ଷ୍ଟେସନ୍ ଯାଇଥାନ୍ତି । ସମସ୍ତଙ୍କ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିନନ୍ଦନ ସହିତ ସେ ଗୃହ ପ୍ରତ୍ୟାବର୍ତ୍ତନ କରିଥିଲେ ।

କେନ୍ଦ୍ରୀୟ ବିଦ୍ୟାପୀଠ, ପୁରୀରୁ ସମ୍ବର୍ଦ୍ଧନା

ରାଷ୍ଟ୍ରପତି ସମ୍ମାନ ମିଳିବା ପରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ପଣ୍ଡିତ ମହାଶୟଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ଉତ୍ସବର ଆୟୋଜନ କରିଥିଲେ । ୧୯୮୪ ମସିହା ଅଗଷ୍ଟ ୩୦ ତାରିଖ ଦିନ ବିଦ୍ୟାପୀଠର ଅଧ୍ୟକ୍ଷ ଡ଼ଃ ହରିହର ଝାଙ୍କ ଉଦ୍ୟମରେ ଏହା ଅୟୋଜିତ ହୋଇଥିଲା । ସମ୍ବର୍ଦ୍ଧନା ସଭାରେ ସଭାପତି ଥିଲେ ଶ୍ରୀ ଜଗନ୍ନାଥ ସଂସ୍କୃତ

ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ସତ୍ୟବ୍ରତ ଶାସ୍ତ୍ରୀ । ଉତ୍ସବରେ ପଣ୍ଡିତ ମହାଶୟଙ୍କୁ ଏକ ଅଭିନନ୍ଦନ ଫଳକ ଅର୍ପଣ କରାଯାଇଥିଲା ।

<u>ଶ୍ରୀମତାଂ ତବ ଭବତାଂ ପ୍ରଦତ୍ତ ପ୍ରତିଭା ପରିକଳିତ ବିବିଧ ବିଦ୍ୟା ବିଜ୍ୟୋତିତାନ୍ତଃ କରଣାନାଂ ସଂସ୍କୃତ ସଂସ୍କୃତି ସଂରକ୍ଷଣ ପରାୟଣାନାଂ ଗୁଣି ଗୁଣାଗ୍ର ଗଣ୍ୟାନାଂ ବିଦ୍ୱଦ୍‌ବରେଣ୍ୟାନାଂ ଭାରତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତାନାଂ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଶର୍ମାଣାମ୍ ଅଭିନନ୍ଦନମ୍ ।</u>

ଅୟି ବିଦ୍ୟା ବିଭୂତି ଭୂଷିତା ମହାନୁଭବାଃ । ଅସ୍ୟ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠସ୍ୟ ବିପୁଳ ବିପୁଳତରଂ ସୌଭାଗ୍ୟଂ ଯତ୍ ଅସ୍ମିନ୍ ବିଦ୍ୟାପୀଠେ ପୂର୍ବଂ ଧର୍ମଶାସ୍ତ୍ରାଧ୍ୟାପକତାଂ ସ୍ୱୀକୃତ୍ୟ ସଂପ୍ରତି ଶାସ୍ତ୍ର ଚୂଡ଼ାମଣି ବିଭାଗ ପ୍ରାଧ୍ୟାପକ ପଦେ ପ୍ରତିଷ୍ଠିତାଃ ଶ୍ରୀମନ୍ତୋ ଭବନ୍ତଃ ସ୍ୱକୀୟ ସଂସ୍କୃତ ସେବା ପରମ୍ପରା ଲବ୍ଧ ଚରମ ବୈଦୁଷ୍ୟ ବଳେନ ଅଖିଳ ଗୌରବାସ୍ପଦଂ ଭାରତ ରାଷ୍ଟ୍ରପତି ପୁରସ୍କାରଂ ତଦନ୍ୟଂ ରାଷ୍ଟ୍ରୀୟ ସମ୍ମାନଂ ଚ ପ୍ରାପ୍ତବନ୍ତ ଇତି ଏତେନ ବିଦ୍ୟାପୀଠ ମିଦଂ ସାଂପ୍ରତଂ ପରମାନନ୍ଦ ସନ୍ଦୋହମନୁଭୂୟ ସମୁଲ୍ଲସତିତରମ୍ ।

ଗ୍ରହାବସ୍ଥାୟାଂ ସ୍ୱକୀୟାଂ ପ୍ରତିଭାଂ ପ୍ରଦର୍ଶ୍ୟ ଏତଦ୍ ବିଦ୍ୟାପୀଠସ୍ୟ ପୂର୍ବ ରୂପେ ସଦାଶିବ ସଂସ୍କୃତ ମହାବିଦ୍ୟାଳୟେ ଧର୍ମଶାସ୍ତ୍ରାଧ୍ୟାପକତ୍ୱ-ମଙ୍ଗୀକୃତ୍ୟ ଅଧ୍ୟାପନେନ ସାକଂ ବିବିଧାନ ନିଜ ଲିଖିତଂ ଶାସ୍ତ୍ରୀୟ ନିବନ୍ଧାନ୍ ଭାରତେ ନାନା ପତ୍ରିକାସୁ ବହୁ ଭାବେନ ପ୍ରକାଶୟନ୍ତୋ ଭବନ୍ତଃ ଉତ୍କଳ ପ୍ରାନ୍ତେ କୋରାପୁଟ ମଣ୍ଡଳେ ବିଦ୍ୟମାନଃ ରାମଗିରେରିବ କାଳିଦାସୀୟ ମେଘଦୂତ ବର୍ଣ୍ଣିତ ରାମଗିରିରିତି ନିଷ୍ପାଦିତବନ୍ତଃ ଶ୍ରୀମନ୍ତଃ ପଞ୍ଚଚାମର ମାଧ୍ୟମେନ ମେଘମାର୍ଗମପି ଚିତ୍ରାଭ ସମନ୍ୱିତ ବନ୍ତଇତି ପ୍ରକଟିତମେବ ଭବତାମପୂର୍ବଂ ଶାସ୍ତ୍ରାନୁଶୀଳନ ନୈପୁଣ୍ୟମ୍ ।

ଏତଦ୍ ବିଦ୍ୟାପୀଠେ, ଶ୍ରୀ ଜଗନ୍ନାଥ କର୍ମକାଣ୍ଡ ମହାବିଦ୍ୟାଳୟେ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟେ ଚ ଧର୍ମଶାସ୍ତ୍ରସ୍ୟ ପ୍ରଧାନାଧ୍ୟାପକ ତାଂ ସ୍ୱୀକୃତବନ୍ତଃ ଭବନ୍ତଃ ଶ୍ରୀମନ୍ଦିର ମଧ୍ୟେ ପ୍ରତିଷ୍ଠିତସ୍ୟ ଶ୍ରୀ ଜଗନ୍ନାଥ ବୈଦିକ

ଶିକ୍ଷାନୁଷ୍ଠାନସ୍ୟ ତଥା ଉତ୍କଳେଷୁ ପ୍ରତିଷ୍ଠିତସ୍ୟ ଉତ୍କଳ ସଂସ୍କୃତ ଗବେଷଣା ସମାଜସ୍ୟ ଚ ସଭ୍ୟ ପଦେଷ୍ୱପି ବିରାଜନ୍ତେ ଭବତ୍ର ଯେଷ୍ୱେଷୁ ଶ୍ରୀମତାଂ ସଫଳମଧ୍ୟାପନଂ ଗ୍ରନ୍ଥବାତ୍ସଲ୍ୟ ଚ ପ୍ରଶଂସନୀୟମେବ, ସ୍ମରଣୀୟଂ ଚ ଭବନ୍ତି ସର୍ବେଷାମପି ଜନ୍ମବା ବକ୍ତବ୍ୟମ୍ । ଶ୍ରୀମତାଂ ମାର୍ଗଦର୍ଶକତ୍ୱେନ ଅସ୍ମିନ୍ ବିଦ୍ୟାପୀଠେ ସାହିତ୍ୟେ ଧର୍ମଶାସ୍ତ୍ରେ ଚ ବହବଃ ଶୋଧଚ୍ଛାତ୍ରାଃ ଶୋଧକାର୍ଯ୍ୟାଣି ବିଧାୟ ବିଦ୍ୟାବାରିଧି (ପି.ଏଚ୍.ଡ଼ି) ପଦବୀଂ ଲବ୍ଧବନ୍ତ ଇତି ଅପରଃ ବିଦ୍ୟାପୀଠସ୍ୟ ସୌଭାଗ୍ୟ ବିଷୟଃ ।

ଅଧ୍ୟାପନାବାସରେ "ଧର୍ମଶାସ୍ତ୍ର ଶବ୍ଦକୋଷ" ପ୍ରଣୟନମ୍ । ପାରସ୍କର ଗୃହ୍ୟ ସୂତ୍ରସ୍ୟ 'ମାର୍ଗଦର୍ଶିନୀ'ତି ଟୀକାୟା ବିରଚନମ୍, ଧର୍ମଶାସ୍ତ୍ରୀୟ-'କାଳଦୀପ'-ଗ୍ରନ୍ଥସ୍ୟ ଚ 'ତେଜସ୍ୱିନୀ'ତି ଟୀକାୟା ନିର୍ମାଣମ୍, ସାହିତ୍ୟେ ଚ 'ଧ୍ୱନ୍ୟାଲୋକ'ସ୍ୟ ଉତ୍କଳାନୁବାଦଃ, 'ପ୍ରାୟଶ୍ଚିତ୍ତ ବିବେକ'ସ୍ୟ 'ନିତ୍ୟାଚାର ପ୍ରଦୀପ'ସ୍ୟ, ସାମବେଦ କର୍ମକାଣ୍ଡସ୍ୟ ଚ ସମ୍ପାଦନମ୍, ପୌର୍ଣ୍ଣମାସୀ-ଶ୍ରୀ ଦେବଯାନଃ-ଦିଗ ଦର୍ଶିନୀ-ଇତ୍ୟେବଂ ବିଧ ସଂସ୍କୃତ ପତ୍ରିକା ସମ୍ପାଦନମ୍- ଏବଂ ଭୂତାନି ବହୁବିଧାନି ସାରସ୍ୱତ କାର୍ଯ୍ୟ ଜାତାନି ପ୍ରକଟୟନ୍ତି ଶ୍ରୀମତାଂ ପ୍ରୌଢ଼ପାଣ୍ଡିତ୍ୟମ୍, ନିର୍ଦ୍ଦିଶନ୍ତି ଚ ଭବତାଂ ସନ୍ନଦ୍ଧଂ ସାଭିନିବେଶଂ ନିରନ୍ତର ନିରଳସ ଶାସ୍ତ୍ରାଭ୍ୟାସ ପ୍ରବୃତ୍ତିମ୍ ।

ବିବିଧେଷୁ ସଂସ୍କୃତ ଶାସ୍ତ୍ରେଷୁ ନିଷ୍ଣାତା ନାଂ ବିଦୁଷାମାଦର୍ଶ ଭୂତାନାଂ ଭବାଦୃଶାନାଂ ପଣ୍ଡିତ ପ୍ରବରାଣା-ମଭିନନ୍ଦନ ବିଧାୟ ବିଦ୍ୟାପୀଠ ମିଦମ୍ ଆତ୍ମାନଂ ଧନ୍ୟଂ ମନ୍ୟତେ; ଏବଂ ଚ ପରମାଂ ପ୍ରୀତିମାସାଦ୍ୟ ସାରସ୍ୱତଂ ନବୀନଂ ବହୁ କାର୍ଯ୍ୟଜାତଂ ଭବତାମାଶାସ୍ୟ, କରୁଣା ବରୁଣାଳୟସ୍ୟ ନୀଳଶୈଳ ନିଳୟସ୍ୟ ଶ୍ରୀ ଜଗନ୍ନାଥ ଦେବସ୍ୟ ଶ୍ରୀ ଚରଣାରବିନ୍ଦେଷୁ ସପରିବାରାଣାଂ ଶ୍ରୀମତାଂ ସଦାରୋଗ୍ୟ ବତାଂ ସକଳାଭ୍ୟୁଦୟଂ ଚ କାମୟତେ ଇତି ।

ଭବତାଂ

ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ
ବିଦ୍ୟାପୀଠତଃ ପୂର୍ଣ୍ଣିମାୟାମ୍, ଶ୍ରୀ ଗଣେଶ
ଚତୁର୍ଥ୍ୟାମ୍ ଦି ୩୦-୮-୮୪ ନାଙ୍କେ

ପାଣ୍ଡିତ୍ୟ ଗୁଣ ମୁଗ୍ଧାଃ ବୟଂ ସ୍ମୋ
ବିଦ୍ୟାପୀଠସ୍ୟ ସାଚାର୍ଯ୍ୟପ୍ରାଚାର୍ଯ୍ୟାଃ
ଛାତ୍ରାଃ କର୍ମଚାରିଣଶ୍ଚ

ସଂପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ (ବାରାଣାସୀ) ପକ୍ଷରୁ ସମ୍ବର୍ଦ୍ଧନା ପତ୍ର

ଡଃ ରାମକରଣ ଶର୍ମା, କୁଳପତି

ସଂପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ

ବାରଣାସୀ — ଦିନାଙ୍କ ଡିସେମ୍ବର-୭,୮୪

ସମ୍ମାନନୀୟାଃ ଶ୍ରୀ କୁଳମଣି ମିଶ୍ର ମହୋଦୟାଃ,

ଏତଦ୍ୟଗତ୍ୟ ନିତରାଂ ପ୍ରସୀଦନ୍ତି ଚେତୌ ଯଦ୍ୟେଷମଃ ସ୍ୱାଧୀନତା ଦିବସ ସମାରୋହେ ମ.ମ. ରାଷ୍ଟ୍ରପତି ମହୋଦୟାଃ ସତତ ଗୈର୍ବାଣୀ ସେବାରତାୟ ଭବତେ ରାଷ୍ଟ୍ରିୟ ସମ୍ମାନଂ ପ୍ରଦାନ ସଂସ୍କୃତ ଜଗତୋ ଗୌରବମଭିବର୍ଦ୍ଧିତ ବନ୍ତଃ । ଏତାବତା ଶତଶଃ ବର୍ଦ୍ଧାପନା ମୈଂଙ୍ଗୀକୁର୍ବନ୍ତୁ ତବ ଭବନ୍ତୌ ଭବନ୍ତଃ । ଭବଦ୍ଭି ରାଚରିତୟା ସଂସ୍କୃତ ସେବୟା, ତ୍ୟାଗେନ । ତପସା ଚ ଜନାଃ ସତ୍ପ୍ରେରଣାମାଦାୟ ଆତ୍ମନଃ ପ୍ରସ୍ଥାନମା ଲୋକୟିଷ୍ୟନ୍ତି ।

ଭବତୋଜନେନ ସଭାଽନେନ ସଂସ୍କୃତ ସମବାୟେଽଭିନବା ଚେତନା ସ୍ଫୁରିତା ଭବିଷ୍ୟତି ସଂସ୍କୃତ ବାଙ୍ମୟସ୍ୟ ଚ ସର୍ବାଙ୍ଗୀଣାମ୍ ଅଭ୍ୟୁନ୍ନତିଃ ସେତ୍ସ୍ୟତୀତି ମୟି ଦୃଢୋ ବିଶ୍ୱାସଃ । ଶତଂ ଶରଦଃ ସମେଧମାନୋ ଭବାନ୍ ନିସ୍ତୃଷ୍ଣଂ ସଂସ୍କୃତ ବାଙ୍ମୟସ୍ୟ ସେବାମନିଶଂ ବିଦଧାତ୍ୱିତି ଭଗବନ୍ତଂ ବିଶ୍ୱନାଥଂ ପ୍ରାର୍ଥୟାମହେ ।

ବିଦୁଷାଂ ବଶଂବଦଃ ।
ରାମକରଣ ଶର୍ମା

ଶ୍ରୀ କୁଳମଣି ମିଶ୍ର,
ସମ୍ମାନିତ ଆଚାର୍ଯ୍ୟ,
ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ,
ପୁରୀ (ଓଡ଼ିଶା)

କେଦାର ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସମ୍ମାନ

୧।୫।୮୬ ସଂଧ୍ୟାରେ କେଦାର ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର, ପକ୍ଷରୁ ଉତ୍ସବର ଆୟୋଜନ ହୋଇଥାଏ । ଏହା ପ୍ରତିଷ୍ଠାନର ଉଦ୍‌ଘାଟନ ଦିବସ ।

ଏହି ଦିନ ପଣ୍ଡିତ କୁଳମଣି ମିଶ୍ର, ସତ୍ୟନାରାୟଣ ରାଜଗୁରୁ ଓ ଶ୍ରୀ କାହ୍ନୁଚରଣ ମିଶ୍ର ଏହି ତିନିଜଣଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସ୍ୱହସ୍ତରେ ମାନପତ୍ର ସହ ଶ୍ୱେତ ଚଦର ମାଲ୍ୟାଦି ସମ୍ମାନ ପ୍ରଦାନ କରିଥିଲେ ।

କେଦାର ନାଥ ଗବେଷଣା ପ୍ରତିଷ୍ଠାନ

ଭୁବନେଶ୍ୱର

କେଦାର ନାଥ ମହାପାତ୍ରଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧସଭା

ଅକ୍ଷୟତୃତୀୟା-୧୯୮୭

ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ

ପଣ୍ଡିତ-ଶ୍ରୀଯୁକ୍ତ କୁଳମଣି ମିଶ୍ର, ଶ୍ରୀକ୍ଷେତ୍ର ପୁରୀ

"ସଂସ୍କୃତ ସାହିତ୍ୟକୁ ଉତ୍କଳର ଦାନ" ଶୀର୍ଷକ ଆପଣଙ୍କର ଗବେଷଣା ମୂଳକ ପ୍ରବନ୍ଧ, ଧର୍ମଶାସ୍ତ୍ର ଶବ୍ଦ କୋଷ ପ୍ରଭୃତି ବିଭିନ୍ନ ଗ୍ରନ୍ଥ ରଚନା ଦ୍ୱାରା ଆପଣ ଉତ୍କଳ ଭାରତୀଙ୍କ କଣ୍ଠରେ ଜୟମାଲ୍ୟ ପିନ୍ଧାଇବାର ଗୌରବ ଅର୍ଜନ କରିଛନ୍ତି । ଆପଣ ସଂସ୍କୃତ ଗ୍ରନ୍ଥ ସାଗରକୁ ମନ୍ଥନ କରି ଯେଉଁ ଅମୃତୋପମ ନବନୀତ ଦେଶବାସୀଙ୍କୁ ଅର୍ପଣ କରିଛନ୍ତି, ତାହା ଆପଣଙ୍କର କୃତିତ୍ୱର ଦୀପସ୍ତମ୍ଭ ରୂପେ ଚିରଭାସ୍ୱର ହୋଇ ରହିବ ।

ଆଜିର ଶ୍ରାଦ୍ଧ ସଭାରେ ଆପଣଙ୍କ ପରି ପୂଜ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ସୁଯୋଗ ପାଇ କେଦାର ନାଥ ଗବେଷଣା ପ୍ରତିଷ୍ଠାନ ଗୌରବାନ୍ୱିତ ହୋଇଛି ।

ସୁର ରାଉତରାୟ	ମତଲୁବ ଅଲ୍ଲୀ	ଯୁଗଳ ପଟ୍ଟନାୟକ	ଜାନକୀବଲ୍ଲଭ ପଟ୍ଟନାୟକ
ସଭାପତି	ମୁଖ୍ୟଅତିଥି	ସମ୍ମାନିତ ଅତିଥି	ଉଦ୍‌ଘାଟକ
୧-୫-୮୭	୧-୫-୮୭	୧-୫-୮୭	୧-୫-୮୭

ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ମାନ

ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଶର୍ମ୍ମନ୍

ହେ ବାଗ୍ମୀ—

ସଂସ୍କୃତ ପୀଠ ଶ୍ରୀକ୍ଷେତ୍ରର ଗୌରବୋଜ୍ଜ୍ୱଳ ପରମ୍ପରାର ଜଣେ ଉପଯୁକ୍ତ ଦାୟାଦ ଆପଣ ।

ହେ ସୁଧୀପ୍ରବର—

ଆପଣଙ୍କୁ ଅର୍ପିତ ଯଥାର୍ଥ ରାଷ୍ଟ୍ରୀୟ ସମ୍ମାନରେ ଆମେମାନେ ଯୁଗପତ୍ ହର୍ଷିତ ଓ ଆନନ୍ଦାଭିଭୂତ ।

ହେ ମହାଭାଗ—

ଆପଣଙ୍କ ପରି ଗୁଣୀ, ତପସ୍ୱୀ, ମିତଭାଷୀ, ସରଳ ସଦାଚାର ସମ୍ପନ୍ନ ସଦାଚାର-ତଥା-ଧର୍ମଶାସ୍ତ୍ର ଦ୍ରଷ୍ଟାଙ୍କୁ ପ୍ରଦତ୍ତ ରାଷ୍ଟ୍ରୀୟ ସମ୍ମାନ ଆମମାନଙ୍କୁ ଆତ୍ମହରା କରିଛି ।

ତେଣୁ ହେ ମହାନୁଭବ—

ଆମେ ଆପଣଙ୍କ ଗୁଣ ସମୁଗ୍ଧ ସତସଙ୍ଗୀ ଶୁଭେଚ୍ଛୁଗଣ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନାର୍ଥେ ନର୍ବାକ ହୋଇ........କେବଳ ଅନ୍ତରର ସାମାନ୍ୟ ପ୍ରେମ ଟିକକ ଅର୍ପଣ କରୁଛୁ । ସାଦରେ ଗ୍ରହଣ କଲେ ଆମେ ସନ୍ତୁଷ୍ଟ ହେବୁ ।

ହେ କୁଳଶ୍ରେଷ୍ଠ—

ଆପଣ ନିରାମୟ ଜୀବନଯାପନ କରନ୍ତୁ ଓ ଆପଣଙ୍କର ଆଦର୍ଶ

ଚରିତ୍ର, ବିଜ୍ଞାନ ଏବଂ ସର୍ବୋପରି ସେବା ମନୋଭାବରେ
ଏ ରୁଗ୍ଣ କଳୁଷିତ ସମାଜ ଉଦ୍ଭାସିତ ହେଉ-ଏହାହିଁ
ଜଗତ୍ ପିତା ଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା ।

ଜଗନ୍ନାଥ ମନ୍ଦିର, ପୁରୀ
୧୫, ମେ, ୧୯୮୪

ହଲଦିଆ ପୁରାତନ ଛାତ୍ର ସଂଘ ପକ୍ଷରୁ ଅଭିନନ୍ଦନ ପତ୍ର ସହ ସମ୍ମାନ

ପଣ୍ଡିତ ଶ୍ରୀଯୁକ୍ତ କୁଳମଣି ମିଶ୍ର ଶର୍ମା ମହୋଦୟଙ୍କ କର କମଳରେ

ମାନପତ୍ର

ମହାଭାଗ !

ଆପଣ ନିରବଚ୍ଛିନ୍ନ । ନିରଳସ ଓ ଅଦମ୍ୟ ଅଧ୍ୟବସାୟ ତଥା ସାଧନା ବଳରେ ସଂସ୍କୃତ ସାହିତ୍ୟରେ ଅଖଣ୍ଡ ବିଦ୍‌ବତ୍ତାର ପରିଚୟ ପ୍ରଦାନକରି ସ୍ୱକୀୟ କୃତି ନିମିତ୍ତ ସର୍ବଭାରତୀୟ ସ୍ତରରେ ମାନ୍ୟବର ରାଷ୍ଟ୍ରପତିଙ୍କର ପୁରସ୍କାର ଅର୍ଜ୍ଜନ କରିଥିବା ଆମମାନଙ୍କ ପକ୍ଷେ ଗର୍ବ ଓ ଗୌରବର ବିଷୟ । ସଂସ୍କୃତ ଧର୍ମଶାସ୍ତ୍ର ଅଧ୍ୟାପନାରେ ଆପଣଙ୍କର ଅସାମାନ୍ୟ ପାଣ୍ଡିତ୍ୟ ସାର୍ବଜନାଦୃତ ହୋଇଅଛି ।

କର୍ମକ୍ଲାନ୍ତ ଅବସର ଜୀବନରେ ମଧ୍ୟ ଆପଣ ସାଧନା ପଥରୁ ନିବୃତ୍ତ ନହୋଇ ଅଦ୍ୟାବଧି ନିଜର ଲେଖନୀକୁ ସରଳ କରି ପାରିଛନ୍ତି । କ୍ଷୁଦ୍ର ହଲଦିଆ ଅଞ୍ଚଳରେ ଭଗବାନପୁର ଶାସନରେ ଭୂମିଷ୍ଠ 'ହୋଇଥିଲେହେଁ ଆପଣ ନିଜସ୍ୱ ପ୍ରତିଭା ବଳରେ ଦେଶ ବିଶ୍ରୁତ ହୋଇପାରିଛନ୍ତି ।

ଆଜିର ଏହି ଶୁଭାବସରରେ ଆପଣଙ୍କର ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ଓ ସାଧନାକୁ ଆମ୍ଭେମାନେ ସମ୍ମାନିତ କରି ନିଜକୁ କୃତକୃତ୍ୟ ମନେ କରୁଅଛୁ ।

ନୀଳାଦ୍ରୀବିହାରୀ ଆପଣଙ୍କୁ ଦୀର୍ଘାୟୁକରନ୍ତୁ ଏବଂ ଆପଣଙ୍କ ଲେଖନୀରେ ଫୁଲ ଚନ୍ଦନ ବୃଷ୍ଟି ହେଉ । ଏହାହିଁ ଆମର କାମନା । ॥ ଇତି ॥

ହଲଦିଆ ଉଚ୍ଚ ଓ ନିମ୍ନ ମାଧ୍ୟମିକ
ପୁରାତନ ଛାତ୍ର ସଂସଦ
ହଲଦିଆ, ପୁରୀ

କୁମାରପୂର୍ଣ୍ଣିମା
୯-୧୪-୧୯୮୪

ରାଜନୀଳଗିରିଠାରେ ଗୀତାପାଠ ଚକ୍ର ପକ୍ଷରୁ ଅଭିନନ୍ଦନ ପତ୍ର ସହ ସମ୍ମାନ

ବିଶାଳ ଉତ୍କଳର ପ୍ରାଧ୍ୟାପକ ପ୍ରବର ଶ୍ରୀଯୁକ୍ତ କୁଳମଣି ମିଶ୍ର ଶର୍ମା

ସାହିତ୍ୟ ଧର୍ମଶାସ୍ତ୍ରାଚାର୍ଯ୍ୟ ଓ ବେଦ କର୍ମକାଣ୍ଡ ଶାସ୍ତ୍ରୀ ମହୋଦୟଙ୍କ ସ୍ୱାଗତ-

ଅଭିନନ୍ଦନ

ହେ ବରେଣ୍ୟ !

ଆଗ୍ରହାୟଣ ଶିଶିର ସଂଧ୍ୟାର ଏହି ଶୁଭ ମୁହୂର୍ତ୍ତରେ ନୀଳଗିରି ରଘୁନାଥଜୀଉ ଶ୍ରୀମଦ୍ ଭଗବଦ୍ ଗୀତା ପାଠଚକ୍ରର ସଭ୍ୟବୃନ୍ଦ ଭବଦୀୟ ସାଗ୍ରହାନୁଗ୍ରହ ତଥା ସଦୟ ଆଶିଷ ଲଭକରି କୃତାର୍ଥ ହୋଇଛନ୍ତି । ବନଦେବୀଙ୍କ ଦ୍ୱାରା ପ୍ରାକୃତିକ ପରିବେଶ ପରିଶୋଭିତ, ସମଧିକ ଗିରିଜନାଧୁଷିତ ଏହି ନୀଳଗିରି ଆଜି ଗୁଣିଗଣାଗ୍ରଗଣ୍ୟ ମହୋଦୟଙ୍କ ଜ୍ଞାନାଲୋକ ରଶ୍ମିପ୍ରକାଶ ଆଶାରେ ଆଶାୟୀ ହୋଇଅଛି । ଆଜୀବନ ବିଦ୍ୟା ବିକିରଣରେ ବରେଣ୍ୟ ଅତିଥିଙ୍କର ମହାନ୍ ଆତ୍ମା ତେଜୋଦୀପ୍ତ ହୋଇ ଉଜ୍ଜ୍ୱଳ ତଥା ବର୍ଚ୍ଚସ୍ୱଳ ହୋଇଅଛି । ସୁଯୋଗ୍ୟ ସନ୍ତାନର ଗୁରୁ ଗୌରବ ନେଇ ମାତୃକୋଳ ମଣ୍ଡନ କରିଥିବାରୁ, ଉତ୍କଳ ଜନନୀ ଆଜି ସ୍ଫୀତା, ପ୍ରଫୁଲ୍ଲିତା ଓ ଗୌରବାନ୍ୱିତା । ଶ୍ରୀ କ୍ଷେତ୍ରସ୍ଥ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ବର୍ଷଦଶକସପ୍ତାଧିକ କାଳ ଭବଦୀୟ ମହିମାରେ ମହିମାନ୍ୱିତ । ମହୋଦୟଙ୍କର ଅଧ୍ୟାପନ କଳାକୁଶଳତା ଓ ଜ୍ଞାନାଞ୍ଜନ ଶଳାକା ପରିଚାଳନ ପରିଣତି ହିଁ ଉତ୍କଳର ଅଗଣିତ ଶିଷ୍ୟ ସମାଜକୁ ବରଣୀୟ ପଦବୀରେ ଅଧିଷ୍ଠିତ କରିଅଛି । ଭବଦୀୟ ସକୁଶଳ ଲେଖନୀ ଚାଳନା ଉତ୍କଳର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଅଛି । -କିଂ ବହୁନା- "ତାଂ ସ୍ତଥୈବ ଭଜାମ୍ୟହମ୍" ନ୍ୟାୟରେ ଭାରତର ରାଷ୍ଟ୍ରପତି ଜ୍ଞାନୀ ଜୈଲସିଂହ ମହୋଦୟ ଭବଦୀୟ ଅମଳିନ ପ୍ରତିଭାର ମୂଲ୍ୟାଙ୍କନ କରି ପୁରସ୍କୃତ କରିଛନ୍ତି । ବେଦକର୍ମକାଣ୍ଡ ବିଭାଗର ପଞ୍ଚ ପୂତଧାରାରୂପେ ଉତ୍କଳରୁ ବିଲୁପ୍ତପ୍ରାୟ ବିଦ୍ୟା ଓ ସଂସ୍କୃତିକୁ ଉଜ୍ଜୀବିତ କରାଇବା ପାଇଁ ଶ୍ରୀ ନୀଳାଚଳ ନାଥଙ୍କ ଦ୍ୱାରା ସତେ ଯେପରି ଆପଣ ସମାଦିଷ୍ଟ ହୋଇ ଉକ୍ତ ବିଭାଗର

ସଭାପତି ପଦ ଅଲଙ୍କୃତ କରି ଅଛନ୍ତି । ଉତ୍କଳୀୟ ହିନ୍ଦୁ ସଂସ୍କୃତିର ଉଗ୍ର ଶ୍ରୀ ନୀଳାଦ୍ରୀ ବିହାରୀଙ୍କ ମୁକ୍ତି ମଣ୍ଡପ ତରଫରୁ ଉତ୍କଳୀୟ ପଞ୍ଚାଙ୍ଗ ପଞ୍ଜିକା ପରିଶୋଧନ ତଥା ଅଭ୍ରାନ୍ତ ଶାସ୍ତ୍ରାନୁମୋଦିତ ବିଧିବିଧାୟକ ପଦବୀରେ ଅଧିଷ୍ଠିତ ହୋଇ ଉତ୍କଳୀୟଙ୍କ ପୂଜାର୍ହ ଓ ଧନ୍ୟବାଦାର୍ହ ହୋଇ ପାରିଛନ୍ତି । ବାସ୍ତବିକ, ବହୁବିଧ ପ୍ରତିଭାର ଜୀବନ୍ତ ବିଗ୍ରହ ଶ୍ରୀଯୁକ୍ତ ମିଶ୍ର ଶର୍ମା ଯେ ସମସ୍ତ ଉତ୍କଳୀୟଙ୍କର ବରେଣ୍ୟ ଏଥିରେ ଅଣୁମାତ୍ର ସନ୍ଦେହର ଅବକାଶ ନାହିଁ । —ଆଜିର ଏହି ପବିତ୍ର ଦିବସର ମଙ୍ଗଳ ଲଗ୍ନରେ ନୀଳଗିରିର ବରେଣ୍ୟ ଜନତା ୧୯୮୬ ବର୍ଷର ଅପରାହ୍ନରେ ଦଣ୍ଡାୟମାନ ହୋଇ ସମାଗତ ନବବର୍ଷର ଶୁଭାଭିନନ୍ଦନ ଜ୍ଞାପନ ପୂର୍ବକ ମହାମହିମ ଶ୍ରୀଯୁକ୍ତ ମିଶ୍ର ଶର୍ମା ମହୋଦୟଙ୍କ ନିରାମୟ ଦୀର୍ଘ ଜୀବନ କାମନା କରି ବିଭୁ ପଦାରବିନ୍ଦରେ ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ—କାମନା କରୁଛୁ ।—

"ଶିବାଃ ଭବନ୍ତୁ ତେ ପନ୍ଥାଃ" ଶମ୍

ଭବଦୀୟ କୃପାଭିକ୍ଷୁ

ଗୀତା ପାଠଚକ୍ରର ସଦସ୍ୟ ମଣ୍ଡଳୀ, ନୀଳଗିରି

ତା ୧୩ । ୧୨ । ୧୯୮୬

ମହାଯାତ୍ରା

ପ୍ରାକ୍‌କାଳୀନ ଅସୁସ୍ଥତା

ପଣ୍ଡିତ କୁଳମଣି ମିଶ୍ରଙ୍କର କର୍ମମୟ ଜୀବନର ଅପ୍ରତ୍ୟାଶିତ ଅବସାନ ହୁଏ ୭୨ ବର୍ଷ ବୟସରେ । ତାଙ୍କର ସତ୍‌କର୍ମ ଓ ସଚ୍ଚିନ୍ତା ତାଙ୍କୁ ଶେଷପର୍ଯ୍ୟନ୍ତ କର୍ମକ୍ଷମ ରଖିଥିଲା । ଶେଷପର୍ଯ୍ୟନ୍ତ ତାଙ୍କ କର୍ମରେ ଥିଲା ଯୁବକର ଦକ୍ଷତା ଓ ପୌଢ଼ର ବଗୁର । ସେ ଥିଲେ ଆଳସ୍ୟ ଠାରୁ ବହୁତ ଦୂରରେ । ଯେଉଁମାନେ ତାଙ୍କର କର୍ମ କ୍ଷମତା ଦେଖିଛନ୍ତି ସେମାନେ କେବେହେଲେ କଳ୍ପନା କରିନଥିଲେ ଏତେଶୀଘ୍ର ତାଙ୍କର ଦେହାନ୍ତ ହୋଇପାରେ ବୋଲି ।

ପଣ୍ଡିତ ମହାଶୟଙ୍କ ଦେହାନ୍ତର ପ୍ରାୟ ଚାରିମାସ ପୂର୍ବରୁ କାର୍ତ୍ତିକ ମାସରେ ସେ କିଛିଦିନ ପାଇଁ ଅସୁସ୍ଥ ହୋଇଥିଲେ । ସେଦିନ ସକାଳେ ସେ ଦାଣ୍ଡପଟ ଟଗର ଗଛରୁ ଫୁଲ ତୋଳସାରିଥାନ୍ତି । ଗାଧୁଆଘରୁ ଆସିବା ବେଳେ ମୁଣ୍ଡ ବୁଲାଇ ହେଲା । ଫଳରେ ଭାରସାମ୍ୟ ରକ୍ଷା କରିନପାରି ସେ ଅଗଣାରେ ପଡ଼ିଗଲେ । ଦେହ ସାମାନ୍ୟ ଆଞ୍ଚୁଡ଼ି ହୋଇଗଲା । ପଣ୍ଡିତ ମହାଶୟଙ୍କ ମଧ୍ୟମା କନ୍ୟାଙ୍କ ନଣନ୍ଦେଇ ଡାକ୍ତର ହୃଦାନନ୍ଦ ସାମନ୍ତ ଘର ପାଖରେ ରହୁଥାନ୍ତି । ତାଙ୍କୁ ଖବର ଦିଆଗଲା । ସେ ତତ୍‌କ୍ଷଣାତ୍ ଆସି ପରୀକ୍ଷା କଲେ । ରକ୍ତଚାପ ସାମାନ୍ୟ ଉଚ୍ଚ ଥିବାର ଜଣାପଡ଼ିଲା ।

ରକ୍ତ ଚାପ କମାଇବା ପାଇଁ ଔଷଧାଦିର ବ୍ୟବସ୍ଥା କରାଗଲା । ରକ୍ତଚାପ କମିଲା ସତ କିନ୍ତୁ ତିନି ଚାରିଦିନ ପରେ ହାକୁଟି ହେବା ଆରମ୍ଭହେଲା । ଡାକ୍ତର ଗୋବିନ୍ଦ ଚନ୍ଦ୍ର ପ୍ରଧାନ ହାକୁଟି ପାଇଁ ଚିକିତ୍ସା କଲେ । ପାଞ୍ଚଦିନ ଚିକିତ୍ସା ସତ୍ତ୍ୱେ ହାକୁଟି ବନ୍ଦ ହେଲା ନାହିଁ । ବ୍ଲଡ୍ ଇଉରିଆ ଇତ୍ୟାଦି ପରୀକ୍ଷା କରାଯିବାରେ କୌଣସି ଦୋଷ ବାହାରିଲା ନାହିଁ । ଦିନ ରାତି ହାକୁଟି ହେଉଥାଏ । ଖାଦ୍ୟରେ ଅରୁଚି ହେବାରୁ ଖାଦ୍ୟର ପରିମାଣ ମଧ୍ୟ କମିଗଲା ।

ଫଳରେ ଝାଡ଼ା ହେଲା ନାହିଁ । ଅତ୍ୟଧିକ ନିଶା ଔଷଧ ଦେଇ ନିଦ୍ରାବସ୍ଥାରେ ରଖିବା ପାଇଁ ଚେଷ୍ଟା କରାଗଲା । ନିଦ୍ରାବସ୍ଥାରେ ମଧ୍ୟ ହାକୁଟି ହେଉଥାଏ ।

ପଣ୍ଡିତ ମହାଶୟଙ୍କ ବଡ଼ଜ୍ୱାଇଁ ଡାକ୍ତର ବ୍ରଜବନ୍ଧୁ ମହାପାତ୍ର କେଉଁଝରରେ ଡାକ୍ତର ଥାନ୍ତି । ତାଙ୍କ ନିକଟକୁ ଖବର ପଠାଗଲା । ସେ ଆସି ଚିକିତ୍ସା ଆରମ୍ଭ କଲେ । ପୂର୍ବରୁ ଦିଆଯାଇଥିବା ଔଷଧ ସବୁ ବନ୍ଦ କରି ହାକୁଟି ବନ୍ଦ ହେବା ପାଇଁ କେତୋଟି ପରାମର୍ଶ ଦେଲେ । ସେହିପରି କରାଗଲା । କେବଳ ଭିଟାମିନ୍ 'ବି' ଦିନରେ ଦୁଇଥର ଦିଆଗଲା । ତାପରଦିନ ହାକୁଟି ବନ୍ଦ ହୋଇଗଲା । ଖାଦ୍ୟର ପରିମାଣ ବଢ଼ିଲା । ସେ କ୍ରମଶଃ ସୁସ୍ଥ ହେବାକୁ ଲାଗିଲେ ।

ଅସୁସ୍ଥ ଥିଲାବେଳେ ସେ ତାଙ୍କର କୋଷ୍ଠୀ ଗଣନା କରି କହିଲେ "ଆଉ ଚାରି ମାସ ପର୍ଯ୍ୟନ୍ତ ମାରକ ଦଶା ଅଛି । ଏ ଦଶାରୁ ରକ୍ଷା ପାଇବା ବହୁତ କଷ୍ଟ । ଏଥିରୁ ଯଦି ରକ୍ଷା ମିଳେ ତେବେ ଆଉ ଅନେକ ବର୍ଷ ସୁଖରେ ଚାଲିଯିବ । ମାରକ ଦଶା ଖଣ୍ଡନ ପାଇଁ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କୁ ବରଣ କରି ମହାଦେବଙ୍କର ଅଭିଷେକ କରାଇଲେ । କିନ୍ତୁ ସେ ଥରର ଅସୁସ୍ଥତା ତାଙ୍କ ମାନସିକ ଶକ୍ତିକୁ ବହୁତ ପରିମାଣରେ ହ୍ରାସ କରାଇଥିଲା । ଅବିରାମ ହାକୁଟି ହେବା ଓ ବନ୍ଦ ନହେବା ଅତ୍ୟନ୍ତ ଅସ୍ୱାଭାବିକ ବୋଲି ସେ ବୁଝିପାରିଥିଲେ । ସେ କହୁଥିଲେ ତାଙ୍କ ପିତାଙ୍କ ମୃତ୍ୟୁ ପୂର୍ବରୁ ଏହିପରି କ୍ରମାଗତ ଭାବେ ହାକୁଟି ହୋଇଥିଲା ।

ପଣ୍ଡିତ ମହାଶୟଙ୍କ ଦୁର୍ବଳତାକୁ ଲକ୍ଷକରି ଅନେକ ସହୃଦୟ ବ୍ୟକ୍ତି ତଥା ବନ୍ଧୁ ତାଙ୍କୁ ବିଶ୍ରାମ ନେବାପାଇଁ ପରାମର୍ଶ ଦେଇ କହିଲେ ଯେ ସେ ଆଉ ବିଶ୍ୱବିଦ୍ୟାଳୟ (ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ) ଯିବା ଠିକ୍ ହେବନାହିଁ । ଏଣିକି, ପରବର୍ତ୍ତୀ ଜୀବନକାଳ ପାଇଁ ତାଙ୍କୁ ଅଧ୍ୟାପନା କାର୍ଯ୍ୟରୁ ଅବସର ନେବା ଉଚିତ୍ ହେବ । କିନ୍ତୁ ବଡ଼ଜ୍ୱାଇଁ ପରାମର୍ଶ ଦେଲେ ଯେ "ନନା ତାଙ୍କର ଦୈନନ୍ଦିନ କାର୍ଯ୍ୟାବଳୀ ପୂର୍ବପରି ଚାଲୁ ରଖିବା ଦରକାର" । ତାଙ୍କ କଥା ରହିଲା । କିଛି ଦିନ ବିଶ୍ରାମ ପରେ ପଣ୍ଡିତ ମହାଶୟ ପୁଣି ପୂର୍ବପରି ସକ୍ରିୟ ହୋଇ ଉଠିଲେ । ସକାଳୁ ଫୁଲତୋଳିବା,

ଲେଖାପଢ଼ା କରିବା, ବିଶ୍ୱବିଦ୍ୟାଳୟରେ ପାଠପଢ଼ାଇବା, ସନ୍ଧ୍ୟାବେଳେ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା, ବୈଦିକ କ୍ରିୟାନୁଷ୍ଠାନ ଦିବା, ପ୍ରେସ୍‌କୁ ଯାଇ ବହିଛପା କାମ ଦେଖିବା ଇତ୍ୟାଦି କାମ ଠିକ୍ ଭାବରେ କରିପାରିଲେ ।

ଇତ୍ୟବସରରେ ସେ ଭୁବନେଶ୍ୱରରେ ଥିବା ସାନଭାଇ ଡଃ ହରିମୋହନ ମିଶ୍ରଙ୍କ ଘରକୁ ଯାଇଥିଲେ । ସେଠାରେ ସେ ସାନଭାଇଙ୍କୁ କହିଲେ ଯେ ବୃହସ୍ପତି ମହାଦଶାରେ ବୁଧ କିମ୍ବା କେତୁ ଅନ୍ତରରେ ହିଁ ମାରକ ହେବ । ସାନଭାଇ କହିଲେ ଯେ ଏପରି ଅନେକ ମାରକଦଶା ମଧ୍ୟ ପଡ଼ୁଛି କିନ୍ତୁ କିଛି ଖରାପ ହେଉ ନାହିଁ । ତେଣୁ କିଛି ବ୍ୟସ୍ତ ହେବା ଉଚିତ ନୁହେଁ । ସେତେବେଳେ ସେ କିନ୍ତୁ କହିଲେ ଆସ୍ତେ ଆସ୍ତେ ଦେହଟା ଅଶକ୍ତ ହେଉଛି । କାମ କରିବାର ଶକ୍ତି କମିଯାଉଛି । ତେଣୁ ଏହି ବୃହସ୍ପତି ମହାଦଶାରେ ହିଁ ମାରକ ହେବ । ବସ୍ତୁତଃ ତାହାହିଁ ହେଲା ।

ମହାପ୍ରସ୍ଥାନ

ପ୍ରାଣୀର ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି । ପଣ୍ଡିତ ମହାଶୟ ଦୀର୍ଘ ଦିନ ରୋଗଶଯ୍ୟାରେ ପଡ଼ି ନାହାଁନ୍ତି, କାହାରି ଉପରେ ନିର୍ଭର କରି ନାହାଁନ୍ତି, କାହାର ସେବା ଶୁଶ୍ରୂଷା ଆବଶ୍ୟକ କରି ନାହାନ୍ତି । ଗଙ୍ଗାଜଳ ପାନ କରି, "ନାରାୟଣ" ନାମ ଉଚ୍ଚାରଣ କରି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଏଥିରୁ ତାଙ୍କର ପୁଣ୍ୟାତ୍ମତା ନିଃସନ୍ଦେହ ।

ମୃତ୍ୟୁ ପୂର୍ବର ସପ୍ତାହକ ଆଗରୁ ଫେବୃୟାରି ୧୩ ତାରିଖ ମଙ୍ଗଳବାର ସକାଳୁ ସବୁ ଦିନ ପରି ଦାଣ୍ଡପଟେ ଥିବା ଟଗର ଗଛରୁ ଫୁଲ ତୋଳୁଥାନ୍ତି ମୁଣ୍ଡ ବୁଲାଇବାରୁ ଘରକୁ ଆସି ପିଣ୍ଡା ଉପରେ ବସି ପଡ଼ିଲେ । ପାଣି ମୁନ୍ଦେ ପିଇବାକୁ ମାଗିଲେ । ପାଣିଟିକେ ପିଇବା ପରେ କିଛି କ୍ଷଣ ପାଇଁ ଚେତାଶୂନ୍ୟ ହୋଇପଡ଼ିଲେ । ଚେତା ଆସିବା ପରେ ଝାଡ଼ା ଯିବାପାଇଁ କହିଲେ । ଶୌଚ ହେବା ପରେ ପୁଣି ଅଚେତ୍ ହୋଇ ପଡ଼ିଲେ । ପାଖରେ ସହଧର୍ମିଣୀ ଥାନ୍ତି । ଏହି ସମୟରେ ଘରକାମ କରିବା ପାଇଁ ଦାଣ୍ଡୁ ଆସି ପହଞ୍ଚିଲେ । ଡାକ୍ତର ହୃଦାନନ୍ଦ ସାମନ୍ତଙ୍କୁ ଖବର ଦିଆଗଲା । ସେ

ଅନ୍ତିମ ଶଯ୍ୟାରେ ପଣ୍ଡିତ କୁଳମଣି ମିଶ୍ର
(୨୦-୨-୯୦)

ପୁରୀ ସ୍ୱର୍ଗଦ୍ୱାରରେ ଶବାଧାର



ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅସଂଖ୍ୟ
ଜନ ସମାରୋହରେ ଶବଯାତ୍ରା





ବନ୍ଧୁ, ସହକର୍ମୀ ଓ ଛାତ୍ର ଛାତ୍ରୀମାନଙ୍କ ଶେଷ ଦର୍ଶନ

ଆସି ପରୀକ୍ଷା କରି ଦେଖିଲେ ନାଡୀର ଗତି ଅତ୍ୟନ୍ତ କ୍ଷୀଣ ହୋଇଯାଇଛି । ତାଙ୍କ ଶରୀରରେ ଏହା ଏକ ମୃଦୁ ହାର୍ଟ ଷ୍ଟ୍ରୋକ୍ ଥିଲା । ହୃଦରୋଗ ବିଶେଷଜ୍ଞ, ଡାକ୍ତର ଷଡଙ୍ଗୀ ବାବୁ ଇ. ସି. ଜି. କରି କହିଲେ ଯେ ହୃତପିଣ୍ଡର ଇନ୍‌ଫେରିଅର୍ ୱାଲ୍‌ରେ ସାମାନ୍ୟ କ୍ଷତ ହୋଇଛି । ତେବେ ତାହା ଠିକ୍ ହୋଇଯିବାର ଯଥେଷ୍ଟ ସମ୍ଭାବନା ଅଛି । ବ୍ଲଡ କୋଲେଷ୍ଟ୍ରଲ ପରୀକ୍ଷା କରାଯିବାରେ ସାଧାରଣ ଠାରୁ କିଛି ଅଧିକା ଥିଲା । ଡାକ୍ତର ଶିବ ନାରାୟଣ ଆଚାର୍ଯ୍ୟ ମଧ୍ୟ ସବୁ ଦିନ ଆସି ଦେଖି ଯାଉଥିଲେ ।

ହାର୍ଟ ଷ୍ଟ୍ରୋକ୍‌ର ଖବର ଶୁଣି ପଣ୍ଡିତ ମହାଶୟଙ୍କର ବନ୍ଧୁ, ସହକର୍ମୀ, ଗୁଣୀ ଓ ଅଗଣିତ ପ୍ରିୟଜନ ବର୍ଗ ତାଙ୍କୁ ଦେଖିବାକୁ ଆସିଲେ । ଅବଶ୍ୟ ବିଶ୍ରାମରେ ବ୍ୟାଘାତ ସୃଷ୍ଟି ନହେବା ପାଇଁ ଅନେକଙ୍କୁ ସାକ୍ଷାତ ନକରି ଫେରିଯିବାକୁ ପଡ଼ିଥିଲା ।

ଫେବୃୟାରୀ ୧୯ ତାରିଖ ସୋମବାର । ସକାଳୁ ପଣ୍ଡିତ ମହାଶୟ କହିଲେ ଯେ ସେ ସୁସ୍ଥ ହୋଇଗଲେଣି । ଅଳ୍ପ ଗାଧୋଇବେ । ବାରଣ୍ଡାରେ ପୋଛି ପାଛି ହୋଇ ବେଡ଼୍‌ପ୍ୟାନ୍‌ରେ ଝାଡ଼ା ବସିଲେ । ଝାଡ଼ା ହେଲା ନାହିଁ । ଅଳ୍ପ ଖାଇଲେ । ତାପରେ ଔଷଧ ଖାଇ ବିଛଣାରେ ଶୋଇପଡ଼ିଲେ । ସାନଝିଅ ଚିଠି ଦେଇଥିଲା । ବିଛଣାରୁ ଉଠି ଚିଠି ଶୁଣିଲେ ଓ ଚିଠି ଲେଖିବାକୁ କହିଲେ । ବଡଝିଅ, ସାନଭାଇ ଓ ସମ୍ବନ୍ଧୀ ଏହିପରି ପାଞ୍ଚ ଜଣଙ୍କ ନିକଟକୁ ଚିଠି ଡାକିଲେ । ତାପରେ ଘରରେ ଟିକିଏ ବସିବାକୁ ଦାଣ୍ଡ ପଟକୁ ଯିବାକୁ କହିଲେ । କାହାକୁ ନଧରି ଚାଲି ଚାଲି ଦାଣ୍ଡ ପଟକୁ ଗଲେ । ବଗିଚାରୁ କିଛି ଗୋଡ଼ି ବାଛିଲେ । ଫେରି ଆସି ଅଳ୍ପ ଖାଦ୍ୟ ଖାଇ ଔଷଧ ଖାଇଲେ । ସେ କହିଲେ ପାଇଖାନା ନଯିବାରୁ ତାଙ୍କର ଝାଡ଼ା ଭଲ ହେଉ ନାହିଁ । ତେଣୁ ଟିକେ ପାଇଖାନାରେ ବସି ଆସିବେ । ଏହି ସମୟରେ ତାଙ୍କର ପ୍ରିୟଗୁଣୀ ଜୟକୃଷ୍ଣ ମିଶ୍ର ଆସି ପହଞ୍ଚିଲେ । ପଣ୍ଡିତ ମହାଶୟ ସହଧର୍ମିଣୀଙ୍କୁ କହିଲେ "ଜୟକୃଷ୍ଣକୁ ୫୦୦ ଟଙ୍କା ଦିଅ । ସେ ଗୋଟେ ଟେଲିଟିଣ ଆଣିଦେବେ ।" ଝାଡ଼ା ଯିବା ବେଳେ କଟକ ରାଧାରମଣ ପ୍ରେସର ପଞ୍ଜିକାର ଗଣକ ପଣ୍ଡିତ ଗଦାଧର ମହାପାତ୍ର ଆସି ୫୦ଖଣ୍ଡ ପାଞ୍ଜି ଦେଇ ଯାଇଥିଲେ । ପାଇ-ଖାନାରେ କିଛି ସମୟ ବିଳମ୍ବ ହେବାରୁ ସହଧର୍ମିଣୀ କବାଟ ଖୋଲି

ପଣ୍ଡିତ ମହାଶୟ ପଡ଼ିଯାଇଥିବାର ଦେଖିଲେ । ସେ ସମୟରେ ତାଙ୍କର ଚେତାନଥିଲା । ଡାକ୍ତର ସାମନ୍ତଙ୍କୁ ଡକାହେଲା । ସେ ପରୀକ୍ଷା କରି ଦେଖିଲେ ଯେ ନାଡ଼ୀ କ୍ଷୀଣ ହୋଇଯାଇଛି । ସେ କହନ୍ତି ସେତେବେଳେ କିଛି ସମୟ ପର୍ଯ୍ୟନ୍ତ ନାଡ଼ୀ ଆଦୌ ଚଳୁନଥିଲା । ସେ ଇଞ୍ଜେକ୍‌ସନ୍ ଔଷଧ ଦେବାରେ ଚେତା ଆସିଲା । ସେ ସ୍ୱାଭାବିକ କଥାବାର୍ତ୍ତା କଲେ । ଶ୍ରୀମତୀ କୁନ୍ତଳା ଆଚାର୍ଯ୍ୟ ଆସି ପହଞ୍ଚିଲେ ।

କିଛି ସମୟ ପରେ ପଣ୍ଡିତ ମହାଶୟ ସାସାନ୍ୟ ସୁସ୍ଥତା ବୋଧ କଲେ ଓ ଖଟ ଉପରେ ବିଶ୍ରାମ ନେଲେ । ତାଙ୍କ ଖଟ ଉପରେ ଦୁଇଟି ଚଉକି ପଡ଼ିଥାଏ ଓ ଏକକାଳୀନ ପ୍ରାୟ ଦୁଇ ତିନିଜଣରୁ ଅଧିକ ଲୋକଙ୍କୁ ସାକ୍ଷାତକାର ପାଇଁ ଛଡ଼ା ହେଉନଥାଏ । ସାକ୍ଷାତକାରୀମାନଙ୍କ ମଧ୍ୟରେ ଥିଲେ ଡାକ୍ତର, ଅତି ନିକଟ ବନ୍ଧୁ, ସ୍ୱଜନ, ପ୍ରିୟଜନ ଓ ଅନ୍ତରଙ୍ଗ ବନ୍ଧୁମାନେ ।

ସେଦିନ ଭୁହାକୁ ଭୁହା ବର୍ଷା ହେଉଥାଏ । ସନ୍ଧ୍ୟାବେଳୁ ବର୍ଷା ଓ ପବନ ଲାଗି ରହିଥିଲା । ପଣ୍ଡିତ ମହାଶୟଙ୍କୁ ଗ୍ଲୁକୋଜ୍ ସାଲାଇନ ଦିଆ-ଗଲା । ହୃଦଯନ୍ତ୍ରର କାର୍ଯ୍ୟ ଠିକ୍ ରଖିବା ପାଇଁ ଇଞ୍ଜେକସନ୍ ଦିଆଗଲା । ପାଖରେ ଅକ୍‌ସିଜେନ୍ ସିଲିଣ୍ଡର ପ୍ରସ୍ତୁତ କରି ରଖାଗଲା । ରାତି ୧୦ଟା ପର୍ଯ୍ୟନ୍ତ ସେ ସମସ୍ତଙ୍କ ସହିତ ସ୍ୱାଭାବିକ କଥାବାର୍ତ୍ତା କରୁଥିଲେ । ସେ କହିଲେ "ଝାଡ଼ା ଯାଇଥିଲି । କୁନ୍ଥେଇବାରେ ମୁଣ୍ଡ କ'ଣ ହୋଇଗଲା । ପଡ଼ିଗଲି । ଆଉ କିଛି ହେଉ ନାହିଁ । ଏବେ ଭଲ ଅଛି ।" ସେ ପୁଣି କହିଲେ "ତମେ ସବୁ ଏତେ ହଇରାଣ ହେଉଛ, ମୁଁ ଭଲ ଅଛି ମୋ ପାଇଁ ବ୍ୟସ୍ତ ହେବା ଦରକାର ନାହିଁ ।" ପ୍ରିୟଜନମାନଙ୍କୁ କହୁଥିଲେ "ଗୋଟିଏ ଭଲଯୋଗ ଥିଲା । ଅତି ପ୍ରିୟଜନମାନଙ୍କ ମୁହଁ ଅତି ନିକଟରେ ଦେଖିବାର ସୁଯୋଗ ମିଳୁଛି ।" ଏହି ସମୟରେ ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପଦ୍ମନାଭ ଦାସ ଆସିଲେ । ସେ କହିଲେ "ପଣ୍ଡିତ ମହାଶୟ, ଆପଣଙ୍କ ଜାତକଟି ଦେଲେ ମୁଁ ଜ୍ୟୋତିଷଙ୍କୁ ଦେଖାଇବି ।" ପଣ୍ଡିତ ମହାଶୟ ସଙ୍ଗେ ସଙ୍ଗେ ଜାତକଟି ଡାକିଲେ । ଡାକସାରି କହିଲେ "ପଢ଼ନ୍ତୁ, ଠିକ୍ ଲେଖିଲେ କି ନାହିଁ

ଦେଖିବା"। ପଢିବା ବେଳେ ତ୍ରୁଟି ଥିବାରୁ ସଂଶୋଧନ କରି ଲେଖିବାକୁ କହିଲେ। ମଝିଆ ଝିଅର ନଣନ୍ଦ (ଡାକ୍ତର ସାମନ୍ତଙ୍କ ସ୍ତ୍ରୀ) ଆସି ପହଞ୍ଚିଲେ। ତାଙ୍କୁ ଦେଖି ଖୁସି ହୋଇ କହିଲେ "ତୁ ମୋର ଝିଅ। ଝିଅମାନେ ତ କୋଉଠି କୁଆଡେ ରହିଲେ।" ଲକ୍ଷ୍ମୀଧର (ଜଗନ୍ନାଥ ସଂସ୍କୃତ ବିଶ୍ୱ-ବିଦ୍ୟାଳୟର କର୍ମଚାରୀ) ଆସି ପହଞ୍ଚିଲେ। ସହଧର୍ମିଣୀଙ୍କୁ ଡାକି କହିଲେ "ଲକ୍ଷ୍ମୀଧର ବହୁତ କାମ କଲେଣି। ସେ ୧୦୦ ଟଙ୍କା ନେଇଥିଲେ ତାଙ୍କ ଠାରୁ ଆଉ ଆଣିବ ନାହିଁ।"

ଶିଷ୍ୟ ଜୟକୃଷ୍ଣଙ୍କୁ କହିଲେ "ରାତି ହେଲାଣି। ତୁ ଯା' ପିଲାମାନେ ହଇରାଣ ହେଉଥିବେ।"

ସହଧର୍ମିଣୀ ଓ ସାନପୁଅ ଆଉକୁ ଚାହିଁ କହିଲେ "ଡାକ୍ତର ସାମନ୍ତ ଓ ଡାକ୍ତର ଶିବ ନାରାୟଣ ଆଚାର୍ଯ୍ୟ ଏମାନେ ବହୁତ କଷ୍ଟ କରି ଚିକିତ୍ସା କରୁଛନ୍ତି। ବନ୍ଧୁ ହିସାବରେ ପାରିଶ୍ରମିକ ତ ଦେଇହେବ ନାହିଁ। କିନ୍ତୁ ଔଷଧ ଉପଲକ୍ଷେ ବାବଦ ଯାହା ଖର୍ଚ୍ଚ ହୋଇଥିବ ତାଙ୍କୁ ଦେଇଦେବ।" ସେ ନାରାୟଣଙ୍କୁ ସ୍ମରଣ କଲେ ଓ ଗଙ୍ଗାଜଳ ମଗାଇ ଗଙ୍ଗାଜଳ ସାମାନ୍ୟ ପାନକଲେ। ସାନଜ୍ୱାଇଁଙ୍କୁ କହିଲେ "ଶରୀରେ ଜର୍ଜରୀଭୂତେ ବ୍ୟାଧିଗ୍ରସ୍ତେ-କଳେବରେ। ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋ ନାରାୟଣୋହରିଃ॥"

ସେ କହିଲେ "ମୋର ମହାମୃତ୍ୟୁଞ୍ଜୟ ମନ୍ତ୍ର ସ୍ମରଣ କରିବା ପାଇଁ ଇଚ୍ଛା ହେଉଛି କିନ୍ତୁ ଅଶୌଚ ହୋଇଥିବାରୁ ସ୍ମରଣ କରିପାରୁ ନାହିଁ।" ନିଶା ଇଞ୍ଜେକ୍‌ସନ୍‌ର ପ୍ରଭାବରେ ସେତିକେ ଶୋଇପଡ଼ିଲେ। ପାଖରେ ବସିଥାନ୍ତି ପତ୍ନୀ ଓ ମଝିଆଁ ଶଳା ବ୍ରହ୍ମାନନ୍ଦ ତ୍ରିପାଠୀ।

ରାତି ବାରଟାରେ ତାଙ୍କୁ ଆଉ ଗୋଟିଏ ଇଞ୍ଜେକ୍‌ସନ ଦେବାର କଥା। ଡାକ୍ତର ସାମନ୍ତ ଇଞ୍ଜେକ୍‌ସନ୍ ଦେଲେ। ପଣ୍ଡିତ ମହାଶୟ କଥାବାର୍ତ୍ତା କରୁଥାନ୍ତି। ଔଷଧ ଇଞ୍ଜେକ୍‌ସନର ପ୍ରାଚୁର୍ଯ୍ୟ ହେତୁ ଅସ୍ୱସ୍ତି ବୋଧ କରୁଥାନ୍ତି। "ନାରାୟଣ" "ନାରାୟଣ" କହୁଥାନ୍ତି। ରାତି ୧୨ ଟା ୩୫ ରେ ହିକ୍କା ଉଠିଲା। ୫-୬ ଥର ହିକ୍କା ଉଠିବା ପରେ ନାଡି

କମିଗଲା । ଅକ୍ସିଜେନ୍ ଦିଆଗଲା । ଶ୍ୱାସକ୍ରିୟା ବନ୍ଦ ହୋଇଯିବାରୁ ଡାକ୍ତର ସାମନ୍ତ କୃତ୍ରିମ ଶ୍ୱାସକ୍ରିୟା ପାଇଁ ବହୁତ ଚେଷ୍ଟାକରି ବିଫଳ ହେଲେ । ରାତ୍ରି ୧୦ଟା ୪୦ ସମୟରେ ପଣ୍ଡିତ ମହାଶୟ ଶେଷ ନିଶ୍ୱାସ ତ୍ୟାଗକଲେ ।

ପାଖରେଥିବା ଇଲେକ୍ଟ୍ରୋନିକସ୍ କାନ୍ଥ ଘଣ୍ଟାଟି ବନ୍ଦ ହୋଇଗଲା ଠିକ୍ ସେହି ସମୟରେ । ଘରର ଧଳା ପୋଷା ବିରାଡ଼ିଟି ସେଇ ରାତିରେ କୁଆଡେ ଗଲାଯେ ଆଉ ଫେରିନାହିଁ ।

ଅନ୍ତ୍ୟେଷ୍ଟି କ୍ରିୟା

ବର୍ଷା ମୁଖରିତ ରାତ୍ରି । ସତେ ଅବା ସନ୍ତପ୍ତ ଆକାଶରୁ ଅଶ୍ରୁର ଶ୍ରାବଣ । ଘନ ଅନ୍ଧକାରକୁ ଭ୍ରୂକ୍ଷେପ ନକରି ସାରା ସହରରେ ଖେଳିଗଲା ଏହି ଦାରୁଣ ସମ୍ବାଦ । ସମସ୍ତଙ୍କ ମୁହଁରେ ଦୁଃଖର ଛାୟା । ସେଦିନଠୁ ସକାଳକୁ ପଣ୍ଡିତ ମହାଶୟଙ୍କ ଶେଷ ଦର୍ଶନ ଲାଭ କରିବା ପାଇଁ ଶହଶହ ଲୋକ ଆସି ପହଞ୍ଚିଲେ । ଶ୍ରୀ ସଦାଶିବ ସଂସ୍କୃତ କେନ୍ଦ୍ରୀୟ ବିଦ୍ୟାପୀଠ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ଭିଡ଼ ଲାଗି ରହିଥିଲା । ଜଣଜଣ କରି ସମସ୍ତେ ପଣ୍ଡିତ ମହାଶୟଙ୍କର ଚରଣ ସ୍ପର୍ଶକରି ପ୍ରଣାମ କରୁଥାନ୍ତି । ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ଛାତ୍ର ଓ ଶିକ୍ଷକମାନେ ଉଚ୍ଚ କଣ୍ଠରେ ବେଦଗାନ କରିଥିଲେ । ହଜାର ହଜାର ଲୋକଙ୍କର ସମାବେଶରେ ଶବାଧାର ଯାତ୍ରା କରିଥିଲା । ସେ ସମୟରେ ଯିଏ ଦେଖିଥିବ ସେ ଉପଲବ୍ଧି କରିପାରିବ ପଣ୍ଡିତ ମହାଶୟଙ୍କ ପ୍ରତି ଜନସାଧାରଣଙ୍କର କିଭଳି ଭାବରେ ଶ୍ରଦ୍ଧା ରହିଥିଲା ।

ରାତିରେ ବର୍ଷା ହୋଇଥିବାରୁ ରାସ୍ତା କାଦୁଅ ହୋଇଥାଏ । ସେଇ କାଦୁଅରେ ମାଡ଼ି ମକଚି ହୋଇ ସମସ୍ତେ ଆଗେଇ ଚାଲିଥାନ୍ତି । ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ । ନିଜର ଲୁଗାପଟା ପ୍ରତି କାହାର ଭ୍ରୂକ୍ଷେପ ନାହିଁ । "ରାମନାମ ତାରକମ୍ । ଭୁକ୍ତି ମୁକ୍ତି ଦାୟକମ୍", "ପଣ୍ଡିତଜୀ ଅମର ରହେ" ଇତ୍ୟାଦି ଧ୍ୱନିରେ ରାସ୍ତା କମ୍ପି ଉଠୁଥାଏ । ସ୍ୱର୍ଗ ଦ୍ୱାରରେ ହିନ୍ଦୁଧର୍ମୀୟ

ସ୍ମୃତି ମାନ୍ଦରେ ପୂଜାପାଠ ହେଲାପରେ ତାଙ୍କର ମରଣଶରୀରକୁ ଦାହ କରାଗଲା । ସାନପୁଅ ଉମାକାନ୍ତ ମୁଖାଗ୍ନି ଦେଇଥିଲେ । ହଜାର ହଜାର ଲୋକ ଶେଷଥର ପାଇଁ ଅଶ୍ରୁତର୍ପଣ କରିଥିଲେ ।

ସେହିଦିନ (୨୦ ତାରିଖ) ଏହି ଦୁଃଖ ଖବର ଦୂର ଦୂରାନ୍ତକୁ ଖେଳି-ଗଲା । ଆକାଶବାଣୀର ଆଞ୍ଚଳିକ ସଂବାଦ ଓ ଦୈନିକ ସମ୍ବାଦପତ୍ର ମାନଙ୍କରେ ପଣ୍ଡିତ ମହାଶୟଙ୍କର ମୃତ୍ୟୁ ସଂବାଦ ପ୍ରକାଶିତ ହୋଇଥିଲା । ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ବନ୍ଧୁବାନ୍ଧବ, ପୂର୍ବ ଛାତ୍ରୀ, ସଂସ୍କୃତ ଜଗତ୍, ଶିକ୍ଷାବିତ୍ ତଥା ଅନ୍ୟାନ୍ୟ ବ୍ୟକ୍ତି ବିଶେଷ, ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଏପରିକି ଥରେ ମାତ୍ର ଆସିଥିଲେ, ସେମାନେ ମଧ୍ୟ ଦୁଃଖ ପ୍ରକାଶ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଲିଖିତାକାରରେ ଶୋକବାର୍ତ୍ତା ପଠାଇ ଥିଲେ ।* ପଣ୍ଡିତ ମହାଶୟ ଯେଉଁ ଅନୁଷ୍ଠାନ ମାନଙ୍କ ସହ ସଂପୃକ୍ତ ଥିଲେ ସେମାନେ ସ୍ବତନ୍ତ୍ରଭାବେ ଶୋକସଭା ମାନ କରି ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । *

୨୮ ତାରିଖ ଦିନ ପଣ୍ଡିତ ମହାଶୟଙ୍କର ଦଶାହ କ୍ରିୟା ପାଳନ କରାଯାଇଥିଲା । ଲୋଡ୍‌ସେଡ଼ିଙ୍ଗ୍ ଯୋଗୁଁ ପ୍ରତ୍ୟେକ ଦିନ ସଂଧ୍ୟା ବେଳେ ଦୁଇଘଣ୍ଟା ଲେଖାଏଁ ବିଜୁଳି କାଟ ହେଉଥିଲା । କିନ୍ତୁ ଇଲେକ୍‌ସନ ଥିବାରୁ ଲୋକଙ୍କୁ ସେଦିନ ବିଜୁଳି କାଟ ହୋଇନଥିଲା । ସେ ସମୟରେ ଆଉ ଗୋଟିଏ ଅଦ୍ଭୁତ ଘଟଣା ହୋଇଥିଲା । ତା ପୂର୍ବରୁ ପ୍ରତ୍ୟେକ ଦିନ ବର୍ଷା ପବନ ଝଡ଼ ଲାଗି ରହିଥିଲା । କିନ୍ତୁ ନବମୀ ଓ ଦଶାହ ଦିନ ବର୍ଷା ସମ୍ପୂର୍ଣ୍ଣ ରୂପେ ଛାଡ଼ିଯାଇ ଖରା ହୋଇଥିଲା ଓ ଆକାଶ ନିର୍ମଳ ରହିଥିଲା । ପ୍ରକାଶ ଥାଉକି ତାପର ଦିନ ଠାରୁ ପୁଣି ଖୁବ୍ ଜୋରରେ ବର୍ଷା ଆରମ୍ଭ ହୋଇ ଯାଇଥିଲା । ସେଦିନ ବିବାହ ତିଥି ଥିବାରୁ ଲୋକମାନେ ବହୁତ ହଇରାଣ ହୋଇଥିଲେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା ପଣ୍ଡିତ ମହାଶୟ ଧର୍ମାତ୍ମା ଥିବାରୁ ତାଙ୍କ ଦଶାହକୁ ବର୍ଷା ଛାଡ଼ିଗଲା ।

---

* ସେହି ଶୋକବାର୍ତ୍ତା ଗୁଡ଼ିକର କିଛିତ ଉଦ୍ଧୃତାଂଶ ପୁସ୍ତକାରମ୍ଭରେ "ଶ୍ରଦ୍ଧାଞ୍ଜଳୀ" ଓ "ଶୋକ ପ୍ରସ୍ତାବ" ଅଧ୍ୟାୟରେ ସନ୍ନିବିଷ୍ଟ କରାଯାଇଛି ।

ପାଗ ଭଲ ଥିବାରୁ ପ୍ରିୟଜନ ମାନେ ଦଶାହ କାର୍ଯ୍ୟରେ ନିର୍ବିଘ୍ନରେ ଯୋଗଦେଇ ଥିଲେ । ସନ୍ଧ୍ୟାବେଳୁ ବେଦପାଠ ଆରମ୍ଭ ହେଲା । "ପୁରୁଷସୂକ୍ତ"ର ପବିତ୍ର ମନ୍ତ୍ରଧ୍ୱନିରେ ଚତୁର୍ଦ୍ଦିଗ ଝଙ୍କୃତ ହୋଇଗଲା । ଦୂରଦୂରାନ୍ତରୁ ଆସିଥିବା ପଣ୍ଡିତ ମହାଶୟଙ୍କର ଛାତ୍ରମାନେ ତାଙ୍କର ମାଲ୍ୟାର୍ପିତ ଚିତ୍ରପଟକୁ ପ୍ରଣାମ କରିଥିଲେ ।

ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ଶ୍ରୀମନ୍ଦିରର ମୁଖପତ୍ର "ନୀଳକନ୍ଦର"ର ସେଦିନ ପଣ୍ଡିତ ମହାଶୟଙ୍କର ସ୍ମୃତି ବିଶେଷାଙ୍କ ଏକ ସ୍ୱତନ୍ତ୍ର ପ୍ରକାଶନ ବାହାରିଥିଲା । ତାହା ଦଶାହ କାର୍ଯ୍ୟରେ ଯୋଗ ଦେଇଥିବା ଗୁଣୀ ଜନ ମାନଙ୍କ ମଧ୍ୟରେ ବଣ୍ଟା ହୋଇଥିଲା ।

ପଣ୍ଡିତ ମହାଶୟଙ୍କ ସ୍ମୃତି ଉଦ୍ଦେଶ୍ୟରେ କେତୋଟି ପଦକ୍ଷେପ

୧. **ନୀଳକନ୍ଦର (ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ମୁଖପତ୍ର)ର ପଣ୍ଡିତ କୁଳମଣି ମିଶ୍ର ଶର୍ମା ସ୍ମୃତି ବିଶେଷାଙ୍କ :**

ଏହି ସ୍ୱତନ୍ତ୍ର ପ୍ରକାଶନଟି ପଣ୍ଡିତ ମହାଶୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ତାଙ୍କ ସଂସ୍ପର୍ଶରେ ଆସିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଅନୁଭୂତିକୁ ନେଇ ଏହି ପୁସ୍ତକଟି ସଂକଳିତ । ଏଥିରେ ଶ୍ଳୋକବଦ୍ଧ ପ୍ରାୟ ୧୮ଟି ଲେଖା ପ୍ରକାଶ ପାଇଛି । ଏହା ପଣ୍ଡିତ ମହାଶୟଙ୍କ ଦଶାହ ଦିନ ପ୍ରକାଶିତ ହୋଇଥିଲା ଓ ଉପସ୍ଥିତ ସଦ୍‌ଜନଙ୍କ ମଧ୍ୟରେ ବିତରଣ କରାଯାଇଥିଲା । ପ୍ରତି ଲେଖାର କିଞ୍ଚିତ୍ ଉଦ୍ଧୃତାଂଶ "ଶ୍ରଦ୍ଧାଞ୍ଜଳୀ"ରେ ଅନ୍ତର୍ଭୁକ୍ତ କରାଯାଇଛି ।

୨ **ବ୍ରହ୍ମାଞ୍ଜଳି : (ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗ ଧର୍ମଶାସ୍ତ୍ର ଗବେଷଣା ପତ୍ରିକାର ପଣ୍ଡିତ କୁଳମଣି ମିଶ୍ର ସ୍ମୃତି ସଂଖ୍ୟା)**

ଉକ୍ତ ସଂଖ୍ୟାରେ ପଣ୍ଡିତ ମହାଶୟଙ୍କ ଜୀବନ ଗାଥିକା ଓ ତାଙ୍କର ପ୍ରକାଶିତ/ଅପ୍ରକାଶିତ ପୁସ୍ତକ ତଥା ପ୍ରବନ୍ଧାଦିର ଏକ ପୂର୍ଣ୍ଣାଙ୍ଗ ତାଲିକା ବାହାରିଥିଲା । ତାଙ୍କ ଲିଖିତ "କଲସାର ଗଦାଧରୟୋଃ ସମୀକ୍ଷା" ନାମକ ପ୍ରବନ୍ଧ ଆଧାର ପ୍ରବନ୍ଧ ରୂପେ ସ୍ଥାନ ପାଇଥିଲା । ପଣ୍ଡିତ ମହାଶୟଙ୍କର

ଏହା ଅକ୍ରମ ପ୍ରବନ୍ଧ । ପଣ୍ଡିତ ମହାଶୟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ସଂଖ୍ୟାରେ ପ୍ରଫେସର ଲଡ଼ୁକେଶ୍ୱର ଶତପଥୀ ଶୋକାଞ୍ଜଳି "ନିର୍ବିବେକୋ ବିଧାତା" ଲେଖିଥିଲେ ।

୩. ପଣ୍ଡିତ ଶ୍ରୀ କୁଳମଣି ମିଶ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା

ପୁରୀ, ତା ୨୬ । ୨ (ସ୍ୱ.ପ୍ର)—ଗତ ୨୪ ତାରିଖ ଦିନ ସ୍ଥାନୀୟ ରଘୁନନ୍ଦନ ଲାଇବ୍ରେରୀଠାରେ ସଂଧ୍ୟା ୬.୩୦ ମିନିଟ୍ ସମୟରେ ସ୍ୱର୍ଗତ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଶର୍ମାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପୁରୀନଗରବାସୀ ଏବଂ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ, ଶ୍ରୀମନ୍ଦିର ପୁରୀର ମିଳିତ ଉଦ୍ୟମରେ ଆୟୋଜିତ ପ୍ରାର୍ଥନାସଭା ଅନୁଷ୍ଠିତ କରାଯାଇଥିଲା । ଏଥିରେ ସଂସ୍କୃତ ମଣ୍ଡଳ ସଭାପତି ଶ୍ରୀ ହରିହର ବାହିନୀପତି ସଭାପତିତ୍ୱ କରିଥିଲେ । ସଂକଳ୍ପ ସୂକ୍ତ ପାଠ କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ନିମାଇଁ ଚରଣ ମହାନ୍ତି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ବୈଦିକ ଶିକ୍ଷାନୁଷ୍ଠାନର ଶିକ୍ଷକ ବୃନ୍ଦ ଏବଂ ସମସ୍ତ ଛାତ୍ରବୃନ୍ଦ ଉପସ୍ଥିତ ରହି ଜଗନ୍ନାଥଙ୍କ ନିକଟରେ ସେହି ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ । ତତ୍ ସଙ୍ଗେ ସଙ୍ଗେ ପଣ୍ଡିତ ଜଗବନ୍ଧୁ ପାଠୀ, ଶରତ ରାଜତରାୟ, ସର୍ବେଶ୍ୱର ଦାସ, ଲଡ଼ୁକେଶ୍ୱର ଶତପଥୀ, ତ୍ରିଲୋଚନ ମିଶ୍ର, ଭାଗବତ ତ୍ରିପାଠୀ, ବୈକୁଣ୍ଠ ବିହାରୀ ନନ୍ଦ ତଥା ବହୁ ବିଦ୍ୱାନ ମଣ୍ଡଳୀ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡିତଙ୍କ ସମ୍ପର୍କରେ ବହୁ ମୂଲ୍ୟବାନ ମନ୍ତବ୍ୟମାନ ପ୍ରକାଶ କରିଥିଲେ । ସର୍ବଶେଷରେ ପୁରୀ ନଗରବାସୀଙ୍କ ତରଫରୁ ସ୍ୱର୍ଗତ ପଣ୍ଡିତଙ୍କ ସ୍ମୃତି ରକ୍ଷା ନିମନ୍ତେ ଏକ କମିଟି ଗଠନ କରିବା ପାଇଁ ସ୍ଥିରୀକୃତ କରାଯାଇ ସଭା ଭଙ୍ଗ କରାଯାଇଥିଲା ।

ପ୍ରଜାତନ୍ତ୍ର—୨୯ ଫେବୃୟାରୀ

୪. ପଣ୍ଡିତ କୁଳମଣି ମିଶ୍ରଙ୍କ ଦଶାହ ଉପଲକ୍ଷେ ଭଜନ ସମାରୋହ

ପୁରୀ, ୩ । ୩—ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କ ଦଶାହ ଉପଲକ୍ଷେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଫେବୃୟାରୀ ୨୮ ତାରିଖରେ

ଏକ ଭଜନ ସମାବେଶ ଅନୁଷ୍ଠିତ ହୋଇଥିଲା । ଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅଧ୍ୟକ୍ଷ ସମସ୍ତେ ବିଷ୍ଣୁ ସହସ୍ର ନାମ ପାଠ କରିଥିଲେ । ପଣ୍ଡିତ ମହାଶୟଙ୍କ ଆତ୍ମାର ଶାନ୍ତି କାମନା କରି ବିଦ୍ୟାପୀଠରେ ଶ୍ରୀ ଜଗନ୍ନାଥଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ।

ପ୍ରଜାତନ୍ତ୍ର ମାର୍ଚ୍ଚ ୫ ତାରିଖ

୫. ବ୍ରେଟାଣ୍ଡ କ୍ଲବ୍ ତରଫରୁ ଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପଣ୍ଡିତ ମହାଶୟଙ୍କ ସ୍ମୃତି ଉପଲକ୍ଷ୍ୟେ ପୁରସ୍କାର ବିତରଣ କରାଯିବାର ବ୍ୟବସ୍ଥା ହୋଇଛି ।

୬. ପ୍ରତ୍ୟେକ ବର୍ଷ ଶ୍ରାଦ୍ଧ ଦିବସରେ ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀ ଜଗନ୍ନାଥ ମନ୍ଦିର, ମାଧ୍ୟମରେ ବ୍ରାହ୍ମଣ ଭୋଜନର ବ୍ୟବସ୍ଥା କରାଯାଇଛି ।

୭. ସ୍ମରଣିକା : ପଣ୍ଡିତ ମହାଶୟଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ପ୍ରକାଶିତ ଏହି ସଂଖ୍ୟାରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଲେଖା ସ୍ଥାନ ପାଇଛି ।

ସ୍ମରଣୀୟ ଘଟଣାବଳୀ

୨୨ । ୧୨ । ୧୮ ରବିବାର ପୌଷ କୃଷ୍ଣ ପଞ୍ଚମୀ ଧନୁ ୮ ଦିନ ସୂର୍ଯ୍ୟାସ୍ତରେ ଆବିର୍ଭାବ ।

୧୭ । ୭ । ୪୫ ପୁରୀ ସଂସ୍କୃତ କଲେଜର ସ୍ମୃତି ଅଧ୍ୟାପକ ରୂପେ ଯୋଗଦାନ

୨୦ । ୧୨ । ୪୮ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷା କମିଟିରେ ସଭ୍ୟରୂପେ ମନୋନୀତ ।

୧୬ । ୧୨ । ୫୦ ଶ୍ରୀ ସଂସ୍କୃତ କାର୍ଯ୍ୟାଳୟ, ଅଯୋଧ୍ୟା, ତରଫରୁ ପଣ୍ଡିତ ମହାଶୟଙ୍କୁ ସାହିତ୍ୟ ରତ୍ନ ଉପାଧି ଅର୍ପଣ ।

୨୪ । ୮ । ୫୭ ଭୁବନେଶ୍ୱର ମ୍ୟୁଜିଅମ୍ ପକ୍ଷରୁ ପଣ୍ଡିତ ମହାଶୟଙ୍କୁ ରିସର୍ଚ୍ଚ ବୋର୍ଡ଼ର ସଭ୍ୟରୂପେ ମନୋନୀତ କରାଯାଇଥିଲା । (ଚିଠି ନମ୍ବର ୧୧୫/୫୭-୮୨୯(୧୧) । ଏହିପତ୍ରର ସ୍ୱୀକୃତି ସୂଚକ ଉତ୍ତର ପଣ୍ଡିତ ମହାଶୟ ତା ୩୧-୮-୫୭ ରେ ପଠାଇଥିଲେ ।

୨୪ । ୧୦ । ୬୧ ସାଙ୍ଗରେ ୧୫ ଜଣ ଛାତ୍ରଙ୍କୁ ନେଇ ମାନ୍ଦ୍ରାସ୍, ମହୀଶୂର, ବମ୍ବେ, କଲିକତା ଭ୍ରମଣରେ ଯାଇଥିଲେ ।

୨୪ । ୧୦ । ୬୧ ଶ୍ରୀ ସଂସ୍କୃତ କାର୍ଯ୍ୟାଳୟ, ଔରେୟା,, ଅଯୋଧ୍ୟା, ପଣ୍ଡିତ ମହାଶୟଙ୍କୁ ପଦ୍ୟାଭୂଷଣ ଉପାଧିରେ ଭୂଷିତ କରିଥିଲେ ।

୧୫ । ୧୨ । ୬୨ ପୁରୀ ଜେଲ୍‌ରେ ଧର୍ମୋପଦେଶକ ରୂପେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇବା । ଏହାପୂର୍ବରୁ ତା ୧୫-୯-୬୨ରେ ଏ. ଡି. ଏମ୍. ପତ୍ରଦ୍ୱାରା ପୁରୀ ଜେଲ୍‌ରେ ଧର୍ମୋପଦେଶ ଦେବା ପାଇଁ ଅନୁରୋଧ କରିଥିଲେ ।

---

* ଘଟଣା ଗୁଡ଼ିକ ମଧ୍ୟରୁ ପ୍ରାପ୍ତ ସମସ୍ତ ପଣ୍ଡିତ କୁଳମଣି ମିଶ୍ରଙ୍କ ଡାଏରୀରୁ ଉଦ୍ଧୃତ ।

୧ । ୪ । ୬୩ ପୁରୀ ସଂସ୍କୃତ କଲେଜରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଭାର ଗ୍ରହଣ କରିଥିଲେ । ଦୀର୍ଘ ୬ ବର୍ଷରୁ ଅଧିକ କାଳ ଦାୟିତ୍ୱ ତୁଲାଇବା ପରେ ୧୦-୭-୬୯ରେ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟରୁ ବିଦାୟ ନେଇଥିଲେ ।

୧ । ୩ । ୬୫ ସଦାଶିବ ସଂସ୍କୃତ କଲେଜର ୬ ଜଣ ଛାତ୍ରଙ୍କୁ ସାଙ୍ଗରେ ନେଇ ରାଉରକେଲା ଭ୍ରମଣରେ ଯାଇଥିଲେ । ଗଲାବେଳେ ବାଟରେ ଭୁବନେଶ୍ୱର ଠାରେ ସଚ୍ଚିଦାନନ୍ଦ ସରସ୍ୱତୀଙ୍କୁ (ବେମାର ଥିବାର) ଦେଖିଲେ । ତାର ଦୁଇଦିନ ପରେ ସଚ୍ଚିଦାନନ୍ଦ ସରସ୍ୱତୀ ତା ୩-୩-୬୫ ରେ ସ୍ୱର୍ଗତ ହୋଇଥିଲେ ।

୧୧ । ୪ ୬୭ ଶ୍ରୀଯୁକ୍ତ ବିମଳ କିଶୋର ମିଶ୍ର, ସେକ୍ରେଟେରୀଙ୍କ ସଭାପତିତ୍ୱରେ, ପୁରୀ କଲେକ୍ଟରଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିବା ବିଷୁବ ସଂକ୍ରାନ୍ତି ସମ୍ବନ୍ଧୀୟ ସଭାରେ ସଂକ୍ରାନ୍ତି ସଂପର୍କରେ ଉପୁଜିଥିବା ଦ୍ୱନ୍ଦ୍ୱକୁ ସମାଧାନ କରି ଶାସ୍ତ୍ର-ମତାନୁସାରେ ସଂକ୍ରାନ୍ତି ନିର୍ଣ୍ଣୟ କରିଥିଲେ ।

୧୯ । ୭ । ୬୭ "ଜୟଦେବ ଗୀତଗୋବିନ୍ଦ" ସମିତିର ଏଡ଼ିଟୋରିଆଲ ବୋର୍ଡରେ ସଭ୍ୟରୂପେ ମନୋନୀତ ହୋଇଥିଲେ । ଗୀତଗୋବିନ୍ଦର ନାରାୟଣ ଦାଶଙ୍କ କୃତ ଟୀକା ଓଡ଼ିଆ-ମଠରୁ ଆଣି ପଣ୍ଡିତ ମହାଶୟ ଉକ୍ତ ସମିତିକୁ ଦିଆଇ-ଥିଲେ ଏବଂ ଏହି ଶ୍ରୁତିରଞ୍ଜିନୀ ଟୀକା ସଂଶୋଧନ କରିଥିଲେ ।

୧ । ୧ । ୬୮ ରଘୁନନ୍ଦନ ଲାଇବ୍ରେରୀରେ ଅନୁଷ୍ଠିତ ହେଉଥିବା "ଶ୍ରୀଜଗନ୍ନାଥ ସେବାୟତ ଯୁବ ସମ୍ମେଳନ"ରେ "ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ଧର୍ମ" ବିଷୟକ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ । ଏହି ସଭା ଜଗନ୍ନାଥ ସେବାୟତ ଯୁବ ସମ୍ମେଳନ ପକ୍ଷରୁ ଆୟୋଜିତ ହୋଇଥିଲା ଓ ପଣ୍ଡିତ ବୀର ହନୁମାନ ଶାସ୍ତ୍ରୀ ଏହାର ପୁରୋଧା ଥିଲେ ।

୧୦ । ୨ । ୬୮ ଷ୍ଟେଟ୍ ଆଲ୍‌ମନାକ୍ କମିଟିର ସଭ୍ୟରୂପେ ସ୍ୱୀକୃତ ହୋଇଥିଲେ (ଶ୦ ନଂ ୫୪୨) ।

୧ । ୪ । ୬୮ ସଦାଶିବ ସଂସ୍କୃତ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସାଧାରଣ ସଂପାଦକ ହୋଇ କାମ କରିଥିଲେ । ଏହି ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶିତ "ସ୍ମରଣିକା"ରେ ପଣ୍ଡିତ ମହାଶୟଙ୍କ ଲିଖିତ "କର୍ମବିବେକଃ" ପ୍ରକାଶିତ ହୋଇଥିଲା ।

୨ । ୭ । ୬୯ ସଂସ୍କୃତ ଅଫିସ୍ ପକ୍ଷରୁ ଯାଇ ପାରଳାଖେମୁଣ୍ଡି ସଂସ୍କୃତ କଲେଜରେ ସେଦିନ ସଂଧ୍ୟାରେ ସଂସ୍କୃତରେ ଭାଷଣ ଦେଇଥିଲେ ।

୨୪ । ୧ । ୭୦ ଦିଲ୍ଲୀ ଠାରେ ଅନୁଷ୍ଠିତ ହେଉଥିବା ନିଖିଳ ଭାରତ ସଂସ୍କୃତ ଛାତ୍ର ଭାଷଣ ପ୍ରତିଯୋଗିତାରେ ପଣ୍ଡିତ ମହାଶୟ ଛାତ୍ରମାନଙ୍କୁ ନେଇ ଛାତ୍ର ଅଭିଭାବକ ରୂପେ ଯୋଗ ଦେଇଥିଲେ । ୨୬ ତାରିଖ ଦିନ ଦିଲ୍ଲୀରେ ସାଧାରଣତନ୍ତ୍ର ଉତ୍ସବ ଦେଖିଥିଲେ ।

୮ । ୫ । ୭୦ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଶ୍ରୀ ବାସୁଦେବ ମିଶ୍ରଙ୍କ ସ୍ମୃତି ଉପଲକ୍ଷେ ଦୈନିକ ସମାଜରେ "ଗୁରୁସ୍ମୃତି" ଲେଖିଥିଲେ ଓ ସେଦିନ ପ୍ରଧାନାଚାର୍ଯ୍ୟଙ୍କ ସ୍ମୃତିରକ୍ଷା କମିଟିର ସମ୍ପାଦକଭାବେ ପୂଜ୍ୟଗୁରୁ ୰ ବାସୁଦେବ ମିଶ୍ରଙ୍କ ତୈଳଚିତ୍ର ଉଦ୍‌ଘାଟନ ପଦ୍ମଭୂଷଣ ରାଧାନାଥ ରଥଙ୍କ ଦ୍ୱାରା କରାଇଥିଲେ । ଡଃ ହରେକୃଷ୍ଣ ମହତାବ ତୈଳଚିତ୍ର ଉନ୍ମୋଚନ ସଭାର ସଭାପତି ଥିଲେ । ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ ପ୍ରମୁଖ ବହୁତ ମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

୧୪ । ୮ । ୭୦ ସଦାଶିବ ସଂସ୍କୃତ କଲେଜରେ ଗଭର୍ଣ୍ଣିଙ୍ଗ୍ ବଡି ସଭ୍ୟରୂପେ ସ୍ୱୀକୃତ ।

୧୭ । ୮ । ୭୨ (ସଂଧ୍ୟା) ଭାରତୀୟ ସ୍ୱାଧୀନତାର ରଜତଜୟନ୍ତୀ ଉପଲକ୍ଷେ ଶ୍ଳୋକାନ୍ତ ପ୍ରତିଯୋଗିତାରେ ଯୋଗ ଦେଇଥିଲେ । ଏଥି ନିମନ୍ତେ ତା ୭ । ୮ । ୭୨ ରେ ସାହିତ୍ୟ ଏକାଡେମିରୁ ୮୩୬ (୨୨) ନମ୍ବର ଚିଠି ଆସିଥିଲା ଓ ତା ୯-୮-୭୨ରେ ସଂଶୋଧିତ ଚିଠି ଆସିଥିଲା ।

୯ । ୧ । ୭୩ ମକର ସଂକ୍ରାନ୍ତି ନିଷ୍ପତ୍ତି ନିମନ୍ତେ ଶ୍ରୀମନ୍ଦିର ପରିଚାଳକଙ୍କ ଆହ୍ୱାନ କ୍ରମେ ସଭାରେ ଯୋଗଦାନ ଓ ୧୪-୧-୭୩ରେ ସଂକ୍ରାନ୍ତି ବିଧେୟ ବୋଲି ମତଦାନ ।

୫ । ୬ । ୭୩ ରୁ ୮-୧୦-୭୩ ପର୍ଯ୍ୟନ୍ତ ସର୍ବକ୍ଷମତା ସହ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ପ୍ରିନ୍‌ସିପାଲ ଦାୟିତ୍ୱ ।

୧୦ । ୩ । ୭୪ ରୁ ୧୦-୫-୭୪ ପର୍ଯ୍ୟନ୍ତ ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ପୂର୍ଣ୍ଣ କ୍ଷମତା ସହିତ ପ୍ରିନ୍‌ସିପାଲଙ୍କ ଦାୟିତ୍ୱ ପରିବହନ ।

୨୫ । ୮ । ୭୫ ବଲାଙ୍ଗୀର କଲେଜରେ ଅଧ୍ୟାପକ ନିଯୁକ୍ତି ବୋର୍ଡରେ ଏକ୍‌ସ୍‌ପର୍ଟ ରୂପେ ଡିରେକ୍ଟରଙ୍କ ଅଫିସରୁ ନିମନ୍ତ୍ରଣ ।

୩୦ । ୩ । ୮୬ କଟକ ଉତ୍କଳ ସାହିତ୍ୟ ସମାଜ ହଲ୍‌ରେ ନିତ୍ୟାନନ୍ଦ କାନୁନ୍‌ଗୋଙ୍କର ସଭାପତିତ୍ୱରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ଛାତ୍ରମାନଙ୍କୁ ନେଇ ସଂସ୍କୃତ ଭାଷାରେ ଏକ ପାଲାର ଆୟୋଜନ କରାଇଥିଲେ । ଏଥିପାଇଁ ସାଙ୍ଗରେ ୨୪ଜଣ ଛାତ୍ର ଯାଇଥିଲେ ।

୨୭ । ୭ । ୭୬ ପୁରୀ ଜିଲ୍ଲା ନିର୍ବାଚନ ମଣ୍ଡଳୀରୁ ସଂସ୍କୃତ ସଂସ୍ଥାନର ସଭ୍ୟ ରୂପେ ପ୍ରଥମ ସ୍ଥାନରେ ନିର୍ବାଚିତ ବୋଲି ସରକାରୀ ଭାବେ ଘୋଷଣା କରାଗଲା ।

୨୬ । ୧୦ । ୭୬ ଉତ୍କଳ ସଂସ୍କୃତ ପରିଷଦର ସଭ୍ୟ ଭାବେ ପ୍ରଥମେ ଯୋଗ ଦେଇଥିଲେ ।

୩୦ । ୧୦ । ୭୭ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ, ଶ୍ରୀମନ୍ଦିର, ପୁରୀ,ର ସ୍ଥାୟୀ ସଭାପତି ଭାବେ ଅଧିଷ୍ଠିତ ହୋଇଥିଲେ ।

୧ । ୬ । ୭୮ ରୁ ୩-୬-୭୮ ପୁନାରେ ଅନୁଷ୍ଠିତ ହୋଇଥିବା ଅଖିଳ ଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମେଳନ (All India Oriental Conference ରେ) ଯୋଗଦାନ । ସମ୍ମେଳନର ଦ୍ୱିତୀୟ ଦିବସରେ ପ୍ରବନ୍ଧ ପାଠ ।

୧୨ । ୬ । ୭୮ ଡଃ ପ୍ରାଣକୃଷ୍ଣ ପରିଜାଙ୍କ ଦଶାହ ଉପଲକ୍ଷେ ଅନୁଷ୍ଠିତ ସଭାରେ ପୁରୀ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୯୪୮ ନମ୍ବର ଚିଠିରେ ନିମନ୍ତ୍ରିତ ହୋଇ ଯୋଗଦାନ ।

୩୧ । ୮ । ୭୮ ଧର୍ମଶାସ୍ତ୍ର ଓ କର୍ମକାଣ୍ଡର ପାଠ୍ୟ ନିର୍ମାଣ ନିମନ୍ତେ ଡାଇରେକ୍ଟରଙ୍କ ଦ୍ୱାରା ନିଯୁକ୍ତ ।

୩୧ । ୧୦ । ୭୮ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀ ପକ୍ଷରୁ ଚିଠି ନମ୍ବର *NR4/ 78-79/1643(4)* ଦ୍ୱାରା ରିସର୍ଚ୍ଚ କମିଟିରେ ମେମ୍ବର ରୂପେ ନିଯୁକ୍ତି ପାଇବା ।

୧୬ । ୧୨ । ୭୮ ଦୁଇ ପୁଅ, ସାନଝିଅ ଓ ସହଧର୍ମିଣୀଙ୍କ ସହ ଦକ୍ଷିଣ ଭାରତ ଭ୍ରମଣ ନିମନ୍ତେ ଯାତ୍ରା । ଦକ୍ଷିଣ ଭାରତରେ ରାମେଶ୍ୱର, କନ୍ୟାକୁମାରୀ, ମଦୁରାଇ, ମାଡ୍ରାସ, ଶ୍ରୀରଙ୍ଗପତ୍ତନ, ବେଙ୍କଟାଦ୍ରି ଇତ୍ୟାଦି ଭ୍ରମଣ । ତା ୨୪ ୧୨-୭୮ରେ ରାମେଶ୍ୱର ଶିବଲିଙ୍ଗଙ୍କ ଦର୍ଶନ ।

୧୦ । ୧ । ୭୯ ୮ଜଣ ଛାତ୍ରଙ୍କୁ ସାଙ୍ଗରେ ନେଇ ଇଲେକ୍ୟୁଏସନ୍ କଣ୍ଟେଷ୍ଟ ନିମନ୍ତେ ଗୌହାଟୀ ଯାତ୍ରା ।

୮ । ୨ । ୭୯ ସ୍ନାତକୋତ୍ତର ବିଭାଗରେ ଅଶୋକ ଚଟ୍ଟାର୍ଜୀଙ୍କର ବିଶିଷ୍ଟ ବ୍ୟାଖ୍ୟାନ ସଭାରେ ସଭାପତିତ୍ୱ ।

୩୦ । ୪ । ୭୯ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରୁ ଅବସର ଗ୍ରହଣ ।

୬ । ୬ । ୭୯ ପଣ୍ଡିତ ମହାଶୟଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍କଳ ସଂସ୍କୃତ ଗବେଷଣା ସମାଜର ମୁଖପତ୍ର ''ଦିଗ୍‌ଦର୍ଶିନୀ'' ରେଜିଷ୍ଟ୍ରେସନ୍ କରାଗଲା ।

୧୦ । ୧ । ୮୦ ରୁ ୩୦ ୩-୮୦ ପର୍ଯ୍ୟନ୍ତ (୩ ମାସ) ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ମାସିକ ଟ ୪୫୦/-ବେତନରେ ପାର୍ଟଟାଇମ୍ ଅଧ୍ୟାପକ ରୂପେ କାର୍ଯ୍ୟାରମ୍ଭ ।

୬ । ୬ । ୮୦ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ସେମିନାର୍‌ରେ କାଳିଦାସଙ୍କ ରାମଗିରି ବିଷୟରେ ଭାଷଣ । (ଚିଠି ନଂ ୧୩୩୫/୨-୬-୮୦) ।

୧୪ । ୬ । ୮୦ ପ୍ରଧାନାଚାର୍ଯ୍ୟ ୰ ପଣ୍ଡିତ ଆନନ୍ଦ ମିଶ୍ରଙ୍କ ଛାୟାଚିତ୍ର ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ଛାୟାଚିତ୍ର ପଣ୍ଡିତ କୁଳମଣି ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା ।

୧୬ । ୮ । ୮୧ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ସି. ଏମ୍. ପୁନାଚା ପଣ୍ଡିତ କୁଳମଣି ମିଶ୍ରଙ୍କ ଦ୍ୱାରା ସଂଶୋଧିତ ଓ ସମ୍ପାଦିତ ପୁସ୍ତକ 'ପାରସ୍କର ଗୃହ୍ୟସୂତ୍ର'ର ଉଦ୍‌ଘାଟନ କରିଥିଲେ । ଏହି ସଭାରେ ରାଧାନାଥ ରଥ, ରାମକରଣ ଶର୍ମା (ଡାଇରେକ୍ଟର), ରଙ୍ଗନାଥ ମିଶ୍ର (ଚିଫ୍‌ଜଷ୍ଟିସ୍, ହାଇକୋର୍ଟ), କିଶୋରୀ ମୋହନ ଦ୍ୱିବେଦୀ, ଚନ୍ଦ୍ରମଣି ମିଶ୍ର, ପ୍ରହ୍ଲାଦ ପ୍ରଧାନ ଆଦି ଉପସ୍ଥିତ ଥିଲେ ଏବଂ ଉକ୍ତ ସଭାରେ ଶେଷ ତିନି ଜଣ ବ୍ୟକ୍ତି ସମ୍ମାନିତ ହୋଇଥିଲେ ।

୧୩ । ୯ । ୮୧ ସସ୍ତ୍ରୀକ ଗୟାଶ୍ରାଦ୍ଧ ନିମନ୍ତେ ଯାତ୍ରା ଓ ପ୍ରତ୍ୟାବର୍ତ୍ତନ । ତା ୨-୧୦-୮୧ରେ ପ୍ରତ୍ୟାବର୍ତ୍ତନ ।

୨୧ । ୧୦ । ୮୧ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ପଞ୍ଚମ ବିଶ୍ୱ ସଂସ୍କୃତ ସମ୍ମେଳନରେ ନିମନ୍ତ୍ରିତ ଭାବେ ଯୋଗଦାନ ।

୮ । ୧ । ୮୨ ରୁ ୧୫ । ୭ । ୮୪ ପର୍ଯ୍ୟନ୍ତ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଶାସ୍ତ୍ରଚୂଡ଼ାମଣି (M. Phil) ଛାତ୍ରଙ୍କୁ ପଢ଼ାଇବା ପାଇଁ ମାସିକ ଟ ୧୦୦୦/- ଦରମାର ନିଯୁକ୍ତ ।

୧୫ । ୧ । ୮୨ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ମୁଖପତ୍ର "ନୀଳକନ୍ଦର"ର ପ୍ରକାଶନ ଉତ୍ସବରେ ସଭାପତିତ୍ୱ । ପତ୍ରିକାର ଉଦ୍‌ଘାଟକ ଥିଲେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ପତ୍ରିକାରେ ପଣ୍ଡିତ ମହାଶୟଙ୍କ "କର୍ମ ସପ୍ତପଦୀ" ପ୍ରକାଶ ପାଇଥିଲା ।

୮ । ୮ । ୮୨ ପଣ୍ଡିତ ମହାଶୟଙ୍କ ସମ୍ପାଦକତ୍ୱ ଓ ବର୍ତ୍ତିଷ୍ଣୁ ସଂସ୍କୃତ ସଂସ୍ଥାନ ଦ୍ୱାରା "ପ୍ରାୟଶ୍ଚିତ୍ତ ବିବେକ"ର ଉଦ୍‌ଘାଟନ କରାଯାଇଥିଲା । ଉଦ୍‌ଘାଟନ କରିଥିଲେ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର ।

୯ । ୧୨ । ୮୨ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପାର୍ଟଟାଇମ୍ ଅଧ୍ୟାପକ ଭାବେ ନିଯୁକ୍ତ ।

୧୦ । ୧ । ୮୩ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ସମାବର୍ତ୍ତନ ଉତ୍ସବ (convocation)ରେ ସଭାପତିତ୍ୱ । ଉତ୍ସବର ମୁଖ୍ୟ ଅତିଥି ଥିଲେ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର ।

୪ । ୪ । ୮୩ ଶ୍ରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ରିସର୍ଚ୍ଚ ଜର୍ଣ୍ଣାଲ୍ "ଜଗନ୍ନାଥ ଜ୍ୟୋତିଃ"ର ସଂପାଦକ ମଣ୍ଡଳୀରେ ସଭ୍ୟରୂପେ ନିଯୁକ୍ତ । (ଚିଠି ନଂ DON 1403/83) ।

୨୬ । ୮ । ୮୩ ଓ ୨୩ । ୮ । ୮୩ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ଆନୁକୁଲ୍ୟରେ ଆୟୋଜିତ ଦୁଇଦିନିଆ ନିଖିଳୋତ୍କଳ ବୈଦିକ ସମ୍ମେଳନରେ ସଭାପତିତ୍ୱ । 'ସମ୍ମେଳନର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଯୋଗ ଦେଇଥିଲେ ।

୨୫ । ୮ । ୮୩ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଆୟୋଜିତ ବିଶିଷ୍ଟ ବ୍ୟାଖ୍ୟାନ ମାଳାରେ ସଭାପତିତ୍ୱ ଏଥିରେ ବକ୍ତା ଥିଲେ ପ୍ରଫେସର ଅନାମ ଚନ୍ଦ୍ର ସ୍ୱାଇଁ ।

୨୬ । ୮ । ୮୩ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ବିଶିଷ୍ଟ ବ୍ୟାଖ୍ୟାନମାଳରେ ବକ୍ତା । ବିଷୟ ଥିଲା— "ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା" । ଏଥିରେ ସଭାପତି ଥିଲେ ଶ୍ରୀଯୁକ୍ତ ଗଣେଶ ଝା ।

୨୪ । ୧ । ୮୪ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୁରୀ,ର ପ୍ରଥମ ଗଭର୍ଣ୍ଣିଙ୍ଗ୍ ବଡ଼ିର ସଭ୍ୟରୂପେ ଯୋଗଦାନ ।

୧୧ । ୮ । ୮୪ ଶନିବାର ଶ୍ରାବଣ ପୂର୍ଣ୍ଣିମା ସଂସ୍କୃତ ଦିବସରେ ପଣ୍ଡିତ ମହାଶୟଙ୍କ ଦ୍ୱାରା ସଂପାଦିତ ଓ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାପନ, ନୂଆଦିଲ୍ଲୀ, ଦ୍ୱାରା ପ୍ରକାଶିତ ପୁସ୍ତକ "ପ୍ରାୟଶ୍ଚିତ୍ତ ବିବେକ"ର ଉଦ୍‌ଘାଟନ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀଯୁକ୍ତ ସତ୍ୟବ୍ରତ ଶାସ୍ତ୍ରୀଙ୍କ ଦ୍ୱାରା ହୋଇଥିଲା ।

୧୫ । ୮ । ୮୪ ରାଷ୍ଟ୍ରପତି ସମ୍ମାନ ମିଳିବା ଘୋଷଣା କରାଗଲା । ଦିଲ୍ଲୀରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଶ୍ରୀଯୁକ୍ତ ମଣ୍ଡନ ମିଶ୍ର ତାରଦ୍ୱାରା ସଂବର୍ଦ୍ଧନା ଜ୍ଞାପନ କରିଥିଲେ ।

୩୦ । ୮ । ୮୪ ଗଣେଶ ଚତୁର୍ଥୀରେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ତରଫରୁ ପଣ୍ଡିତ ମହାଶୟଙ୍କୁ ସଂବର୍ଦ୍ଧନା

ମିଳଥିଲା । ସଂବର୍ଦ୍ଧନା ସଭାର ଆୟୋଜନ କରିଥିଲେ ପ୍ରିନ୍‌ସିପାଲ୍ ଡଃ ହରିହର ଝା ଓ ସଭାପତି ଥିଲେ କୁଳପତି ଶ୍ରୀ ସତ୍ୟବ୍ରତ ଶାସ୍ତ୍ରୀ ।

୯ । ୧୦ । ୮୪ ହାଲଦିଆ ନିମ୍ନଉଚ୍ଚ ପ୍ରାଥମିକ ପୁରାତନ ଛାତ୍ର ସଂଘ ପକ୍ଷରୁ ଅଭିନନ୍ଦନ ପତ୍ର ସହିତ ସମ୍ମାନିତ କରାଯାଇଥିଲା ।

୧୬ । ୩ । ୮୫ ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ସମ୍ମାନ ସମାରୋହରେ ଯୋଗଦାନ ଓ ରାଷ୍ଟ୍ରପତି ଜୈଲ ସିଂହଙ୍କ ଠାରୁ ସମ୍ମାନପତ୍ର ଗ୍ରହଣ ।

୧୭ । ୩ । ୮୫ ସସ୍ତ୍ରୀକ କୁରୁକ୍ଷେତ୍ର ଦର୍ଶନ ।

୧୯ । ୩ । ୮୫ରୁ ୨୧ । ୩ । ୮୫ ଉଜ୍ଜୟିନୀ କାଳିଦାସ ଏକାଡେମୀ ସଭାରେ ଯୋଗଦାନ । ୨୧-୩-୮୫ ରେ କାଳିଦାସ ଏକାଡେମୀରେ ଶାସ୍ତ୍ରଚର୍ଚ୍ଚା ସଭାରେ "ଧର୍ମଶାସ୍ତ୍ରରେ ସଭା" ସମ୍ବନ୍ଧେ ଭାଷଣ ।

୧ । ୬ । ୮୫ ପଣ୍ଡିତ ମହାଶୟଙ୍କ ସଭାପତିତ୍ୱରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ଆନୁକୁଲ୍ୟରେ ଦୁଇଦିନିଆ ନିଖିଳ ଭାରତ ବୈଦିକ ସମ୍ମେଳନ ଆୟୋଜନ କରାଯାଇଥିଲା । ଏହି ସମ୍ମେଳନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ ।

୩୦ । ୬ । ୮୫ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,ର ସଂସ୍କୃତ ବିଭାଗର ରିଡର ସିଲେକ୍‌ସନ ପାଇଁ କୁଳପତି ଶ୍ରୀଯୁକ୍ତ ବିମଳ ମିଶ୍ରଙ୍କ ଦ୍ୱାରା ଆହୂତ ହୋଇ ପରୀକ୍ଷକ ଭାବେ ଯୋଗ ଦେଇଥିଲେ ।

୧୬ । ୧୨ । ୮୫ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ବିଶିଷ୍ଟ ବ୍ୟାଖ୍ୟାନ ମାଳାରେ ସଭାପତି । ଏଥିରେ ବକ୍ତା ଥିଲେ ଶ୍ରୀ ଶିବଦାସ ମିଶ୍ର ।

୧୫ । ୧ । ୮୬ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବରେ ସଭାପତିତ୍ୱ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ମେଜର ଶ୍ରୀ ବଟକୃଷ୍ଣ ମହାନ୍ତି ।

୧୬ । ୧ । ୮୬ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ସମାବର୍ତ୍ତନ ଉତ୍ସବରେ ସଭାପତି ଭାବରେ ଯୋଗଦାନ । ଉତ୍ସବର ମୁଖ୍ୟ ଅତିଥି ଥିଲେ ଶ୍ରୀ ପ୍ରଭାକର ନାରାୟଣ କୌଠେକର ।

୧୭ । ୧ । ୮୬ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ବାର୍ଷିକୋତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଥିଲେ ଶ୍ରୀ ପ୍ରଭାକର ନାରାୟଣ କୌଠେକର ।

୭ । ୩ । ୮୬ ପ୍ରୟାଗ ଅଭିମୁଖେ ସପତ୍ନିକ ଯାତ୍ରା । ତା ୮-୩-୮୬ ଶିବରାତ୍ରିରେ କାଶୀଠାରେ ବିଶ୍ୱନାଥଙ୍କ ଦର୍ଶନ ଓ ଲଙ୍ଗୁଳି ବାବାଙ୍କ ପାଖରେ ସ୍ଥିତି ।

୯ । ୩ । ୮୬ ପ୍ରୟାଗ ଠାରେ କାଞ୍ଚିକାମକୋଟି ପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିମନ୍ତ୍ରଣ କ୍ରମେ ପଣ୍ଡିତ ସଭାରେ "ଭାରତର ଏକତାରେ ଶଙ୍କରଙ୍କ ଦାନ" ବିଷୟରେ ଭାଷଣ । ତାପରଦିନ ଶ୍ରୀ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ନିମନ୍ତ୍ରଣ କ୍ରମେ ପ୍ରୟାଗରେ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦାନ ।

୧୩ । ୩ । ୮୬ ଅଯୋଧ୍ୟା ଦର୍ଶନ ଓ ସପତ୍ନୀକ ସରଯୂ ସ୍ନାନ ।

୧୧ । ୪ । ୮୬ ସତ୍ରସଂଘ ଭବନ ଠାରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଲୋକପ୍ରିୟ ଭାଷଣ-ମାଳାରେ ପୁରୁଷାର୍ଥ ସମ୍ବନ୍ଧରେ ଭାଷଣ ।

୧୩ । ୧୨ । ୮୬ ନୀଳଗିରିରେ ଗୀତା ଜୟନ୍ତୀ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦାନ । ଉକ୍ତ ସଭାରେ ସମ୍ମାନିତ ଓ ସଂବର୍ଦ୍ଧନା ଫଳକ ଲାଭ ।

୨୪ । ୧ । ୮୭	ଗଞ୍ଜାମ ମନ୍ତ୍ରୀଡ଼ି ଭୈରବୀପୀଠ ଦର୍ଶନ ଓ ସେଠାରେ ପଣ୍ଡିତ ସଭାରେ ସଭାପତିତ୍ୱ । ତା ୨୬-୧-୮୭ ରେ ଭୈରବୀ ପୀଠରେ ଦେବସ୍ଥାପନ ସଭାରେ ସଭାପତିତ୍ୱ ।
୨୧ । ୨ । ୮୭ ଓ ୨୨ । ୨ । ୮୭	ବାବା ବୈଦ୍ୟନାଥଙ୍କ ଧାମରେ (ବିହାର) ଦୁଇଦିନିଆ ବୈଦିକ ସମ୍ମେଳନରେ ଯୋଗଦାନ ଓ ବୈଦ୍ୟନାଥ ଦର୍ଶନ ।
୧୬ । ୩ । ୮୭	ସସ୍ତ୍ରୀକ ଜୟପୁର (ରାଜସ୍ଥାନ) ଅଭିମୁଖେ ଯାତ୍ରା । ବାଟରେ ୧୮-୩-୮୭ରେ ଆଗ୍ରା ସ୍ଥିତ ତାଜମହଲ ଭ୍ରମଣ ।
୨୦ । ୩ । ୮୭	ଜୟପୁର କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ "କାଳିଦାସଙ୍କ ରାମଗିରି" ସମ୍ବନ୍ଧରେ ଭାଷଣ ଓ ବିଦ୍ୟାପୀଠ ତରଫରୁ ସମ୍ମାନ ଗ୍ରହଣ ।
୨୧ । ୩ । ୮୭	ପୁଷ୍କର ତୀର୍ଥରେ ସ୍ନାନ ଓ ଶ୍ରାଦ୍ଧାଦି କର୍ମ ସମାପନ ।
୨୩ । ୩ । ୮୭	ସସ୍ତ୍ରୀକ ମଥୁରା ଓ ବୃନ୍ଦାବନ ଦର୍ଶନ ।
୨୭ । ୩ । ୮୭	ପାଟଣା (ବିହାର) ଠାରେ ବାରୁଣୀ ଯୋଗେ ଗଙ୍ଗାସ୍ନାନ (ସସ୍ତ୍ରୀକ) ଓ ଗଣ୍ଡୁକୀ ନଦୀର ଗଜୋଦ୍ଧାରଣ ଘାଟରେ ସ୍ନାନ ।
୧ । ୪ । ୮୭	(ସନ୍ଧ୍ୟା) କେଦାର ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ହସ୍ତରୁ ମାନପତ୍ର ସହ ଶ୍ୱେତ ଚଦର ମାଲ୍ୟାଦି ସମ୍ମାନ ଗ୍ରହଣ । ଏହା ପ୍ରତିଷ୍ଠାନର ଉଦ୍‌ଘାଟନ ଦିବସ । ଏହି ଦିନ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ ଓ ଶ୍ରୀଯୁକ୍ତ କାହ୍ନୁଚରଣ ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।
୧୮ । ୫ । ୮୭	ବଦ୍ରିକାଶ୍ରମ ଦର୍ଶନ ନିମନ୍ତେ ସପତ୍ନୀକ ଯାତ୍ରାରମ୍ଭ । ସାଙ୍ଗରେ ଗ୍ରାମର ଅଲେଖ ଦାସ, ରଘୁନାଥ ମିଶ୍ର ଓ ତାଙ୍କର ବନ୍ଧୁବର୍ଗ ୧୨ଜଣ ଯାଇଥିଲେ ।

୨୧ । ୫ । ୮୬ ଋଷିକେଶରେ ଗଙ୍ଗାସ୍ନାନ ଓ ଲଛମନ ଝୋଲ ଇତ୍ୟାଦି ଦର୍ଶନ ।

୨୪ । ୫ । ୮୬ ଯୋଷୀ ଠାରୁ ବଦ୍ରିକା ଯାତ୍ରା ଓ ସେଠାରେ ସ୍ନାନ ସନ୍ଧ୍ୟା ଶ୍ରାଦ୍ଧାଦି ସହିତ ଦେବଦର୍ଶନ ଓ ପ୍ରତ୍ୟାବର୍ତ୍ତନ । ରାତ୍ରି ୯ଟାରେ ପିପ୍‌ପଲ୍ କୋଠ୍‌ରେ ରହଣି । ୨୫-୫-୮୬ରେ ବଦ୍ରିକାରୁ ଫେରିବା ବାଟରେ ହରଦ୍ୱାରଠାରେ ସ୍ଥିତି ।

୨୬ । ୫ । ୮୬ ହରିଦ୍ୱାରରେ ସ୍ନାନ ସନ୍ଧ୍ୟା ଶ୍ରାଦ୍ଧାଦି ଓ ମନସା ଦେବୀ ଦର୍ଶନ ଓ ଦିଲ୍ଲୀ ଯାତ୍ରା । ୨୭-୫-୮୬ରେ ଦିଲ୍ଲୀରୁ ପ୍ରତ୍ୟା-ବର୍ତ୍ତନ ଓ ୨୯-୫ରେ ପୁରୀରେ ପ୍ରବେଶ ।

୨୦ । ୭ । ୮୬ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ମାସିକ ଟ ୧୨୦୦/- ବେତନରେ ଅତିଥି ଅଧ୍ୟାପକ ରୂପେ ନିଯୁକ୍ତ ।

୯ । ୮ । ୮୬ ରୁ ୧୧-୮-୮୬ (୩ଦିନ) ଦିଲ୍ଲୀଠାରେ ବୈଦିକ ସମ୍ମେ-ଳନରେ ଯୋଗଦାନ । ୧୦ରେ ବୈଦିକ ପ୍ରତିଷ୍ଠାନ ଉଦ୍‌ଘାଟନ ଉତ୍ସବରେ ଯୋଗଦାନ ।

୩୦ । ୮ । ୮୬ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ସାଧାରଣ ସଭାରେ ପୁନଶ୍ଚ ସଭାପତି ରୂପେ ନିର୍ବାଚିତ ।

୫ । ୯ । ୮୬ ଶ୍ରୀ ଲୋକନାଥ ଦେବଙ୍କ ବେଢ଼ାପାଖେ କୂଅ ନିକଟରେ ବିଲ୍ୱବୃକ୍ଷ ରୋପଣ କରିଥିଲେ । ଏଥିରେ ଶଶିପଣ୍ଡା, ସୁଜ୍ଞାନ ମହାନ୍ତି, ଉମେଶ ଦାଶ ପ୍ରଭୃତି ସହାୟକ ଥିଲେ ।

୨୫ । ୯ । ୮୬ ଜଗନ୍ନାଥ ବଲ୍ଲଭ ମଠ ପରିଚାଳନା କମିଟିର ସଭ୍ୟ ହିସାବରେ ପ୍ରଥମ ସଭାରେ ଯୋଗଦାନ ।

୨୨ । ୧୨ । ୮୬ ଗଞ୍ଜାମର କାଶୀନଗର ଠାରେ "ସ୍ୱାସ୍ଥ୍ୟବିଳାସ" ପତ୍ରିକା ପକ୍ଷରୁ ପଣ୍ଡିତ ମହାଶୟଙ୍କ ଜୟନ୍ତୀ ଉତ୍ସବ ପାଳନ ।

୨୪ । ୧ । ୮୮ ପ୍ରୟାଗର ଅରୈଲ୍ ଠାରେ ସଚ୍ଚା ଆଶ୍ରମ ପକ୍ଷରୁ କୁମ୍ଭ-ମେଳା କ୍ଷେତ୍ରରେ ଆୟୋଜିତ ଅଖିଳ ଭାରତୀୟ ସଂସ୍କୃତ ସମ୍ମେଳନରେ **ମୁଖ୍ୟାତିଥି** ଭାବରେ ଯୋଗଦାନ ।

୭ । ୧ । ୮୮ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପି.ଜି. ଟିଚିଙ୍ଗ୍ ଡ଼ିପାର୍ଟମେଣ୍ଟରେ କୋ-ଅର୍ଡ଼ିନେଟର୍ ଭାବେ ନିଯୁକ୍ତ । ଚିଠି ନମ୍ବର G. ୧୦୪/୮୭-୨୪୭ 88 sjsv- ୭-୧-୧୯୮୮ ।

୫ । ୩ । ୮୮ ମାରଦା (ବୋଇରାଣୀ)ରେ ଜଗନ୍ନାଥଙ୍କ ବନବାସ କାଳୀନ ମନ୍ଦିର ଦର୍ଶନ । ଋଷିକୁଲ୍ୟା ସଙ୍ଗମ ସ୍ନାନ, କ୍ଷମେଶ୍ୱରୀ ଓ ଚନ୍ଦ୍ର କଲେଶ୍ୱର ଦର୍ଶନ ।

୬ । ୩ । ୮୮ ଅସିକାରେ କୃଷ୍ଣଚନ୍ଦ୍ର ସିଂହ ସାହିତ୍ୟ ପରିଷଦ୍ ଭବନରେ "ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ" ସମ୍ବନ୍ଧରେ ଭାଷଣ । ଧରାକୋଟ ରାଜବାଟୀ ଭ୍ରମଣ ।

୧୮ । ୪ । ୮୮ ପୁରୀ କନ୍‌ଫରେନ୍‌ସ୍ ହଲ୍‌ରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର P. G. Students Unionର ବାର୍ଷିକୋତ୍ସବରେ ସଂଯୋଜକ ଭାବରେ ଯୋଗଦାନ ଓ ସ୍ୱାଗତ ଭାଷଣ । ମୁଖ୍ୟଅତିଥି ଥିଲେ ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶ, ମୁଖ୍ୟବକ୍ତା ଥିଲେ ଶ୍ରୀ ରାଜକିଶୋର ରାୟ । କୁଳପତି ଥିଲେ ଶ୍ରୀ ବଟକୃଷ୍ଣ ମହାନ୍ତି ।

୯ । ୫ । ୮୮ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂଯୋଜକ ଭାବେ ସୁପର୍‌ଭାଇଜର୍ ଭାବରେ ପରୀକ୍ଷା ପରିଚାଳନା ।

୧୮ । ୭ । ୮୮ ରୁ ୧-୮-୮୮ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଣ୍ଟର ଭାଲ୍ୟୁଏସନ୍‌ରେ ସୁପର୍‌ଭାଇଜର୍ ରୂପେ କାର୍ଯ୍ୟ କରିବା ।

୨୨ । ୧ । ୮୯ ସଂଧ୍ୟାରେ ସପତ୍ନିକ ପ୍ରୟାଗ ଯାତ୍ରା । ଅରୈଲ ଅଖିଳ ଭାରତୀୟ ସଂସ୍କୃତ ସମ୍ମେଳନରେ ଯୋଗଦାନ ନିମନ୍ତେ ।

୫ । ୧ । ୮୯ ବିଶାଖାପାଟଣା ଅଲ୍ ଇଣ୍ଡିଆ ଓରିଏଣ୍ଟାଲ୍ କନ୍‌ଫରେନ୍ସ୍‌ରେ ଯୋଗଦାନ । ୬-୧-୮୯ରେ କନ୍‌ଫରେନ୍ସ୍‌ର ପଣ୍ଡିତ ପରିଷଦରେ "ଶତରୁଦ୍ରରେ ଶତ ସଂଖ୍ୟା" ପ୍ରବନ୍ଧ ପାଠ ।

୬ । ୨ । ୮୯ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ସମାବର୍ତ୍ତନ ଉତ୍ସବରେ ସଭାପତିତ୍ୱ । ଉତ୍ସବରେ ମୁଖ୍ୟଅତିଥି ଥିଲେ କୁଳପତି ଶ୍ରୀ ବଟକୃଷ୍ଣ ମହାନ୍ତି ।

୯ । ୨ । ୮୯ କେନ୍ଦ୍ରୀୟ ବିଦ୍ୟାପୀଠରେ ପ୍ରଫେସର ବ୍ରଜମୋହନ ଚତୁର୍ବେଦୀ, ଭୂତପୂର୍ବ କୁଳପତି ଆଦ୍ୟାଝଦ ମିଶ୍ର, ପ୍ରଫେସର କମଳାପତି ତ୍ରିପାଠୀ ଓ କେ.କେ.ମିଶ୍ରଙ୍କର ଭାଷଣ ସଭାରେ ସମୀକ୍ଷକତ୍ୱ ।

୧ । ୩ । ୮୯ ଓ ୨-୩-୮୯ ଲକ୍ଷ୍ନୌ ବୈଦିକ ସମ୍ମେଳନରେ ଯୋଗଦାନ ।

୧୯ । ୨ । ୯୦ ତିରୋଧାନ ।